ଧରିତ୍ରୀ 50 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୩୦/୨୦୨୪ (୧୮ ପୃଷ୍ଠା) | Bhubaneswar, Friday, August 30/2024 | Page 18 | ₹ 7.00

୫୦ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 276 | ମୂଲ୍ୟ₹୭/-



**ଧନୀ ଅଭିନେତା ଶାହରୁଖ୍**

୭,୩୦୦ କୋଟିର ସମ୍ପତ୍ତି ସହ ଅଭିନେତା ଶାହରୁଖ୍ ଖାନ 'ହୁରୁନ ଇଣ୍ଡିଆ ରିଚ୍ ଲିଷ୍ଟ ୨୦୨୪'ର ଧନୀ ଭାରତୀୟ ଅଭିନେତାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି।

୦୭

୧୬

**ତୃତୀୟ ରାଉଣ୍ଡରେ ଜୋକୋଭିଚ୍**

ୟୁଏସ୍ ଓପନ ଟେନିସ୍‌ର ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ସର୍ବିଆର ନୋଭାକ୍ ଜୋକୋଭିଚ୍।



# ଏକତରଫା ପ୍ରେମକୁ ବିରୋଧରୁ ହତ୍ୟା

**ଜଣେ ନାବାଳିକାଙ୍କୁ ଏକତରଫା ପ୍ରେମ କରୁଥିଲେ ଯୁକ୍ତ୨ ପଢୁଥିବା ନାବାଳକ। ଏହାକୁ ନାବାଳିକାଙ୍କ ଦାଦା ଓ ପରିବାର ଲୋକେ ଏକାଧିକ ଥର ବିରୋଧ କରିଥିଲେ। ଏପରିକି ନାବାଳକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମରାଯାଇଥିଲା। ଏନେଇ ଥାନାରେ ଆପୋଷ ସମାଧାନ ହୋଇଥିଲେ ମଧ ନାବାଳିକାଙ୍କ ଦାଦାଙ୍କୁ ହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ ନାବାଳକ। ସତକୁ ସତ ବୁଧବାର ରାତିରେ ନାବାଳିକାଙ୍କ ଦାଦାଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି ଉକ୍ତ ନାବାଳକ। ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରେ ଘଟିଛି ଏହି ହତ୍ୟାକାଣ୍ଡ।**

## ନାବାଳିକାଙ୍କ ଦାଦାଙ୍କୁ ଖଣ୍ଡାରେ ହାଣିଦେଲେ ଯୁକ୍ତ୨ ଛାତ୍ର

ଭୁବନେଶ୍ୱର,୨୯।୮ (ସୂର୍ଯ୍ୟକାନ୍ତ ବେହେରା)

ଏକତରଫା ପ୍ରେମ ବ୍ୟାପାରକୁ ନେଇ ରାଜଧାନୀ ଭୁବନେଶ୍ୱରରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥନଗର ସୁକବିହାର ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଜଗତ୍ ମଲ୍ଲିକ ଓରଫ ଜଗା (୩୩)ଙ୍କୁ ଜଣେ ନାବାଳକ ଏବଂ ତାଙ୍କ ସହଯୋଗୀ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ଏହି ଘଟଣାରେ ପୋଲିସ ହତ୍ୟା କରିଥିବା ନାବାଳକଙ୍କ ସମେତ ୨ ଜଣଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ହତ୍ୟା କରିଥିବା ନାବାଳକ ଯୁକ୍ତ୨ର ଛାତ୍ର ବୋଲି ଜଣାପଡ଼ିଛି। ହେଲେ ଅନ୍ୟ ଜଣକ ନାବାଳକ କି ସାବାଳକ କିଛି ପ୍ରମାଣ ନ ମିଳିବାରୁ ପୋଲିସ ତାଙ୍କର ଓସିଫିକେଶନ ଟେଷ୍ଟ ଜରିଆରେ ବୟସ ଜାଣିବାକୁ ଉଦ୍ୟମ ଜାରି ରଖିଛି। ହତ୍ୟାକାଣ୍ଡ ପରେ ଖଣ୍ଡଗିରି ଥାନା ପୋଲିସ, ଡିସିପି ପ୍ରତୀକ ସିଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଗୁରୁବାର ଘଟଣାସ୍ଥଳରେ ଛାନଭିନ୍ କରିବା ସହ ପଚରାଉଚରା ଚଳାଇଛନ୍ତି। ଅନ୍ୟପଟେ ହତ୍ୟାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମୃତ ଜଗାଙ୍କ ପରିବାର ପକ୍ଷରୁ ଦାବି ହୋଇଛି। ଅନ୍ୟପକ୍ଷରେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଥିଲା। ସେଠାରୁ ବ୍ରହ୍ମପୁରସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

ସୂଚନା ଅନୁସାରେ, ସୁକବିହାରର ଜଗା ଅଟୋ ଚଳାଇ ପରିବାର ପୋଷଣ କରନ୍ତି। ଆଉ ସେହି ସାହିର ଜଣେ ଯୁକ୍ତ୨ରେ ପଢୁଥିବା ନାବାଳକ ଜଗାଙ୍କ ଜଣେ ନାବାଳିକା ଝିଆରୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଏହା ଜାଣିବା ପରେ ଜଗା ଉକ୍ତ ନାବାଳକଙ୍କୁ ତାଗିଦ୍ କରିଥିଲେ। ମାତ୍ର ପ୍ରେମକୁ ଭୁଲି ପାରୁ ନ ଥିବା ନାବାଳକ ଜଣକ ଜଗାଙ୍କ ଝିଆରୀ ପଛରେ ପଡ଼ି ରାସ୍ତାରେ କମେଣ୍ଟ ମାରୁଥିଲେ। ଏହାକୁ ନେଇ ଗତ ୨ମାସ ତଳେ ଜଗାଙ୍କ ସ୍ତ୍ରୀ, ତାଙ୍କ ଭାଉଜ ଓ



ମୃତ ଜଗା ମଲ୍ଲିକ

କିଛି ମହିଳା ଉକ୍ତ ନାବାଳକଙ୍କୁ ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ଏନେଇ ଜଗା ଏବଂ ତାଙ୍କ ପରିବାର ଲୋକଙ୍କ ବିରୋଧରେ ନାବାଳକଙ୍କ ବାପା ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉଭୟ ପରିବାର ଓ କିଛି ମହିଳାଙ୍କୁ ଡାକି ଥାନାରେ ପଚରାଉଚରା କରିବା ସହ ଘଟଣାର ସମାଧାନ କରିଥିଲେ। ଏହାପରେ ବି ନାବାଳକ ଜଣକ ଥାନା ପରିସରରେ ଜଗାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପ୍ରତିଶୋଧ ପରାୟଣ ହୋଇ ମନରେ କୁହୁଳିଥିବା ରାଗକୁ ନାବାଳକ ଜଣକ ନିୟନ୍ତ୍ରଣ କରି ନ ପାରି ସତକୁ ସତ ଜଗାଙ୍କୁ ହତ୍ୟା କରିଛନ୍ତି। ବୁଧବାର ରାତି ୧୨.୧୦ରେ ସାଙ୍ଗମାନଙ୍କ ସହ ଭୋଜି ସାରି ଜଗା ମୋଟରସାଇକେଲ ଯୋଗେ ଘରକୁ ଫେରୁଥିଲେ। ଘରେ ପହଞ୍ଚିବା ପାଇଁ ମାତ୍ର ୧୦୦ମିଟର ଦୂରରେ ଥିଲେ। ହେଲେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ରାସ୍ତାରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍‌କୁ ବନ୍ଦ କରି ନାବାଳକ ଓ ତାଙ୍କର ସହଯୋଗୀ ଜଗାଙ୍କ ବେକକୁ ହଠାତ୍ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ଜଗାଙ୍କ ବେକରେ ଗଭୀର ଆଘାତ ହେବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହାପରେ ନାବାଳକ ଓ ତାଙ୍କ ସହଯୋଗୀ ଦୌଡ଼ି ପଳାଇ ଯାଇଥିଲେ। ଜଗା ନିଜକୁ ବଞ୍ଚାଇବା ପାଇଁ ରକ୍ତାକ୍ତ ଅବସ୍ଥାରେ ମୋଟରସାଇକେଲ ଚଳାଇ ଘର ସାମ୍ନାରେ ପହଞ୍ଚି ହଠାତ ଗାଡ଼ିରୁ ପଡ଼ିଯାଇଥିଲେ। ଘର ଆଗରେ ଅପେକ୍ଷା କରିଥିବା ସ୍ତ୍ରୀ ରକ୍ତାକ୍ତ ଅବସ୍ଥାରେ ସ୍ୱାମୀଙ୍କୁ ଦେଖି ଭୟଭୀତ ହେବା ସହ ଚିତ୍କାର କରିଥିଲେ। ପରେ ପଡ଼ୋଶୀଙ୍କ ସହାୟତାରେ ଜଗାଙ୍କୁ ଭୁବନେଶ୍ୱର ଏମ୍ସକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଗାଙ୍କୁ ମୃତ ଘୋଷଣା କରିଥିଲେ। ଉତ୍ତ୍ୟକ୍ତ ଲୋକମାନେ ନାବାଳକଙ୍କ ଘରକୁ ଟେକାପଥର ମାଡ଼ କରିଥିଲେ। ଘଟଣାସ୍ଥଳରେ ପୋଲିସ ଅଧିକ ଫୋର୍ସ ଧରି ପହଞ୍ଚିବା ପରେ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ କରିଥିଲା।

# କ୍ରୀଡ଼ାବିତ୍‌ଙ୍କ ସଫଳତାରେ ପ୍ରତ୍ୟେକ ଓଡ଼ିଆ ଗର୍ବିତ: ମୁଖ୍ୟମନ୍ତ୍ରୀ




ଶ୍ରେଷ୍ଠ କ୍ରୀଡ଼ାବିତ୍ ବର୍ଗରେ ଜାଭେଲିନ୍ ଥ୍ରୋ ତାରକା କିଶୋର ଜେନାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ଶନ ହଲ୍‌ରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରୁଛନ୍ତି।

## ଜାତୀୟ କ୍ରୀଡ଼ା ଦିବସରେ ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ପ୍ରଦାନ

ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନସ୍ଥିତ କନ୍‌ଭେନଶନ ହଲ୍‌ରେ ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ପ୍ରଦାନ କରିଛନ୍ତି। ହକିର ପ୍ରବାଦପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ଭାରତୀୟ ହକି ପ୍ରତି ବଳିଷ୍ଠ ଅବଦାନକୁ ଦେଶବାସୀଙ୍କ ମନରେ ଅବିସ୍ମରଣୀୟ କରି ରଖିବା ଉଦ୍ଦେଶ୍ୟରେ ତାଙ୍କ ଜନ୍ମ ଦିବସକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟଅତିଥିମାନେ ଧ୍ୟାନଚାନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, "ଧ୍ୟାନଚାନ୍ଦଙ୍କ ଖେଳରେ ମ୍ୟାଜିକ ଥିଲା। ଭାରତବର୍ଷ ପାଇଁ ଅନେକ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସ୍ୱର୍ଣ୍ଣ ପଦକ ଜିତି ସେ ଏକ ବିରଳ କୃତିତ୍ୱ ଅର୍ଜନ କରିଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କ ଭଳି ହକି ଖେଳାଳି ଆଉ କେହି ବାହାରି ନାହାନ୍ତି। କ୍ରୀଡାବିତ୍‌ମାନେ ହେଉଛନ୍ତି ଆମର ଗର୍ବ ଓ ଗୌରବ। ସେମାନଙ୍କର ତ୍ୟାଗ, ସାହସ ଓ ଉତ୍କର୍ଷ ଆମ ସମସ୍ତଙ୍କୁ ପ୍ରେରଣା ଦେଇଆସୁଛି। ☞ପୃଷ୍ଠା–୪

# ନିର୍ମାଣାଧୀନ ପୋଲରୁ ଗଳିପଡ଼ିଲା ଲୁହାସ୍ଲାବ୍, ୬ ଶ୍ରମିକ ଗୁରୁତର



କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ଭୋଗରାଇ ( ପ୍ରଦୀପ ଦାସ), ୨୯।୮

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପନ୍ତେଇଠାରେ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣାଧୀନ ପୋଲରୁ ଲୁହା ସ୍ଲାବ ଖସି ପଡ଼ିବାରୁ ୬ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ସମସ୍ତ ଆହତଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ଗୁରୁତର ୬ ଶ୍ରମିକଙ୍କ ଘର ମୟୂରଭଞ୍ଜ ଜିଲାରେ। ସୂଚନା ଅନୁଯାୟୀ ଭୋଗରାଇରୁ ବାଲିଆପାଳ ଓ ବାଲେଶ୍ୱରରୁ ଚନ୍ଦନେଶ୍ୱରକୁ ଯିବାଆସିବା ନିମନ୍ତେ ୧୫୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ସୁବର୍ଣ୍ଣରେଖା ତୃତୀୟ ସେତୁ ଦୀର୍ଘବର୍ଷ ହେଲା ମନ୍ଥର ଗତିରେ ଚାଲିଛି। ଏହି ସେତୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ ହୋଇଆସୁଥିଲା। ଏଠାରେ କାର୍ଯ୍ୟରତ ଶ୍ରମିକମାନଙ୍କର ସୁରକ୍ଷା ପ୍ରତି ଠିକାଦାର ସଂସ୍ଥା କୌଣସି ଗୁରୁତ୍ୱ ଦେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ବାଂଲାଦେଶ ସ୍ଥିରତା ପ୍ରତି ବିପଦ**

## ୨ ପର୍ଯ୍ୟନ୍ତ ବର୍ଷା

ଭୁବନେଶ୍ୱର,୨୯।୮ (ଅନୁରାଧା ମହାରଣା)

ପୂର୍ବ ମଧ ଏବଂ ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଶୁକ୍ରବାର ପଶ୍ଚିମ ଉତ୍ତର ଦିଗରେ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳବର୍ତ୍ତୀ ଅଞ୍ଚଳ ଦେଇ ଗତି କରିବ। ଏହା ପ୍ରଭାବରେ ଓଡ଼ିଶାରେ ବର୍ଷା ଜାରି ରହିଥିବାବେଳେ ଶୁକ୍ରବାରଠାରୁ ଏହାର ପରିମାଣ ବୃଦ୍ଧି ପାଇବ। ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଜାରି ବୁଲେଟିନ୍‌ରେ ଏ ସମ୍ପର୍କରେ ସୂଚନା ଦିଆଯିବା ସହ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ରାୟଗଡ଼ା, ମାଲକାନଗିରି, କୋରାପୁଟ, ଗଞ୍ଜାମ ଓ ଗଜପତି ଜିଲାରେ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଏବଂ ଅନ୍ୟ ୨୦ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ୩୧ ତାରିଖ ବେଳକୁ ବର୍ଷାର ପ୍ରକୋପ ଅଧିକ ହୋଇପାରେ। ଏନେଇ ମାଲକାନଗିରି, କୋରାପୁଟ ଓ ଗଜପତି ଜିଲାକୁ ରେଡ୍ ୱାର୍ନିଂ ଏବଂ ☞ପୃଷ୍ଠା–୪



ଭୁବନେଶ୍ୱରରେ ଗୁରୁବାର ହୋଇଥିବା ବର୍ଷା।

# ୫ ଛୁଆ ଜନ୍ମଦେଲା ସିଂହୀ 'ବିଜ୍‌ଲୀ'

ବାରଙ୍ଗ,୨୯।୮(ଲିଙ୍ଗରାଜ ରାଉତ)

ନନ୍ଦନକାନନର ଅନ୍ୟତମ ଆକର୍ଷଣ ସିଂହୀ ବିଜ୍‌ଲୀ ଗୁରୁବାର ୫ ଛୁଆ ଜନ୍ମ ଦେଇଛି। ୨୦୨୦ ମସିହାରେ ବିଜ୍‌ଲୀକୁ ଇନ୍ଦୋର ପ୍ରାଣୀ ଉଦ୍ୟାନରୁ ନନ୍ଦନକାନନକୁ ଅଣାଯାଇଥିଲା। ଏଥର ସିଂହ 'ସମ୍ରାଟ' ସହ ମିଶି ୪ର୍ଥ ଥର ପାଇଁ ୯ ବର୍ଷୀୟା ବିଜ୍‌ଲୀ ମା' ହେବାର ସୌଭାଗ୍ୟ ଅର୍ଜନ କରିଛି। ବିଜ୍‌ଲୀର ଜନ୍ମ ବୃତ୍ତାନ୍ତ ସହ ଏବେକାର ସ୍ଥିତିକୁ ସିସି କ୍ୟାମେରା ମାଧ୍ୟମରେ ଅନୁଧ୍ୟାନ କରାଯାଉଛି। ତା'ର ଗତିବିଧି ଉପରେ ନନ୍ଦନକାନନ ତୀକ୍ଷ୍ଣ ନଜର ରଖିଛି। ମା' ଛୁଆଙ୍କ ଯତ୍ନ ନେଉଥିବାରୁ ତା'ଠାରୁ ଛୁଆଙ୍କୁ ଅଲଗା କରାଯାଇନାହିଁ। ଫଳରେ ଜନ୍ମିତ ଛୁଆଙ୍କ ଲିଙ୍ଗ ନିରୂପଣ ହୋଇପାରିନାହିଁ। ଏହି ୫ ଛୁଆଙ୍କ ଜନ୍ମ ପରେ ସିଂହସଂଖ୍ୟା ବୃଦ୍ଧି ପାଇ ୨୫ରେ ପହଞ୍ଚିଛି। ୨୦୨୧ରେ ବିଜ୍‌ଲୀ ପ୍ରଥମ କରି ମା' ହୋଇ ୩ଟି ଛୁଆ ଜନ୍ମ ଦେଇଥିଲା। ସେଥିମଧ୍ୟରୁ ୨ଟିର ମୃତ୍ୟୁ ହୋଇଥିବାବେଳେ ତୃତୀୟ ଛୁଆକୁ ସେ ଗ୍ରହଣ କରି ନ ଥିଲା। ବାଧ ହୋଇ ଛୁଆକୁ ବଞ୍ଚାଇ ରଖିବାକୁ ମା'ଠାରୁ ଅଲଗା କରି ଲାଳନପାଳନ କେନ୍ଦ୍ରରେ ରଖି ବଡ଼ କରାଯାଇ ପରେ ତା'ର ନାମ 'ବର୍ଷା' ରଖାଯାଇଥିଲା। ୨୦୨୨ ମାର୍ଚ୍ଚରେ ବିଜ୍‌ଲୀର ଦ୍ୱିତୀୟ ସନ୍ତାନ କାମିନିକୁ ମଧ ଅଲଗା କରି ଲାଳନପାଳନ କେନ୍ଦ୍ରରେ ରଖାଯାଇଥିଲା। ୨୦୨୨ ନଭେମ୍ବରରେ ତୃତୀୟ ଗର୍ଭରେ ୫ଟି ଛୁଆକୁ ଜନ୍ମ ଦେଇଥିବାବେଳେ ଗୋଟିକର ମୃତ୍ୟୁ ଘଟିଥିଲା। ୪ ଛୁଆଙ୍କୁ ମା' ଗ୍ରହଣ କରିବା ସହ ଠିକ୍ ଭାବେ ଲାଳନପାଳନ କରିଥିଲା। ଏହି ଛୁଆ ପର୍ଯ୍ୟାୟକ୍ରମେ ବଡ଼ ହେବା ସହ ସେଥିମଧ୍ୟରୁ ୨ଟି ଛୁଆକୁ କୋଲକାତାର ଆଲିପୁର ଚିଡ଼ିଆଖାନାକୁ ଗତ ୨୭ ତାରିଖରେ ପଠାଯାଇଛି।



## ନୂଆଁଖାଇ ପାଇଁ ସେପ୍ଟେମ୍ବର ୯ ଛୁଟି

ଭୁବନେଶ୍ୱର,୨୯।୮(ଅନିଲ ଦାସ)

ନୂଆଁଖାଇ ଉପଲକ୍ଷେ ସେପ୍ଟେମ୍ବର ୯ ତାରିଖକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛୁଟି ଘୋଷଣା କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେପ୍ଟେମ୍ବର ୮ ତାରିଖରେ ନୂଆଁଖାଇ ପର୍ବ ପଡୁଛି। ତେବେ ସେହିଦିନ ରବିବାର ପଡୁଥିବାରୁ ୯ ତାରିଖ ଅର୍ଥାତ୍ ସୋମବାରକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ସେହିଦିନ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେଟିଆଲ କୋର୍ଟ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ।

# ଜମି ନାହିଁ, ପଟ୍ଟା ଧରି ବୁଲୁଛନ୍ତି ଭୂମିହୀନ

ଭୁବନେଶ୍ୱର,୨୯।୮(ଅନିଲ ଦାସ)

## ବିରୋଧୀଙ୍କୁ ଜବାବ ଦେଲେ ରାଜସ୍ୱ ମନ୍ତ୍ରୀ

ପୂର୍ବ ସରକାର ଭୂମିହୀନଙ୍କୁ ଜମି ପଟ୍ଟା ଧରାଇ ଦେଇଛନ୍ତି। ଜାଗା ଦେଖାଇ ନାହାନ୍ତି। ସେହି ପଟ୍ଟାକୁ ଗରିବ ଲୋକ ଲାମିନେଶନ କରି ଧରି ବୁଲୁଛନ୍ତି। ବାପା ପଟ୍ଟା ଧରି ବୁଲୁଥିଲେ ଏବେ ପୁଅ ସେହି ପଟ୍ଟା ଧରି ବୁଲୁଛନ୍ତି। ତାଙ୍କ ଜମି କେଉଁଠି ଖୋଜୁଛନ୍ତି। ଏଭଳି ବହୁ ଅଭିଯୋଗ ଆସିଛି। ଲିଫଲେଟ ଭଳି ପଟ୍ଟା ବଣ୍ଟାଯାଇଛି। ରାଜ୍ୟର କେତେ ଭୂମିହୀନଙ୍କୁ ଜମି ପଟ୍ଟା ଦିଆଯାଇଛି ତାହାର ସମୀକ୍ଷା କଲାବେଳକୁ ଏମିତି ତଥ୍ୟ ବାହାରିଛି। ଗୁରୁବାର ପ୍ରଶ୍ନକାଳରେ ରାଜସ୍ୱ ଓ ବିପର୍ଯ୍ୟୟ ପରଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜସ୍ୱ ବିଭାଗ ସମସ୍ୟାର ପାହାଡ଼ ଉପରେ ଛିଡ଼ା ହୋଇଛି। ମୋଦିଙ୍କ ଗ୍ୟାରେଣ୍ଟି ଭୂମିହୀନଙ୍କୁ ଏ ସରକାର କେବଳ ଜମିପଟ୍ଟା ନୁହେଁ, ଜମି ଚିହ୍ନଟ କରି ଦେବେ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଗରିବ ଲୋକ ଜାଗା ପାଇବା ଯେତିକି ଆବଶ୍ୟକ ସରକାରୀ ଜମିରୁ ଜବରଦଖଲ ହଟାଇବା ମଧ ସେତିକି ଆବଶ୍ୟକ।

ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ଅମରେନ୍ଦ୍ର ଦାସ ପଚାରିଥିଲେ, ରାଜ୍ୟର ସମସ୍ତ ତହସିଲରେ କେତେକ ଅମିନ, ଆରଆଇ ଏବଂ ଏଆରଆଇ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ସେଥିରୁ କେତେ ଖାଲି ଅଛି ଓ ସେଗୁଡ଼ିକ କେବେ ପୂରଣ ହେବ। ମନ୍ତ୍ରୀ କହିଥିଲେ, ସମୁଦାୟ ୩୫୪୬ ଆରଆଇ ପଦବୀ ଥିବା ବେଳେ ସେଥିରୁ ୯୮୮ ପଦବୀ ଖାଲି ଥିବାବେଳେ, ୫୦୩୭ ଏଆରଆଇ ମଞ୍ଜୁରୀପ୍ରାପ୍ତ ପଦବୀରୁ ୧୭୩୩ ଏବଂ ୨୭୬୭ ଅମିନ ପଦବୀରୁ ୧୫୪୭ ପଦବୀ ଖାଲି ରହିଛି। ଉକ୍ତ ଖାଲି ପଦବୀଗୁଡ଼ିକୁ ପଦୋନ୍ନତି ଏବଂ ଚୟନ ☞ପୃଷ୍ଠା–୪

# ଗୌତମ ଆଦାନୀ ଭାରତର ସବୁଠୁ ଧନୀ

ନୂଆଦିଲ୍ଲୀ,୨୯।୮

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଶିଳ୍ପପତି ଗୌତମ ଆଦାନୀ ଭାରତର ଶ୍ରେଷ୍ଠ ଧନୀ ବିବେଚିତ ହୋଇଛନ୍ତି। ୨୦୨୪ର ହୁରୁନ ଇଣ୍ଡିଆ ଧନୀ ତାଲିକାରେ ଆଦାନୀ ଓ ତାଙ୍କ ପରିବାରର ସମ୍ପତ୍ତି ପରିମାଣ ୧୧.୬ ଲକ୍ଷ କୋଟି ଟଙ୍କା ଦର୍ଶାଯାଇଛି। ଗତ ବର୍ଷକ ମଧ୍ୟରେ ତାଙ୍କ ସମ୍ପତ୍ତି ୯୫ ପ୍ରତିଶତ ବୃଦ୍ଧି ପାଇଛି। ଆମେରିକୀୟ ଗବେଷଣା ସଂସ୍ଥା ହିଣ୍ଡେନ୍‌ବର୍ଗ ରିପୋର୍ଟ ଯୋଗୁ ତାଙ୍କ ବ୍ୟବସାୟ ପ୍ରଭାବିତ ହୋଇଥିଲେ ମଧ୍ୟ ସେଥିରୁ ସେ ମୁକୁଳି ଭାରତର ଧନୀ ତାଲିକାର ଶୀର୍ଷ ସ୍ଥାନ ମଣ୍ଡନ କରିପାରିଛନ୍ତି। ଗତ ବର୍ଷକ ମଧ୍ୟରେ ଆଦାନୀ ଗ୍ରୁପ୍‌ର ସମସ୍ତ କମ୍ପାନୀ ଶେୟାର ମୂଲ୍ୟରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଆଦାନୀ ପୋର୍ଟ୍‌ସର ଶେୟାର ମୂଲ୍ୟ ୯୮ ପ୍ରତିଶତ ☞ପୃଷ୍ଠା–୪



# ୨ ଖଣ୍ଡପୀଠ ମୁହାଁମୁହିଁ

## ହସ୍ତକ୍ଷେପ କଲେ ସିଜେଆଇ

ଦେଶରେ ଯେକୌଣସି ବିବାଦ ହେଲେ ନ୍ୟାୟ ପାଇଁ ଶେଷ ଆଶା ହେଉଛି ସୁପ୍ରିମକୋର୍ଟ। କିନ୍ତୁ କୌଣସି ପ୍ରସଙ୍ଗକୁ ନେଇ ସର୍ବୋଚ୍ଚ ଅଦାଲତର ବିଚାରପତିମାନଙ୍କ ମଧ୍ୟରେ ବିବାଦ ଦେଖାଦେଲେ କ'ଣ ହେବ। ଖରାପ ପରମ୍ପରା ସୃଷ୍ଟି ହେବ ଏବଂ ସୁପ୍ରିମକୋର୍ଟଙ୍କ ପ୍ରତି ଲୋକଙ୍କ ସମ୍ମାନ ହ୍ରାସ ପାଇବ। ଏଭଳି ସମୟରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଦିଲ୍ଲୀରେ ଗଛକଟାକୁ ନେଇ ଅଦାଲତ ଅବମାନନା ଆବେଦନର ଶୁଣାଣି କରୁଥିବା ଦୁଇଟି ପୃଥକ୍ ଖଣ୍ଡପୀଠ ମଧ୍ୟରେ ଉଠିଥିବା ବିବାଦର ସମାଧାନ ପାଇଁ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ହସ୍ତକ୍ଷେପ କରିଛନ୍ତି। ସିଜେଆଇଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଉକ୍ତ ମାମଲା ନିଜ ହାତକୁ ନେଇ ଶୁଣାଣି ଆରମ୍ଭ କରିଛନ୍ତି।



ଜଷ୍ଟିସ୍ ଅଭୟ ଏସ୍. ଓକା



ଜଷ୍ଟିସ୍ ବି.ଆର୍. ଗଭାଇ

ନୂଆଦିଲ୍ଲୀ,୨୯।୮

ଜାତୀୟ ରାଜଧାନୀ ଦିଲ୍ଲୀର ପରିବେଶ ସମ୍ବେଦନଶୀଳ ଜୋନ୍ ରିଜ୍ ଅଞ୍ଚଳରେ ଅନଧିକୃତ ଗଛକଟା ପ୍ରସଙ୍ଗରେ ୨ଟି ଅନୁରୂପ ମାମଲାକୁ ନେଇ ସୁପ୍ରିମକୋର୍ଟଙ୍କ ଦୁଇ ପୃଥକ୍ ବେଞ୍ଚ ମୁହାଁମୁହିଁ ହୋଇଛନ୍ତି। ଏହି ବିବାଦ ଗତ ମାସରେ ସାମ୍ନାକୁ ଆସିଥିଲା। ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ (ଡିଡିଏ) ବିରୋଧରେ ଆଗତ ଅଦାଲତ ଅବମାନନା ଅଭିଯୋଗର ବିଭିନ୍ନ ଦିଗ ଉପରେ ଶୁଣାଣି ପାଇଁ ୨ ଖଣ୍ଡପୀଠ ମାମଲାକୁ ତାଲିକାଭୁକ୍ତ କରିଥିଲେ। ଫଳରେ ନ୍ୟାୟିକ ଅଚଳାବସ୍ଥା ସୃଷ୍ଟି ହେବା ଆଶଙ୍କା ଉପୁଜିଥିଲା। ବିବାଦ ଏଡ଼ାଇବା ପାଇଁ ସିଜେଆଇ ଧନଞ୍ଜୟ ୱାଇ. ଚନ୍ଦ୍ରଚୂଡ଼ ନିଜ ଅଧକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ବିଚାର ପାଇଁ ନିଷ୍ପତ୍ତି ନେଇଥିଲେ। ଗୁରୁବାର ଏହାର ଶୁଣାଣି ଆରମ୍ଭ ହୋଇଛି।

ଗତ ଏପ୍ରିଲ ୨୪ରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ (ଫରେଷ୍ଟ ବେଞ୍ଚ) ଡିଡିଏ ବିରୋଧରେ ଟିଏନ୍ ଗୋଦାବର୍ମନ ଜଙ୍ଗଲ ସଂରକ୍ଷଣ ମାମଲାର ଶୁଣାଣି ଆରମ୍ଭ କରିଥିଲେ। ଏଥିସହ ଉପଯୁକ୍ତ ଅନୁମତି ନ ନେଇ ଗଛ କଟାଉଥିବା ଡିଡିଏ ଉପାଧ୍ୟକ୍ଷ ଶୁଭାଶିଷ ପଣ୍ଡାଙ୍କ ବିରୋଧରେ ଅବମାନନା ନୋଟିସ ଜାରି କରିଥିଲେ। ମେ'ରେ ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଡିଡିଏ ବିରୋଧରେ ଏକ ଭିନ୍ନ ଅବମାନନା ମାମଲା ବିଚାର ପାଇଁ ହାତକୁ ନେଇଥିଲେ। ଛତରପୁରରୁ ସାଉଥ୍ ଏସିଆନ୍ ୟୁନିଭର୍ସିଟି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଲାଗି ଗଛ କଟାଯାଉଥିବାରୁ ଡିଡିଏ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଆବେଦନକାରୀ ବିନ୍ଦୁ କପୁରିଆ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣିବେଳେ ଜଷ୍ଟିସ୍ ଓକାଙ୍କ ଖଣ୍ଡପୀଠ ଗଛ କାଟିବା ନିର୍ଦ୍ଦେଶ ଦେବାରେ ଡିଡିଏ ଅଧ୍ୟକ୍ଷ ତଥା ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସକ୍ସେନାଙ୍କ ସମ୍ପୃକ୍ତି ଉପରେ ପ୍ରଶ୍ନ କରିଥିଲେ। ଅବାରିତ ଭାବେ ଗଛକଟା ଚାଲିଥିବାରୁ ଶୀର୍ଷ ଅଦାଲତ ଡିଡିଏକୁ କଡ଼ା ସମାଲୋଚନା କରିଥିଲେ।

ଏହା ପୂର୍ବରୁ ମାର୍ଚ୍ଚରେ ସୁପ୍ରିମକୋର୍ଟ ଡିଡିଏକୁ ୧,୦୫୧ ଗଛ କାଟିବା ପାଇଁ ଅନୁମତି ଦେବାକୁ ମନା କରିଦେଇଥିଲେ। ଅନୁମତି ଆବେଦନରେ କୌଣସି ସ୍ୱଷ୍ଟତା ନ ଥିବା ସୁପ୍ରିମକୋର୍ଟ କହିଥିଲେ। ପରିବେଶ ସୁରକ୍ଷା କରିବା ଡିଡିଏର କର୍ତ୍ତବ୍ୟ ହୋଇଥିବାବେଳେ ଏହି ସଂସ୍ଥା ସରକାରଙ୍କ ହାତବାରିସି ସାଜିଥିବା କୋର୍ଟ ଭର୍ତ୍ସନା କରିଥିଲେ। ଜୁଲାଇ ୧୨ରେ ଜଷ୍ଟିସ୍ ଓକାଙ୍କ ଖଣ୍ଡପୀଠ ଗଛ କାଟିବାକୁ ଅନୁମତି ଦେଇଥିବା ଉପରାଜ୍ୟପାଳଙ୍କ ବିରୋଧରେ ଅବମାନନା ନୋଟିସ ଜାରି କରିବାକୁ ଚେତାବନୀ ଦେବା ସହ ଜୁଲାଇ ୩୧ରେ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଥିଲେ। ଅନ୍ୟପକ୍ଷେ ରାସ୍ତା ସଂକୀର୍ଣ୍ଣ ଥିବାରୁ ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସେସ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ସିଏପିଏଫ୍ଆଇଏମ୍ଏସ୍) ହସ୍ପିଟାଲ ଉଦ୍‌ଘାଟନ ବିଳମ୍ବିତ ହୋଇଛି। ତେଣୁ ରାସ୍ତାକୁ ୨୪ ମିଟର ପ୍ରଶସ୍ତ କରିବା ଆବଶ୍ୟକ ବୋଲି ଜୁଲାଇ ୨୪ରେ ଡିଡିଏ ଉପାଧ୍ୟକ୍ଷ ଶୁଭାଶିଷଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂ ଜଷ୍ଟିସ୍ ଗଭାଇଙ୍କ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ଏହା ପୂର୍ବରୁ ଜଷ୍ଟିସ୍ ଓକାଙ୍କ ଖଣ୍ଡପୀଠ ଅବମାନନା ନୋଟିସ ଜାରି କରିଥିବା ବିଷୟ ଓକିଲ ଜଣାଇବାରୁ ଜଷ୍ଟିସ ଗଭାଇ ବିରକ୍ତି ଭାବ ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗରେ ଏପ୍ରିଲରେ ଆମ ଖଣ୍ଡପୀଠ ନୋଟିସ କରିଥିବାବେଳେ ଅନ୍ୟ ଏକ ଖଣ୍ଡପୀଠ ମାମଲାର ସମାନ୍ତରାଳ ଶୁଣାଣି ପାଇଁ କାହିଁକି ଆଗଭର ହେଲେ ବୋଲି ଗଭାଇ ପ୍ରଶ୍ନ କରିଥିଲେ। ଏକକାଳୀନ ୨ଟି ଖଣ୍ଡପୀଠ ସମାନ ପ୍ରସଙ୍ଗରେ ଶୁଣାଣି କଲେ ରାୟରେ ବିରୋଧାଭାସ ଦେଖାଦେବ ଏବଂ କୋର୍ଟଙ୍କ କର୍ତ୍ତୃତ୍ୱ ପ୍ରତି ଲୋକେ ଉପହାସ କରିବେ।



ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

ଅନ୍ୟ ଖଣ୍ଡପୀଠ ଏହି ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ କରିବା ପୂର୍ବରୁ ସିଜେଆଇଙ୍କ ମତ ଲୋଡ଼ିବା ଆବଶ୍ୟକ ଥିଲା ବୋଲି ଗଭାଇ କହିଥିଲେ। ଦୁଇଟି ବିପରୀତଧର୍ମୀ ରାୟ ଏଡ଼ାଇବା ପାଇଁ ଗଭାଇ ସିଜେଆଇଙ୍କ ପାଖକୁ ମାମଲାର ଫାଇଲ ପଠାଇଦେଇଥିଲେ। ସିଜେଆଇ ଚନ୍ଦ୍ରଚୂଡ଼ ବିବାଦର ସମାଧାନ କରିବାକୁ ଯାଇ ୨ଟି ଯାକ ମାମଲା ନିଜ ଖଣ୍ଡପୀଠକୁ ନେଇଛନ୍ତି।



# ମମତାଙ୍କ ବିରୋଧରେ ଦିଲ୍ଲୀ ପୋଲିସରେ ଅଭିଯୋଗ

## ନିଆଁ ଜଳିବ ମନ୍ତବ୍ୟ



ନୂଆଦିଲ୍ଲୀ,୨୯।୮

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ତୃଣମୂଳ ଛାତ୍ର ପରିଷଦର ଏକ କାର୍ଯ୍ୟକ୍ରମରେ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚେତାବନୀ ଦେଇଥିଲେ। ଯଦି ପଶ୍ଚିମବଙ୍ଗରେ ନିଆଁ ଲାଗେ ତେବେ ଆସାମ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଓ ଦିଲ୍ଲୀ ଜଳିବ ବୋଲି ମମତା କହିଥିଲେ। ଅରାଜକତା ସୃଷ୍ଟି ନିମନ୍ତେ ଉସୁକାଇବା ପାଇଁ ମମତା ଏଭଳି ଉତ୍ତେଜନାପୂର୍ଣ୍ଣ ବକ୍ତବ୍ୟ ଦେଇଥିବା ଅଭିଯୋଗ କରି ସୁପ୍ରିମକୋର୍ଟର ଆଇନଜୀବୀ ବିନୀତ ଜିନ୍ଦଲ ତାଙ୍କ ବିରୋଧରେ ଦିଲ୍ଲୀ ପୋଲିସରେ ଅଭିଯୋଗ କରିଛନ୍ତି। ମମତାଙ୍କ ମନ୍ତବ୍ୟ ଉତ୍ତେଜନାପୂର୍ଣ୍ଣ, ଆଞ୍ଚଳିକ ହିଂସା ଓ ଶତ୍ରୁତା ବଢ଼ାଇବା ପାଇଁ ଉଦ୍ଦିଷ୍ଟ ଏବଂ ଜାତୀୟ ସୌହାର୍ଦ୍ଦ୍ୟ ତଥା ଆଇନଶୃଙ୍ଖଳା ପ୍ରତି ବିପଦ ବୋଲି ଜିନ୍ଦଲ ଦର୍ଶାଇଛନ୍ତି। ଜଣେ ମୁଖ୍ୟମନ୍ତ୍ରୀ ଭାବେ ମମତାଙ୍କ ଏଭଳି ଶବ୍ଦର ଯଥେଷ୍ଟ ପ୍ରଭାବ ରହିଛି, ଯାହା ବିପଜ୍ଜନକ। ସେ ପଡୋଶୀ ରାଜ୍ୟ ସମେତ ଦିଲ୍ଲୀରେ ମଧ ନିଆଁ ଜଳିବ ବୋଲି କହିଥିବାରୁ ଏଠାର ବାସିନ୍ଦା ଭାବେ ପୋଲିସରେ ଅଭିଯୋଗ କରିଥିବା ଆଇନଜୀବୀ କହିଛନ୍ତି। ଟିଏମ୍‌ସି ନେତ୍ରୀଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୫୨, ୧୯୨, ୧୯୬ ଏବଂ ୩୫୩ରେ ମାମଲା ଦାଏର ପାଇଁ ସେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ମମତାଙ୍କ ଇସ୍ତଫା ଦାବି କରି ଛାତ୍ରୀଛାତ୍ର ରାଜ୍ୟ ସଚିବାଳୟ ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିବାବେଳେ ପୋଲିସ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ପୋଲିସର ଲାଠିମାଡ଼ରେ ବହୁ ଛାତ୍ରୀଛାତ୍ର ଆହତ ହୋଇଥିଲେ। ଏହାର ପ୍ରତିବାଦରେ ବୁଧବାର ଭାଜପା ୧୨ ଘଣ୍ଟିଆ ବନ୍ଦ ପାଳନ କରିବାକୁ ମମତା ନିନ୍ଦା କରିଥିଲେ। ପଶ୍ଚିମବଙ୍ଗକୁ ବଦନାମ କରିବା ପାଇଁ ଭାଜପା ଏଭଳି କରୁଛି। ରାଜ୍ୟରେ ଅରାଜକତା ସୃଷ୍ଟି ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଦଳକୁ ବ୍ୟବହାର କରୁଥିବା ମମତା ଅଭିଯୋଗ କରିବା ସହ ଉପରୋକ୍ତ ଚେତାବନୀ ଦେଇଥିଲେ।

# ସୋମବାର ପଶ୍ଚିମବଙ୍ଗ ବିଧାନସଭାରେ ଆସିବ ବଳାତ୍କାର ନିରୋଧୀ ବିଲ୍

କୋଲକାତା,୨୯।୮ (ପି.ଟି.)

ବଳାତ୍କାର ନିରୋଧୀ ବିଲ୍ ଗୃହୀତ କରାଇବା ପାଇଁ ପଶ୍ଚିମବଙ୍ଗ ସରକାର ୨ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ସୋମବାର ବିଲ୍ ଆଗତ ହେବାକୁ ଥିବାବେଳେ ମଙ୍ଗଳବାର ଏହା ଉପରେ ଆଲୋଚନା ହୋଇ ଗୃହୀତ କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଶୋଭନଦେବ ଚଟ୍ଟୋପାଧ୍ୟାୟ କହିଛନ୍ତି। ବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ନୂଆ ଆଇନରେ ବ୍ୟବସ୍ଥା ରହିବ। ବର୍ତ୍ତମାନର ରାଜ୍ୟ ଆଇନରେ ସଂଶୋଧନ ଆଣି ବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ ଦେବା ନିମନ୍ତେ ଆସନ୍ତା ସପ୍ତାହରେ ବିଲ୍ ଗୃହୀତ ହେବ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦିନକ ପୂର୍ବରୁ କହିଥିଲେ। ସୂଚନାଯୋଗ୍ୟ, ଗତ ୯ ତାରିଖରେ କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ପଶ୍ଚିମବଙ୍ଗରେ ସାମାଜିକ ଓ ରାଜନୈତିକ ଅଚଳାବସ୍ଥା ସୃଷ୍ଟି ହୋଇଥିବାବେଳେ ଏଭଳି ଅପରାଧକୁ ରୋକିବା ପାଇଁ ଆଇନକୁ କଡ଼ାକଡ଼ି କରାଯିବ ବୋଲି ମମତା କହିଥିଲେ।

# ରେଭନ୍ତ ରେଡ୍ଡୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୨୯।୮

ଦିଲ୍ଲୀ ଅବକାରୀ ନୀତି ସହ ସମ୍ପୃକ୍ତ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ଜାମିନ ଉପରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ତାଙ୍କୁ ଭର୍ତ୍ସନା କରିଛନ୍ତି। କବିତାଙ୍କୁ ଜାମିନ ପ୍ରଦାନ ନିମନ୍ତେ ଭାଜପା ଏବଂ ବିଆର୍‌ଏସ୍ ମଧ୍ୟରେ ଡିଲ୍ ହୋଇଥିବା ରେଭନ୍ତ ଅଭିଯୋଗ କରିଥିଲେ। ଏଭଳି ମନ୍ତବ୍ୟ ଜନସାଧାରଣଙ୍କ ମନରେ ଆଶଙ୍କା ସୃଷ୍ଟି କରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଜଣେ ଦାୟିତ୍ୱସମ୍ପନ୍ନ ମୁଖ୍ୟମନ୍ତ୍ରୀ ଏଭଳି ମନ୍ତବ୍ୟ ଦେବା ଉଚିତ କି ବୋଲି ଅଦାଲତ ପ୍ରଶ୍ନ କରିଛନ୍ତି। ଆମେ ରାଜନୈତିକ ଦଳ ସହ ପରାମର୍ଶ କରି ରାୟ ଦେଇଥିଲୁ କି ବୋଲି ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ରେଭନ୍ତ ମଙ୍ଗଳବାର କହିଥିଲେ, ମନୀଷ ସିସୋଡିଆ ୧୫ ମାସ ପରେ ଜାମିନ ପାଇଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏପର୍ଯ୍ୟନ୍ତ ଜେଲରେ ଅଛନ୍ତି। ୫ ମାସ ପରେ କବିତାଙ୍କୁ ଜାମିନ ମିଳିବା ଉପରେ ସନ୍ଦେହ ହେଉଛି। ଗତ ଲୋକ ସଭା ନିର୍ବାଚନରେ ବିଆର୍‌ଏସ୍ ଭାଜପାର ବିଜୟ ପାଇଁ କାମ କରିଥିଲା। କବିତାଙ୍କୁ ଜାମିନ ଦେବା ପାଇଁ ୨ ଦଳ ମଧ୍ୟରେ ଡିଲ୍ ହୋଇଥିବା ରେଭନ୍ତ ଅଭିଯୋଗ କରିଥିଲେ।

# ପ୍ରତିରକ୍ଷା ତଥ୍ୟ ଲିକ୍ ପଛରେ ପାକ୍ ରାକେଟ୍

ନୂଆଦିଲ୍ଲୀ,୨୯।୮

ପାକିସ୍ତାନୀ ଗୁପ୍ତଚର ରାକେଟ୍ ଜରିଆରେ ଭାରତୀୟ ପ୍ରତିରକ୍ଷା ତଥ୍ୟ ପ୍ରଘଟ ଘଟଣାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୭ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ୨୨ଟି ମୋବାଇଲ ଫୋନ୍ ଏବଂ ଅନେକ ସମ୍ବେଦନଶୀଳ ଦସ୍ତାବିଜ୍ ଜବତ କରିଛି। ସନ୍ଦିଗ୍ଧମାନେ ଭାରତରେ ଗୁପ୍ତଚର କାର୍ଯ୍ୟ ଚଳାଇବା ପାଇଁ ପାକିସ୍ତାନରୁ ବିପୁଳ ଅର୍ଥ ପାଉଥିଲେ। ଏହି ମାମଲା ସହ ସମ୍ପୃକ୍ତ ଥିବା ଗୁଜରାଟ, କର୍ଣ୍ଣାଟକ, କେରଳ, ତେଲଙ୍ଗାନା, ଉତ୍ତରପ୍ରଦେଶ, ବିହାର ଏବଂ ହରିୟାଣାର ୧୬ଟି ସ୍ଥାନରେ ଚଢ଼ାଉ କରାଯାଇଥିବା ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ ଗୁରୁବାର ସୂଚନା ଦେଇଛନ୍ତି।

## ୭ ରାଜ୍ୟରେ ଏନ୍‌ଆଇଏର ଚଢ଼ାଉ

ଦୀର୍ଘବର୍ଷ ହେଲା ଏହି ଗୁପ୍ତଚର ବୃତ୍ତି ଚାଲିଥିବାବେଳେ ପ୍ରଥମେ ଆନ୍ଧ୍ରପ୍ରଦେଶର ଗୋଇନ୍ଦା ନିରୋଧୀ ସେଲ୍ ୨୦୨୧ ଜାନୁଆରୀରେ ମାମଲା ରୁଜୁ କରିଥିଲା। ୨୦୨୩ ଜୁଲାଇରେ ଏନ୍‌ଆଇଏ ଏହାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଥିଲା। ସୀମା ଆରପଟୁ ଭାରତ ବିରୋଧୀ ଷଡ଼ଯନ୍ତ୍ରର ଅଂଶ ସ୍ୱରୂପ ଭାରତୀୟ ନୌସେନାର ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ତଥ୍ୟ ଏହି ରାକେଟ୍ ଜରିଆରେ ପ୍ରଘଟ ହେଉଥିବା ଜଣାପଡ଼ିଥିଲା। ୨୦୨୩ ଜୁଲାଇ ୧୯ରେ ଏନ୍‌ଆଇଏ ପାକିସ୍ତାନୀ ପଳାତକ ମୀର ବାଲାଜ ଖାନ୍‌ଙ୍କ ସମେତ ୨ ଅଭିଯୁକ୍ତଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଥିଲା। ଖାନ୍ ଓ ଅନ୍ୟ ଅଭିଯୁକ୍ତ ଆକାଶ ସୋଲାଙ୍କି ଗୁପ୍ତଚର ରାକେଟ୍‌ରେ ସମ୍ପୃକ୍ତ ଥିବା ଅଧିକାରୀ ଜଣକ କହିଛନ୍ତି। ସେହିବର୍ଷ ନଭେମ୍ବର ୬ରେ ଏନ୍‌ଆଇଏ ଅନ୍ୟ ୨ ଅଭିଯୁକ୍ତ ମନମୋହନ ସୁରେନ୍ଦ୍ର ପଣ୍ଡା ଏବଂ ଆଲଭେନ୍‌ଙ୍କ ନାଁରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଥିଲା। ପଣ୍ଡା ଗିରଫ ହୋଇଥିବାବେଳେ ପାକିସ୍ତାନୀ ଗୋଇନ୍ଦା ଅପରେଟିଭ୍ ଆଲଭିନ ଫେରାର ହୋଇଯାଇଥିଲେ। ଗତ ମେ'ରେ ଏନ୍‌ଆଇଏ ଅମାନ ସଲିମ ଶେଖ୍ ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କ ନାଁରେ ଦ୍ୱିତୀୟ ଅତିରିକ୍ତ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା।

# ଏସ୍‌ସିଓ ବୈଠକ: ମୋଦିଙ୍କୁ ପାକିସ୍ତାନର ଆମନ୍ତ୍ରଣ

ଇସ୍‌ଲାମାବାଦ,୨୯।୮ (ପି.ଟି.)

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ବୈଠକ ଆସନ୍ତା ଅକ୍ଟୋବର ୧୫ ଓ ୧୬ରେ ଇସ୍‌ଲାମାବାଦରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସରକାରଙ୍କ ମୁଖ୍ୟମାନେ ଯୋଗଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବୈଠକରେ ଯୋଗଦେବା ନିମନ୍ତେ ପାକିସ୍ତାନ ଆମନ୍ତ୍ରଣ କରିଛି। ମୋଦିଙ୍କ ସମେତ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକର ମୁଖ୍ୟଙ୍କୁ ନିମନ୍ତ୍ରଣ ପଠାଯାଇଥିବା ପାକ୍ ବହିର୍ବ୍ୟାପାର କାର୍ଯ୍ୟାଳୟ ମୁଖପାତ୍ର ମୁମତାଜ ଜହରା ବାଲୋଚ ଗୁରୁବାର କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବୈଠକରେ ଯୋଗଦେବା ନେଇ ଭାରତ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ।

# ରୁଷିଆର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ପାଭେଲ ଗିରଫ

ମସ୍କୋ,୨୯।୮



ପାଭେଲ ପୋପୋଭ୍

ଜାଲିଆତି ଅଭିଯୋଗରେ ରୁଷିଆର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ପାଭେଲ ପୋପୋଭ୍‌ଙ୍କୁ ଗୁରୁବାର ଗିରଫ କରାଯାଇଛି। ସେ ଦୋଷୀସାବ୍ୟସ୍ତ ହେଲେ ୧୦ ବର୍ଷ ଜେଲରେ ରହିପାରନ୍ତି ବୋଲି ରୁଷିଆ ସରକାରୀ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ଗତ କିଛିମାସ ମଧ୍ୟରେ ଜାଲିଆତି, ଲାଞ୍ଚ କାରବାର ଏବଂ କ୍ଷମତାର ଦୁରୁପଯୋଗ ଅଭିଯୋଗରେ ଗିରଫ ହେବାରେ ପୋପୋଭ ହେଉଛନ୍ତି ରୁଷିଆର ଅଷ୍ଟମ ଶୀର୍ଷ ସାମରିକ ଅଧିକାରୀ। ଗତ ଏପ୍ରିଲରେ ଲାଞ୍ଚ ମାମଲାରେ ଉପପ୍ରତିରକ୍ଷା ମନ୍ତ୍ରୀ ଟିମୁର ଇଭାନୋଭଙ୍କୁ ଗିରଫ କରାଯିବା ସହ ପଦବୀରୁ ବହିଷ୍କୃତ କରାଯାଇଥିଲା। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦୀର୍ଘଦିନର ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁଙ୍କୁ ହଟାଇ ତାଙ୍କ ସ୍ଥାନରେ ଅର୍ଥନୀତିଜ୍ଞ ଆଣ୍ଡ୍ରେଇ ବେଲୁସୋଭ୍‌ଙ୍କୁ ଦାୟିତ୍ୱ ଦେବା ପରେ ଟିମୁର ଗିରଫ ହୋଇଥିଲେ।

ରୁଷିଆର ମିଲିଟାରୀ ଡିସ୍‌ନିଲ୍ୟାଣ୍ଡ ଭାବେ ଜଣାଶୁଣା ମସ୍କୋର ବିସ୍ତୃତ ପାଟ୍ରିଅଟ୍ ପାର୍କର ବ୍ୟବସାୟିକ କାରବାରରେ ଜାଲିଆତି ନେଇ ପୋପୋଭଙ୍କ ନାଁରେ ମାମଲା ରୁଜୁ ହୋଇଛି। ରୁଷିଆର ଯୁବପିଢ଼ିଙ୍କୁ ଦେଶପ୍ରେମ ପ୍ରତି ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁଙ୍କର ଏହା ପୋଷ୍ୟ ପ୍ରକଳ୍ପ ଥିଲା। ସୋଭିଏତ ଏବଂ ରୁଷିଆର ଅସ୍ତ୍ରଶସ୍ତ୍ର ସେଠାରେ ପ୍ରଦର୍ଶିତ ହୋଇଥାଏ। ସେଠାରେ ଫାୟାରିଂ ରେଞ୍ଜ, ଏୟାରବେସ୍, ମ୍ୟୁଜିୟମ, କନ୍‌ଫେରେନ୍ସ ସେଣ୍ଟର ଏବଂ ରୁଷିଆ ସଶସ୍ତ୍ର ବଳର କାଥେଡ୍ରାଲ ରହିଛି। ଉକ୍ତ ଚର୍ଚ୍ଚର ମୁଖ୍ୟ ପ୍ରତିମା ନିର୍ମାଣ ଲାଗି ପୁଟିନ୍ ବ୍ୟକ୍ତିଗତ ଭାବେ ଅର୍ଥ ଦେଇଥିଲେ।



# ଗ୍ରୀସ୍ ଉପକୂଳରେ ୧୦୦ ଟନ୍ ମଲା ମାଛ

ଭୋଲୋସ୍,୨୯।୮

ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ମଣିଷଙ୍କ ଜୀବନକୁ ଦୁର୍ବିସହ କରିନାହିଁ, ବନ୍ୟଜନ୍ତୁ ଓ ସାମୁଦ୍ରିକ ଜୀବ ମଧ ପ୍ରଭାବିତ ହୋଇଛନ୍ତି। ଗ୍ରୀସ୍‌ର ଭୋଲୋସ୍ ବନ୍ଦର ଆଖପାଖ ଅଞ୍ଚଳରେ ୧୦୦ ଟନ୍‌ରୁ ଊର୍ଦ୍ଧ୍ୱ ମଲା ମାଛ ପଡ଼ିଥିବା ଦେଖିବାକୁ ମିଳିଛି। ଏଥେନ୍ସ ଉତ୍ତର ଉପକୂଳବର୍ତ୍ତୀ ୩୨୦ କିଲୋମିଟରବ୍ୟାପୀ ଅଞ୍ଚଳରେ ଏହି ମାଛଗୁଡ଼ିକ ପଡ଼ି ରହିଛନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ୩ ଦିନ ଧରି ମାଛ ବ୍ୟବସାୟ ୮୦ ପ୍ରତିଶତ ହ୍ରାସ ପାଇଥିବା ଭୋଲୋସ୍ ଚାମ୍ବର ଅଫ୍ କମର୍ସ ପକ୍ଷରୁ କୁହାଯାଇଛି।

# ୱାଇଏସ୍‌ଆର୍‌ସିପିର ୨ ରାଜ୍ୟ ସଭା ସଦସ୍ୟଙ୍କ ଇସ୍ତଫା

## ଟିଡିପିରେ ଯୋଗଦେଇପାରନ୍ତି

ନୂଆଦିଲ୍ଲୀ,୨୯।୮

ୱାଇଏସ୍‌ଆର୍‌ସିପିର ୨ ଜଣ ଏମ୍‌ପି ଗୁରୁବାର ରାଜ୍ୟ ସଭାରୁ ଇସ୍ତଫା ଦେଇଛନ୍ତି। ଗତ ଲୋକ ସଭା ଓ ଆନ୍ଧ୍ରପ୍ରଦେଶ ବିଧାନସଭାରେ ଏହି ଦଳ ଶୋଚନୀୟ ପରାଜିତ ହୋଇଥିବାବେଳେ ୨ ରାଜ୍ୟ ସଭା ସଦସ୍ୟଙ୍କ ଇସ୍ତଫା ଦଳର ନେତା ଜଗନମୋହନ ରେଡ୍ଡୀଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। ୨ ଏମ୍‌ପି ବୀଧମାସ୍ତନ ରାଓ ଯାଦବ ଏବଂ ଭେଙ୍କଟରମଣ ରାଓ ମୋପିଦେବୀଙ୍କ ଇସ୍ତଫାପତ୍ରକୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନ୍‌କର ଗ୍ରହଣ କରିଛନ୍ତି। ଭେଙ୍କଟରମଣଙ୍କ ରାଜ୍ୟ ସଭା ସଦସ୍ୟତା କାର୍ଯ୍ୟକାଳ ୨୦୨୬ ଜୁନ୍ ପର୍ଯ୍ୟନ୍ତ ଥିଲା। ସେ ଦଳ ଛାଡ଼ିବେ ବୋଲି ମଧ ସ୍ପଷ୍ଟ କରିଛନ୍ତି। ଉଭୟ ନେତା ଟିଡିପିରେ ଯୋଗଦେଇପାରନ୍ତି। ସେମାନେ ଟିଡିପି ଅଧ୍ୟକ୍ଷ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି।

# ଆସାମ ବିଧାନସଭାରେ ମୁସଲମାନ ମହିଳା ବିବାହ ପଞ୍ଜୀକରଣ ବିଲ୍ ଗୃହୀତ

ଗୁଆହାଟୀ,୨୯।୮ (ପି.ଟି.)

ମୁସଲମାନଙ୍କ ବିବାହ ଏବଂ ଛାଡ଼ପତ୍ରର ସରକାରୀ ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା ପାଇଁ ଆସାମ ବିଧାନସଭାରେ ଗୁରୁବାର ଏକ ବିଲ୍ ଗୃହୀତ ହୋଇଛି। ରାଜସ୍ୱ ମନ୍ତ୍ରୀ ଯୋଗେନ ମୋହନ ମଙ୍ଗଳବାର ଉକ୍ତ ବିଲ୍ ଆଗତ କରିଥିଲେ। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ପୂର୍ବରୁ କାଜିମାନଙ୍କ ଦ୍ୱାରା କରାଯାଇଥିବା ମୁସଲମାନ ବିବାହ ପଞ୍ଜୀକରଣ ବୈଧ ରହିବ। ତେବେ ନୂଆ ବିବାହର ପଞ୍ଜୀକରଣ ନୂତନ ଆଇନ ଅନୁଯାୟୀ ସରକାରୀ କାର୍ଯ୍ୟାଳୟରେ କରାଯିବ। ନୂଆ ଆଇନ କାର୍ଯ୍ୟକାରୀ ହେଲେ ବାଲ୍ୟବିବାହ ପଞ୍ଜୀକରଣ ସମ୍ପୂର୍ଣ୍ଣ ନିଷେଧ ହେବ। ବାଲ୍ୟ ବିବାହ ଏବଂ ବରକନ୍ୟାଙ୍କ ବିନା ସହମତିରେ ବିବାହକୁ ରୋକିବା ପ୍ରସ୍ତାବିତ ଆଇନର ଉଦ୍ଦେଶ୍ୟ। ଏହା ବହୁବିବାହକୁ ରୋକିବା ସହ ବିବାହିତା ମହିଳା ଶାଶୁଘରେ ସେମାନଙ୍କ ବଞ୍ଚି ରହିବାର ଅଧିକାର ଏବଂ ଭରଣପୋଷଣ ଦାବି କରିପାରିବେ। ସେହିପରି ବିଧବା ମହିଳା ସ୍ୱାମୀଙ୍କ ସମ୍ପତ୍ତି ଉପରେ ଉତ୍ତରାଧିକାର ଓ ଅନ୍ୟାନ୍ୟ ସୁବିଧା ଦାବି କରିପାରିବେ। ବିବାହ ପରେ ଜଣେ ପୁରୁଷ ତାଙ୍କ ସ୍ତ୍ରୀଙ୍କୁ ଘରୁ ତଡ଼ିଦେଇ ପାରିବ ନାହିଁ। ଉକ୍ତ ଆଇନ ଦ୍ୱାରା ବିବାହ ଅନୁଷ୍ଠାନ ସୁଦୃଢ଼ ହେବ ବୋଲି ହିମନ୍ତ କହିଛନ୍ତି।

# ମୁମ୍ବାଇ ଏସିଆର ବିଲିୟନେୟାର କ୍ୟାପିଟାଲ

## ବେଜିଂକୁ ପଛରେ ପକାଇଲା

ନୂଆଦିଲ୍ଲୀ, ୨୯।୮

'ହୁରୁନ ଇଣ୍ଡିଆ ରିଚ୍ ଲିଷ୍ଟ-୨୦୨୪' ଗୁରୁବାର ଜାରି ହୋଇଛି। ଏହି ରିପୋର୍ଟ ଅନୁଯାୟୀ, ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇ ଚାଇନାର ରାଜଧାନୀ ବେଜିଂକୁ ପଛରେ ପକାଇ ଏସିଆର ବିଲିୟନେୟାର କ୍ୟାପିଟାଲ ଭାବେ ଉଭା ହୋଇଛି। ସମ୍ପ୍ରତି ମୁମ୍ବାଇରେ ୩୮୬ ଜଣ ବିଲିୟନେୟାର ଥିବା ଏହି ରିପୋର୍ଟ କହିଛି। ଗତବର୍ଷର ହୁରୁନ ଇଣ୍ଡିଆ ରିଚ୍ ଲିଷ୍ଟଠାରୁ ଚଳିତ ଥର ମୁମ୍ବାଇରେ ୫୮ ଜଣ ବିଲିୟନେୟାରଙ୍କର ବୃଦ୍ଧି ଘଟିଛି। 'ହୁରୁନ ଇଣ୍ଡିଆ ରିଚ୍ ଲିଷ୍ଟ ୨୦୨୪' ଅନୁଯାୟୀ, ୨୧୭ ଜଣ ବିଲିୟନେୟାରଙ୍କ ସହ ଦିଲ୍ଲୀ ଭାରତର ଦ୍ୱିତୀୟ ସବୁଠୁ ଧନୀ ସହର ଭାବେ ଉଭା ହୋଇଛି। ରିପୋର୍ଟରେ ୧୦୪ ଜଣ ବିଲିୟନେୟାରଙ୍କ ସହ ହାଇଦ୍ରାବାଦ ଭାରତର ତୃତୀୟ ସବୁଠୁ ଧନୀ ସହର ହୋଇଥିବାବେଳେ ୧୦୦ ଜଣ ବିଲିୟନେୟାରଙ୍କ ସହ ବେଙ୍ଗାଲୁରୁ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ସେହିପରି ଚେନ୍ନାଇରେ ୮୨ ଜଣ, କୋଲକାତାରେ ୬୯, ଅହମଦାବାଦରେ ୬୭, ପୁଣେରେ ୫୩, ସୁରଟରେ ୨୮ ଏବଂ ଗୁରୁଗ୍ରାମରେ ୨୩ ଜଣ ବିଲିୟନେୟାର ରହିଛନ୍ତି। ତେବେ ବିଲିୟନେୟାରଙ୍କ କ୍ଷେତ୍ରରେ ଭାରତ ଚାଇନାକୁ ପଛରେ ପକାଇଥିବା ଏହି ରିପୋର୍ଟ କହିଛି। ଗତ ବର୍ଷ ତୁଳନାରେ ଭାରତରେ ବିଲିୟନେୟାରଙ୍କ ସଂଖ୍ୟା ୨୯% ବଢ଼ିଥିବାବେଳେ ଚାଇନାରେ ଏହି ସଂଖ୍ୟା ୨୫% ହ୍ରାସ ଘଟିଛି।






## ଲେଖକଙ୍କ ସହ କଥୋପକଥନ

ଧରିତ୍ରୀ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବତନ କୂଟନୀତିଜ୍ଞ ତଥା ଲେଖକ ଟିସିଏ ରାଘବନ୍‌ଙ୍କ 'ସର୍କଲସ୍ ଅଫ୍ ଫ୍ରିଡମ୍-ଫ୍ରେଣ୍ଡଶିପ୍, ଲଭ୍ ଆଣ୍ଡ୍ ଲୟାଲ୍‌ଟି ଇନ୍ ଦି ଇଣ୍ଡିଆନ୍ ନ୍ୟାଶନାଲ ଷ୍ଟ୍ରଗଲ' ପୁସ୍ତକ ସମ୍ବନ୍ଧରେ ତାଙ୍କ ସହ ଔପନ୍ୟାସିକ ଚନ୍ଦ୍ରହାସ ଚୌଧୁରୀ ଆଳାପ କରୁଛନ୍ତି। ଏହି ପୁସ୍ତକରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଆସଫ୍ ଅଲ୍ଲୀ, ଅରୁଣା ଆସଫ୍ ଅଲ୍ଲୀ, ସରୋଜିନୀ ନାଇଡୁ, ସୁଦ୍ ହୁସେନ ଓ ସୟଦ ମହମୁଦଙ୍କ ଅବଦାନ ଉପରେ ବିଶେଷ ଆଲୋକପାତ କରାଯାଇଛି। ଲେଖକଙ୍କ ସହ କଥୋପକଥନ କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ପରିବାର ସଦସ୍ୟଙ୍କ ସହ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।

# ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ହେବ

**ଉତ୍ପାଦନ କ୍ଷମତା ୪.୫ ମିଲିଅନ ଟନ୍‌ରୁ ୯ ମିଲିଅନ ଟନ୍‌କୁ ବୃଦ୍ଧି ପାଇବ**

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ଇସ୍ପାତ ସଚିବ

ଭୁବନେଶ୍ୱର,୨୯।୮(ଅନିଲ ଦାସ)

କେନ୍ଦ୍ର ଇସ୍ପାତ ସଚିବ ସନ୍ଦୀପ ପୌଣ୍ଡ୍ରିକ ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଓଡ଼ିଶାରେ ଇସ୍ପାତ ଶିଳ୍ପର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।

ଆଲୋଚନାରେ କେନ୍ଦ୍ର ଇସ୍ପାତ ସଚିବ ସୂଚନା ଦେଇଥିଲେ ଯେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ କରାଯାଇ ଏହାର ଉତ୍ପାଦନ କ୍ଷମତାକୁ ୪.୫ ମିଲିଅନ ଟନ୍‌ରୁ ୯ ମିଲିଅନ ଟନ୍‌କୁ ବୃଦ୍ଧି କରାଯିବ। ଏଥିପାଇଁ ରାଜ୍ୟ ସରକାରଙ୍କ ସମସ୍ତଙ୍କ ସହଯୋଗ ସେ କାମନା କରିଥିଲେ। ରାଜ୍ୟ ସରକାର ଏଥିନିମନ୍ତେ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଉରକେଲାର ଆଇଜିଏଚ୍



ହସ୍ପିଟାଲ ଏବଂ ଅନ୍ୟ ଖଣି ଅଞ୍ଚଳରେ ବିଭିନ୍ନ ବିଭାଗୀୟ ପିଏସ୍‌ୟୁ ଦ୍ୱାରା ପରିଚାଳିତ ହେଉଥିବା ହସ୍ପିଟାଲଗୁଡ଼ିକରେ ଅଧିକ ଉନ୍ନତି ଅଣାଯିବା ଆବଶ୍ୟକ। ଏହାଦ୍ୱାରା କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟର ବିଭିନ୍ନ ପିଏସ୍‌ୟୁ, ସେଲ୍, ଓଏମ୍‌ଡିସି ଭଳି ପିଏସ୍‌ୟୁ ସଂସ୍ଥା ପକ୍ଷରୁ ସେମାନଙ୍କ କର୍ପୋରେଟ ସାମାଜିକ ଦାୟିତ୍ୱ ପାଣ୍ଠି ସହାୟତାରେ ଓଡ଼ିଶାରେ ଅଧିକ ଉନ୍ନୟନମୂଳକ କାର୍ଯ୍ୟ କରାଯିବା ଆବଶ୍ୟକ।

ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଏବଂ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଏନ୍‌ଏମ୍‌ଡିସି ଓ ଇସ୍ପାତ ବିଭାଗ ଅଧୀନ ଅନ୍ୟାନ୍ୟ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂର ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗଦେଇଥିଲେ।

# ବ୍ଲକରେ ଉନ୍ନୟନ କାମ ବନ୍ଦକୁ ନେଇ ବିଧାନସଭାରେ ହଟ୍ଟଗୋଳ

ଭୁବନେଶ୍ୱର,୨୯।୮(ଅନିଲ ଦାସ)

ରାଜ୍ୟର ୩୧୪ ବ୍ଲକରେ ଉନ୍ନୟନ କାମ ଠପ୍ ହୋଇଯାଇଛି। କାମ ବନ୍ଦ କରିବାକୁ ଅଘୋଷିତ ନିର୍ଦ୍ଦେଶନାମା ଦିଆଯାଇଛି। ଗତ ୨ ମାସରୁ ଊର୍ଦ୍ଧ୍ୱ ହେବ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରୁ ନାହିଁ। କାମ କାହିଁକି ବନ୍ଦ ହୋଇଛି ସେ ବିଷୟରେ ବିଜେଡି ରାଜ୍ୟ ସରକାରଙ୍କଠାରୁ କୈଫିୟତ ତଲବ କରିଛି। ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ମୁଲତବୀ ପ୍ରସ୍ତାବ ଦେଇଥିଲେ ମଧ୍ୟ ବାଚସ୍ପତି ତାହାକୁ ଗ୍ରହଣ ନ କରିବାରୁ ବିଧାନସଭାରେ ବିଜେଡି ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରି ଗୃହକୁ ଅଚଳ କରିଦେଇଛନ୍ତି।

ଶୂନ୍ୟକାଳରେ ବିଜେଡି ସଭ୍ୟ ଅରୁଣ ସାହୁ ଏହି ପ୍ରସଙ୍ଗ ଉଠାଇ କହିଲେ, ୩୧୪ ବ୍ଲକରେ କୌଣସି ଉନ୍ନୟନ କାର୍ଯ୍ୟ ହେଉନି। ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି। କାମ ବନ୍ଦ କରିବାକୁ ଅଘୋଷିତ ନିର୍ଦ୍ଦେଶନାମା ଦିଆଯାଇଛି। ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ତାହାକୁ ଗ୍ରହଣ କରାଗଲା ନାହିଁ। ଉନ୍ନୟନ କାମ ବିଷୟରେ ଆଲୋଚନା କରିବା କ'ଣ ମନା। ବାଚସ୍ପତି ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଅନୁମତି ଦିଅନ୍ତୁ। ଗୃହରେ ଏ ପ୍ରସଙ୍ଗ ଆଲୋଚନା ହେଉ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ ଗଣେଶ୍ୱର ବେହେରା ମଧ୍ୟ ସମାନ ପ୍ରସଙ୍ଗ ଉତ୍ଥାପନ କରି କହିଥିଲେ, ମୁଲତବୀ ପ୍ରସ୍ତାବ ଦେବା ବିରୋଧୀ ଦଳଙ୍କର ବୈଧାନିକ ଅଧିକାର। ତାଙ୍କୁ ଏଥିରୁ ବଞ୍ଚିତ କରାଯିବା ଉଚିତ ନୁହେଁ। ଦୁଇ ଦୁଇ ଥର ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ଦିଆଗଲା ତଥାପି ଗ୍ରହଣ କରାଯାଉ ନାହିଁ। ଏତିକିବେଳେ ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ପାଟିତୁଣ୍ଡ କରିଥିଲେ। ସରକାର ତୁମେ ଆମର ଦାବି ମାନିନିଅ... ମାନିନିଅ ସ୍ଲୋଗାନ ଦେଇଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିରୋଧୀ ଦଳକୁ ଜବାବ ଦେଇ ବିଧାନସଭାର ରୁଲ୍ସ ଓ ବିଜ୍‌ନେସ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ସମୟରେ ବିଜେଡି ସଭ୍ୟ ଯୋଗେଶ ସିଂ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଉଦ୍ୟମ କରିଥିଲେ। ବାଚସ୍ପତି ବିରୋଧୀ ଦଳ ସଦସ୍ୟଙ୍କ ଦାବି ଉପରେ ସ୍ପଷ୍ଟୀକରଣ ଦେଇ କହିଥିଲେ, ବିଜେଡି ସଭ୍ୟ ଅରୁଣ ସାହୁ, ଗଣେଶ୍ୱର ବେହେରା ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କଠାରୁ ଶୁଣିବା ପରେ ଧାରା -୬୦(ଗ) ଅନୁଯାୟୀ ମୁଲତବୀ ପ୍ରସ୍ତାବ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ନ ଥିବାରୁ ଗୃହରେ ଆଲୋଚନା ପାଇଁ ଆଣିପାରିବି ନାହିଁ। ଏତିକିବେଳେ ବିଜେଡି ସଭ୍ୟମାନେ ପ୍ରବଳ ହଟ୍ଟଗୋଳ କଲେ। ବାଚସ୍ପତି ବାଧହୋଇ ଗୃହକୁ ୧୨ଟା ୧୧ ମିନିଟ୍‌ରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।






## ୫ ବର୍ଷରେ ଓଡ଼ିଶାରୁ ୧୫୭ କେ.ଜି. ରତ୍ନପଥର ଉତ୍ତୋଳନ ହୋଇଛି

ଭୁବନେଶ୍ୱର,୨୯।୮ (ଅନିଲ ଦାସ)

ଗତ ୫ ବର୍ଷରେ ଓଡ଼ିଶାରୁ ୧୫୭ କେ.ଜି. ରତ୍ନପଥର ଉତ୍ତୋଳନ ହୋଇଛି। ବିଜେଡି ସଭ୍ୟ କଳିକେଶ ନାରାୟଣ ସିଂ ଦେଓଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୩ଟି ରତ୍ନପଥର ଖଣି କାର୍ଯ୍ୟକ୍ଷମ ରହିଛି। ସେହିପରି ୮ଟି ରତ୍ନପଥର ଖଣି ଖନନ ପାଇଁ ଅନୁମତି ମିଳି ନ ଥିବାରୁ ତାହା ଖୋଲା ଯାଇନାହିଁ ବୋଲି ଖଣିମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## ଜଳାଶୟରୁ ମୃତ ହାତୀଶାବକ ଜବତ

ଖୁଣ୍ଟୁଣୀ,୨୯।୮(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଓରଦା ଗ୍ରାମ ନିକଟ ଜଳାଶୟରୁ ଗୁରୁବାର ଏକ ମାଈ ହାତୀ ଶାବକର ମୃତଦେହ ବନ ବିଭାଗ ଜବତ କରିଛି। ମଧ୍ୟାହ୍ନରେ ହାତୀ ଶାବକ ଜଳାଶୟରେ ପଡିଥିବା ସ୍ଥାନୀୟ ଆଦିବାସୀ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ଏନେଇ ଆଠଗଡ଼ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତିଙ୍କୁ ଜଣାଇଥିଲେ। ଫଳରେ ଯଜ୍ଞଦତ୍ତ ଆଠଗଡ଼ ଭେଟେରିନାରି ସର୍ଜନଙ୍କ ସହିତ ଉକ୍ତ ଜଳାଶୟ ନିକଟକୁ ଯାଇ ହାତୀ ଶାବକକୁ ପାଣିରୁ



ଉଦ୍ଧାର କରି ଉପରକୁ ଆଣିଥିଲେ। ହାତୀ ଶାବକ ଦେହରେ କ୍ଷତଚିହ୍ନ ଥିବାବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି, ହାତୀର ବୟସ ୯ରୁ ୧୧ ମାସ ମଧ୍ୟରେ ହେବ। ପାଣିରେ ପଡି ହାତୀ ଶାବକ ଶରୀରର କିଛି ଅଂଶ ଫୁଲିଯାଇଛି। ଶୁକ୍ରବାର ସକାଳେ ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ।

## ବାର୍ଡ ଫ୍ଲୁ: କୁକୁଡ଼ାଚାଷୀଙ୍କୁ ମିଳିବ କ୍ଷତିପୂରଣ

ଭୁବନେଶ୍ୱର,୨୯।୮(ଅନୁରାଧା ମହାରଣା)

ବାର୍ଡ ଫ୍ଲୁକୁ ନେଇ ଚିନ୍ତା ଲାଗିରହିଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏକ ଆଶ୍ୱସ୍ତିକର ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୁରୀ ମଙ୍ଗଳପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ଯେଉଁ ନମୁନା ପରୀକ୍ଷା ପାଇଁ ପୁଣେ ଯାଇଥିଲା, ତାହା ନେଗେଟିଭ ଆସିଛି। ତଥାପି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଇସୋଲେଶନରେ ରଖାଯାଇଛି। ବାର୍ଡ ଫ୍ଲୁ ଯେଭଳି ନ ବ୍ୟାପିବ ସେନେଇ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବା ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଅନ୍ୟପକ୍ଷରେ ପୁରୀ ଜିଲାରେ ବାର୍ଡ ଫ୍ଲୁ ସଂକ୍ରମଣ ବଢ଼ିଚାଲିଛି। ସତ୍ୟବାଦୀ ଓ ପିପିଲି ଅଞ୍ଚଳରୁ ଯାଇଥିବା ବାର୍ଡ ଫ୍ଲୁ ନମୁନା ପଜିଟିଭ ଆସିଥିବାବେଳେ ଆଜି ସୁଦ୍ଧା ୩୦ ହଜାର କୁକୁଡା ମରାଯାଇଛି। ଏନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇ କହିଛନ୍ତି, ବାର୍ଡ ଫ୍ଲୁରେ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ ସରକାର କ୍ଷତିପୂରଣ ଦେବେ। ଛୋଟ କୁକୁଡ଼ା ଗୋଟାକୁ ୨୦ ଟଙ୍କା ଓ ବଡ଼ କୁକୁଡ଼ା ପାଇଁ ୭୦ ଟଙ୍କା ଓ ଅଣ୍ଡା ପିଛା ୩ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା ହୋଇଛି। ବର୍ତ୍ତମାନ ସୁଦ୍ଧା ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି। ବାର୍ଡ ଫ୍ଲୁ ଅଲଗା ଜିଲାକୁ ଯେପରି ନ ବ୍ୟାପିବ ସେ ନେଇ ବିଭାଗ ସଚେତନ ରହିଥିବା ସେ କହିଛନ୍ତି। ତେବେ ନିମାପଡ଼ା ଓ ଡ଼େଲାଙ୍ଗରେ ବାର୍ଡ ଫ୍ଲୁ ସଂକ୍ରମଣ ସୂଚନା ମିଳିବା ପରେ ଏସବୁ ଅଞ୍ଚଳରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ସେସବୁ ଅଞ୍ଚଳରେ ବାର୍ଡ ଫ୍ଲୁ ବ୍ୟାପିଛି କି ନାହିଁ ସ୍ପଷ୍ଟ ହେବ।







**ଆଜିର ମନ୍ତବ୍ୟ**
ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଲିୟନେୟାର ରାଜ୍ ବ୍ରିଟିଶ ରାଜ୍ ଠାରୁ ବି ବଳିଯାଇଛି। ଦେଶରେ ଦ୍ରୁତଗତିରେ ଅର୍ଥନୈତିକ ଅସମାନତା ବଢ଼ୁଥିବାବେଳେ କେନ୍ଦ୍ର ସରକାର ଏହାକୁ ପ୍ରଶ୍ରୟ ଦେଉଛନ୍ତି।
– ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବର୍ଷା ଆସର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ୧୯ତମ ଗୁରୁ ଦକ୍ଷିଣା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ବକ୍ସିବଜାର ବ୍ୟବସାୟୀ ସଂଘ ପକ୍ଷରୁ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତୀ ଅନାବରଣ ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ବକ୍ସିବଜାର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଖୋର୍ଦ୍ଧା
- ବିଶ୍ୱ ହିନ୍ଦୁ ପରିଷଦର ୬୦ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଗୀତାଭବନ, ଖୋର୍ଦ୍ଧା, ସମୟ: ଅପରାହ୍ନ ୫ଟା।

## ପୁରୀ
- ପରିଚାଳନା କମିଟି ବୈଠକ, ସ୍ଥାନ: ନୀଳାଦ୍ରି ଭକ୍ତ ନିବାସ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଧେନୁକାସୁର ବଧନୀତି, ସ୍ଥାନ: ଦୋଳମଣ୍ଡପ ସାହି, ପୁରୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ଜନସଚେତନତା, ସ୍ଥାନ:ଜିଲାପାଳ ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ସର୍କିଟ୍ ହାଉସ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା।
- ହାଇଜେନିକ୍ ଫିସ୍ ମାର୍କେଟ୍‌ର ଶିଳାନ୍ୟାସ, ସ୍ଥାନ:ବାହାର୍ଦ୍ଧା କୃଷି ଫାର୍ମ, ବସ୍ତା, ସମୟ: ମଧ୍ୟାହ୍ନ ୧୨ଟା।
- ବାଲିଆପାଳ ଲାୟନ୍ସ କ୍ଲବର ନବମ ଅଧିଷ୍ଠାନ ଉତ୍ସବ, ସ୍ଥାନ:ପୂର୍ତ୍ତ ବିଭାଗ ଡାକବଙ୍ଗଳା, ବାଲିଆପାଳ, ସମୟ:ସନ୍ଧ୍ୟା ୬ଟା ୩୦।
- ସ୍ୱର୍ଣ୍ଣଚୁଡ଼ ସାହିତ୍ୟ ପରିବାର ପକ୍ଷରୁ ଆଭାସୀ ଆଲୋଚନାଚକ୍ର, ସ୍ଥାନ: ମିତ୍ରପୁର, ନୀଳଗିରି,ସମୟ:ସନ୍ଧ୍ୟା୭ଟା।

## ଭଦ୍ରକ
- ନିଶା ନିବାରଣ ପାଇଁ ସର୍ବୋଦୟ ମଣ୍ଡଳ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ୟୁଜେ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦୁଝର
- ମା ଭୂଆସୁଣୀ ପୀଠରେ ଭଜନ ସମାରୋହ, ସ୍ଥାନ :ମଠ କପୁଣ୍ଡି, ହାଟଡିହୀ, ସମୟ: ସନ୍ଧ୍ୟା ୬ ଟା।
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ ପାଠ ଏବଂ ପୂଜାର୍ଚ୍ଚନା,ସ୍ଥାନ:ସରଳା, ହାଟଡିହୀ, ସମୟ:ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଭିନ୍ନକ୍ଷମ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ବାଙ୍ଗିରିପୋଷି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା,ସ୍ଥାନ: ଅଁଳା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ବ୍ରହ୍ମପୁର
- ବିନାୟକ ଆଚାର୍ଯ୍ୟଙ୍କ ୧୦୬ତମ ଜୟନ୍ତୀ, ସ୍ଥାନ: ବିନାୟକ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟ, ଆସିକା ରୋଡ,ସମୟ: ପୂର୍ବାହ୍ନ ୧୦ଟା।
- ବଡଖାନା ଉଦ୍‌ଘାଟନ,ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଗଞ୍ଜାମ
- ବରିଷ୍ଠ ନାଗରିକ ମଞ୍ଚର ବୈଠକ, ସ୍ଥାନ:ବାଲିପଦର, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ଆଦିବାସୀ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ବାଲିଗୁଡା,ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ସୁଭଦ୍ରା ଯୋଜନା ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ୍, ସମୟ: ଅପରାହ୍ନ ୪ଟା୩୦।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧକଟା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଧର୍ମଶାଳା ମହାବିଦ୍ୟାଳୟର ୪୭ତମ ସ୍ୱନକ୍ଷତ୍ର ସମାରୋହ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଚାରା ରୋପଣ, ସ୍ଥାନ: ନୟାଗଡ଼ ଟାଉନ ଷ୍ଟେଶନଠାରୁ ଉଭୟ ପାର୍ଶ୍ୱ ରାସ୍ତା , ସମୟ: ସକାଳ ୭ଟା।

## ରାୟଗଡ଼ା
- ପିଏମ୍ ଜନମନ ସଚେତନତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ମୁଣ୍ଡାବାଲି ଗ୍ରାମ, ବିଷମକଟକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- କୁଇଜ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ, ସ୍ଥାନ: ନବରଙ୍ଗପୁର ସୌରା ସାହି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଚୟନ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।

## କୋରାପୁଟ
- ପୋକ୍‌ସୋ, ଜୁଭେଲାଇନ ମାମଲା ନେଇ ବୈଠକ, ସ୍ଥାନ: ଜିଲା ଜଜ୍ କାର୍ଯ୍ୟାଳୟ, ଜୟପୁର, ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ହାୱା ମଇଦାନ ପରିସର, ସମୟ : ସକାଳ ୮ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ବିଶାଳ ଖୃଣ୍ଡା, ସମୟ : ସକାଳ ୮ଟା।
- ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତି, ସ୍ଥାନ : ବୁର୍ଲା ସ୍ଥିତ ଏନଏସି ମହାବିଦ୍ୟାଳୟ ସଭାକକ୍ଷ, ସମୟ : ସକାଳ ୯ଟା।
- ଏସୟୁଜେ ସମ୍ବଲପୁର ଶାଖା ପକ୍ଷରୁ ୭ଦଫା ଦାବିରେ ରାଲି ଓ ଦାବିପତ୍ର ପ୍ରଦାନ, ସ୍ଥାନ : ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସାର୍ବଜନୀନ ଦୁର୍ଗାପୂଜା କମିଟି ବୈଠକ, ନୂତନ କମିଟି ଗଠନ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ ପଡିଆବାହାଲ, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର
- ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ ଉପଲକ୍ଷେ ପତାକା ଉତ୍ତୋଳନ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସକାଳ ୭ଟା ।

## ସୁବର୍ଣ୍ଣପୁର
- ୨୧ତମ ପ୍ରାଣୀଧନ ଜନଗଣନା ପାଇଁ ଜିଲାସ୍ତରୀୟ କର୍ମଶାଳା, ସ୍ଥାନ:ସୁବର୍ଣ୍ଣପୁର କୃଷି ବିଜ୍ଞାନ ପ୍ରଶିକ୍ଷଣ କକ୍ଷ, ସମୟ: ସକାଳ ୯ଟା।
- ତରଭା ପୌର୍ଣ୍ଣମାସୀ ପଡାରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ବୈଠକ ଓ ନୂତନ କମିଟି ଗଠନ, ସ୍ଥାନ: ଭାଗବତ ମନ୍ଦିର, ସମୟ:ସନ୍ଧ୍ୟା ୭ଟା।

## ବରଗଡ଼
- ଆନ୍ତଃ ଜିଲା ସିନିୟର ପି.ସି ବେହେରା ମହିଳା ଫୁଟବଲ, (ପ୍ରଥମ ସେମିଫାଇନାଲ– ସୁନ୍ଦରଗଡ ବନାମ କେନ୍ଦୁଝର), ସ୍ଥାନ: ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଟିପିଡବ୍ଲ୍ୟୁଓଡିଏଲର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଗଣପତି ସଭାକକ୍ଷ, ସମୟ: ଅପରାହ୍ନ ୩ଟା ୩୦।
- ଆନ୍ତଃ ଜିଲା ସିନିୟର ପି.ସି ବେହେରା ମହିଳା ଫୁଟବଲ, (ଦ୍ୱିତୀୟ ସେମିଫାଇନାଲ– କଟକ ବନାମ ଜଗତସିଂହପୁର), ସ୍ଥାନ: ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୪ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ରେଳଷ୍ଟେଶନ ଛକସ୍ଥିତ କନକଦୁର୍ଗା ମନ୍ଦିର, ସମୟ: ପ୍ରାତଃ ୫ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ ସନ୍ତୋଷୀ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱବୁରୋମାଲ ଗ୍ରାମ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଜିଲାସ୍ତରୀୟ ବିଜ୍ଞାନ ସମ୍ପର୍କିତ ଡ୍ରାମା ପ୍ରତିଯୋଗିତା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବାର୍ଷିକ ସାଧାରଣ ବୈଠକ, ସ୍ଥାନ: ଟାଉନ ଉଚ୍ଚ ବିଦ୍ୟାଳୟ ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ବ୍ଲକସ୍ତରୀୟ କୃଷକ ମେଳା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଆତ୍ମା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ
- କୌଶଳ ରଥ ପରିକ୍ରମା ଓ ସଚେତନତା ବାର୍ତ୍ତା, ସ୍ଥାନ: ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପୁରୁଣାକଟକ ,ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ଏନଏସିସ୍ତରୀୟ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ, ସ୍ଥାନ: କଚେରୀ ଖେଳପଡିଆ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

# ମେଡିକାଲ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ

**ଭୁବନେଶ୍ୱର,୨୯।୮ (ଶର୍ମିଷ୍ଠା ପାଣିଗ୍ରାହୀ)**
ମେଡିକାଲ ପାଠ୍ୟକ୍ରମରେ ଗୁରୁବାରଠାରୁ ନାମଲେଖା ଆରମ୍ଭ ହୋଇଛି। ନ୍ୟାଶନାଲ ଏଲିଜିବିଲିଟିକମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି)ରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ଏହି ପ୍ରକ୍ରିୟାରେ ଭାଗନେବେ। ଭୁବନେଶ୍ୱରସ୍ଥିତ ଓଜେଇଇ ଅଫିସରେ ପୂର୍ବାହ୍ନ ୧୧ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ କଟକ ଏସ୍‌ସିବି ମେଡିକାଲ କଲେଜ ପାଇଁ କାଉନ୍‌ସେଲିଂ କରାଯାଇଥିଲା। ସେହିପରି ଶୁକ୍ରବାର ଏଠାରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ, ୩୧ ତାରିଖରେ ବୁର୍ଲା ଭିମ୍‌ସାର, ସେପ୍ଟେମ୍ବର ୧ରେ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେ, ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ, ଯାଜପୁର ସରକାରୀ ମେଡିକାଲ କଲେଜ, ସେପ୍ଟେମ୍ବର ୨ରେ କଳାହାଣ୍ଡି ସରକାରୀ ମେଡିକାଲ କଲେଜ, ବାରିପଦାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ବଲାଙ୍ଗୀରର ଭୀମ ଭୋଇ ମେଡିକାଲ କଲେଜ ଏବଂ ୩ରେ କେନ୍ଦୁଝର ସରକାରୀ ମେଡିକାଲ କଲେଜ, ବାଲେଶ୍ୱର ଏଫ୍‌ଏମ୍ ମେଡିକାଲ କଲେଜ ଓ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପାଇଁ କାଉନସେଲିଂ ହେବ।

ସୂଚନାଯୋଗ୍ୟ, ଅଗଷ୍ଟ ୧୮ରେ ପ୍ରାଥମିକ ମେଧା ତାଲିକା ଓ ୨୦ ତାରିଖରେ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇଥିଲା। ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ କେବଳ ରାଜ୍ୟ କୋଟା ଏବଂ ଅନ୍ୟ ରାଜ୍ୟର ଛାତ୍ରୀଛାତ୍ର ଓ ଏନ୍‌ଆର୍‌ଆଇଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସିଟ୍ ଲାଗି ଚୟନ କରାଯାଇଛି। ରାଜ୍ୟରେ ମୋଟ ୧୨ଟି ସରକାରୀ ମେଡିକାଲ କଲେଜର ୧୬୦୦ ଏବଂ ୩ଟି ଘରୋଇ ମେଡିକାଲ କଲେଜର ୩୫୦ ଏମ୍‌ବିବିଏସ୍ ସିଟ୍ ରହିଛି। ଏଥିସହ କଟକ ଏସ୍‌ସିବି ମେଡିକାଲ କଲେଜରେ ୬୭ ଏବଂ ଗୋଟିଏ ଘରୋଇ କଲେଜରେ ୧୦୦ଟି ବିଡିଏସ୍ ସିଟ୍‌ରେ ନାମଲେଖା ହେବ। ୮୫ ପ୍ରତିଶତ ସିଟ୍‌ରେ ରାଜ୍ୟର ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଦିଆଯିବ। ନାମଲେଖା ପାଇଁ ପଞ୍ଜୀକରଣ କରିଥିବା ପିଲାଙ୍କ ମଧ୍ୟରୁ ୫,୪୨୧ ଜଣଙ୍କର ର‌୍ୟାଙ୍କ୍ ପ୍ରକାଶ ପାଇଥିଲା। ତେବେ ଏଥିରୁ ୧୮୧୩ ଜଣଙ୍କୁ ନାମଲେଖା ପାଇଁ ସିଟ୍ ଆଲଟ୍‌ମେଣ୍ଟ କରାଯାଇଛି।

# ଅଜୟ ଏବେ ରିଙ୍କି

**ଜଳେଶ୍ୱର, ୨୯।୮ (ନବୀନ ସାହୁ)**




ଥିଲେ ପୁଅ, ହେଲେ ଝିଅ। ଦିଲ୍ଲୀର ଏକ ଘରୋଇ ହସ୍‌ପିଟାଲରେ ବିରଳ ଅସ୍ତ୍ରୋପଚାର ପରେ ଜଣେ ଯୁବକ ପାଇଛନ୍ତି ନୂଆ ପରିଚୟ। ସମାଜରେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ କନ୍ୟା ଭ୍ରୁଣ ହତ୍ୟାକୁ ରୋକିବା ସହ ଅବହେଳିତ ମହିଳାଙ୍କୁ ନ୍ୟାୟ ଦେବା ପାଇଁ ଏଭଳି ନିଷ୍ପତ୍ତି ନେଇଛନ୍ତି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ନମକାନା ଗ୍ରାମର ଅଜୟ ବାରିକ(୩୮)। ପାଠପଢା ଶେଷ ହେବା ପରେ କୋଲକାତାରେ ରହି ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ପରେ ବି ନାରୀ ଅସୁରକ୍ଷିତ। ତେଣୁ ଆଜିର ସମାଜରେ ପୁଅ ଅପେକ୍ଷା ଝିଅ ଜନ୍ମ ହେଲେ ଲୋକଙ୍କ ମନରେ ଘୃଣା ଭାବ ଜାଗ୍ରତ ହେଉଛି। ମହିଳାମାନଙ୍କ ଦୁଃଖ, କଷ୍ଟ ଏବଂ ଯନ୍ତ୍ରଣାକୁ ଜଣେ ମହିଳା ହିଁ ବୁଝିପାରିବ। ତେଣୁ ପୁଅରୁ ଝିଅ ହୋଇ ସମାଜ ପାଇଁ କିଛି ନୂଆ ବାର୍ତ୍ତା ଦେବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସେ କହିଛନ୍ତି। ନିଜ ପରିବାର ଲୋକଙ୍କ ସହମତି କ୍ରମେ ୨୦୨୨ ଡିସେମ୍ବରରେ ଦିଲ୍ଲୀସ୍ଥିତ ଓଲମେକ ହସପିଟାଲର ଡାକ୍ତର ନରେନ୍ଦ୍ର କୌଶିକଙ୍କ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର କରାଇଥିଲେ ଅଜୟ। ସମସ୍ତ ପରୀକ୍ଷା ନିରୀକ୍ଷା ପରେ ବିଶେଷଜ୍ଞ ଡାକ୍ତରୀ ଟିମ୍‌ଙ୍କ ଦ୍ୱାରା ଅନେକ ପ୍ରକାର ସର୍ଜରୀ କରାଯିବା ସହ ପ୍ରାୟ ୬ଲକ୍ଷ ଟଙ୍କା ଖର୍ଚ୍ଚ ହେବା ପରେ ସେ ଅଜୟ ବାରିକରୁ ରିଙ୍କି ବାରିକର ପରିଚୟ ପାଇଥିଲେ। ସେବେଠାରୁ ସେ ବିଭିନ୍ନ ସଙ୍ଗଠନ ସହ ଜଡିତ ହୋଇ ନାରୀ ସଶକ୍ତୀକରଣ ଏବଂ ସମାଜରେ ଅବହେଳିତ, ନିଷ୍ପେସିତ ନାରୀମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ କାର୍ଯ୍ୟ କରୁଛନ୍ତି। ନିକଟରେ ଗାଁକୁ ଆସିବା ପରେ ଅଜୟ ଲିଙ୍ଗ ପରିବର୍ତ୍ତନ କରିଥିବା ସମ୍ପର୍କରେ ଜଣାପଡ଼ିଛି।

# ଯୋଗ୍ୟତା ଭିତ୍ତିରେ ସ୍ଥାନ ସଂରକ୍ଷଣ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୨୯।୮ (କାର୍ତ୍ତିକ ସାହୁ)**

**କୋଭିଡ୍ ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ମାମଲା**

କୋଭିଡ୍ ମହାମାରୀବେଳେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ନିଯୁକ୍ତି ପାଇଁ ଯୋଗ୍ୟତା ଭିତ୍ତିରେ ସ୍ଥାନ ସଂରକ୍ଷଣ କରି ପ୍ରକ୍ରିୟା ଜାରି ରଖିବାକୁ ହାଇକୋର୍ଟ ଗୁରୁବାର ଆଦେଶ ଦେଇଛନ୍ତି। ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ମାମଲାର ଶୁଣାଣି କରି ଆବେଦନକାରୀଙ୍କ ଲାଗି ରାଜ୍ୟ ସରକାର ଅଗ୍ରାଧିକାର ଦେବାକୁ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କୋଭିଡ୍ ସମୟରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଠିକା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ନିମନ୍ତେ ୨୦୨୦ ମାର୍ଚ୍ଚ ୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀମାନେ ନିଯୁକ୍ତି ପାଇବା ପରେ କୋଭିଡ୍ ଯୋଦ୍ଧା ଭାବେ କାର୍ଯ୍ୟ କରିଥିଲେ। ସେହି ବର୍ଷ ଡିସେମ୍ବର ପରେ କେତେଜଣ କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। କୋଭିଡ୍ ଭୟାବହତା ହ୍ରାସ ପାଇବା ପରେ ପର୍ଯ୍ୟାୟକ୍ରମେ ସମସ୍ତ ଠିକା କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ କୋଭିଡ୍‌ରେ କାର୍ଯ୍ୟ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କ ନିମନ୍ତେ ସୁପ୍ରିମ୍‌କୋର୍ଟ ନିଜଆଡ୍ରୁ ଏକ ରିଟ୍ ପିଟିଶନ ଫାଇଲ କରିଥିଲେ। କୋଭିଡ୍‌ରେ ୧୦୦ ଦିନ କାର୍ଯ୍ୟ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାର ଅଗ୍ରାଧିକାର ଦେଇ ନିଯୁକ୍ତି ଦେବାକୁ ଆଦେଶ ଦେଇଥିଲେ। ୨୦୨୧ ଏପ୍ରିଲ ୩୦ରେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ କେନ୍ଦ୍ର ସରକାର ସବୁ ରାଜ୍ୟ ସରକାରଙ୍କୁ ଚିଠି ଦ୍ୱାରା ଏ ବାବଦରେ ଅବଗତ କରାଇଥିଲେ। ମାତ୍ର ଓଡ଼ିଶା ସରକାର ଏପର୍ଯ୍ୟନ୍ତ କୋଭିଡ୍ ସମୟରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ପ୍ରଦାନ କରିନାହାନ୍ତି। ଅପରପକ୍ଷରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ଲାଗି ପରୀକ୍ଷାରେ ୫% ଅଧିକ ଗ୍ରେସ୍ ମାର୍କ ପ୍ରଦାନ କରାଯାଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ମାତ୍ର ସୁପ୍ରିମକୋର୍ଟଙ୍କ ଆଦେଶ ମୁତାବକ ରାଜ୍ୟ ସରକାର କୋଭିଡ୍‌ରେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ଗୁରୁତ୍ୱ ଦେଇନାହାନ୍ତି। ଫଳରେ କେତେଜଣ ବ୍ୟକ୍ତି ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରମାକାନ୍ତ ଷଡ଼ଙ୍ଗୀ ମାମଲା ପରିଚାଳନା କରୁଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## କ୍ରୀଡ଼ାବିତ୍‌ଙ୍କ ସଫଳତାରେ...
କ୍ରୀଡାବିତ୍‌ଙ୍କ ସଫଳତା ହେଉଛି ସାରା ଓଡ଼ିଶାର ସଫଳତା। ପ୍ରତ୍ୟେକ ଓଡ଼ିଆ ଏହି ସଫଳତାରେ ଗର୍ବିତ''। ଆମର କ୍ରୀଡାବିତ୍‌ମାନେ ଅନ୍ତର୍ଜାତୀୟ ସ୍ତରରେ ନିଜର ଦକ୍ଷତା ଏବଂ ପରାକାଷ୍ଠା ପ୍ରମାଣ କରିଚାଲିଛନ୍ତି। ୧୯୭୨ ମସିହା ପରେ ପ୍ରଥମ ଥର ପାଇଁ ଭାରତୀୟ ହକି ଦଳ ୨୦୨୦ ଓ ୨୦୨୪ ଅଲିମ୍ପିକ୍ସରେ କ୍ରମାଗତ ପଦକ ଜିତି ଇତିହାସ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସୁସ୍ଥ ଏବଂ ନିରାମୟ ଜୀବନ ଯାପନ କରିବା ପାଇଁ କ୍ରୀଡ଼ାକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରିବାକୁ ପ୍ରତିଜ୍ଞାବଦ୍ଧ ହେବାକୁ ସେ ଆହ୍ୱାନ ଦେଇଛନ୍ତି।

ହକି ଅଲିମ୍ପିଆନ ଲାଜରୁସ ବାର୍ଲାଙ୍କୁ ମୁଖ୍ୟମନ୍ତ୍ରୀ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ତାଙ୍କୁ ଟ୍ରଫି ଓ ମାନପତ୍ର ସହ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଆଥଲେଟ୍ ପୁରସ୍କାର ପାଇଥିଲେ ଜାଭେଲିନ୍ ଥ୍ରୋ ତାରକା କିଶୋର ଜେନା। ତାଙ୍କୁ ଟ୍ରଫି ଓ ମାନପତ୍ର ସହ ୩ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ ମୁଖ୍ୟମନ୍ତ୍ରୀ। ଶ୍ରେଷ୍ଠ କୋଚ୍ ବିଜୟ କୁମାର ଲାକ୍ରା, ଟେକ୍ନିକାଲ୍ ଅଫିସିଆଲ୍ ରୂପାନ୍ୱିତା ପଣ୍ଡା, ପାରା ସ୍ପୋର୍ଟ୍ସ ପାଇଁ ଦୃଷ୍ଟିବାଧିତ କ୍ରିକେଟର ଜାଫର ଇକ୍‌ବାଲ, ଇମର୍ଜିଂ ପ୍ଲେୟର ଭାରୋତ୍ତୋଳନ ପ୍ରତିଭା ପ୍ରୀତିସ୍ମିତା ଭୋଇ, ଶ୍ରେଷ୍ଠ କ୍ରୀଡ଼ା ଖବରଦାତା ସୁକେଶ ରଞ୍ଜନ ବେହେରା ପ୍ରମୁଖଙ୍କୁ ଟ୍ରଫି ଓ ମାନପତ୍ର ସହ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ନାଲ୍‌କୋକୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାରରେ ସମ୍ମାନିତ ହୋଇଥିବା କେନ୍ଦ୍ରାପଡା ଜିଲାର ଜୟନ୍ତୀ ମଲ୍ଲିକ ଓ ତାଙ୍କ ୧୨ ବର୍ଷର ପୁଅ ରୁଦ୍ର ମଲ୍ଲିକ ନିଜ ଜୀବନକୁ ବାଜି ଲଗାଇ ବ୍ରାହ୍ମଣୀ ନଦୀରେ ଭାସିଯାଉଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କର ଏହି ସାହସିକତା ପାଇଁ ୨ ଲକ୍ଷ ଟଙ୍କାର ଚେକ୍ ଓ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଓ ଯୁବସେବା, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇ କହିଥିଲେ, ହକିର ଯାଦୁଗର ଥିଲେ ମେଜର ଧ୍ୟାନଚାନ୍ଦ। କ୍ରୀଡ଼ା କ୍ଷେତ୍ର ପ୍ରତି ଆଗ୍ରହ ରଖିଥିବା ପ୍ରତିଭାମାନେ ଧ୍ୟାନଚାନ୍ଦଙ୍କୁ ନିଜର ଆଦର୍ଶ ଭାବେ ଗ୍ରହଣ କଲେ ନିଶ୍ଚିତ ରୂପେ ସଫଳତା ହାସଲ କରିବେ। ଅନ୍ୟତମ ଅତିଥିଭାବେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତିଶର୍ମା, କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ପର୍ଯ୍ୟନ୍ତ ବର୍ଷା...
ରାୟଗଡ଼ା, ଗଞ୍ଜାମ, କଳାହାଣ୍ଡି ଓ ନବରଙ୍ଗପୁର ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୧ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ରହିଛି। ଏହି ସମୟ ମଧ୍ୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଥିବାବେଳେ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ଜିଲାପାଳମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସେହିପରି ସହରାଞ୍ଚଳରେ ମଧ୍ୟ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି।

## ଗୌତମ ଆଦାନୀ...
ବଢ଼ିଥିବାବେଳେ ଆଦାନୀ ଏନର୍ଜି, ଆଦାନୀ ଗ୍ୟାସ୍, ଆଦାନୀ ଟ୍ରାନ୍ସମିଶନ ଏବଂ ଆଦାନୀ ପାୱାର ଶେୟାର ମୂଲ୍ୟ ହାରାହାରି ୭୬ ପ୍ରତିଶତ ବଢ଼ିଛି। ୧୦.୧୪ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହ ମୁକେଶ ଅମ୍ବାନୀ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ ଭାରତରେ ବିଲିୟନେୟାରମାନଙ୍କ ସଂଖ୍ୟା ୩୩୪କୁ ବୃଦ୍ଧି ପାଇଛି। ଭାରତରେ ବିଲିୟନେୟାରଙ୍କ ସଂଖ୍ୟା ୨୯% ବଢ଼ିଥିବାବେଳେ ଚାଇନାରେ ୨୫% ହ୍ରାସ ପାଇଛି। ଆଦାନୀ ଏବଂ ଅମ୍ବାନୀଙ୍କ ପରେ ଧନୀ ତାଲିକାର ତୃତୀୟ ସ୍ଥାନରେ ଏଚ୍‌ସିଏଲ୍ ଟେକ୍‌ନୋଲୋଜିର ଶିବ ନାଦର ଓ ତାଙ୍କ ପରିବାର ରହିଛନ୍ତି। ସେମାନଙ୍କ ସମ୍ପତ୍ତି ପରିମାଣ ୩.୧୪ ଲକ୍ଷ କୋଟି ଟଙ୍କା। ଚତୁର୍ଥ ଓ ପଞ୍ଚମ ସ୍ଥାନରେ ଯଥାକ୍ରମେ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସାଇରସ୍ ଏସ୍. ପୁନାୱାଲା ଏବଂ ସନ୍ ଫାର୍ମାସ୍ୟୁଟିକାଲ୍ ଇଣ୍ଡଷ୍ଟ୍ରିଜ୍‌ର ଦିଲୀପ ସାଙ୍ଗଭି ରହିଛନ୍ତି। ପୁନାୱାଲାଙ୍କ ସମ୍ପତ୍ତି ୨.୮୯ ଲକ୍ଷ କୋଟି ହୋଇଥିବାବେଳେ ସାଙ୍ଗଭିଙ୍କ ସମ୍ପତ୍ତି ପରିମାଣ ୨.୪୯ ଲକ୍ଷ କୋଟି ଟଙ୍କା।

## ଜମି ନାହିଁ, ପଟ୍ଟା ଧରି...
ପ୍ରକ୍ରିୟା ମାଧ୍ୟମରେ ପୂରଣ କରାଯାଉଛି। କ୍ଷମତାସମ୍ପନ୍ନ କମିଟି ସୁପାରିସ କ୍ରମେ ଖାଲି ପଡ଼ିଥିବା ୭୮୯ ରାଜସ୍ୱ ନିରୀକ୍ଷକ, ୧୩୮୫ ଏଆରଆଇ ଏବଂ ୧୧୬୯ ଅମିନ ପଦବୀ ପ୍ରତ୍ୟକ୍ଷ ଚୟନ ପ୍ରକ୍ରିୟା ମାଧ୍ୟମରେ ପୂରଣ କରିବା ପାଇଁ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନଙ୍କୁ ପରାମର୍ଶ ଦିଆଯାଇଛି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ଅତିରିକ୍ତ ପ୍ରଶ୍ନରେ କହିଲେ, ମନ୍ତ୍ରୀଙ୍କ ସବୁ କଥା ଗ୍ରହଣ କରିପାରୁଛି ହେଲେ ଗ୍ୟାରେଣ୍ଟି କଥା ଗ୍ରହଣ କରିପାରୁ ନାହିଁ। ଦୀର୍ଘ ୨୪ ବର୍ଷ ବିଜେଡି ଶାସନରେ ଆରଆଇ, ଅମିନ ପଦବୀ ପୂରଣ ହୋଇପାରିଲା ନାହିଁ। ପୁରୁଣା ଲୋକ ସବୁ ଗଲେଣି। ପଟ୍ଟା ବାଣ୍ଟିଲେ। ଜାଗା ଦେଖା ନାହିଁ। ଯେଉଁ ଅଫିସର ପଟ୍ଟା ବାଣ୍ଟିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି। ୨୦ ବର୍ଷ ହେଲା ବାପା ପଟ୍ଟା ଧରି ବୁଲୁଥିଲେ। ତା'ପରେ ପୁଅ ଧରି ବୁଲୁଥିଲେ। ଏବେ ନାତି ଧରି ବୁଲିବା ଆରମ୍ଭ କଲେଣି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ ଅତିରିକ୍ତ ପ୍ରଶ୍ନରେ କହିଲେ, ଗତ ସରକାର ଭୋଟ ପାଇଁ ପଟ୍ଟା ଦେବା ପୂର୍ବରୁ ଯୋଗ୍ୟତା ପତ୍ର ବାଣ୍ଟିଲେ। ଜମି ଦେଖାଇ ନାହାନ୍ତି। କେବେ ସୁଦ୍ଧା ସେହି ଲୋକଙ୍କୁ ପଟ୍ଟା ମିଳିବ। ମନ୍ତ୍ରୀ କହିଲେ ପଟ୍ଟା ଦିଆହୋଇଛି। ଜମି ଦିଆଯାଇ ନାହିଁ। ଏହା ଥିଲା କଂଗ୍ରେସର ଗ୍ୟାରେଣ୍ଟି। ଓଡ଼ିଶାରେ କଂଗ୍ରେସ ଓ ବିଜେଡି ଶାସନ କରୁଥିଲେ। ଏବେ ଭାଜପା ଶାସନକୁ ଆସିଛି। ଗରିବଙ୍କୁ ଜମି ପଟ୍ଟା ସହ ଜାଗା ମଧ୍ୟ ମିଳିବ। ବହୁ ଲୋକ ସରକାରୀ ଜମି ଜବରଦଖଲ କରି ରହିଛନ୍ତି। ବଡ଼ ବଡ଼ ଶିଳ୍ପ ସଂସ୍ଥା ଆବଶ୍ୟକତାଠାରୁ ଅଧିକ ଜମି ନେଇଛନ୍ତି। ସେ ସବୁର ତଦନ୍ତ ହେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସକାଳୁ ପାରିବାରିକ କଥାକୁ କେନ୍ଦ୍ରକରି ମନରେ ଅସ୍ଥିରତା ସୃଷ୍ଟିହେବ। କିନ୍ତୁ ସଭାସମିତି ଓ ସଂଗଠନ, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ପ୍ରଶାସନିକ କିମ୍ବା ରାଜନୈତିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ। ବ୍ୟବସାୟ, ମନୋରଞ୍ଜନ, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିଷ୍ଠା ଓ ସମ୍ମାନ ପାଇବେ।

**ବୃଷ** – କର୍ମକ୍ଷେତ୍ରରେ ସହକର୍ମୀଙ୍କ ଉପରେ ନିର୍ଭର କରି କାମକୁ ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ଦୀର୍ଘମିଆଦୀ ଯୋଜନା ସକାଶେ ପୁଞ୍ଜିଲଗାଣ ନିମନ୍ତେ ଅର୍ଥ ଆବଶ୍ୟକ ହୋଇପାରେ। ପାରିବାରିକ କ୍ଷେତ୍ରରେ ଚାପ ବୃଦ୍ଧି ପାଇବାରୁ ମାନସିକ ସୁସ୍ଥତା ରହିବ ନାହିଁ। ବ୍ୟବସାୟ, ପରିବହନ, କର୍ମାରମ୍ଭ, ଅର୍ଥ ସମ୍ପର୍କ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ** – କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମନକୁ ପାଇଲା ଭଳି କଥା କହି କାମ ହାସଲ କରିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ଲାଗି ବିବାଦରେ ବିଜୟୀ ହେବେ। ଦୀର୍ଘଦିନରୁ ରହିଆସିଥିବା ରୋଗପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି। ମୂଲ୍ୟବାନ ଜିନିଷ, ଘରୋଇ ଉପକରଣ, ନୂତନ ପୋଷାକ ପରିଚ୍ଛଦ ଆଜି କିଣିବା ସକାଶେ ମନ ବଳାଇପାରନ୍ତି।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ପଡ଼ୋଶୀ କିମ୍ବା ପରିବାର ଲୋକ ସହଯୋଗର ହାତ ବଢ଼ାଇବେ। ବ୍ୟବସାୟିକ ସ୍ଥିତି, ପରିବହନ, ଶେୟାର ବଜାର, ନିର୍ମାଣ, ଜମିଜମା ପ୍ରଭୃତିରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟ, ଶିକ୍ଷା, କଳା, ସାହିତ୍ୟ ଓ ସଭାସମିତିରେ ସମସ୍ୟା ସମାଧାନ ହେବ। ଆଜିର କାମଗୁଡିକୁ ଶେଷ କରିବାରେ ସଫଳତା ହାସଲ କରିପାରିବେ।

**ସିଂହ** – ସବୁ କାମ ସମସ୍ୟାବହୁଳ ହୋଇପଡୁଥିବାରୁ ମନରୁ ସରସତା ଉଭେଇଯିବ। ବିବାଦ, ମାଲିମକଦ୍ଦମା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। ପାଇବାର ହକ୍ ଥିଲେ ସୁଧା ଅନ୍ୟମାନଙ୍କ ଅବହେଳାରୁ ତାହା ନ ପାଇ ବ୍ୟସ୍ତତା ପ୍ରକାଶ କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**କନ୍ୟା** – ପ୍ରତ୍ୟେକ ସମସ୍ୟାମୂଳକ ପରିସ୍ଥିତିକୁ ସୁଧାରି ନେବେ କିନ୍ତୁ ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି। ବିତର୍କ ବୃଦ୍ଧି କାରଣରୁ ସଭାସମିତିରେ କିମ୍ବା ଆଲୋଚନା ପରିସରରେ ସ୍ଥିର ସିଦ୍ଧାନ୍ତରେ ପହଞ୍ଚି ହେବନାହିଁ। ଆର୍ଥିକ ସ୍ଥିତି ଭଲ ରହିବ। ହେଲେ ଖର୍ଚ୍ଚ ପରିମାଣ ବଢ଼ିଯିବ। ହୋଟେଲ, ଛୋଟ ଦୋକାନ ଓ ରେଷ୍ଟୁରାଣ୍ଟରୁ ଆଶାନୁରୂପ ଫଳ ମିଳିବ।

**ତୁଳା** – ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇ ପାରନ୍ତି। ଉଚ୍ଚ ପଦାଧିକାରୀଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ସଫଳତା ମିଳିବ। ପଡ଼ୋଶୀଙ୍କ ପରାମର୍ଶରେ ଘରର ପୂର୍ବ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ସଫଳ ହେବେ।

**ବିଛା** – ସତର୍କତା କିମ୍ବା ଅସାବଧାନତା କାରଣରୁ ଅକସ୍ମାତ୍ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ନିଜ ଚିନ୍ତାଧାରାର ଓଲଟା କାର୍ଯ୍ୟ ଦେଖି ପଡ଼ୋଶୀଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଯେଉଁ ଘଟଣା ସକାଶେ ଆଶଙ୍କା କରୁଛନ୍ତି ସେଥିରେ ଅସୁବିଧା ହେବ ନାହିଁ। ପ୍ରଶାସନ, ସଭାସମିତି କ୍ଷେତ୍ରରେ ଆଶାଜନକ ଫଳ ଲାଭ କରିବେ।

**ଧନୁ** – ଆଜି କେତେକ କ୍ଷେତ୍ରରେ ନିଜେ କିଛି ଭୁଲ୍ ନ କରି ମଧ୍ୟ ଦୋଷୀ ଭଳି ନୀରବ ରହିବାକୁ ବାଧ ହେବେ। କେତେକ ନୂତନ କାମର ଯୋଜନା ଓ ପରିକଳ୍ପନା କରି କାମକୁ ବଢାଇ ନେଇପାରନ୍ତି। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ। ସାହାଯ୍ୟ ସକାଶେ ଅନୁରୋଧ କରିଥିବା ବ୍ୟକ୍ତିଙ୍କ କାର୍ଯ୍ୟରେ ନିୟୋଜିତ ରହିବେ।

**ମକର** – କର୍ମକ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ବନ୍ଧୁ ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବା ସହ ଆର୍ଥିକ ଉନ୍ନତିରୁ ଖୁସି ରହିବେ।

**କୁମ୍ଭ** – ବନ୍ଧୁଙ୍କ ସାହାଯ୍ୟରେ ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧୁରି ଯିବାରୁ ସାମୟିକ ଅସ୍ଥିରତା ଦୂରହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଉପରେ ବୃଥା ସନ୍ଦେହ କରି ପାଇବାକୁଥିବା ସୁବିଧା ସୁଯୋଗକୁ ହରାଇପାରନ୍ତି। ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟତିକ୍ରମ ଭିତର ଦେଇ ରହିବ। ପିଲାଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ଓ ନିମ୍ନ ମାନର ଶିକ୍ଷାକୁ ନେଇ ଚିନ୍ତିତ ରହିପାରନ୍ତି ।

**ମୀନ** – ଘର ଭିତରେ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସୂଚନା ମଧ୍ୟ ରହିଛି। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି। ଋଣ ପରିଶୋଧ ସକାଶେ ପ୍ରବଳ ଚାପର ସମ୍ମୁଖୀନ ହେବାକୁ ପଡ଼ିବ। ପରିଜନଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସୁଧାରିବାରେ ସଫଳତା ହାସଲ କରିବେ।

ଆଜି ଅଗଷ୍ଟ ୩୦ ତାରିଖ, ଲଘୁ ଉଦ୍ୟୋଗ ଦିବସ, ଭାଦ୍ରବ କୃଷ୍ଣ ଦ୍ୱାଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ପ୍ରଲମ୍ବାସୁର ବଧ ବେଶ, ବୈଷ୍ଣବ ସମ୍ମତ ପକ୍ଷବର୍ଦ୍ଧିନୀ ଏକାଦଶୀ ଉପବାସ, ରାଶିନକ୍ଷତ୍ର–ପୁନର୍ବସୁ/ମିଥୁନ, ଦିବା ଘ.୧୧.୩୪ମି. ଗତେ କର୍କଟଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୩୪ମି. ଗତେ ଘ.୦୬.୨୪ମି. ମଧ୍ୟେ, ଘ.୦୭.୧୩ମି. ଗତେ ଘ.୦୮.୪୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୧୩ମି. ଗତେ ଘ.୧୧.୪୭ମି. ମଧ୍ୟେ ରାହୁ କାଳ।



अबुआ स्वास्थ्य सुरक्षा योजना
झारखण्ड मुख्यमंत्री मंईयां सम्मान योजना
गुरुजी स्टूडेंट क्रेडिट कार्ड
मनरेगा
जाति, आय, जन्म, मृत्यु, दिव्यांगता प्रमाण पत्र
मुख्यमंत्री रोजगार सृजन योजना
बिरसा सिंचाई कूप संवर्द्धन योजना
अबुआ आवास योजना
सामुदायिक और व्यक्तिगत वन पट्टा से जुड़े मामले
सर्वजन पेंशन योजना
बिरसा हरित ग्राम योजना
राजस्व से जुड़े मामले, जैसे म्युटेशन, मापी, लगान रसीद, आदि
धोती-साड़ी-लुंगी वितरण
कंबल वितरण
केसीसी
मुख्यमंत्री पशुधन योजना
सावित्रीबाई फुले किशोरी समृद्धि योजना
आयुष्मान कार्ड
राशन एवं आधार कार्ड में संशोधन
झारखण्ड सरकार
GOVERNMENT OF JHARKHAND
30 अगस्त - 15 सितम्बर
आपकी योजना आपकी सरकार आपके द्वार
पंचायत - 4,351 | नगर निकाय - 50
वर्ष 2021 के आंकड़े
कुल शिविर 6,867
कुल प्राप्त आवेदन 35.95 लाख
वर्ष 2022 के आंकड़े
कुल शिविर 5,696
कुल प्राप्त आवेदन 55.44 लाख
दोनों वर्षों में लगभग सभी प्राप्त आवेदनों का निष्पादन किया गया
हेमन्त सोरेन
मुख्यमंत्री, झारखण्ड
देने आपको अधिकार...
फिर से आ रही हेमन्त सरकार आपके द्वार
अधिक जानकारी के लिए :- https://sarkaraapkedwar.jharkhand.gov.in/
सूचना एवं जनसंपर्क विभाग, झारखण्ड सरकार
PR-334130 (IPRD) 2024-25

> ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ

# ବାଂଲାଦେଶ ସ୍ଥିରତା ପ୍ରତି ବିପଦ



କୌଶିକ ବସୁ

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଏତେ ଶୀଘ୍ର କ୍ଷମତାଚ୍ୟୁତ ହେବେ ବୋଲି କେହି ପ୍ରାୟତଃ ଆଶାକରି ନ ଥିଲେ। ଜୁଲାଇ ପ୍ରାରମ୍ଭରେ ଛାତ୍ରମାନେ ଚାକିରିରେ ସଂରକ୍ଷଣ ବିଷୟକୁ ନେଇ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇଥିଲେ। ୧୯୭୧ ମୁକ୍ତିଯୁଦ୍ଧର ସଂଗ୍ରାମୀଙ୍କ ଦାୟାଦଙ୍କ ପାଇଁ ସିଭିଲ ସର୍ଭିସ୍ ପଦବୀରେ ୩୦% ସଂରକ୍ଷଣର ପ୍ରତିବାଦ ସ୍ୱରୂପ ଏହି ଛାତ୍ର ଆନ୍ଦୋଳନ ଦେଖାଯାଇଥିଲା। ଧୀରେ ଧୀରେ ସ୍ଥିତି ଅଶାନ୍ତ ହୋଇପଡ଼ିଲା ଏବଂ ଏହାକୁ ଦମନ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଗଲା। ଏପରିକି ଗୁଳି କରିବାକୁ କୁହାଗଲା। ୫ ଅଗଷ୍ଟ ସୁଦ୍ଧା ପାଖାପାଖି ୩୦୦ ଲୋକଙ୍କର ମୃତ୍ୟୁ ଘଟିଲା। ଏହାପରେ ସେନାର ଅତ୍ୟଧିକ ଚାପର ସମ୍ମୁଖୀନ ହୋଇ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫାଦେଇ ଦେଶ ଛାଡ଼ି ପଳାଇଗଲେ।

ବୃଦ୍ଧି ପାଉଥିବା ଆର୍ଥିକ ଜଟିଳତା, ବଢୁଥିବା ବେରୋଜଗାର ଏବଂ ଉପରମୁହାଁ ମୁଦ୍ରାସ୍ଫୀତି ଦେଇ ଦେଶ ଗତି କରୁଥିବା ସମୟରେ ବିବାଦୀୟ ଚାକିରି ସଂରକ୍ଷଣ ବ୍ୟବସ୍ଥାର ଅସନ୍ତୋଷକୁ ଏହି ଆନ୍ଦୋଳନର ଏକ ବଡ଼ କାରଣ ଭାବେ ଦେଖାଯାଏ। କିନ୍ତୁ ଏହି ଆନ୍ଦୋଳନ କେବଳ ଗୋଟିଏ କାମରୁ ଆରମ୍ଭ ହୋଇଥିଲା। ସବୁଠୁ ଗମ୍ଭୀର ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଥିଲା ହାସିନାଙ୍କ ଅଧିକ ଏକଚ୍ଛତ୍ରବାଦ ମନୋଭାବ। ଏହା ବାଂଲାଦେଶର ରାଜନୈତିକ ଦୃଶ୍ୟପଟକୁ ଏପାଖସେପାଖ କରିଦେବା ସହ ଅସନ୍ତୋଷ ତଥା ଅସହମତିର କାରଣ ପାଲଟିଥିଲା। ଗତବର୍ଷ ବାଂଲାଦେଶ ଗସ୍ତ ସମୟରେ ମୁଁ ଏହା ଅନୁଭବ କରିଥିଲି। ହାସିନାଙ୍କ ଆୱାମୀ ଲିଗ୍‌ର ଅନେକ ସମର୍ଥକଙ୍କ ସମେତ ଅନ୍ୟ ଲୋକଙ୍କ ସହ କଥା ହୋଇଥିଲି ଏବଂ ହାସିନାଙ୍କର ଅଧିକ ଏକଚ୍ଛତ୍ରବାଦ, ଅସହିଷ୍ଣୁତାର ଅସନ୍ତୋଷ ଏବଂ ଗଣମାଧ୍ୟମକୁ ଧମକଦେବା ଆଦି ବିଷୟକୁ ନେଇ ସେମାନେ ଚିନ୍ତାପ୍ରକଟ କରିଥିଲେ। ଯଦିଓ ସ୍ୱର ନରମ ଥିଲା ,ତଥାପି ବାଂଲାଦେଶର ମୂଳନୀତି ଗଣତନ୍ତ୍ର ଓ ଧର୍ମନିରପେକ୍ଷବାଦର ପତନକୁ ନେଇ ସେମାନେ ଦୁଃଖ ପ୍ରକାଶ କଲେ। ଉଲ୍ଲେଖନୀୟ ଯେ, ହାସିନାଙ୍କ ପିତା ଶେଖ୍ ମୁଜିବୁର ରେହମାନଙ୍କ ନେତୃତ୍ୱରେ ଆୱାମୀ ଲିଗ୍ ପାର୍ଟି ବାଂଲାଦେଶ ସ୍ୱାଧୀନତା ଲଢ଼େଇରେ ପ୍ରମୁଖ ଭୂମିକା ନେଇଥିଲା।

ଦୁଃଖଦ ବିଷୟ ହେଉଛି, ଏହି ବାଟରେ ଏହା ହେବାର ନ ଥିଲା। ହାସିନା ଜଣେ ସାହସୀ ଓ ଧର୍ମନିରପେକ୍ଷ ନେତା। ଆର୍ଥିକ ଓ ସାମାଜିକ ପ୍ରଗତିରେ ଧର୍ମୀୟ ମୌଳବାଦ ବାଧକ ସାଜିବାର ସମ୍ଭାବନାକୁ ଲକ୍ଷ୍ୟକରି ତା'ଠାରୁ ବାଂଲାଦେଶକୁ



ସେ ଦୂରେଇ ରଖିଥିଲେ। ସେହି ସମୟରେ ସେ ଦେଶର ଉଲ୍ଲେଖନୀୟ ଅଭିବୃଦ୍ଧି ପାଇଁ ମାର୍ଗଦର୍ଶନ କରିଥିଲେ। ୨୦୧୯ରେ ବାଂଲାଦେଶର ମୁଣ୍ଡ ପିଛା ଘରୋଇ ଉତ୍ପାଦ ଭାରତକୁ ଟପିଯାଇଥିଲା। ଏହା ଏପରି ଏକ ସଫଳତା ୫ କିମ୍ବା ୧୦ବର୍ଷ ପୂର୍ବେ ଅସମ୍ଭବ ଲାଗୁଥିଲା। ଏହା ନିଶ୍ଚିତ ଯେ, ଭାରତର ୨୦୧୬ ବିମୁଦ୍ରୀକରଣ ନୀତି ଏହି ସଫଳତାର ଏକ ଆଂଶିକ କାରଣ। କଳା ଟଙ୍କା ଓ ଦୁର୍ନୀତି ରୋକିବା ପାଇଁ ବିମୁଦ୍ରୀକରଣ କରାଯାଇଥିଲା, କିନ୍ତୁ ତାହା ବିଫଳ ହେଲା। ଏହା ଯୋଗୁ ପରବର୍ତ୍ତୀ ୫ ବର୍ଷରେ ଭାରତର ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧିରେ କ୍ରମାଗତ ହ୍ରାସ ଘଟିଥିଲା। ହେଲେ ବାଂଲାଦେଶର ମଜଭୁତ ରପ୍ତାନି ବ୍ୟବସ୍ଥା ଓ ବିକାଶ ତାହାର ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ନେଇଥିଲା।

ନେତୃତ୍ୱ ଅଭାବ ଯୋଗୁ ଦେଖାଦେଇଥିବା ଏହି ଅପ୍ରତ୍ୟାଶିତ ବିଦ୍ରୋହ ବାଂଲାଦେଶର ସ୍ଥିରତାରେ ବିପଦ ଆଣିପାରେ। ଇତିହାସରୁ ବହୁବାର ଦର୍ଶାଇଛି ଯେ, ଯେତେ ଯୁକ୍ତିଯୁକ୍ତ ହୋଇଥାଉ ନା କାହିଁକି ଏକ ବିଦ୍ରୋହ ପରେ ଦେଶଗୁଡ଼ିକ ପ୍ରାୟତଃ ଅପ୍ରତ୍ୟାଶିତ ମୋଡ଼ ନେଇଥାନ୍ତି। ଏହା ନିଃସନ୍ଦେହ ଯେ, ବାଂଲାଦେଶରେ ବିଦ୍ରୋହୀ ଚରମପନ୍ଥୀ ଗୋଷ୍ଠୀ କ୍ଷମତା ଦଖଲ କରିବାକୁ ଚେଷ୍ଟା କରିବେ। ଯଦି ତାହା ଘଟେ, ତେବେ ଏହା ବାଂଲାଦେଶର ସଫଳ ଧାରାକୁ ଶେଷ କରିଦେଇପାରେ। ତଥାପି ଏହି ସ୍ଥିତିରେ କିଛି ଆଶାର ଆଧାର ରହିଛି। କାରଣ ଆନ୍ଦୋଳନର ନେତୃତ୍ୱ ନେଇଥିବା ଛାତ୍ରମାନେ ଏବଂ ଦେଶର ସେନା ପଦାଧିକାରୀମାନେ ଦାୟିତ୍ୱର ସହ କାମ କରିଛନ୍ତି। ସେମାନେ ନିଜେ କ୍ଷମତା ଦଖଲ କରିବା ପରିବର୍ତ୍ତେ ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତିକାଳୀନ ସରକାର ଗଠନ କରିଛନ୍ତି। ଏଭଳି ଏକ ସରକାର କେତେ ସମୟ କାର୍ଯ୍ୟ କରିବ ସେ ସମ୍ପର୍କରେ ବାଂଲାଦେଶ ସମ୍ବିଧାନ କୌଣସି ସ୍ପଷ୍ଟ ମାର୍ଗ ସୂଚିତ କରିନାହିଁ। ତେବେ କେତେକେ ନିର୍ବାଚନଗୁଡ଼ିକୁ ତ୍ୱରିତ କରିବା ପାଇଁ ଦାବି କରିଛନ୍ତି। କିନ୍ତୁ ମୁଁ ଭାବୁଛି , ସେସବୁକୁ ଅନ୍ତତଃପକ୍ଷେ ଆସନ୍ତା ଗ୍ରୀଷ୍ମରେ କରାଯିବା ଉଚିତ। ଏକ ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥ ବ୍ୟବସ୍ଥା ସ୍ଥିରହେବା ଦରକାର ଏବଂ ରାଜନୈତିକ ସଂସ୍ଥାଗୁଡ଼ିକର ପୁନଃ ନିର୍ମାଣ କରାଯିବା ଆବଶ୍ୟକ।

ବିଶ୍ୱରେ ଆଖିଦୃଶିଆ ଆର୍ଥିକ ସଫଳତା ହାସଲ କରିଥିବା ସତ୍ତ୍ୱେ ବାଂଲାଦେଶ କିଛି ବର୍ଷ ହେଲା ସଂଘର୍ଷ କରିଆସୁଛି। ଦେଶର ଦୁଇଟି ବୃହତ୍ ଆର୍ଥିକ ଆହ୍ୱାନ ସାମ୍ନାକୁ ଆସିଛି। ଗୋଟିଏ ହେଉଛି ଅଧିକ ଯୁବକ ବେରୋଜଗାର ଓ ଉଚ୍ଚ ମୁଦ୍ରାସ୍ଫୀତି ହାର। ଏଗୁଡ଼ିକୁ ସପ୍ତାହ କେଇଟାରେ ସମାଧାନ କରାଯାଇପାରିବ ନାହିଁ। ବିଗତ କିଛି ବର୍ଷ ମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତା ସମ୍ପୂର୍ଣ୍ଣ ଭାବେ କ୍ଷୁଣ୍ଣ ହୋଇଛି ଏବଂ ଏହାକୁ ପୁନଃ ସ୍ଥାପିତ କରାଯିବା ଦରକାର। ଏହା ସହ ସରକାର ନିଯୁକ୍ତି ବୃଦ୍ଧି ପାଇଁ ଅନେକ ବିତ୍ତୀୟ ସଂଶୋଧନ କରିବା ଆବଶ୍ୟକ।

ରାଜନୈତିକ ପରିପ୍ରେକ୍ଷୀରେ, ମଧ୍ୟବର୍ତ୍ତିକାଳୀନ ସରକାରଙ୍କୁ ପକ୍ଷପାତହୀନ ଦୃଷ୍ଟିକୋଣ ଗ୍ରହଣ କରିବାକୁ ହେବ। କେତେକ ଦଳ ଆୱାମୀ ଲିଗ୍ ଓ ତାହାର ଅନୁବନ୍ଧିତ ଗୋଷ୍ଠୀଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଇବାକୁ ଚେଷ୍ଟା କରିପାରନ୍ତି। ଏହା ଏକ ଭୁଲ୍ ପଦକ୍ଷେପ ହେବ। ବ୍ୟକ୍ତିଗତ ଭାବେ ଯେଉଁମାନେ ଅପରାଧ କରିଛନ୍ତି ସେମାନଙ୍କୁ ନିର୍ବାଚନରେ ଲଢ଼ିବାକୁ ଅନୁମତି ଦେବା ଉଚିତ ନୁହେଁ। ତେବେ ଗୋଟିଏ ଦଳ ଭାବେ ଆୱାମୀ ଲିଗ୍ ଏକ ପ୍ରଗତିଶୀଳ ଶକ୍ତି ରୂପେ ପ୍ରମୁଖ ଭୂମିକା ନେଇଛି ଓ ଉଗ୍ରବାଦକୁ ପ୍ରତିରୋଧ କରିଛି। ଏହାର ଅନେକ ସଦସ୍ୟ କିଛି ବର୍ଷ ହେଲା ହାସିନାଙ୍କ ଏକଚ୍ଛତ୍ରବାଦ ଆଭିମୁଖ୍ୟର ବିରୋଧରେ ଥିଲେ ବି ସ୍ୱର ଉତ୍ତୋଳନକରି କୌଣସି ପଦକ୍ଷେପ ନେବାକୁ ଭୟ କରିଥିଲେ।

ବିଶ୍ୱ ବ୍ୟାଙ୍କରେ ୧ ମେ ୨୦୨୩ରେ ହାସିନାଙ୍କ ସହ ମୋର ଶେଷ ସାକ୍ଷାତ ହୋଇଥିଲା। ସେତେବେଳର ବିଶ୍ୱବ୍ୟାଙ୍କର ଅଧ୍ୟକ୍ଷ ଡାଭିଡ୍ ମାଲପାସ୍ ବ୍ୟାଙ୍କ ଓ ବାଂଲାଦେଶ ମଧ୍ୟରେ ୫୦ ବର୍ଷର ସହଭାଗିତା ପାଳନ କରିବା ସକାଶେ ହାସିନାଙ୍କୁ ଆମନ୍ତ୍ରଣ କରିଥିଲେ। ମୁଁ ୱାଶିଂଟନସ୍ଥିତ ବ୍ୟାଙ୍କର ମୁଖ୍ୟ ବିଲ୍ଡିଂକୁ ଯିବାବେଳେ ହାସିନାଙ୍କୁ ବିରୋଧ କରିବାକୁ ବାହାରେ ଏକାଠି ହୋଇଥିବା ବାଂଲାଦେଶ ଲୋକଙ୍କ ଏକ ଭିଡ଼ ଦେଇ ଯାଇଥିଲା। ଏହି ସଭାରେ ହାସିନାଙ୍କୁ ଏକ ଛୋଟ କର୍ମଚାରୀ ଗୋଷ୍ଠୀ ଓ ପରାମର୍ଶଦାତା ଘେରି ରହିଥିଲେ ଏବଂ ସେ ଯାହା କହିଥିଲେ ସେଥିରେ ସେମାନେ ସହମତ ହୋଇଥିଲେ। ସେମାନେ ପ୍ରକୃତରେ ହାସିନାଙ୍କ ସହ ସହମତ ହୋଇଥିଲେ ନା ଅସହମତ ହେବା ଅତି କଠିନ ଥିଲା?

**ପୂର୍ବତନ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ ତଥା ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା**

## ଏଇ ଭାରତରେ

ଦିଲ୍ଲୀ ପୋଲିସ କନଷ୍ଟେବଲ ଅମିତ ଲାଥିଆ ଅସହାୟ ଶିଶୁଙ୍କ ସାହାରା ପାଲଟିଛନ୍ତି। ସେମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରି ଆତ୍ମନିର୍ଭରଶୀଳ କରିବାରେ ସକ୍ଷମ ହୋଇଛନ୍ତି। ୨୦୧୦ରେ ଅମିତ କନଷ୍ଟେବଲ ଚାକିରି ପାଇଥିଲେ। ପରେ ସେ ୨୦୧୨ରେ ୧୦ ଜଣ ଗରିବ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ ; ଯେଉଁମାନଙ୍କ ପିତା ରିକ୍ସାଚାଳକ କିମ୍ବା ଦିନ ମଜୁରିଆ ଭାବେ କାମ କରୁଥିଲେ। ପରେ ଏହି ଧାରା ସେ ଜାରି ରଖିଛନ୍ତି। ପ୍ରତିବର୍ଷ ଏଭଳି ୩୦ ଗରିବ ଶ୍ରେଣୀର ପିଲାଙ୍କୁ ସେ ଚୟନ କରି ପଢ଼ାଇବା ବ୍ୟବସ୍ଥା କରୁଛନ୍ତି। ଆର୍ଥିକ ସମସ୍ୟା ଥିବାରୁ ସେ ଅଧିକ ପିଲା ପଢ଼ାଇପାରୁ ନାହାନ୍ତି। ଏଥିପାଇଁ ସେ ସୋନିପଥ, ହରିୟାଣାରେ ୪ଟି ଫ୍ଲାଟର ପାଖାପାଖି ୧୪୦୦ ବର୍ଗଫୁଟ ଭଡ଼ାରେ ନେଇ ସେଠାରେ ପିଲାଙ୍କୁ ପଢ଼ାଉଛନ୍ତି। ଏଠାରେ ଚେୟାର, ଟେବୁଲ, ବେଡ୍ ରହିଛି। ଲାଇବ୍ରେରି ମଧ୍ୟ ଅଛି। ପିଲାମାନେ ସେଠାରେ ରହୁଛନ୍ତି ଓ ପଢୁଛନ୍ତି । ପିଲାଙ୍କୁ ପଢ଼ାଇବାରେ ଅମିତଙ୍କ ସାଥୀ କର୍ମଚାରୀମାନେ ସହଯୋଗ କରୁଛନ୍ତି। ଏହି କାର୍ଯ୍ୟରେ ଅମିତଙ୍କ ପୂରା ଦରମା ଖର୍ଚ୍ଚ କରୁଛନ୍ତି। ତାଙ୍କ ସ୍ତ୍ରୀ ଜଣେ ଗଣିତ ଅଧ୍ୟାପିକା ହୋଇଥିବାରୁ ତାଙ୍କ ଦରମାରେ ଘର ଚଳୁଛି ଓ ବହୁ ସମୟରେ ସେ ପିଲାଙ୍କୁ ପଢ଼ାଉଛନ୍ତି। ୧୨ ବର୍ଷ ମଧ୍ୟରେ ୩୫୦ ପିଲା ସରକାରୀ ଚାକିରି ପାଇସାରିଲେଣି। ଅମିତ ପିଲାଦିନେ ବହୁ କଷ୍ଟରେ ଚା' ଦୋକାନ କରି ଟଙ୍କା ଯୋଗାଡ଼ କରିବା ପରେ କୋଚିଂ ନେଇ କନଷ୍ଟେବଲ ହୋଇଥିବାରୁ ଗରିବ ପିଲାମାନଙ୍କୁ ପଢ଼ାଇ ମଣିଷ କରିବା ଲାଗି ନିଷ୍ପତ୍ତି ନେଇଥିଲେ।

## ଚିରନ୍ତନୀ

ଥରାଇ ଧୀରେ ଧୀରେ କୁସୁମ ବନ
ପବନ ଉଲୁସାଏ ପରାଣ ମନ
ସରସୀ ନୀଳ ନୀରେ ସରୋଜ ଢଳେ ଧୀରେ
ଚଳଇ ହଂସ କରି ମଧୁର ସ୍ୱନ
ପବନ ଉଲୁସାଏ ପରାଣ ମନ। -(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | | | 3 | | 6 | 2 | |
| | | | | 1 | 5 | | | |
| | | | | | | 3 | | |
| | 6 | | 8 | | | 1 | 3 | |
| 2 | | | | | | | 5 | |
| | | | | | | | 4 | 2 |
| 5 | | | | 7 | 3 | | | |
| | 3 | | | 8 | | 2 | 1 | |
| 9 | | 6 | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 9 | 6 | 8 | 3 | 5 | 2 | 1 |
| 1 | 3 | 8 | 4 | 5 | 2 | 7 | 9 | 6 |
| 5 | 2 | 6 | 9 | 1 | 7 | 4 | 3 | 8 |
| 3 | 6 | 4 | 5 | 2 | 9 | 1 | 8 | 7 |
| 2 | 8 | 5 | 7 | 4 | 1 | 3 | 6 | 9 |
| 7 | 9 | 1 | 3 | 6 | 8 | 2 | 4 | 5 |
| 6 | 4 | 7 | 2 | 9 | 5 | 8 | 1 | 3 |
| 8 | 5 | 2 | 1 | 3 | 6 | 9 | 7 | 4 |
| 9 | 1 | 3 | 8 | 7 | 4 | 6 | 5 | 2 |

ଗତକାଲିର ଉତ୍ତର

# ଭାରତର ଜଳବାୟୁ ଅନୁଚିନ୍ତା-୨୦୩୦



ଡ.ବିଜୟ କେତନ ପଟ୍ଟନାୟକ

ଗତ ଲୋକ ସଭା ନିର୍ବାଚନ ସମୟରେ ଉଭୟ ଭାରତୀୟ ଜନତା ପାର୍ଟି ଶକ୍ତି ଉତ୍ପାଦନ ନିମନ୍ତେ ଜୀବାଶ୍ମ ଇନ୍ଧନରୁ ସ୍ୱଚ୍ଛ ବା ନବୀକରଣୀୟ ଇନ୍ଧନ ଉତ୍ସକୁ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଇଥିଲା। କଂଗ୍ରେସ ମଧ୍ୟ ନୂତନ ଭାବେ ସବୁଜ ପୁଞ୍ଜି ବିନିଯୋଗ କରି ନବୀକରଣୀୟ ଶକ୍ତି ଉତ୍ପାଦନ ଓ ସବୁଜ କର୍ମଯୋଗାଣ ପାଇଁ ପ୍ରସ୍ତାବ ଦେଇଥିଲା। ବିକାଶ ନିମନ୍ତେ ଶକ୍ତିର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ। ହେଲେ ଜୀବାଶ୍ମ ଇନ୍ଧନ ବ୍ୟବହାର କରି କରାଯାଉଥିବା ଶକ୍ତି ଉତ୍ପାଦନ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ଉତ୍ସର୍ଜନ ବୃଦ୍ଧିର କାରକ। ଅଙ୍ଗାରକାମ୍ଳ ବାଷ୍ପ ହିଁ ବାୟୁମଣ୍ଡଳରେ ଥିବା ସବୁଜ ଗୃହ ବାଷ୍ପର ମୁଖ୍ୟାଂଶ। ତାପଜ ବିଦ୍ୟୁତ୍ କେନ୍ଦ୍ର, ପରିବହନ କ୍ଷେତ୍ର, ଶିଳ୍ପାୟନ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ କାରବାରରୁ ନିର୍ଗମନ ହେଉଥିବା ଅଙ୍ଗାରକାମ୍ଳ ବାଷ୍ପହିଁ ମୁଖ୍ୟ ପ୍ରଦୂଷକ। ପ୍ରକାରାନ୍ତରେ ବିଶ୍ୱ ତାପନର କାରକ "ବାୟୁ ପ୍ରଦୂଷଣ ହ୍ରାସ କରିବାକୁ ହେଲେ ବିକାଶମୂଳକ ପରିଯୋଜନାରେ ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ କରି ସ୍ୱଚ୍ଛ, ଅଣ ପାରମ୍ପରିକ ତଥା ନବୀକରଣୀୟ ଇନ୍ଧନ ବ୍ୟବହାର କରିବା ଏକ ପ୍ରାଥମିକ ଆବଶ୍ୟକତା।

୨୦୨୧ରେ ସ୍କଟ୍‌ଲାଣ୍ଡର ଗ୍ଲାସଗୋଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଜଳବାୟୁ ସମ୍ମିଳନୀ (କୋପ୍ ୨୬)ରେ ଭାରତ ତରଫରୁ 'ପଞ୍ଚାମୃତ' କାର୍ଯ୍ୟ ଖସଡାରେ ଅଙ୍ଗାରକାମ୍ଳ ପ୍ରଦୂଷଣ ହ୍ରାସ କରିବା ଉଦ୍ଦେଶ୍ୟରେ ପାଞ୍ଚଗୋଟି ପ୍ରତିଶ୍ରୁତି ଦିଆଯାଇଥିଲା।

(୧) ୨୦୩୦ ମସିହା ସୁଦ୍ଧା ଦେଶର ଅଣ ଜୀବାଶ୍ମ ଇନ୍ଧନ ବା ଅଣ ପାରମ୍ପରିକ ଶକ୍ତି ଉତ୍ପାଦନ କ୍ଷମତା ୫୦୦ ଜିଗାୱାଟ (୧ଜିଗାୱାଟ=୧୦୦୦ ମେଗାୱାଟ, ୧ ମେଗାୱାଟ=୧୦୦୦ କିଲୋୱାଟ) ସ୍ତରରେ ପହଞ୍ଚାଇବା। (୨) ଭାରତର ଶକ୍ତି ଆବଶ୍ୟକତାର ୫୦ ପ୍ରତିଶତ ନବୀକରଣୀୟ ଶକ୍ତିରୁ ହାସଲ କରିବା। (୩) ଦେଶର ଅର୍ଥନୀତିରେ ୨୦୩୦ ସୁଦ୍ଧା ଅଙ୍ଗାରକାମ୍ଳ ଉତ୍ସର୍ଜନର ପ୍ରଭାବ ୪୫ ପ୍ରତିଶତ ହ୍ରାସ। (୪) ଦେଶର ସାମଗ୍ରିକ ଅଙ୍ଗାରକାମ୍ଳ ଉତ୍ସର୍ଜନର ପରିମାଣ ୧ ବିଲିୟନ ଟନ୍ ହ୍ରାସ କରିବା।(୫) ଉପରୋକ୍ତ ପଦ୍ଧତିମାନ ଆପଣେଇ ୨୦୭୦ ସୁଦ୍ଧା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ସ୍ଥିତିରେ ପହଞ୍ଚାଇବା।

ଦେଶର ବିକାଶରେ ଶକ୍ତି ବ୍ୟବହାର ଚାହିଦାକୁ ଲକ୍ଷ୍ୟ ରଖି ଉପରୋକ୍ତ ଅନୁଚିନ୍ତାକୁ ୨୦୩୦ ସୁଦ୍ଧା ପୂରଣ କରିବା ନିମନ୍ତେ ଭାରତ ସରକାରଙ୍କର ନବ୍ୟ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ସଂଯୋଜକ ରୂପେ କାର୍ଯ୍ୟ କରୁଛି। ଅଣପାରମ୍ପରିକ ଶକ୍ତି ଉତ୍ପାଦନ କ୍ଷମତା ମୋଟ ଶକ୍ତି ଚାହିଦାର ୫୦ ପ୍ରତିଶତରେ ପହଞ୍ଚାଇବା ପ୍ରଚେଷ୍ଟାରେ, ବିଗତ ୮ ବର୍ଷରେ ଦେଶର ସୌରଶକ୍ତି ଉତ୍ପାଦନ କ୍ଷମତା ୧୨ ଗୁଣା ବଢ଼ି ପାରିଛି। ୨୦୧୫ ପ୍ୟାରିସ ଆନ୍ତର୍ଜାତିକ ସମ୍ମିଳନୀ (କୋପ ୨୧)ରେ ଭାରତ ଅଣପାରମ୍ପରିକ ଶକ୍ତି ଉତ୍ପାଦନରେ ଜୀବାଶ୍ମ ଇନ୍ଧନରୁ ଉତ୍ପନ୍ନ ଶକ୍ତିର ୪୦ ପ୍ରତିଶତ ହାସଲ କରିବାର ଲକ୍ଷ୍ୟ ରଖିଥିଲା। ଏହାପରେ ଭାରତ ଓ ଫ୍ରାନ୍ସର ମିଳିତ ଉଦ୍ୟମରେ ଏକ ଆନ୍ତର୍ଜାତିକ ସୌର ସଂଗୋଷ୍ଠୀ ଗଠନ କରାଯାଇଥିଲା। ବିଷୁବକ୍ରାନ୍ତି ଓ କର୍କଟକ୍ରାନ୍ତି ମଧ୍ୟରେ ଥିବା ଦେଶଗୁଡିକରେ ବର୍ଷକୁ ଅତିକମ୍‌ରେ ୨୦୦ରୁ ଅଧିକ ଦିନ ସୂର୍ଯ୍ୟକିରଣ ପ୍ରାପ୍ତ ହୋଇଥାଏ।



ଏହି ଦେଶଗୁଡିକ ଅଧିକରୁ ଅଧିକ ସୌରଶକ୍ତି ଉତ୍ପାଦନ କରିପାରିବେ, ଯାହା ସ୍ୱଚ୍ଛ ନବୀକରଣୀୟ ଓ ଅଣପାରମ୍ପରିକ ଶକ୍ତିର ପ୍ରମୁଖ ଅଂଶ ହେବ। ଭାରତ ସୂର୍ଯ୍ୟ ଘର ଆଦି ଯୋଜନା ଜରିଆରେ ଅଧିକରୁ ଅଧିକ ସୌରଶକ୍ତି ଉତ୍ପାଦନ କରିବାର ପ୍ରଚେଷ୍ଟା ଜାରି ରଖିଛି। ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ଭାରତର ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ୧୯୦.୭ ଗିଗାୱାଟରେ ପହଞ୍ଚିଛି। ଏହା ୨୦୨୩-୨୪ରେ ଦେଶର ସବୁ ସୂତ୍ରରୁ ଶକ୍ତି ଉତ୍ପାଦନ କ୍ଷମତା ୪୪୧.୯ ଗିଗାୱାଟର ୪୬ ପ୍ରତିଶତ ମାତ୍ର। ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଅଥରିଟି ମୁତାବକ ଆଣବିକ ସୌର, ପବନ, ବାୟୋ ଗ୍ୟାସ ଏବଂ କ୍ଷୁଦ୍ର ଜଳବିଦ୍ୟୁତ ପ୍ରକଳ୍ପକୁ ବିଚାରକୁ ନେଲେ ଏହି କ୍ଷମତା ୧୯୦ରୁ ୨୦୩ ଗିଗାୱାଟକୁ ବୃଦ୍ଧି ପାଇବ। ଭାରତବର୍ଷ ପ୍ୟାରିସ ରାଜିନାମାରେ ଘୋଷିତ ଅଣପାରମ୍ପରିକ ସୂତ୍ରରୁ ଉତ୍ପାଦିତ ଶକ୍ତି ୪୦ ପ୍ରତିଶତ ଲକ୍ଷ୍ୟକୁ ୨୦୨୩-୨୪ରେ ହିଁ ଅତିକ୍ରମ କରିସାରିଛି। ଆଶା କରାଯାଏ ୨୦୨୯-୩୦ ବେଳକୁ ପାଖାପାଖି ୫୦୦ ଗିଗାୱାଟ ସୌରଶକ୍ତି ଉତ୍ପାଦନ କରି ଆମ ଦେଶ ୫୦ ପ୍ରତିଶତ ଲକ୍ଷ୍ୟକୁ ମଧ୍ୟ ଟପିଯିବ।

ତୃତୀୟ ଓ ଚତୁର୍ଥ ପ୍ରତିଶ୍ରୁତି ଅନୁସାରେ ୨୦୩୦ ସୁଦ୍ଧା ଦେଶର ଅର୍ଥନୀତିରେ ଅଙ୍ଗାରକାମ୍ଳ ଉତ୍ସର୍ଜନ ପରିମାଣ ୪୫ ପ୍ରତିଶତ ହ୍ରାସ କରିବା ଏବଂ ଦେଶର ସାମଗ୍ରିକ ଉତ୍ସର୍ଜନ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ୧ ବିଲିୟନ ଟନ୍ ବା ୧୦୦ କୋଟି ଟନ୍ କମାଇବାର ଲକ୍ଷ୍ୟ ରଖାଯାଇଛି। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇଥିଲେ ମଧ୍ୟ ଆମର ହାରାହାରି ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନ ବିଶ୍ୱ ହାରାହାରି ନିର୍ଗମନ ତୁଳନାରେ ଏକ ତୃତୀୟାଂଶ ମାତ୍ର। ୨୦୧୯ ସୁଦ୍ଧା ଭାରତ ସବୁଜ ଗୃହ ବାଷ୍ପ ଉତ୍ସର୍ଜନର ତୀବ୍ରତା ୨୦୦୫ରେ ଥିବା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୩୩ ପ୍ରତିଶତ କମାଇବାରେ ସଫଳ ହୋଇଛି। ତେଣୁ ୨୦୩୦ ମସିହା ଅବଧି ୪୫ ପ୍ରତିଶତ କମାଇବାର ଲକ୍ଷ୍ୟ ନିଶ୍ଚିତ ସଫଳ ହେବ। ଏଥିରେ ସନ୍ଦେହ ନାହିଁ। ଏହା ବ୍ୟତୀତ ଦେଶର ସାମଗ୍ରିକ ଭାବେ ଅଙ୍ଗାରକାମ୍ଳ ଉତ୍ସର୍ଜନ ପରିମାଣ ୧ ବିଲିୟନ ଟନ୍‌କୁ କମାଇବାର ଲକ୍ଷ୍ୟ ମଧ୍ୟ ହାସଲ ହୋଇପାରିବ। ଜାତୀୟ ବନ ସର୍ବେକ୍ଷଣ ସଂସ୍ଥା ଦ୍ୱାରା କରାଯାଇଥିବା ୨୦୧୫ ମସିହାର ଆକଳନ ଅନୁସାରେ ଆମ ଦେଶର ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳରେ ୨୫.୭ ବିଲିୟନ ଟନ୍ ଅଙ୍ଗାରକାମ୍ଳ ସମତୁଲ ଗଚ୍ଛିତ ଅଛି। ପରବର୍ତ୍ତୀ ସର୍ଭେ ରିପୋର୍ଟରୁ ଜଣାପଡେ ବିଗତ କିଛି ବର୍ଷ ହେଲା ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି ପାଉଥିବା କାରଣରୁ ବର୍ଷକୁ ପ୍ରାୟ ୧୨୮ ମିଲିୟନ ବା ୦.୧୨୮ ବିଲିୟନ ଟନ୍ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳରୁ ଅବଶୋଷିତ ହୋଇପାରୁଛି। ଏହି ହାରରେ ୨୦୩୦ ସୁଦ୍ଧା ଅଙ୍ଗାରକ କୁଣ୍ଡ ହିସାବରେ ଜଙ୍ଗଲର କ୍ଷମତା ୧.୯୨ ବିଲିୟନ ଟନ୍ ବୃଦ୍ଧି ପାଇବ।

ଭାରତର ୨୦୩୦ ଜଳବାୟୁ ଅନୁଚିନ୍ତା କାର୍ଯ୍ୟକାରୀ କରିବାକୁ ବଜେଟରେ ଯଥେଷ୍ଟ ବ୍ୟୟବରାଦର ଆବଶ୍ୟକତା ରହିଛି। ୨୦୧୪ରୁ ୨୦୨୩ ମଧ୍ୟରେ ଅକ୍ଷୟଶକ୍ତି ବିକାଶ ଦିଗରେ ୮.୫ ଲକ୍ଷ କୋଟି ବିନିଯୋଗ ହୋଇସାରିଛି। କିନ୍ତୁ ଏହା ଯଥେଷ୍ଟ ନୁହେଁ। ୨୦୨୩ ଡିସେମ୍ବରରେ ଭାରତ 'ୟୁଏନ୍‌ଏଫ୍‌ସିସିସି' ଅର୍ଥାତ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ଆଧାରକ ସମ୍ମିଳନୀ ନିକଟରେ ୨୦୩୦ ପର୍ଯ୍ୟନ୍ତ ଅଧିକ ୫୬.୬୮ କୋଟିର ଅଧିକ ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ଦେଇଛି। ଆମେରିକୀୟ ମୁଦ୍ରାରେ ଏହା ହେଉଛି ୬୭୯ ବିଲିୟନ ଡଲାର। ଜଳବାୟୁ ସଂକଟ ଓ ତଜ୍ଜନିତ ବାଦାନୁବାଦରେ ପ୍ରପୀଡିତ ବିଶ୍ୱ ସମ୍ମୁଖରେ ଭାରତର ୨୦୩୦ ଅନୁଚିନ୍ତା ନେତୃତ୍ୱ ନେବା ପାଇଁ ଏକ ସୁଯୋଗ ସୃଷ୍ଟି କରିଛି। ଦେଶରୁ ସାମଗ୍ରିକ ଭାବେ ଅଙ୍ଗାରକାମ୍ଳ ଉତ୍ସର୍ଜନ ହ୍ରାସ କରି ୨୦୭୦ ମସିହା ସୁଦ୍ଧା 'ଶୂନ୍ୟ କାର୍ବନ ନିର୍ଗମନ' କ୍ଷମତା ହାସଲ କରିବା ନିମନ୍ତେ ମଧ୍ୟ ଦୃଢ଼ ପଦକ୍ଷେପ ନେଇଛି।

**-ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ମୋ: ୯୪୩୭୦୦୦୯୦୪**

# ବିଶେଷ୍ୟ ବଦଳାଇବାର ବେଳ



ଚନ୍ଦନ କୁମାର ଦାସ

ସେଦିନ ଚିଲିକା ରୂପେ ଯେଉଁ ବିଶେଷ୍ୟ କବିବର ରାଧାନାଥଙ୍କ ସମ୍ମୁଖରେ ଉଭା ହୋଇଥିଲା, ତାହା ତାଙ୍କୁ ଏମିତି ପରିତୃପ୍ତ କରିଥିଲା ; ଯେଉଁଥିପାଇଁ ସେ ରଚି ବସିଥିଲେ ଚିଲିକା ଭଳି ଏକ ମହାନ୍ କାବ୍ୟ। ସେହି ପରିତୃପ୍ତ ଆତ୍ମାର ପ୍ରାକୃତିକ ଉଦ୍‌ଗିରଣରୁ ପଦଟିଏ ଏଠାରେ ଉଲ୍ଲେଖ କରିବା ଏ ବିଷୟକୁ ଅଧିକ ପ୍ରାସଙ୍ଗିକ କରିପାରିବ।

"ଆହା ଏ ଶୋଭାର କାହିଁ ପଟାନ୍ତର?
ଥିଲେ ଥିବ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର
ପାସୋରିବ ଦେଖି କହ କେହୁ ଜନ
ଏ ଶୋକ-ପାସୋରା ଅପ୍ସରା ଭୁବନ ?
ବଚନ ବିଷୟ ନୁହଁଇ ଏ ଛବି
ହୃଦ ସେ କେବଳ ପାରେ ଅନୁଭବି ।"

ଚିଲିକାର ବିଶେଷତା- ତା'ର ସୌନ୍ଦର୍ଯ୍ୟ ଯେ କୌଣସି ବ୍ୟକ୍ତିଙ୍କୁ ଆକର୍ଷିତ କରିବା ସ୍ୱାଭାବିକ। ଆଉ ଏହି ସୂତ୍ରରେ କବିଟିଏ ବା କେମିତି ବାଦ୍ ପଡ଼ିବ ! ଖାଲି ଚିଲିକା ନୁହେଁ, ଏମିତି ଅନେକ ବିଶେଷ୍ୟ ସହିତ ପ୍ରତିକ୍ଷଣେ ଆମେ ଦୈନନ୍ଦିନ ଜୀବନରେ ଭେଟୁ ଏବଂ ସେଥିରୁ ଆମେ ଅର୍ଥାତ୍ ମଣିଷ ମଧ୍ୟ ଏକ ବିଶେଷ୍ୟ ରୂପେ ଅଭିହିତ।

ତେବେ ପ୍ରସଙ୍ଗ ହେଉଛି ଏହା ଯେ ଏମିତି କିଛି ବିଶେଷ୍ୟ ପୂର୍ବରୁ ଆମେ କିଛି ବିଶେଷଣର ପ୍ରୟୋଗ ବର୍ତ୍ତମାନ ସମୟରେ କରି ଚାଲୁଛୁ ଯେ ସେ ବିଶେଷଣଟି ଏକ ନିର୍ଦ୍ଦିଷ୍ଟ ବିଶେଷ୍ୟ ପୂର୍ବରୁ ବସି ତା'ର ସୌନ୍ଦର୍ଯ୍ୟ ତଥା ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛି। ଏଠାରେ କୁହାଯାଇପାରେ ଚିଲିକା ରୂପୀ ବିଶେଷ୍ୟ ପୂର୍ବରୁ ଯେଉଁ ସବୁ ବିଶେଷଣର ପ୍ରୟୋଗ ହୋଇଥିଲା ସେ ସବୁ ତା'ର ସୌନ୍ଦର୍ଯ୍ୟ ତଥା ମର୍ଯ୍ୟାଦା ପାଇଁ ବିଧିମାନ୍ୟ। ମାତ୍ର ଅଧୁନା ଚିଲିକାର ପ୍ରଦୂଷିତ ରୂପ ଦେଖି କବିଟିଏ ସେହି ପୂର୍ବ ବିଶେଷଣର ପ୍ରୟୋଗ କଲେ ବୋଧେ ତାହା ପୂର୍ବବତ୍ ବିଧିମାନ୍ୟ ହୋଇ ନ ପାରେ। ତେଣୁ ସେହି ସମାନ ବିଶେଷଣର ପ୍ରୟୋଗ ପାଇଁ ଚିଲିକାର ପୂର୍ବ ପରିପାଟୀ ତଥା ସ୍ୱଚ୍ଛ ସୁନ୍ଦର ରୂପକୁ ଫେରାଇ ଆଣିବାକୁ ହେବ ଅର୍ଥାତ୍ ବିଶେଷ୍ୟକୁ ବଦଳାଇବାକୁ ହେବ।

ଏତିକିରେ ପ୍ରସଙ୍ଗଟିର ପୂର୍ଣ୍ଣଚ୍ଛେଦ ହେଉନାହିଁ। ଯଦିଓ ପ୍ରସଙ୍ଗଟି ଚିଲିକାରୁ ଆରମ୍ଭ ହୋଇଛି , ବର୍ତ୍ତମାନ ସିଧାସଳଖ ଯିବା ସର୍ବଶ୍ରେଷ୍ଠ ବିଶେଷ୍ୟର ଗୁଣାବଳୀ ଧାରଣ କରିଥିବା ଆମ ନିଜ ଜାତି ଅର୍ଥାତ୍ ମନୁଷ୍ୟ ନିକଟକୁ। ଆଜି ମନୁଷ୍ୟ ଅଧିକାଂଶ ବିଶେଷ୍ୟ ପୂର୍ବରୁ ଯେଉଁ ସବୁ ବିଶେଷଣର ପ୍ରୟୋଗ କରୁଛି, ତାହା କେଉଁଠି ନା କେଉଁଠି ତା'ର ମର୍ଯ୍ୟାଦା ହରାଇ ବସୁଛି। ଏହାର କୁ-ପ୍ରଭାବ ଆମର ନୂତନ ପିଢ଼ି ଉପରେ ପଡ଼ି ଚାଲିଛି। ଯେମିତି କି ଏଠାରେ ଏକ ଉଦାହରଣ ନିଆଯାଇପାରେ- ଆମେ ଯେତେବେଳେ କୌଣସି ସଭା ସମିତିର ଆୟୋଜନ କରୁଛୁ, ସେତେବେଳେ କୌଣସି ଅତି ସାଧାରଣ ବିଶେଷତା ଧାରଣ କରିଥିବା ବ୍ୟକ୍ତିଙ୍କ ପୂର୍ବରୁ ଆମେ 'ସ୍ୱେଚ୍ଛାସେବୀ', 'ଜନସେବକ', 'ରାଷ୍ଟ୍ରଭକ୍ତ' ଇତ୍ୟାଦି ବିଶେଷଣ ଅବସ୍ଥାପିତ କରିବାକୁ ପଛଘୁଞ୍ଚା ଦେଉନାହୁଁ। ଅଥଚ ଯେଉଁ ବ୍ୟକ୍ତି ପୂର୍ବରୁ ଏ ସବୁ ବିଶେଷଣର ପ୍ରୟୋଗ ହେଲା, ସେ ତାଙ୍କ ଜୀବଦ୍ଦଶା ମଧ୍ୟରେ ନା କେବେ କାହାର ନିଃସ୍ୱାର୍ଥପର ସେବା ସାଧନ କରିଛନ୍ତି ନା ରାଷ୍ଟ୍ରବାବଦରେ କିଛି ଭାବିଛନ୍ତି। ଏହା ହେଲେ ତ ଚଳିବ ; ବାକି ରହିଲା ଏହାଠାରୁ ମଧ୍ୟ କିଛି ନ୍ୟୂନତର କାର୍ଯ୍ୟ ଯଦି ସେ ବ୍ୟକ୍ତିସ୍ୱରୂପୀ ବିଶେଷ୍ୟ ଦ୍ୱାରା ସମ୍ପାଦିତ ହେଉଥାଏ, ତେବେ ଏହା ସେ ବିଶେଷଣମାନଙ୍କର ପରମ ଦୁରୁପଯୋଗ ବୋଲି କୁହାଯାଇପାରେ। ଏତଦ୍‌ଭିନ୍ନ ଏହାର ଅନ୍ୟତମ ଦିଗ ହେଉଛି ସେହି ସଭାରେ ଉପସ୍ଥିତ ଥିବା ଆମର ନୂତନ ପିଢ଼ି; ଯେଉଁମାନଙ୍କଠାରେ ଏକ ନକାରାତ୍ମକ ବାର୍ତ୍ତା ପହଞ୍ଚିବ ଯେ ବୋଧେ ଏ ବିଶେଷଣର ପ୍ରୟୋଗ ଏହି ବିଶେଷ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ, ଯାହା ସେମାନଙ୍କୁ ଏକ ସାମାଜିକ ଉପାଦାନ ହିସାବରେ ବିପଥଗାମୀ କରିବା ସାର ହେବ। ଯେଉଁ ମହତ୍ତ୍ୱର ଶବ୍ଦଗୁଡ଼ିକର ପ୍ରୟୋଗ ଦିନେ ଗାନ୍ଧୀ, ଗୋପବନ୍ଧୁଙ୍କ ପୂର୍ବରୁ ପ୍ରୟୋଗ କରାଯାଉଥିଲା, ଆଜି ସେଗୁଡ଼ିକ ଯେଉଁ ବିଶେଷ୍ୟ ପୂର୍ବରୁ ବ୍ୟବହାର ହେଉଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ଏ ବିଶେଷଣରୂପୀ ଅଳଂକାରର ଅଧିକାରୀ ହେବାକୁ ନିଶ୍ଚିତ ରୂପେ ବିଶେଷ୍ୟକୁ ବଦଳାଇବାକୁ ହେବ।

ଆମେ ସଦାସର୍ବଦା ଜନ୍ମଭୂମିର ଅବତାରଣା କରିବାକୁ ଯାଇ ତା'ର ବନ, ଲତା, ପାହାଡ଼ର ସୌନ୍ଦର୍ଯ୍ୟର ଜୟଗାନ କରୁ । ମାତ୍ର ଗ୍ରାମରେ ଏମିତି ମାତ୍ରାଧିକ ଗଛ କଟା ଚାଲିଛି ଯେ ବଣ ତ ଦୂରର କଥା ଗଛଟିଏ କେଉଁଠି ଫାଳେ ଅଧେ ବଞ୍ଚିଛନ୍ତି। ତେଣୁ ଆମର ନୈତିକ ଅଧିକାର ଅଛି ତ ଗ୍ରାମର ସ୍ୱଚ୍ଛ, ସୁନ୍ଦର, ନିର୍ମଳ ରୂପକାର ହେବା ପାଇଁ ! ତେଣୁ ଏ ବିଶେଷ୍ୟ ରୂପୀ ଜନ୍ମଭୂମିକୁ ମଧ୍ୟ ଆମର ବକ୍ତବ୍ୟ ଅନୁସାରେ ବଦଳାଇବାକୁ ପଡ଼ିବ।

ଏଣୁ ଆଜି ଆମେ ଅନେକ ବିଶେଷଣ ପଦର ବ୍ୟବହାର କରୁଛୁ ସତ, ମାତ୍ର ବିଶେଷ୍ୟର ଅପଭ୍ରଂଶ କରି ଏହାର ମର୍ଯ୍ୟାଦା ହରାଇ ଚାଲିଛୁ। ତେଣୁ ଏ ବିଶେଷଣଗୁଡ଼ିକ ଯେପରି ଆମ ସମାଜରେ ଏକ ମହତ୍ ଆକାଂକ୍ଷା ସୃଷ୍ଟିପୂର୍ବକ ଆଗାମୀ ପିଢ଼ିକୁ ଯେମିତି ଅନୁପ୍ରାଣିତ କରିବ ସେଥିପାଇଁ ଏ ବିଶେଷଣର ମର୍ଯ୍ୟାଦା ରକ୍ଷା ନିମନ୍ତେ ଅଧୁନା ବିଶେଷ୍ୟକୁ ବଦଳାଇବାର ବେଳ ଦଣ୍ଡାୟମାନ।

**ଭୋଗରାଇ, ବାଲେଶ୍ୱର**
**ମୋ:୮୧୧୪୩୪୫୯୮୮**

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ଶବ୍ଦ ପ୍ରଦୂଷଣ ବଢ଼ାଉଛି

ମହାଶୟ,

ଆଗକୁ ଗଣେଶ ପୂଜା ପରେ ପରେ ଦଶହରା ରହିଛି। ତେବେ କେଉଁଝର ଜିଲା ଘସିପୁରା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ବେଲବାହାଳୀ ପଞ୍ଚାୟତରେ ଗଣେଶ ପୂଜା ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଚଳିତବର୍ଷ ପୂଜାରେ ଡିଜେ ସାମିଲ ହେଲେ ଶବ୍ଦ ପ୍ରଦୂଷଣ ବଢିବ। ଏହାକୁ ନେଇ ପ୍ରଶାସନିକ କଠୋର ନିୟମାବଳୀ ଥାଇ କିଛି କାମ କରୁ ନାହିଁ। ଏହାର ଉଲ୍ଲଂଘନ ହେଉଛି ଓ ପ୍ରଶାସନ ଏହାକୁ କଠୋର ଭାବେ ନିୟନ୍ତ୍ରଣ କରିପାରୁନାହିଁ। ଏହି ଅଞ୍ଚଳରେ ଶିକ୍ଷାୟନ ଓ ସ୍ୱାସ୍ଥ୍ୟସେବା ତଥା ଚିକିତ୍ସା ପ୍ରତିଷ୍ଠାନ ମଧ୍ୟ ରହିଛି। ଯାହାର ସର୍ବନିମ୍ନ ନିର୍ଦ୍ଦିଷ୍ଟ ପରିଧି ଭିତରେ ଡିଜେ କିମ୍ବା କୌଣସି ଉଚ୍ଚସ୍ୱରର ବାଦ୍ୟ ଯନ୍ତ୍ର କିମ୍ବା ମାଇକ ବ୍ୟବହାର ମନା ଥିଲେ ମଧ୍ୟ ଏହି ନିୟମକୁ କେହି ମାନୁ ନାହାନ୍ତି। ବେଲବାହାଳୀ ଭଳି ଏକ ଛୋଟିଆ ଜାଗାରେ ଏକକାଳୀନ ଯଦି ପନ୍ଦରରୁ ଊର୍ଦ୍ଧ୍ୱ ମାଇକ ଓ ଡିଜେ ବାଜେ ତେବେ ବୃଦ୍ଧାବୃଦ୍ଧ, ହୃଦ୍‌ରୋଗୀ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏଣୁ ବେଲବାହାଳୀ ସମେତ ଆନନ୍ଦପୁର ଅଞ୍ଚଳରେ ଡିଜେ ବଜାଇବା ଉପରେ କଟକଣା ଜାରି କରିବାକୁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ।

**-ଯୁଧିଷ୍ଠିର ମହାରଣା, ଆଇନଜୀବୀ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଧନୀ ଅଭିନେତା ଶାହରୁଖ୍



**ନୂଆଦିଲ୍ଲୀ:** 'ହୁରୁନ ଇଣ୍ଡିଆ ରିଚ୍ ଲିଷ୍ଟ-୨୦୨୪'ର ଧନୀ ଭାରତୀୟ ଅଭିନେତାଙ୍କ ତାଲିକାରେ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍ ପ୍ରଥମ ଥର ପାଇଁ ସ୍ଥାନ ପାଇଛନ୍ତି। ୭,୩୦୦ କୋଟିର ସମ୍ପତ୍ତି ସହ ଶାହରୁଖ୍ ଏହି ତାଲିକାର ସର୍ବାଗ୍ରେ ରହିଛନ୍ତି। ଆଇପିଏଲ୍ ଟିମ୍ କୋଲକାତା ନାଇଟ ରାଇଡର୍ସ ଓ ଚିଲିଜ୍ ଏଣ୍ଟରଟେନମେଣ୍ଟ ନାମକ ପ୍ରଡକ୍ସନ କମ୍ପାନୀ ଯୋଗୁ ଶାହରୁଖଙ୍କ ସମ୍ପତ୍ତି ବଢ଼ିଥିବା ନେଇ ମିଡିଆ ରିପୋର୍ଟ ପ୍ରକାଶ ପାଇଛି। ଶାହରୁଖ କୋଲକାତା ନାଇଟ ରାଇଡର୍ସର ମାଲିକ ହୋଇଥିବାବେଳେ ସେ ଚିଲିଜ୍ ଏଣ୍ଟରଟେନମେଣ୍ଟ ପ୍ରଡକ୍ସନ କମ୍ପାନୀର ଏମ୍‌ଡି ମଧ୍ୟ ରହିଛନ୍ତି। ସେହିପରି ଶାହରୁଖ୍‌ଙ୍କ ସ୍ତ୍ରୀ ଗୌରୀ ଖାନ୍ ଏହାର ସହ ପ୍ରତିଷ୍ଠାତା ରହିଛନ୍ତି। ଏହି ପ୍ରଡକ୍ସନ କମ୍ପାନୀର ବ୍ୟାନର୍‌ରେ ଅନେକ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଶାହରୁଖଙ୍କ ବ୍ୟତୀତ ଏହି ତାଲିକାରେ ବହୁ ବଲିଉଡ୍ କଳାକାର ମଧ୍ୟ ସ୍ଥାନ ପାଇଛନ୍ତି। ଅଭିନେତ୍ରୀ ତଥା ଆଇପିଏଲ୍ ଟିମ୍ କୋଲକାତା ନାଇଟ ରାଇଡର୍ସର କୋ-ଓନର ଜୁହି ଚାୱଲା ୪୬୦୦ କୋଟିର ସମ୍ପତ୍ତି ସହ ବଲିଉଡର ଦ୍ୱିତୀୟ ସବୁଠାରୁ ଧନୀ ଷ୍ଟାର ହୋଇପାରିଛନ୍ତି। ୨ ହଜାର କୋଟିର ସମ୍ପତ୍ତି ସହ ଅଭିନେତା ହ୍ରିତିକ ରୋଶନ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ୧,୬୦୦ କୋଟିର ସମ୍ପତ୍ତି ସହ ବଲିଉଡ୍‌ର ଭେଟେରାନ୍ ଅଭିନେତା ଅମିତାଭ ବଚ୍ଚନ ଚତୁର୍ଥ ସ୍ଥାନରେ ରହିଛନ୍ତି। ୧,୪୦୦ କୋଟିର ସମ୍ପତ୍ତି ସହ ଫିଲ୍ମ ନିର୍ଦ୍ଦେଶକ ତଥା ପ୍ରଯୋଜକ କରନ ଜୋହର ଏହି ତାଲିକାର ପଞ୍ଚମ ସ୍ଥାନରେ ରହିଛନ୍ତି।

# ୭ ହଜାର ଫୁଟ ଉଚ୍ଚରୁ ଡେଇଁ ଜନ୍ମଦିନ ପାଳିଲେ



## ସବୁଠୁ ବୟସ୍କ ବ୍ରିଟିଶ୍ ସ୍କାଏ ଡାଇଭର ଭାବେ କଲେ ରେକର୍ଡ

**ଲଣ୍ଡନ:** ସାଧାରଣତଃ ସମସ୍ତେ ନିଜର ଜନ୍ମଦିନକୁ ସ୍ୱତନ୍ତ୍ର କରିବାକୁ ଚେଷ୍ଟା କରିଥାନ୍ତି। ଅଧିକାଂଶ ଲୋକ ନିଜର ବୟସ, ଖର୍ଚ୍ଚ, ପାରିବାରିକ ସ୍ଥିତି ଆଦି ଦେଖି ନିଜ ନିଜର ଜନ୍ମଦିନକୁ ନେଇ ଯୋଜନା ପ୍ରସ୍ତୁତ କରିଥାନ୍ତି। ତେବେ ବ୍ରିଟେନ୍ ମାନେଟ୍ ବେଲି ନାମ୍ନୀ ଜଣେ ବୃଦ୍ଧା ନିଜର ୧୦୨ତମ ଜନ୍ମ ଦିବସକୁ ଏକ ସ୍ୱତନ୍ତ୍ର ଉପାୟରେ ପାଳନ କରିଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ବ୍ରିଟେନ୍‌ର ମାନେଟ୍ ତାଙ୍କର ୧୦୨ତମ ଜନ୍ମଦିନ ଅବସରରେ ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି। ସେ ୭ ହଜାର ଫୁଟ ଉଚ୍ଚରୁ ସ୍କାଏ ଡାଇଭ୍ କରିବା ସହ ଜନ୍ମଦିନ ପାଳନ କରିଥିଲେ। ଏହାସହ ସେ ବ୍ରିଟେନ୍‌ର ସବୁଠୁ ବୟସ୍କ ସ୍କାଏ ଡାଇଭର ହୋଇପାରିଛନ୍ତି। ତାଙ୍କର ଏହି ଅଦ୍ଭୁତ ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ମାନେଟ୍ ୭ ହଜାର ଫୁଟ୍ ଉଚ୍ଚତାରୁ ଡେଇଁବାକୁ ପ୍ରସ୍ତୁତ ଥିବା ଦେଖିବାକୁ ମିଳିଛି। ଡେଇଁବା ପୂର୍ବରୁ ସେ ତାଙ୍କ ଇନ୍‌ଷ୍ଟ୍ରକ୍ଟରଙ୍କ କଥାକୁ ଭଲ ଭାବେ ଶୁଣୁଛନ୍ତି। ସେହିପରି ସ୍କାଏ ଡାଇଭ କରୁଥିବା ସମୟରେ ମାନେଟ୍‌ଙ୍କ ମୁହଁରେ କୌଣସି ଭୟ ଦୃଶ୍ୟମାନ ହେଉ ନାହିଁ। ବରଂ ସେ ଏହି କାର୍ଯ୍ୟକୁ ଅତି ଆରାମରେ ଉପଭୋଗ କରୁଥିବା ଭିଡିଓରୁ ଜଣାପଡୁଛି। ଉକ୍ତ ବିମାନ ଉଡ଼ାଣ ପରେ ମାନେଟ୍ ତାଙ୍କ ଅନୁଭୂତି ମଧ୍ୟ ବଖାଣିଛନ୍ତି। ସ୍କାଏଡାଇଭ କରିବା ସମୟରେ ତାଙ୍କୁ ସବୁକିଛି ଅସ୍ପଷ୍ଟ ଦେଖା ଯାଉଥିଲା। ତେଣୁ ସେ ନିଜ ଆଖିକୁ ବନ୍ଦ କରି ସବୁକିଛି ଅନୁଭବ କରୁଥିଲେ। ଜଣେ ୮୫ ବର୍ଷୀୟ ବ୍ୟକ୍ତି ପାରାଚ୍ୟୁଟ୍ ଜମ୍ପ୍ କରି ନିଜ ଜନ୍ମଦିନ ପାଳନ କରୁଥିବା ନେଇ ସେ ପୂର୍ବରୁ ଶୁଣିଥିଲେ ବୋଲି ମାନେଟ୍ କହିଛନ୍ତି। ସେବେଠାରୁ ହିଁ ସେ ଏପରି କିଛି କରି ନିଜ ଜନ୍ମଦିନ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ।

# ହ୍ରାସ ପାଉଛି ପୁରୁଷଙ୍କ ୱାଇ କ୍ରୋମୋଜୋମ୍

## କେଣ୍ଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟୟନ

**ଲଣ୍ଡନ:** ମଣିଷ ଏବଂ ବିଭିନ୍ନ ସ୍ତନ୍ୟପାୟୀ ଶିଶୁଙ୍କର ଲିଙ୍ଗ ନିର୍ଦ୍ଧାରଣରେ ୱାଇ କ୍ରୋମୋଜୋମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ତେବେ ଉକ୍ତ କ୍ରୋମୋଜୋମ୍ ଧୀରେ ଧୀରେ ଦୁର୍ବଳ ହେବା ସହ ହ୍ରାସ ପାଇବାକୁ ଲାଗିଥିବା ନେଇ ବ୍ରିଟେନ୍‌ର ୟୁନିଭର୍ସିଟି ଅଫ୍ କେଣ୍ଟ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ପ୍ରକାଶ କରିଛି।

ସାଧାରଣତଃ ୱାଇ କ୍ରୋମୋଜୋମ ପୁରୁଷମାନଙ୍କର ଲିଙ୍ଗ ନିର୍ଣ୍ଣୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହା ପୁରୁଷଙ୍କ ଶରୀରକୁ ମଜ୍‌ଭୁତ କରିଥାଏ। ଏଥିରେ ଥିବା କିଛି ବିଶେଷ ଜିନ୍ ପୁରୁଷଙ୍କ ଶାରୀରିକ ବିକାଶକୁ ନିୟନ୍ତ୍ରଣ କରିଥାଏ। ମହିଳାଙ୍କ ଶରୀରରେ ୨ଟି ଏକ୍ସ କ୍ରୋମୋଜୋମ ରହିଥିବାବେଳେ ପୁରୁଷଙ୍କ ଶରୀରରେ ଗୋଟିଏ ଏକ୍ସ ଏବଂ ଗୋଟିଏ ୱାଇ କ୍ରୋମୋଜୋମ ଥାଏ। ୱାଇ କ୍ରୋମୋଜୋମ ଏକ୍ସ କ୍ରୋମୋଜୋମଠାରୁ ଅପେକ୍ଷାକୃତ ଛୋଟ ହୋଇଥିବା ସହ ଏହା କମ୍ ଜିନ୍ ଧାରଣ କରିଥାଏ।

ତେବେ ୱାଇ କ୍ରୋମୋଜୋମଗୁଡ଼ିକ ବଡ଼ ସଂଖ୍ୟାରେ ନିଜ ସକ୍ରିୟ ଜିନ୍ ହରାଉଛି। ଯଦି ଏହି ଧାରା ବଜାୟ ରହେ ତେବେ ଆଗାମୀ ୧.୧ କୋଟି ବର୍ଷରେ ୱାଇ କ୍ରୋମୋଜୋମ ସମ୍ପୂର୍ଣ୍ଣ ରୂପେ ଉଭାନ୍ ହୋଇପାରେ ବୋଲି ଉକ୍ତ ଅଧ୍ୟୟନ ପ୍ରକାଶ କରିଛି। ଉକ୍ତ ଅଧ୍ୟୟନର ଫଳାଫଳ ମାନବ ପ୍ରଜନନର ଭବିଷ୍ୟତକୁ ନେଇ ଚିନ୍ତାରେ ପକାଇବା ସହ ପୁରୁଷଙ୍କ ଅସ୍ତିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅଧ୍ୟୟନକୁ ନେଇ ବୈଜ୍ଞାନିକଙ୍କ ମଧ୍ୟରେ ବିତର୍କ ସୃଷ୍ଟି ହୋଇଛି। ୱାଇ କ୍ରୋମୋଜୋମ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରହିବ ବୋଲି କେତେଜଣ ବୈଜ୍ଞାନିକ କହିଥିବାବେଳେ ଏହା କିଛି ହଜାର ବର୍ଷ ମଧ୍ୟରେ ଉଭାନ୍ ହୋଇଯିବ ବୋଲି ଆଉ କେତେଜଣ ବୈଜ୍ଞାନିକ ଅନୁମାନ କରିଛନ୍ତି।

୨୦୨୨ରେ 'ପ୍ରୋସିଡିଙ୍ଗ୍‌ସ୍ ଅଫ ଦି ନ୍ୟାଶ୍‌ନାଲ୍ ଏକାଡେମୀ ଅଫ୍ ସାଇନ୍ସ' ନାମକ ପତ୍ରିକାରେ ପ୍ରକାଶିତ ହୋଇଥିବା ଅଧ୍ୟୟନ ଅନୁଯାୟୀ, ୨ଟି ଅଲଗା ପ୍ରଜାତିର ମୂଷା ସେମାନଙ୍କର ୱାଇ କ୍ରୋମୋଜୋମ ହରାଇ ସାରିଥିବା ସତ୍ତ୍ୱେ ମଧ୍ୟ ଜୀବିତ ଅଛନ୍ତି। ଜାପାନର ସ୍ପିନି ପ୍ରଜାତିର ମୂଷା ପୂର୍ବରୁ ୱାଇ କ୍ରୋମୋଜୋମ ହରାଇସାରିଥିଲେ ମଧ୍ୟ ସେମାନେ ବିଲୁପ୍ତ ନ ହୋଇ ବଂଶ ଆଗକୁ ବଢ଼ାଇବାରେ ସଫଳ ହୋଇଛନ୍ତି। ସଫଳତାର ସହ ସ୍ପିନି ପ୍ରଜାତିର ମୂଷାଙ୍କର ଏକ ନୂତନ ପୁରୁଷ ନିର୍ଣ୍ଣୟକାରୀ ଜିନ୍ ବିକଶିତ ହୋଇପାରିଛି, ଯାହା ମାନବିକତାର ଭବିଷ୍ୟତକୁ ପାଇଁ ଆଶା ପ୍ରଦାନ କରୁଥିବା କେତେଜଣ ବୈଜ୍ଞାନିକ କହିଛନ୍ତି। ତେବେ ମଣିଷଙ୍କଠାରେ ନୂତନ ପୁରୁଷ ନିର୍ଣ୍ଣୟକାରୀ ଜିନ୍‌ର ବିକାଶ ପ୍ରକ୍ରିୟାକୁ ନେଇ କେତେଜଣ ବୈଜ୍ଞାନିକ ଚିନ୍ତା ପ୍ରକଟ କରିଛନ୍ତି। ଜେନେଟିକ୍ସ ବିଶେଷଜ୍ଞ ପ୍ରଫେସର ଜେନି ଗ୍ରେଭ୍ସ କହିଛନ୍ତି, ଲିଙ୍ଗ ନିର୍ଣ୍ଣୟ କରିବା ପାଇଁ ନୂତନ ଜିନ୍‌ର ବିକାଶରେ ସମସ୍ୟା ରହିଛି। ଏହାଦ୍ୱାରା ବିଶ୍ୱର ବିଭିନ୍ନ ସ୍ଥାନରେ ପୁରୁଷଙ୍କ ଲିଙ୍ଗ ନିର୍ଣ୍ଣୟ କରିପାରୁଥିବା ଭିନ୍ନ ଭିନ୍ନ ପ୍ରକାରର ଜିନ୍ ବିକଶିତ ହୋଇପାରେ। ଫଳରେ ଏକ ନୂତନ ପ୍ରକାରର ମାନବ ଜାତି ବିକଶିତ ହୋଇପାରେ ବୋଲି ସେ କହିଛନ୍ତି।

# ପଞ୍ଜାବରେ 'ଦେ ଦେ ପ୍ୟାର୍ ଦେ ୨' ର ଶୁଟିଂ



**ମୁମ୍ବାଇ**

ବଲିଉଡ୍ ଅଭିନେତା ଅଜୟ ଦେବ୍‌ଗନ୍ ସମ୍ପ୍ରତି ନିଜର ଆଗାମୀ ଚଳଚ୍ଚିତ୍ର 'ଦେ ଦେ ପ୍ୟାର୍ ଦେ ୨' ଏବଂ 'ସନ୍ ଅଫ୍ ସର୍ଦ୍ଦାର ୨'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ବିଭିନ୍ନ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ପଞ୍ଜାବର ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଗ୍ରାମାଞ୍ଚଳରେ ଉକ୍ତ ଫିଲ୍ମର ଶୁଟିଂ ହେବ। ଏଥିପାଇଁ ଆସନ୍ତା ମାସଠାରୁ ମୋଟ ୪୫ରୁ ୫୦ ଦିନ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ଫିଲ୍ମରେ ଅଜୟଙ୍କ ସହ ଅଭିନେତା ଆର୍ ମାଧବନ୍ ଏବଂ ଅଭିନେତ୍ରୀ ରାକୁଲ୍ ପ୍ରୀତ୍ ସିଂ ମଧ୍ୟ ନଜର ଆସିବେ। ଶୁଟିଂ ପାଇଁ ଫିଲ୍ମର ସମସ୍ତ ଷ୍ଟାର୍‌କାଷ୍ଟ ଆସନ୍ତା ମାସରେ ପଞ୍ଜାବ ଯିବେ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଅଜୟ ବର୍ତ୍ତମାନ ବ୍ରିଟେନ୍‌ରେ 'ସନ୍ ଅଫ୍ ସର୍ଦ୍ଦାର ୨' ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି।

ମିଡିଆ ରିପୋର୍ଟ ଅନୁଯାୟୀ, 'ଦେ ଦେ ପ୍ୟାର୍ ଦେ ୨' ଫିଲ୍ମରେ ଅଭିନେତା ଅନିଲ କପୁରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଉକ୍ତ ଚଳଚ୍ଚିତ୍ରରେ ଅନିଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ। ଏନେଇ ଫିଲ୍ମ ନିର୍ମାତାଙ୍କ ସହ ଅନିଲଙ୍କର ଆଲୋଚନା ମଧ୍ୟ ସରିଛି। ୨୦୧୯ରେ ମୁକ୍ତିଲାଭ କରିଥିବା 'ଦେ ଦେ ପ୍ୟାର୍ ଦେ' ଫିଲ୍ମର ଏହି ସିକ୍ୱେଲରେ ପୂର୍ବ ଅପେକ୍ଷା ଅଧିକ ହାସ୍ୟରସ ଦେଖିବାକୁ ମିଳିବ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। 'ଦେ ଦେ ପ୍ୟାର୍ ଦେ' ଫିଲ୍ମର କାହାଣୀ ଯେଉଁଠାରୁ ଶେଷ ହୋଇଥିଲା, ସେହିଠାରୁ ହିଁ 'ଦେ ଦେ ପ୍ୟାର୍ ଦେ ୨' ଫିଲ୍ମର କାହାଣୀ ଆରମ୍ଭ ହେବ। ଅଂଶୁଲ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ବର୍ଷ ମେ' ୧୬ରେ ରିଲିଜ୍ ହେବ।


## ଦ.ପୂ. ରେଳପଥ - ଟେଣ୍ଡର

**ଇ-ଟେଣ୍ଡର ବିଜ୍ଞପ୍ତି : ୨୪-ଇଏଲ୍-ଡବ୍ଲ୍ୟୁଟି-୨୦୨୪-୨୫।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଚକ୍ରଧରପୁର ଡିଭିଜନରେ ଶକ୍ତି ଯୋଗାଣ ପ୍ରଣାଳୀର ପରିବର୍ଦ୍ଧନ, ଉନ୍ନତୀକରଣ ଏବଂ ପରିବର୍ତ୍ତନ ତଥା ଏସ୍‌ସିଏଡିଏ ସମେତ ଅନ୍ୟାନ୍ୟ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧,୧୦,୯୮,୯୨୧। **ଇଏମ୍‌ଡି:** ₹୨,୦୫,୫୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ ଟଙ୍କାରେ:** ଶୂନ୍ୟ। **ବନ୍ଦ ହେବା/ଖୋଲାଯିବା ତାରିଖ:** ୨୬।୦୯।୨୦୨୪, ୧୫.୦୦ ଘଟିକା। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-534)

## JHARKHAND URBAN INFRASTRUCTURE DEVELOPMENT COMPANY LIMITED

(A Government of Jharkhand Undertaking)
JUIDCO Bhawan, Kutchery Chowk, Ranchi-834001
E-MailId - juidcolimited@gmail.com
CIN: U45200JH2013SGC001752

**CORRIGENDUM – 01**

**Project Name :- Renovation and Redevelopment of Existing Townhall Building at Madhupur, Jharkhand**
Ref. PR No.: 332623
NIT No: - JUIDCO/Redev./TH Madhupur/628
Tender ID: - 2024_UDD_90518_1
All the bidders are hereby intimated that **Corrigendum – 01** for the tender bearing **Tender ID 2024_UDD_90518_1** for **"Renovation and Redevelopment of Existing Townhall Building at Madhupur, Jharkhand"** has been published on e-procurement website of the Government of Jharkhand.
The same may be taken into account before submission of bids.
e-procurement website : jharkhandtenders.gov.in
Sd/-
Project Director (Technical)
JUIDCO Ltd.
PR 334048 Urban Development and Housing (24-25)_D

## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, लोहरदगा
(rdsd.lohardaga@rediffmail.com)

**ई–अति अल्पकालीन निविदा आमंत्रण सूचना**

ई–अति अल्पकालीन निविदा सूचना संख्या– RDD/SD/LOHARDAGA/E-03/2024-25(2nd call)

1. कार्य की विस्तृत विवरणी :–

| क्रम संख्या | कार्य का नाम | परिमाण विपत्र की राशि | अग्रधन की राशि | परिमाण विपत्र का मुल्य | कार्य पूर्ण करने की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | लोहरदगा जिला के किस्को प्रखण्ड में ग्राम पंचायत पाखर में बन्दरीतरिया से डहरबाटी जाने वाले पथ में बन्दरीतरिया नदी पर उच्च स्तरीय सेतु निर्माण। | 2,17,20,100.00 | 5,66,700.00 | 10,000.00 | 18 माह |

2. वेबसाइट में निविदा प्रकाशन की तिथि :– 02.09.2024
3. ई–निविदा प्राप्ति की तिथि एवं समय :– दिनांक 02.09.2024 से दिनांक 10.09.2024 को अपराह्न 5:00 बजे तक।
4. ई–निविदा खोलने का स्थान :– कार्यपालक अभियंता, कार्यालय ग्रामीण विकास विशेश प्रमण्डल, लोहरदगा।
5. ई–निविदा खोलने की तिथि एवं समय :– दिनांक 11.09.2024 पूर्वाह्न 11:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल,लोहरदगा।
7. ई–निविदा प्रकोश्ठ का दुरभाश संख्या :– 06526–295021
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान संवेदक द्वारा जिस बैंक खाता से किया जायेगा, उसी खाते में अग्रधन की राशि वापस होगी। अगर बैंक खाता को बंद कर दिया जाता है तो उसकी सारी जवाबदेही संवेदक की होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमंडल,
लोहरदगा।

PR 333981 (Lohardaga) 24-25 (D)

## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, दुमका
(rdsddumka1@gmail.com)

**अतिअल्पकालीन ई–निविदा आमंत्रण सूचना**

ई–निविदा सूचना संख्या– RDSD/DMK/MMGSY/20/2024-25

1.कार्य की विस्तृत विवरणी :–

| क्रम संख्या | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य पूर्ण करने की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | दुमका जिला अन्तर्गत प्रखंड काठीकुण्ड के पंचायत बिछियापहाड़ी के ग्राम आमगाछी से कुलकांठ पथ स्थित नदी में उच्चस्तरीय पुल निर्माण। | 3,34,72,500 | 6,70,000 | 10,000 | 18 माह |

2. वेबसाइट में निविदा प्रकाशन की तिथि :– 03.09.2024
3. ई–निविदा प्राप्ति की तिथि एवं समय :– दिनांक 03.09.2024 से दिनांक 11.09.2024 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमंडल दुमका।
7. निविदा खोलने की तिथि एवं समय :– दिनांक 13.09.2024 अपराह्न 2:00 बजे
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल,दुमका।
9. ई–निविदा प्रकोष्ठ का दुरभाष संख्या :– 7091279444
10. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमंडल, दुमका।

PR 333996 (Rural Work Department) 24-25 (D)

## कार्यपालक अभियंता का कार्यालय ग्रामीण विकास विशेष प्रमण्डल,जामताड़ा
Email Id:rdsdjmt@gmail.com

अल्पकालीन ई0–निविदा आमंत्रण संख्या–**RDD/SD/JAMTARA/08/2024-25**

1.कार्य की विस्तृत विवरणी :–

| क्र0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | सदर अस्पताल, जामताड़ा में Integrated Public Health Laboratory (IPHL) की स्थापना कार्य। | 1,41,89,800.00 | 2,84,000.00 | 10,000.00 | 8 माह |

| | | | |
|---|---|---|---|
| 2. | वेबसाईट में निविदा प्रकाशन की तिथि | :– | दिनांक–03.09.2024 |
| 3. | ई0–निविदा प्राप्ति की तिथि एवं समय | :– | दिनांक–04.09.2024 से दिनांक–11.09.2024 (अपराह्न 5:00 बजे) |
| 4. | निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी। | | |
| 5. | निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी। | | |
| 6. | निविदा खोलने का स्थान | :– | e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा। |
| 7. | निविदा खुलने की तिथि एवं समय | :– | दिनांक–13.09.2024 (अपराह्न 2:00 बजे) |
| 8. | निविदा आमंत्रित करने वाले पदाधिकारी का नाम एवं पता | :– | कार्यपालक अभियंता, ग्रामीण विकास विशेष प्रमण्डल, जामताड़ा। |
| 9. | ई0–निविदा प्रकोष्ठ का दुरभाष संख्या | :– | 9973957543 |
| 10. | अधोहस्ताक्षरी/सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेगा तथा निविदादाता को कारण पृच्छा का अधिकार मान्य नहीं होगा। | | |
| 11. | B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी। | | |

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।

ह0/–
कार्यपालक अभियंता
ग्रामीण विकास विशेष प्रमण्डल,जामताड़ा

PR 333941 (Rural Development)24-25*D

No. KK-142

SAMS Student Academic Management System
Skilled in ODISHA

## DIRECTORATE OF TECHNICAL EDUCATION & TRAINING, ODISHA

KILLAMAIDAN, BUXIBAZAR, CUTTACK-753001.
Email: ccrdiploma2024@gmail.com , website: dtetodisha.gov.in

**No 12847** **Date 28.08.2024**

**DIPLOMA & POST-DIPLOMA SPOT ADMISSION 2024-25**

FOR ADMISSION INTO DIPLOMA IN ENGINEERING/NON-ENGINEERING, LATERAL ENTRY, WORKING PROFESSIONALS-LE & POST DIPLOMA COURSES

This is for information of aspirant candidates for spot admission into vacant seats at various Engineering Schools and Polytechnics (both Government & Private) of the State for the academic session 2024-25. The SAMS portal (https://skill.samsodisha.gov.in/) will be opened for spot admission as per the following timeline:

| Course | Spot Admission |
|---|---|
| Diploma in Engineering & Non-Engineering **(FRESH)** | 2nd and 3rd September 2024 |
| Diploma in Engineering – **Lateral Entry** | 5th and 6th September 2024 |
| **Post Diploma** Courses | 3rd September 2024 |
| Diploma in Engineering- LE- **Working Professionals** | 10th and 11th September 2024 |
| The SOP for Second Round Spot Admission will be available on SAMS portal. The SAMS portal will be enabled for fresh registration for admission into Spot Round w.e.f. ***30th August 2024.*** | |

For any specific query, contact Diploma Admission Call Centre Phone No 155335/ 1800-345-6770 (Toll Free) (from 9AM to 6PM) or email to ccrdiploma2024@gmail.com or contact / visit nearby Govt. Polytechnic / Engineering School for assistance.

Sd/-
Director
Technical Education & Training,
Odisha, Cuttack

OIPR-44008/11/0022/2425

## ସଂକ୍ଷେପରେ

### ଚୋରା ମୋରମ ନେଇ ଆସୁଥିବାବେଳେ ଧରିଲା ପୋଲିସ

ବାରଙ୍ଗ,୨୯।୮(ଲିଙ୍ଗରାଜ ରାଉତ) ଗୋଡ଼ିସାହି ଫାଣ୍ଡି ପୋଲିସ ବେଆଇନ ଭାବେ ଚୋରାରେ ମୋରମ ଚାଲାଣ କରୁଥିବା ୨ ହାଇୱା ଗାଡ଼ିକୁ ବୁଧବାର ବିଳମ୍ବିତ ରାତିରେ ଜବତ କରିଛି। ଫାଣ୍ଡି ପୋଲିସ ପଇଁତରା ମାରୁଥିବାବେଳେ ଏହି ୨ଟି ମୋରମ ବୋଝେଇ ହାଇୱା (ଓଡ଼ି ୧୮ଇ ୬୧୫୭) ଓ (ଓଡି ୦୫ଏ ଏମ ୫୧୮୪) ଗୋଡିସାହି ପଟକୁ ଆସୁଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇ ଥିଲା। ଗାଡ଼ି ଚାଳକ ମୋରମ ପରିବହନ ନିମନ୍ତେ ଆବଶ୍ୟକତା ଅନୁଯାୟୀ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡ଼ିକୁ ପୋଲିସ ଜବତ କରିଥିଲା। ଗୁରୁବାର ପୂର୍ବାହ୍ନରେ ଗାଡ଼ି ୨ଟିକୁ ଲଘୁ ଖଣିଜ ବିଭାଗ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି।

### ୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ଖୋର୍ଦ୍ଧା,୨୯।୮(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ସହରର ଏକାଧିକ ସାହିରେ ଏହି କାରବାର ଚାଲିଛି। ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଆସୁଥିବା ବେଳେ ଏଠାରୁ ବିଭିନ୍ନ ଅଞ୍ଚଳକୁ ପଠାଯାଉଛି। ଖୋର୍ଦ୍ଧା ଅବକାରୀ ପୋଲିସ ଗୁରୁବାର ଶାଗୁଆନ ବଗିଚାଠାରେ ଚଢ଼ାଉ କରି ୫୨ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ୧୪,୭୪୦ଟଙ୍କା ଜବତ କରଛି। ଏଥିରେ ସମ୍ପୃକ୍ତି ନେଇ ଶାଗୁଆନ ବଗିଚାର ନିରଞ୍ଜନ ପରମାଣିକ (୩୪)ଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ସୂଚନା ମୁତାବକ, ଏକ କଲ୍ୟାଣମଣ୍ଡପ ନିକଟରେ ନିରଞ୍ଜନ ବ୍ରାଉନ୍‌ସୁଗାର ବିକ୍ରି କରିବାକୁ ଛିଡ଼ା ହୋଇଥିବା ବେଳେ ଖବରପାଇ ଅବକାରୀ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଧରିଥିଲା। ନିରଞ୍ଜନଙ୍କ ନିକଟରୁ ବ୍ରାଉନ୍‌ସୁଗାର ଓ ଟଙ୍କା ଜବତ ହୋଇଥିଲା।

### ଅବନ୍ତୀ ଦାଶଙ୍କ ପରଲୋକ

ଭୁବନେଶ୍ୱର,୨୯।୮(ଅନୁରାଧା ମହାରଣା) – ସୁନାମଧନ୍ୟ ଡାକ୍ତର ସ୍ୱର୍ଗତ ଡା. ଦିନବନ୍ଧୁ ଦାଶଙ୍କ ସ୍ତ୍ରୀ ଅବନ୍ତୀ ଦାଶଙ୍କ ପରଲୋକ ହୋଇଯାଇଛି।



ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଥିଲେ। ତାଙ୍କୁ ୯୭ ବର୍ଷ ବୟସ ହୋଇଥିଲା। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶହୀଦନଗରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି। ଏହି ସମୟରେ ଅବନ୍ତୀଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଏବଂ ନାତୁଣୀ ଉପସ୍ଥିତ ଥିଲେ। ମରଶରୀରକୁ ଶୋଭାଯାତ୍ରା ସତ୍ୟନଗର ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଜଣେ ଅତ୍ୟନ୍ତ ସ୍ନେହୀ, ପରୋପକାରୀ, ଧର୍ମପରାୟଣା ଏବଂ ମିଷ୍ଟଭାଷୀ ମହିଳା ଥିଲେ। ଏଥିସହ ଏକ ବୃହତ୍ ଏକାନ୍ନବର୍ତ୍ତୀ ପରିବାରକୁ ସଫଳ ଭାବେ ଚଳାଇ ଆସୁଥିଲେ।

# ୭ ମାସରେ ୪୫.୮୪ କୋଟି ସାଇବର ଠକେଇ

ଭୁବନେଶ୍ୱର,୨୯।୮(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଗତ ୭ ମାସରେ ୪୫.୮୪ କୋଟି ଟଙ୍କା ସାଇବର ଠକେଇ ହୋଇଛି। ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଜାନୁଆରୀରୁ ଜୁଲାଇ ମଧ୍ୟରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ୨ ହଜାର ୭୫୪ଟି ଅଭିଯୋଗ ହୋଇଛି। ଏହାମଧ୍ୟରୁ ୧ ହଜାର ୪୩୮ଟି ଆର୍ଥିକ ଠକେଇ, ୬୬୨ଟି ସୋସିଆଲ ମିଡିଆଜନିତ ଏବଂ ୬୫୪ଟି ଅନ୍ୟ ସମ୍ବନ୍ଧୀୟ ଠକେଇ ରହିଛି। ଏସବୁ ଅଭିଯୋଗ ମଧ୍ୟରୁ ୨୦୦ଟି ମାମଲା ରୁଜୁ କରାଯାଇ ୨୨ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୯ଜଣଙ୍କୁ ନୋଟିସ୍‌ରେ ଛଡ଼ାଯାଇଛି। ତେବେ ଠକେଇ ହୋଇଥିବା ୪୫ କୋଟି ୮୪ ଲକ୍ଷ ଟଙ୍କାରୁ ୧୦ କୋଟି ୮୭ ଲକ୍ଷ ଟଙ୍କା ଫ୍ରିଜ୍ ହୋଇଥିବାବେଳେ ୧ ଲକ୍ଷ



### ଅପରାଧୀଙ୍କ ଟାର୍ଗେଟରେ ଭୁବନେଶ୍ୱର

୩୭ ହଜାର ଟଙ୍କା ଠକଙ୍କ ନିକଟରୁ ମୁକୁଳାଇ ଆଣି ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଛି। ତେବେ କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ସାଇବର ଠକେଇ ଟଙ୍କା ଫେରସ୍ତ ମେଳା କରାଯାଇଥିବାବେଳେ ୮ ଅଭିଯୋଗକାରୀ ସେମାନଙ୍କ ଟଙ୍କା ଫେରିପାଇଛନ୍ତି। ତେବେ ଠକେଇର ଶିକାର ହେଲେ ଗୋଲ୍ଡେନ୍ ଆୱାର ଭିତରେ ତୁରନ୍ତ ୧୯୩୦ରେ କଲ୍ କିମ୍ବା ଚକ୍ଷୁ ପୋର୍ଟାଲରେ ରିପୋର୍ଟ କରିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା ପାଠ୍ୟକ୍ରମର ଆବଶ୍ୟକତା ରହିଛି




ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳନକାରୀ କେ. ରବି କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର,୨୯।୮(ଶର୍ମିଷ୍ଠା ପାଣିଗ୍ରାହୀ)

### ଜାତୀୟ କ୍ରୀଡ଼ା ଦିବସ ପାଳିତ

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ରୀଡା ପରିଷଦ ନିର୍ଦ୍ଦେଶକ ଡ. ବିଜୟ କୁମାର ସୁନ୍ଦରାୟଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ସିଡିସି ଡାଇରେକ୍ଟର ପ୍ରଫେସର ନିଗମାନନ୍ଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶାରୀରିକ ଶିକ୍ଷାର ବିକାଶ ପାଇଁ ଜାତୀୟ ଶିକ୍ଷା ନୀତିର ବିଭିନ୍ନ ଉପଯୋଗିତା ଓ ବିଶ୍ୱବିଦ୍ୟାଳୟରେ କ୍ରୀଡା ଭିତ୍ତିଭୂମିର ବିକାଶ ତଥା କ୍ରୀଡା ପାଠ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ବକ୍ତା ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳନକାରୀ କେ. ରବି କୁମାର କ୍ରୀଡ଼ାର ବିକାଶ ପାଇଁ ନିଜସ୍ୱ ମତ ରଖିଥିଲେ। ଆଲୋଚନାଚକ୍ରକୁ ଉପସଭାପତି ଡ. କୀର୍ତ୍ତିରଞ୍ଜନ ମଲ୍ଲିକ ପରିଚାଳନା କରିଥିବାବେଳେ ପ୍ରଶାନ୍ତ କୁମାର ମହାନ୍ତି, ଡ. ବେଣୁଧର ଦାସ, ଡ. ପ୍ରବୀର ମହାନ୍ତି ଓ ଚତୁର୍ଭୁଜ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ମଇନୁଲ ହକ୍‌ଙ୍କୁ 'ଗୁରୁଦକ୍ଷିଣା ସମ୍ମାନ'




ଗୁରୁଦକ୍ଷିଣା ଉତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୨୯।୮(ଶର୍ମିଷ୍ଠା ପାଣିଗ୍ରାହୀ)

### ଗୁରୁଦକ୍ଷିଣା ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

କଳାଶ୍ରମ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ତିନିଦିନିଆ 'ଗୁରୁ ଦକ୍ଷିଣା ଉତ୍ସବ'ର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ରାଜ୍ୟ ତଥା ରାଜ୍ୟ ବାହାରର ବହୁ ବିଶିଷ୍ଟ ବ୍ୟକ୍ତି ଓ କଳାକାର ଯୋଗଦେଇଥିଲେ। ଏହି ଅବସରରେ ଭାରତର ବିଶିଷ୍ଟ ମାଇମ୍ ଆର୍ଟିଷ୍ଟ ମଇନୁଲ ହକ୍‌ଙ୍କୁ 'ଗୁରୁ ଦକ୍ଷିଣା ସମ୍ମାନ-୨୦୨୪' ଓ ଗୁରୁ ବ୍ରଜକିଶୋର ମଲ୍ଲିକଙ୍କୁ 'ସୃଜନଶୀଳ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ଅତିଥି ଭାବେ ଗୁରୁ ବିମ୍ବାଧର ଦାସ, ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଏମ୍‌ଜିଏମ୍ ମିନେରାଲ୍‌ର ଚେୟାରମ୍ୟାନ ସୀମା ମହାନ୍ତି ଓ ଅନୁଷ୍ଠାନର ସଭାପତି ଅମୂଲ୍ୟ କୁମାର ଆଇଚ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଦିବ୍ୟାଙ୍ଗ କଳାକାର ଅସିତ, ଅମିତ ଓ ଗୁରୁ କୁଳମଣି ସାହୁଙ୍କ ଦ୍ୱାରା ବଂଶୀବାଦନ କରାଯାଇଥିଲା। ସତ୍ୟବ୍ରତ ସାହୁ ଓ ସାଥୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ମାଇମ ଆର୍ଟିଷ୍ଟ ମଇନୁଲ ହକ୍ କଳା ପ୍ରଦର୍ଶନ କରିଥିଲେ। ଗୁରୁ ଲିଙ୍ଗରାଜ ସ୍ୱାଇଁ, ମନୋଜ କୁମାର ବେହେରା ଓ ସାଥୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ ସନ୍ଧ୍ୟା ବେଶ ମନୋରମ ହୋଇଥିଲା। କାର୍ଯ୍ୟକ୍ରମକୁ ଗୁରୁ ବିଜୟ କୁମାର ଦାସ, ଖବରଦାତା ମନୋଜ ଦାସ ପ୍ରମୁଖ ପରିଚାଳନା କରିଥିବାବେଳେ ସଂଯୋଜନା କରିଥିଲେ ଇଂ. ଶ୍ରୀନିବାସ ଘଟୁଆରୀ।

### ଚାକିରି ସର୍ତ୍ତାବଳୀ ଠିକ୍ ନ ଥିବା ଅଭିଯୋଗ ଭିତ୍ତିହୀନ

ବାଲିପାଟଣା,୨୯।୮(ଅଭିମନ୍ୟୁ ନାୟକ): ଚାକିରି ସର୍ତ୍ତାବଳୀ ଠିକ୍ ନ ଥିବା ଅଭିଯୋଗ ଭିତ୍ତିହୀନ ବୋଲି ଦଳିତ ଶିକ୍ଷକ ଜନ୍ମେଶ୍ୱର ମଲ୍ଲିକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଅଠାନ୍ତର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିବା ଜନ୍ମେଶ୍ୱର ମଲ୍ଲିକଙ୍କ ଚାକିରି ସର୍ତ୍ତାବଳୀ ଠିକ୍ ଭାବରେ ଅନୁସରଣ କରାଯାଇ ନାହିଁ। କାଗଜପତ୍ରରୁ ଜଣାପଡ଼ିଛି ସେଭଳି କିଛି ତ୍ରୁଟି ନାହିଁ। ମଲ୍ଲିକ ୧୯୯୦ ଜାନୁଆରୀ ୨୪ରେ ଚିଲିକା ବ୍ଲକ୍‌ରେ ଶିକ୍ଷା କର୍ମୀ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୯୯୪ରେ ସେ ସେଠାରେ ନିୟମିତ ହୋଇଥିଲେ। ୧୯୯୮ରେ ସିଟି ତାଲିମ୍‌ପ୍ରାପ୍ତ ହୋଇ ସେହି ଅନୁସାରେ ଦରମା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସ୍ନାତକ ଉପାଧି ପାଇଥିଲେ ମଧ୍ୟ ଏବେ ବି ସେ ମାଟ୍ରିକ୍ ସିଟି ଶିକ୍ଷକ ଭାବେ ଦରମା ପାଉଛନ୍ତି। ଏ ସମସ୍ତ ତଥ୍ୟ ଶିକ୍ଷକ ମଲ୍ଲିକ ସାମ୍ବାଦିକ ସମ୍ମିଳନୀରେ ଜଣାଇବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି। ଏହିପରି ଅପପ୍ରଚାର ତାଙ୍କୁ ମାନସିକସ୍ତରରେ ଆଘାତ ଦେଇଛି ଓ ତାଙ୍କର ସମ୍ମାନହାନି ହୋଇଛି ବୋଲି କହିଛନ୍ତି। ଏଥିରୁ ବିରତ ନ ହେଲେ ବାଧ୍ୟ ହୋଇ ସେ ଅଦାଲତର ଆଶ୍ରୟ ନେବେ ବୋଲି କହିଛନ୍ତି।

# କଲେଜ ପରିସରରୁ ଛାତ୍ରଙ୍କୁ ଉଠାଇ ନେଇ ନିସ୍ତୁକ ମାଡ଼

### କମେଣ୍ଟମରାକୁ ନେଇ ବିଜେବି ଅଶାନ୍ତ

ଭୁବନେଶ୍ୱର,୨୯।୮(ସୂର୍ଯ୍ୟକାନ୍ତ ବେହେରା)

କମେଣ୍ଟମରାକୁ କେନ୍ଦ୍ରକରି ଭୁବନେଶ୍ୱର ବିଜେବି କଲେଜ ପୁଣି ଅଶାନ୍ତ ହୋଇପଡ଼ିଛି। କେତେଜଣ ଛାତ୍ର ଜଣେ ଛାତ୍ରଙ୍କୁ କଲେଜ ପରିସରରୁ ଉଠାଇ ନେଇ ସୈନିକ ସ୍କୁଲ ନିକଟରେ କିଛି ଅଣଛାତ୍ରଙ୍କ ସହାୟତାରେ ପ୍ରବଳ ମାଡ଼ମାରି ଛାଡି ଦେଇଛନ୍ତି। ଏନେଇ ଆକ୍ରମଣର ଶିକାର ହୋଇଥିବା ଛାତ୍ର ହିତେଶ ବଡଗଡ ଥାନାରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ତାଙ୍କ ଘର ଲକ୍ଷ୍ମୀସାଗର ଅଞ୍ଚଳର ହୋଇଥିବାବେଳେ ସେ ଯୁକ୍ତ୨ରେ ପଢୁଛନ୍ତି। ହିତେଶଙ୍କ ଅଭିଯୋଗ ଆଧାରରେ ବଡଗଡ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହ ଆକ୍ରମଣକାରୀ ଛାତ୍ର ଓ ଅଣଛାତ୍ରଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ପୋଲିସ ସୂଚନାନୁସାରେ, ମାଡ ଖାଇଥିବା ଛାତ୍ର ଜଣକ ଜଣେ ଛାତ୍ରୀଙ୍କୁ କମେଣ୍ଟ କରିଥିଲେ। ଛାତ୍ରୀ ଜଣକ ତାଙ୍କର କେତେଜଣ ସହପାଠୀ ଓ ସିନିୟର ଭାଇଙ୍କୁ ଘଟଣା ସଂକ୍ରାନ୍ତରେ କହିଥିଲେ। ଏହାପରେ ସିନିୟର ଓ ସହପାଠୀମାନେ ଉତ୍ତ୍ୟକ୍ତ ହୋଇ ହିତେଶକୁ କଲେଜ ପରିସରରୁ ଉଠାଇ ନେଇ ସୈନିକ ସ୍କୁଲ ନିକଟକୁ ଯାଇଥିଲେ। ସେଠାରେ ଅଧଘଣ୍ଟା ଧରି ଅନ୍ୟମାନଙ୍କ ସହ ନିସ୍ତୁକ ମାଡ଼ ମାରିଥିଲେ।

# ମାଗଣା ଯୋଜନା ଲୋକଙ୍କୁ ଅଳସୁଆ କରୁଛି

### ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ୨୦୦ତମ ଆଲୋଚନାଚକ୍ର

ଭୁବନେଶ୍ୱର,୨୯।୮(ଶର୍ମିଷ୍ଠା ପାଣିଗ୍ରାହୀ)

ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ମିଳିତ ଆନୁକୂଲ୍ୟରେ ୨୦୦ତମ ଆଲୋଚନାଚକ୍ର ଗୁରୁବାର ଆୟୋଜିତ ହୋଇଯାଇଛି। ସମ୍ମାନିତ ବକ୍ତା ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓଡ଼ିଶାର ପ୍ରଗତିରେ ଶାସନକଳର ପ୍ରଚାର ଓ ପ୍ରସାରଧର୍ମୀ କାର୍ଯ୍ୟ ପରିବର୍ତ୍ତେ ପ୍ରକୃତ କାର୍ଯ୍ୟ କରିବାର ମନୋବୃତ୍ତି ପ୍ରତିଫଳିତ ହେଉ ବୋଲି ମତ ରଖିଥିଲେ। କେବଳ ଅର୍ଥନୈତିକ ଉନ୍ନତି ଯଥେଷ୍ଟ ନୁହେଁ, ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ସେ ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଓଡ଼ିଶା ଅର୍ଥନୀତିର ବିଶ୍ଳେଷଣ କରି କହିଲେ, ମାଗଣା କିମ୍ବା ସବ୍‌ସିଡି ପାଇଁ ଦେଶ ଉନ୍ନତି କରିପାରିବ ନାହିଁ। ଲୋକଙ୍କୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ ଶିଳ୍ପସଂସ୍ଥାର ଆବଶ୍ୟକତା ଅଛି। ତା' ସହିତ ଭିତ୍ତିଭୂମିର ବିକାଶ ମଧ୍ୟ ଅତ୍ୟନ୍ତ ଜରୁରୀ। ବିଶିଷ୍ଟ କୃଷିବିତ୍ ନଟବର ଖୁଣ୍ଟିଆ ସରକାରଙ୍କ ମାଗଣା ଯୋଜନା ଲୋକମାନଙ୍କୁ ଅଳସୁଆ କରିଦେଉଛି ବୋଲି କହିଥିଲେ। ଭାରତୀୟ ବିଦ୍ୟାଭବନ ଉପାଧ୍ୟକ୍ଷ କଲୋନେଲ ଶ୍ରୀପ୍ରକାଶ ପାଣି ସବୁକ୍ଷେତ୍ରରେ ଉନ୍ନତି ସମ୍ଭବପର ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଚିନ୍ତନ ମଞ୍ଚର ସଭାପତି ଡ. ଅଶୋକ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ପୀତବାସ ରାଉତରାୟ ଉପସ୍ଥିତ ଥିଲେ। ପରିଚାଳକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମଧୁସ୍ମିତା ବିଶ୍ୱାଳ ଓ ଅମିତାପ୍ରଭା ସ୍ୱାଇଁ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।

# ବ୍ୟାଙ୍କ ଚୋରି ଘଟଣା: ୨ ଗିରଫ, ବନ୍ଧୁକ ଜବତ

ବାରଙ୍ଗ,୨୯।୮(ଲିଙ୍ଗରାଜ ରାଉତ)



ବାରଙ୍ଗ ଥାନା ପୋଲିସ ଏକ ବ୍ୟାଙ୍କ ଚୋରି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନରାଜ ଗ୍ରାମର ତପନ ଦାସ (୨୦) ଓ ତାଙ୍କ ସହଯୋଗୀ ବାଙ୍କୀର ମୁକ୍ତିରଞ୍ଜନ ପରିଡ଼ା (୨୦)। ପୋଲିସ ତାଙ୍କ ନିକଟରୁ ଗୋଟିଏ ୦.୧୨ ଡିବିବିଏଲ୍ ବନ୍ଧୁକ, ଏକ ମୋବାଇଲ୍ ଟ୍ୟାବ୍ ଓ ଗୋଟିଏ କାନାରା ବ୍ୟାଙ୍କ ଏଟିଏମ୍ ଆଡମିନି କାର୍ଡ ଜବତ କରିଛି। ପ୍ରକାଶ ଯେ, ଜୁଲାଇ ୨୬ ବିଳମ୍ବିତ ରାତିରେ ନରାଜ-ମାର୍ଥାପୁର ଗ୍ରାମରେ ଥିବା କାନାରା ବ୍ୟାଙ୍କରୁ ୨ ଦୁର୍ବୃତ୍ତ ଶାବଳରେ ଝରକା ତାଡ଼ି ବ୍ୟାଙ୍କ ଭିତରକୁ ପଶିଥିଲେ। ବ୍ୟାଙ୍କରୁ କୌଣସି ଟଙ୍କା ନ ପାଇ ଗୋଟିଏ ବନ୍ଧୁକ ଓ ଏକ ଟାବ୍‌ଲେଟ୍ ନେଇଯାଇଥିଲେ। ବ୍ୟାଙ୍କ ଖୋଲିବାବେଳେ ଝରକା ଭଙ୍ଗା ଯାଇଥିବା ସହ କାଗଜପତ୍ର ସବୁ ଏଣେତେଣେ ପଡ଼ିଥିବା ବ୍ୟାଙ୍କ କର୍ମଚାରୀ ଦେଖି ମ୍ୟାନେଜରଙ୍କୁ ସୂଚନା ଦେଇଥିଲେ। ବ୍ୟାଙ୍କ ମ୍ୟାନେଜର ସମୀର ସାହୁଙ୍କ ଅଭିଯୋଗ ଅନୁଯାୟୀ ବାରଙ୍ଗ ଥାନା ପୋଲିସ ୨୩୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗୁରୁବାର ଗିରଫ ପରେ ଅଭିଯୁକ୍ତମାନେ ତାଙ୍କ ଦୋଷ ସ୍ୱୀକାର କରିଥିଲେ। ତପନ ଦୋଷ ସ୍ୱୀକାର କରି କହିଥିଲେ, ସେ ଓ ତାଙ୍କ ସହଯୋଗୀ ମୁକ୍ତିରଞ୍ଜନ ମିଶି ସେହି ରାତିରେ ଉକ୍ତ ବ୍ୟାଙ୍କର ଝରକା ତାଡ଼ି ଭିତରେ ପଶି ଟଙ୍କା ଚୋରି କରିବା ଉଦ୍ଦେଶ୍ୟରେ ଆଲମିରା ଖୋଲିଥିଲେ। କିନ୍ତୁ ଟଙ୍କା ଆଲମିରାନ ଖୋଲିପାରିବାରୁ ଅନ୍ୟ ଏକ ଆଲମିରାରେ ଥିବା ଏକ ବନ୍ଧୁକ ଓ ଟାବ୍‌ଲେଟ୍ ଚୋରି କରି ନେଇଥିଲେ। ଚୋରି ସାମଗ୍ରୀଗୁଡ଼ିକୁ ନରାଜ ଗ୍ରାମର ଖେଳପଡ଼ିଆ ନିକଟରେ ଥିବା ନଡ଼ା ଗଦାରେ ଲୁଚାଇ ରଖିଥିଲେ।

# ପରିବେଶବିତ୍ କାଳୀପ୍ରସାଦଙ୍କ ସ୍ମୃତିରେ ଚାରା ରୋପଣ

ଭୁବନେଶ୍ୱର,୨୯।୮(ଅନୁରାଧା ମହାରଣା)

ପରିବେଶବିତ୍ କାଳୀପ୍ରସାଦ ସାମନ୍ତରାୟଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଚାରାରୋପଣ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଶିଖରଚଣ୍ଡୀ ପାହାଡରେ ୧୦୦ଟି ଚାରାରୋପଣ କରାଯାଇଛି। ଉତ୍କଳ ନ୍ୟାସମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର, ଡକ୍ଟର ବିଳାସ ଚନ୍ଦ୍ର ମନ୍ତ୍ରୀ ଓ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେମାନେ ଚାରା ରୋପଣ କରିବା ସହ ସ୍ୱର୍ଗତ କାଳୀପ୍ରସାଦ ସାମନ୍ତରାୟଙ୍କ ସମାଜ ଓ ପରିବେଶ ସନ୍ତୁଳନ ପ୍ରତି ଥିବା ଅବଦାନକୁ ସମସ୍ତେ ମନେପକାଇଥିଲେ।




ଭୁବନେଶ୍ୱରସ୍ଥିତ ଶିଖରଚଣ୍ଡୀ ପାହାଡ଼ରେ ଚାରାରୋପଣ ଅବସରରେ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

# ପ୍ରତିଟି ଆନ୍ଦୋଳନରେ ଓଡ଼ିଶା ଆଗରେ ଥିଲା

ଭୁବନେଶ୍ୱର,୨୯।୮(ଶର୍ମିଷ୍ଠା ପାଣିଗ୍ରାହୀ)



ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ବିଜୟକେତନ ଉପାଧ୍ୟାୟଙ୍କ ସହ ଅନ୍ୟ ଅତିଥିମାନେ।

### ରାଜ୍ୟ ଅଭିଲେଖାଗାରରେ ୭୭ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୭୭ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ବିଜୟକେତନ ଉପାଧ୍ୟାୟ ଯୋଗଦେଇ ସଂସ୍କୃତି ଚର୍ଚ୍ଚାର ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିସହ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ସହ ଜଡ଼ିତ ଥିବା ଅନେକ କଥାର ଆଲୋଚନା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ହୋଇପାରୁଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଗାନ୍ଧୀ ଚେତନା ପ୍ରଚାରକ, ସାମ୍ବାଦିକ ତଥା ପ୍ରକାଶକ ବିରୂପାକ୍ଷ ତ୍ରିପାଠୀ ଯୋଗଦେଇ କହିଲେ, ଭାରତ ବର୍ଷ ଯେତେବେଳେ ତା'ର ସ୍ୱାଧୀନତା ଲାଗି ରକ୍ତସ୍ନାନ କରିବାକୁ ପ୍ରସ୍ତୁତ ହେଉଥିଲା, ସେତେବେଳେ ଓଡ଼ିଶା ମଧ୍ୟ ପଛରେ ନ ଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବହୁପୂର୍ବରୁ ଓଡ଼ିଆ ଭୂଖଣ୍ଡର ପ୍ରତ୍ୟେକ କୋଣ ଅନୁକୋଣରେ ମହାତ୍ମା ଗାନ୍ଧୀଙ୍କର ସେହି ବାର୍ତ୍ତା ପହଞ୍ଚି ସାରିଥିଲା ଓ ସଂଗ୍ରାମର ବହ୍ନି ପ୍ରଜ୍ୱଳିତ ହୋଇସାରିଥିଲା। ସେଥିଲାଗି ୧୯୨୧ରୁ ଗାନ୍ଧିଜୀଙ୍କର ଓଡ଼ିଶା ଆଗମନ ମଧ୍ୟ ଆରମ୍ଭ ହୋଇଯାଇଥିଲା। ପ୍ରତ୍ୟେକ ଆନ୍ଦୋଳନରେ ଓଡ଼ିଶା ଆଗରେ ଥିଲା। ଯେଉଁମାନେ ସାମଗ୍ରିକ ଭାବେ ବିପ୍ଳବର ଏହି ରାସ୍ତାରେ ଆଗକୁ ବାହାରି ବ୍ରିଟିଶ ପୋଲିସର ବନ୍ଧୁକ ସାମ୍ନାରେ ଛାତିପତାଇ ଦେଇଥିଲେ, ସେମାନେ ଜଣେ ଜଣେ ଅଧିନାୟକ। ସେମାନେ ହିଁ ଅନାଲୋଚିତ ଅଧିନାୟକ। ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ ସଭା ପରିଚାଳନା କରିଥିଲେ। ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିଲେ। ସଂସ୍କୃତି ବିଭାଗର ଅନୁଶାସନ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୮।୨୦୨୪

| | |
|---|---|
| ୮,୨୫,୨୯୬ ଟଙ୍କା | |
| ସୁନା | ୨.୫୫୦ ଗ୍ରାମ୍ |
| ରୁପା | ୬.୨୦୦ ଗ୍ରାମ୍ |

# ସାକ୍ଷୀଗୋପାଳଙ୍କ କାଳୀୟଦଳନ ବେଶ

ସାକ୍ଷୀଗୋପାଳ,୨୯।୮
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀ ତିଥି ଗୁରୁବାର ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ କାଳୀୟ ଦଳନ ପର୍ବ ଓ ଦେବ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାକ୍ଷୀଗୋପାଳ ଠାକୁର କାଳୀୟଦଳନ ବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରତ୍ନସିଂହାସନ ଉପରେ ଠାକୁରଙ୍କ ଛନ୍ଦାଚରଣ ଓ ଶ୍ରୀଭୁଜକୁ ଲୁଚାଇ ଦିଆଯାଇ ସୋଲରେ ତିଆରି ଖଞ୍ଜା ଶ୍ରୀପୟର, ଚତୁର୍ଭୁଜ ଖଞ୍ଜି ଦିଆଯାଇଥିଲା। ଦରଜି ଓ ମଣ୍ଡଣି ସୁଆଁସିଆ ସେବକ କଦଳୀପତ୍ର ବାହୁଙ୍ଗା ଓ କଳାଧଳା କପଡ଼ାରେ ପ୍ରସ୍ତୁତ କରିଥିବା କାଳୀୟନାଗ ଠାକୁରଙ୍କ ଚତୁଃପାର୍ଶ୍ୱରେ ଲଗାଯାଇଥିଲା। ସପ୍ତଫେଣୀ ନାଗ ଉପରେ ଠାକୁର ଦଣ୍ଡାୟମାନ ହୋଇ ଗୋଟିଏ ହାତରେ ସର୍ପର ଲାଞ୍ଜ ଧରି ବିଷଧରକୁ ନିୟନ୍ତ୍ରଣ କରୁଥିବା ଦୃଶ୍ୟ ଦେଖି ଭକ୍ତମାନେ ବିମୋହିତ ହୋଇଥିଲେ। ଦୈନନ୍ଦିନ ଦେବନୀତି ସହିତ ଗୋଧନ ବାହୁଡ଼ା ଭୋଗ ପରେ ସାକ୍ଷୀଗୋପାଳଙ୍କ ବିଜେ ପ୍ରତିମା ଶ୍ରୀମଦନ ମୋହନ ଓ ଲବଣି



ଗରୁଡ଼ ବେଶଧାରୀ ବିଶୋୟୀ ସେବାୟତ ।

ଚୋରା ଠାକୁର ବିମାନରେ ରଙ୍ଗଣିସାହିସ୍ଥିତ ଲବଣିଖିଆ ମଣ୍ଡପକୁ ବିଜେ କରିଥିଲେ। ମହାଭୋଇ କୁଳର ବଧୂମାନେ ଠାକୁରଙ୍କୁ ବନ୍ଦାପନା କରିଥିଲେ। ଏହି ବିଧି ସମ୍ପନ୍ନ ହେବା ପରେ ଠାକୁର ବିମାନ ଯୋଗେ ରାଧାକୁଣ୍ଡକୁ ବିଜେ କରିଥିଲେ। ସେଠାରେ ପନ୍ତିଭୋଗ, ଆଳତି, ଉପଚାର ଆଦି ସମ୍ପନ୍ନ କରାଯାଇଥିଲା। ଠାକୁରଙ୍କ ଏହି ଲୀଳାରେ ଜଣେ ସେବାୟତ ଶ୍ରୀକୃଷ୍ଣ ବେଶରେ, ମଣ୍ଡଣି ସୁଆଁସିଆ ସେବକ କାଳୀୟନାଗ ବେଶରେ ଏବଂ ଅନ୍ୟ ଜଣେ ବିଶୋଇ ସେବକ ଗରୁଡ଼ ବେଶ ଧାରଣ କରିଥିଲେ। ବିଳମ୍ବିତ ରାତିରେ ମନ୍ଦିରକୁ ଫେରିବା ପରେ ସାକ୍ଷୀଗୋପାଳ ଠାକୁର କାଳୀୟଦଳନ ବେଶରେ ଭକ୍ତଙ୍କୁ ଦର୍ଶନ କରିଥିଲେ।

ପୁରାଣ ବର୍ଣ୍ଣିତ କଥା ଅନୁଯାୟୀ, କଂସ ମହାରାଜାଙ୍କ ଆଦେଶରେ କାଳନ୍ଦୀ ହ୍ରଦକୁ ଲକ୍ଷେ ପଦ୍ମ ତୋଳିବା ପାଇଁ ଯାଇଥିବା ଶ୍ରୀକୃଷ୍ଣ କାଳୀୟନାଗ ଦଂଶନରେ ମୂର୍ଚ୍ଛିତ ହୋଇଯାଇଥିଲେ। ଶ୍ରୀକୃଷ୍ଣଙ୍କ ବିଷ ହରଣ କରିବାକୁ ଗରୁଡ଼ ସେବା କରିଥିଲେ। ସାକ୍ଷୀଗୋପାଳ ଠାକୁରଙ୍କ ଏହି ଲୀଳା ପରମ୍ପରା କ୍ରମେ କୃତ୍ରିମ କାଳୀୟ ହ୍ରଦ ରାଧାକୁଣ୍ଡ ପୁଷ୍କରିଣୀରେ ଦେବନୀତି ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଘଣ୍ଟ ବଜାଇ ମଶାଲ ଜଳାଇ ଅଣ୍ଟାରେ ଘଣ୍ଟି ଘାଗୁଡ଼ି ମାଳ, ମୁଣ୍ଡରେ ମୁକୁଟ, ଲମ୍ବା ନାକ, ଭୁଜରେ ଡେଣା ବାନ୍ଧି ସେଠାରେ ଗରୁଡ଼ ପହଞ୍ଚି ଶ୍ରୀକୃଷ୍ଣଙ୍କୁ ଡେଣାରେ ଝାଡ଼ିବା ସହିତ ଅମୃତ ଲଡ୍ଡୁ ଖୁଆଇ ବିଷ ହରଣ କରିଥିଲେ। ସ୍ଥାନୀୟ ଗୋପାଳପୁରପାଟଣା ଗ୍ରାମର ବିଶୋଇ ସେବକ ନାରାୟଣ ମହାପାତ୍ରଙ୍କ ପରିବାର ଗରୁଡ଼ ବେଶ ସେବା ସମ୍ପନ୍ନ କରାଯାଇଥିବାବେଳେ ଚିତ୍ତରଞ୍ଜନ ଶତପଥୀ କୃଷ୍ଣବେଶ ଏବଂ ସେବାମଣ୍ଡଣି ସୁଆଁସିଆ ପଦ୍ମନାଭ ଦଳେଇ କାଳୀୟନାଗ ବେଶ ହୋଇଥିଲେ। ଦରଜି ସେବକ ସତ୍ୟବାଦୀ ମହାପାତ୍ର କାଳୀୟନାଗ ତିଆରି କରିଥିଲେ।

## 'ଅଗ୍ନିବିପନ୍ନଙ୍କୁ ସହାୟତା ଯଥେଷ୍ଟ ନୁହେଁ'



ବିପନ୍ନଙ୍କୁ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ବସ୍ତ୍ର ବଣ୍ଟନ କରୁଛନ୍ତି ।

ସାକ୍ଷୀଗୋପାଳ,୨୯।୮(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ/ଭରତ ରାଉତ)

ଘରପୋଡ଼ି ପରେ ତୁହାକୁ ତୁହା ବର୍ଷାରେ ଆଳିଶ ଗ୍ରାମରେ ଅଗ୍ନିବିପନ୍ନ ପରିବାରଙ୍କ ଦୁଃଖଦୁର୍ଦ୍ଦଶା ବଳିପଡ଼ିଛି। କ୍ଷତିଗ୍ରସ୍ତ ଲୋକଙ୍କୁ ଯୋଗାଇ ଦିଆଯାଇଥିବା ସରକାରୀ ସହାୟତା ଯଥେଷ୍ଟ ନୁହେଁ ବୋଲି ଗୁରୁବାର ଆଳିଶ ଗ୍ରାମରେ ଅଗ୍ନିବିପନ୍ନଙ୍କୁ ଭେଟି ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ କହିଛନ୍ତି। ଖଣ୍ଡେ ପଲିଥିନ, ପଞ୍ଚାୟତରୁ ରନ୍ଧାଖାଦ୍ୟ ଓ କିଛି ଶୁଖିଲା ଖାଦ୍ୟ ଦେଇ ସରକାରୀ କଳ ନୀରବ ରହିବା ଦ୍ୱାରା ସେମାନଙ୍କ ପ୍ରତି ଅବହେଳା କରାଯାଉଛି ବୋଲି ସେ କହିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସ୍‌ଡିଆର୍‌ଏଫ୍)ରୁ ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା କରାଯିବା ନିୟମ ରହିଥିବା ବେଳେ ଏହାର ବିନିଯୋଗ କରାଯାଉ ନାହିଁ। ଏଥିସହିତ ନିଆଁ ଲିଭାଇବା ବେଳେ ଆହତ ହୋଇଥିବା ଗୁଣନିଧିଙ୍କୁ ମାଗଣାରେ ଉନ୍ନତ ଚିକିତ୍ସା ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ମିଳିପାରିବ ବୋଲି ହରିଚନ୍ଦନ କହିଥିବାବେଳେ ବିପନ୍ନ ଲୋକଙ୍କୁ ଭେଟି ୧୫ଟି ପରିବାରରଙ୍କୁ ଡେକଚି, ହାଣ୍ଡି, କଡ଼େଇ, ବାସନ, ତାର୍ପୋଲିନ, ଛତା, ଗୋଖାଦ୍ୟ, ଚୁଡ଼ା , ଚିନି, ବିସ୍କୁଟ, ଧୋତି, ଗାମୁଛା, ଶାଢ଼ି ଓ ମହମବତି ଯୋଗାଇ ଦେଇଛନ୍ତି। ହରିଚନ୍ଦନଙ୍କ ସହିତ ସତ୍ୟବାଦୀ ବ୍ଲକ କଂଗ୍ରେସ ସଭାପତି ସୁବାସ ମହାପାତ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଜୟନ୍ତ ହୋତା, କାହ୍ନୁଚରଣ ପ୍ରଧାନ, ସ୍ଥାନୀୟ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ସେହିପରି ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ ଏବଂ ସ୍ଥାନୀୟ କଂଗ୍ରେସ ନେତା ମନୋଜ ରଥଙ୍କ ସମେତ ଲୋକ ସେବକ ମଣ୍ଡଳ ପକ୍ଷରୁ ବିପନ୍ନ ପରିବାରଙ୍କୁ ସହାୟତା ଯୋଗାଇ ଦିଆଯାଇଛି।




ଜିଲା ପ୍ରଶାସନ ପକ୍ଷରୁ ତାଳବଣିଆଠାରେ ଆୟୋଜିତ ଶୋଭାଯାତ୍ରାକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ୩ ପଞ୍ଚାୟତ ଜଳମଗ୍ନ: ଫସଲ କ୍ଷତିଗ୍ରସ୍ତ

ଦୟାନଦୀ ବିପଦ ସଙ୍କେତ ନିକଟତର

କଣାସ,୨୯।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ଓ ଶାଖା ରାଜୁଆ, ମକରା ନଦୀରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ଦୟା ନଦୀର କଣାସଠାରେ ବିପଦ ସଙ୍କେତ ୩.୯୯ମି.ମି ଥିବାବେଳେ ଗୁରୁବାର ଜଳସ୍ତର ୩.୮୧ମି.ମି ପ୍ରବାହିତ ହେଉଛି। ଦୟା ଓ ରାଜୁଆ ନଦୀର ଜଳପତ୍ତନ ବୃଦ୍ଧି ପାଉଥିବାରୁ ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର ଗ୍ରାମପଞ୍ଚାୟତର ଦୋକନ୍ଦା, ବାଲିପାଟଣା, ତରପଡା, ବଡାସ, ବୈଦ୍ୟନାଥପାଟଣା, ଗଡ଼ବଳଭଦ୍ରପୁର, କଖାରୁବସ୍ତ, ସବଳଙ୍ଗ, ଅଠରବାଟିଆ ଗ୍ରାମର ଧାନଜମିରେ ବନ୍ୟାଜଳ ପ୍ରବେଶ କରିଛି। ଚାଷୀମାନେ ଉକ୍ତ ଜମିରେ ଚାଷ କରିଥିବା ଧାନ ଓ ପରିବା ଫସଲ ନଷ୍ଟ ହୋଇଯାଇଛି।

### ମୋଟର ଚୋରି:୨ ଗିରଫ

ବଳଙ୍ଗା,୨୯।୮(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ହରିପୁରସ୍ଥିତ ଭାର୍ଗବୀ ନଦୀପଠାରେ ଥିବା ଇଟା ଫ୍ୟାକ୍ଟ୍ରିରୁ ବିଦ୍ୟୁତ ଚାଳିତ ପାଣିମୋଟର ଚୋରି କରିବା ଅଭିଯୋଗରେ ବଳଙ୍ଗା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ହରିପୁର ଦଳିତ ସାହିର ବଳରାମ ସେଠୀ ଓ ଛବି ବେହେରା। ସୂଚନା ମୁତାବକ, ବଳରାମ ଓ ଛବି ବୁଧବାର ବିଳମ୍ବିତ ରାତିରେ ଇଟା ଫ୍ୟାକ୍ଟ୍ରିରୁ ବିଦ୍ୟୁତ ଚାଳିତ ପାଣିମୋଟର ଚୋରି କରି ନେବାବେଳେ ସେଠାରେ କାମ କରୁଥିବା ଲୋକେ ଦେଖି ପାଟି କରିବାରୁ ଅଭିଯୁକ୍ତ ମୋଟର ନେଇ ପଳାଇଥିଲେ। ଏନେଇ ଗୁରୁବାର ସକାଳେ ସନ୍ତୋଷଙ୍କ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ହରିପୁର ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ବଜ୍ରପାତରେ ଶିକ୍ଷକ ଗୁରୁତର

କଣାସ,୨୯।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ନାବାଡା ଗ୍ରାମର ଶିକ୍ଷକ ମଳୟ କୁମାର ଜେନା ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମଳୟ ତାଙ୍କ ଭାଉଜ ତଥା ଶିକ୍ଷୟିତ୍ରୀ ଶୁଭସ୍ମିତା ଶ୍ରୀଚନ୍ଦନଙ୍କୁ ଆଳିପଡ଼ା ବିଦ୍ୟାଳୟରେ ଛାଡ଼ି ନିଜ ବିଦ୍ୟାଳୟ ସିରେଇ ସ୍କୁଲକୁ ଆସୁଥିବାବେଳେ ବାଟରେ ବର୍ଷା ହେବାରୁ ଅଡାଳଠାରେ ଏକ କ୍ୟାବିନ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେ ଅଚେତ ହୋଇ ପଡ଼ିଯାଇଥିଲେ। ଖବର ପାଇ ତାଙ୍କ ବଡ଼ଭାଇ କଣାସ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଜେନା ସେଠାରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଚିକିତ୍ସା ପରେ ବର୍ତ୍ତମାନ ମଳୟଙ୍କ ଅବସ୍ଥା ଭଲ ଥିବା ତାଙ୍କ ଭାଇଙ୍କଠାରୁ ଖବର ମିଳିଛି।

### ବଜାର ସଂଘ ସଭାପତି ନବଘନ ପରିଡ଼ାଙ୍କ ପରଲୋକ

କଣାସ,୨୯।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ଦିବ୍ୟସିଂହପୁର ପଞ୍ଚାୟତର ପନାଖିରି ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ନବଘନ ପରିଡ଼ା (୯୦)ଙ୍କର ବୁଧବାର ପରଲୋକ ହୋଇଯାଇଛି। ସେ ସନ୍ଧ୍ୟାରେ ନିରାକାପୁରସ୍ଥିତ ନିଜ ବାସଭବନରେ ଥିବାବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରି ଟଳିପଡ଼ିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେ ଦୀର୍ଘ ୬୦ବର୍ଷ ହେଲା ନିରାକାରପୁର ବଜାରରେ ବସ୍ତ୍ର ଦୋକାନ କରିବା ସହିତ ବଜାର ସଂଘର ସଭାପତି ରହିଥିଲେ। ତାଙ୍କ ମରଶରୀରକୁ ବଜାର ପରିକ୍ରମା କରାଯାଇ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ବଡ଼ପୁଅ ରଜନୀକାନ୍ତ ପରିଡ଼ା ମୁଖାଗ୍ନି ଦେଇଥିଲେ।

## ହକି ଯାଦୁକର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି, ଶୋଭାଯାତ୍ରା

ପୁରୀ,୨୯।୮(ଅଜିତ୍ କୁମାର ମହାନ୍ତି)

ପୃଥିବୀରେ କ୍ରୀଡ଼ା ଥିବା ପର୍ଯ୍ୟନ୍ତ କିମ୍ବଦନ୍ତୀ ହକି ଯାଦୁକର ମେଜର ଧ୍ୟାନଚାନ୍ଦ ଜନମାନସରେ ରହିଥିବେ। ତାଙ୍କ କ୍ରୀଡ଼ା ପ୍ରତିଭା ଅତୁଳନୀୟ। ସମଗ୍ର ବିଶ୍ୱ ତାଙ୍କ ଚମତ୍କାର କ୍ରୀଡ଼ା ନୈପୁଣ୍ୟରେ ଅଭିଭୂତ ହୋଇଥିଲା। ଗୁରୁବାର ଯୁବପିଢ଼ି ଓ କ୍ରୀଡ଼ା ପ୍ରତି ମନୋନିବେଶ କରୁଥିବା ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କ ପାଇଁ ଧ୍ୟାନଚାନ୍ଦ ଆଦର୍ଶ ହୋଇ ରହିଥିବେ ବୋଲି ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଏବଂ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ଗୁରୁବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ତାଳବଣିଆସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଉଭୟ ଅତିରିକ୍ତ ଜିଲାପାଳ ଏକ ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିବା ସହ କ୍ରୀଡ଼ା ଦିବସରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଶୋଭାଯାତ୍ରାରେ ୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରୁ ବାହାରି ଶ୍ରୀଜଗନ୍ନାଥ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ କ୍ରୀଡ଼ାବିତ୍ ମେଜର ଧ୍ୟାନଚାନ୍ଦଙ୍କୁ ଜନ୍ମଦିନରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡ଼ା ସଂସଦର ପ୍ରାକ୍ତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଚୌଧୁରୀ ପାର୍ଥ ସାରଥି ମହାପାତ୍ର, ଖୋ ଖୋ କ୍ରୀଡ଼ାର ମୁଖ୍ୟ କୋଚ ସଞ୍ଜୀବ ଶର୍ମା, ଟାଏକୋଣ୍ଡୋ କୋଚ ମନମୋହନ ଭଞ୍ଜ, ବକ୍ସିଂ କୋଚ୍ ସୁଦର୍ଶନ ସାହୁ, ଭଲିବଲ୍‌ର ପ୍ରାକ୍ତନ କୋଚ ଅଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଜାତୀୟ କ୍ରୀଡ଼ା ଦିବସର ଅନୁଚିନ୍ତା ସହ ଧ୍ୟାନଚାନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ଜିଲା କ୍ରୀଡ଼ା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, କ୍ରୀଡ଼ାବିତ୍, କ୍ରୀଡ଼ା କେନ୍ଦ୍ରରେ ରହୁଥିବା ଅନ୍ତେବାସୀମାନେ ଯୋଗଦେଇଥିଲେ।

## ଛାତ୍ରଙ୍କୁ ଆକ୍ରମଣ, ଯୁବକକୁ କାବୁକଲେ ଲୋକେ

ବ୍ରହ୍ମଗିରି,୨୯।୮(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଥାନା ଅଧୀନ ଧ୍ୱଜାପାଟଣା ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକ ଉକ୍ତ ଗ୍ରାମର ଓମ୍ ପ୍ରଧାନ ନାମକ ଏକ ଛାତ୍ରଙ୍କୁ ଏକାକି ଦେଖି ଏକ ଛୁରା ସାହାର୍ଯ୍ୟରେ ମରଣାତ୍ମକ ଆକ୍ରମଣ କରିଥିଲେ। ଛାତ୍ର ଜଣଙ୍କ ଉକ୍ତ ଯୁବକଙ୍କଠାରୁ କୌଶଳ କ୍ରମେ ଖସି ଯାଇ ତାଙ୍କ ପରିବାର ଲୋକଙ୍କୁ ଏ ବାବଦରେ କହିଥିଲେ। ଫଳରେ ତାଙ୍କ ପରିବାର ଓ ଗ୍ରାମବାସୀ ଆସି ଉକ୍ତ ସନ୍ଦିଗ୍ଧ ଯୁବକଙ୍କୁ କାବୁ କରି ବ୍ରହ୍ମଗିରି ଥାନାରେ ଆଣି ପୋଲିସର ଜିମା ଦେଇଥିଲେ। ଏ ସମ୍ପର୍କରେ ତଦନ୍ତ ଚଳାଇଥିବା ବ୍ରହ୍ମଗିରି ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ମହାପାତ୍ର କହିଛନ୍ତି।

## ୪୫ ଗ୍ରାମ୍ ବ୍ରାଉନସୁଗାର ଜବତ, ବ୍ୟବସାୟୀ ଗିରଫ

ନିମାପଡ଼ା,୨୯।୮(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଅବକାରୀ ଥାନା ପକ୍ଷରୁ ନିମାପଡ଼ା ଥାନା ଅଧୀନ ସର୍ବାପଡ଼ା ଗ୍ରାମ ସାବିତ୍ରୀ ଠାକୁରାଣୀଙ୍କ ମନ୍ଦିର ନିକଟରେ ଚଢ଼ାଉ କରାଯାଇ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଦିଲୀପ ଦାସ(୨୭)। ତାଙ୍କଠାରୁ ୪୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୪ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅବକାରୀ ଥାନା ଅଧିକାରୀଙ୍କଠାରୁ ଜଣାପଡ଼ିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଦିଲୀପଙ୍କ ବିରୋଧରେ ନିମାପଡ଼ା ଅବକାରୀ ଥାନା ପକ୍ଷରୁ କେସ ନଂ. ୮୪/୨୪-୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ନିରୀକ୍ଷକ କୁମ୍ଭପାଣି ସିନ୍ଦୂରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ଶରତ ସାହୁ, ସ୍ୱାଗତିକା ଘଡ଼େଇ ପ୍ରମୁଖ ସଦଳବଳ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

## ଜାତୀୟ କ୍ରୀଡ଼ା ଦିବସ ପାଳିତ

ଡେଲାଙ୍ଗ,୨୯।୮(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ସରକାରୀ ରାଧାକାନ୍ତ ବିଦ୍ୟାପୀଠରେ ଗୁରୁବାର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଅବସରରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ସମାବେଶରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଅଧିକାରୀ ବିନୋଦ କୁମାର ପ୍ରାମାଣିକ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡ଼ାର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଭଲ ଖେଳିବା ଦ୍ୱାରା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଦେଶ ପାଇଁ ଗୌରବ ଆଣିବାରେ ସହାୟ ହେବ କ୍ରୀଡ଼ା। ଏହା ସମେତ ଗୌରବ ଆଣିଥିବା କ୍ରୀଡ଼ାବିତ୍‌ଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ନଟବର ସେଠ ସଭା ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ଶିକ୍ଷକ ଶାଶ୍ୱତ ପ୍ରିୟଦର୍ଶୀ, ଶିକ୍ଷୟିତ୍ରୀ ଇତିଶ୍ରୀ ସ୍ୱାଇଁ, ସ୍ୱର୍ଣ୍ଣଲତା ଭୋଇ, ସୁଶ୍ରୀ ସଙ୍ଗୀତା ସ୍ୱାଇଁ, ଅର୍ଚ୍ଚନା ନାୟକ, ସ୍ମୃତିରେଖା ଚୌଧୁରୀ, ରଶ୍ମିତା ସାହୁ, କର୍ମଚାରୀ ରମେଶ ଚନ୍ଦ୍ର ସ୍ୱାଇଁ, ମନୋଜ ପରିଡ଼ା, ସୁବାସ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂସ୍କୃତ ଭାଷାର ଗରିମା ସମ୍ପର୍କରେ ଆଲୋକପାତ

ପୁରୀ,୨୯।୮(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ତଥା କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡିଙ୍କ ସଞ୍ଚାଳନରେ ସଂସ୍କୃତ ସପ୍ତାହ ମହୋତ୍ସବ ଆୟୋଜିତ ହୋଇଯାଇଛି। ପରିସରର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ସଂସ୍କୃତ ବିଦ୍ୱାନ ପ୍ରଫେସର ହରେକୃଷ୍ଣ ଶତପଥୀ, ବିହାରସ୍ଥିତ ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ସଂସ୍କୃତ ବିଦ୍ୱାନ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ସଂସ୍କୃତ ଭାରତୀ ପୂର୍ବ କ୍ଷେତ୍ରର ସମ୍ପାଦକ ପଣ୍ଡିତ ନୃସିଂହ ଚରଣ ପଣ୍ଡା, ଯାଜପୁର ବିରଜା ମଣ୍ଡଳ ପଣ୍ଡିତ ମହାସଭାର ସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ର ଏବଂ ଶ୍ରୀସଦାଶିବ ପରିସର ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପିକା ସୁଶ୍ରୀ ସ୍ନେହ ନନ୍ଦ ଯୋଗଦେଇ ସଂସ୍କୃତ ଭାଷାର ଗରିମା ଓ ମାହାତ୍ମ୍ୟ ବିଷୟରେ ଆଲୋକପାତ କରିଥିଲେ। ସଂସ୍କୃତ ସପ୍ତାହ ଉପଲକ୍ଷେ ପରିସରର ଅଧ୍ୟାୟୀମାନଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଯଥା-କଣ୍ଠପାଠ, ଭାଷଣ, ନିବନ୍ଧ, ଅକ୍ଷରଶ୍ଳୋକୀ ଏବଂ ସୂକ୍ତିସ୍ପର୍ଦ୍ଧାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପଣ୍ଡିତ ଭୂପତି ଭୂଷଣ ମିଶ୍ର ଏବଂ ପ୍ରାଧ୍ୟାପିକା ସୁଶ୍ରୀ ସ୍ନେହ ନନ୍ଦଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଫେସର ଲଳିତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ଅଧ୍ୟାପକ ଡ. ଜ୍ୟୋତି ପ୍ରକାଶ ନନ୍ଦ ଓ ପ୍ରଫେସର ନିର୍ମଳା ପାଣିଗ୍ରାହୀ ମାନପତ୍ର ପାଠ କରିଥିଲେ। ଡ. ନନ୍ଦିଘୋଷ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୂଜନ, ନୃତ୍ୟ, ଶାସ୍ତ୍ରୀୟ ବାଦ୍ୟ, ସଂସ୍କୃତ ପାଲା ପରିବେଷଣ ଏବଂ ମହାକବି ଭାସ୍‌ଙ୍କ ରଚିତ ଏବଂ ଅଧ୍ୟାପକ ଡ. ସୁବ୍ରତ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶିତ କର୍ଣ୍ଣ ଭାରମ୍ ନାଟକ ପ୍ରଦର୍ଶିତ ହୋଇଥିଲା। ଆବାହିକା ପ୍ରଫେସର ଗୌରପ୍ରିୟା ଦାସ ଧନ୍ୟବାଦ ଦେଇଥିଲେ।

## ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ବଣ୍ଟନ



ନିମାପଡ଼ା,୨୯।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାସ୍ଥିତ ପତିତପାବନ ସେବାସଂଘ ପକ୍ଷରୁ ଭାରତ ସରକାରଙ୍କ ସାମାଜିକ ସୁରକ୍ଷା ମନ୍ତ୍ରଣାଳୟ ଓ ଆଲମିକୋ ସହାୟତାରେ ଏକ ଉପକରଣ ଆବଣ୍ଟନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘଠାରେ ଆୟୋଜିତ ମେଳାରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ଦାଶ ଆଲମିକୋର ଜୁନିୟର ମ୍ୟାନେଜର ବିକାଶ କୁମାର, ଅର୍ଥଟିକ୍ ପ୍ରଦୀପ୍ତା ପାତ୍ର, ବାକ୍ ଶ୍ରବଣ ବିଶେଷଜ୍ଞ ଡ. ଗୁରୁଦତ୍ତ ଲେଙ୍କା, ପତିତପାବନ ସେବାସଂଘ ସମ୍ପାଦକ ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବୁତ୍ ପ୍ରମୁଖ ଯୋଗଦେଇ ଏହି ଆବଣ୍ଟନ ମେଳାର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ଆଲମିକୋ ପକ୍ଷରୁ ମୋଟରେ ୧୪୦ ଜଣ ଭିନ୍ନକ୍ଷମ ବ୍ୟକ୍ତି, ଛାତ୍ରୀଛାତ୍ରଙ୍କୁ ବ୍ୟାଟେରୀଚାଳିତ ଟ୍ରାଇସାଇକେଲ, ୨୦ଟି ହୁଇଲଚେୟାର, ୧୦ଟି ସ୍ମାର୍ଟଫୋନ, ୨୬ଟି ଟିଏଲ୍‌ଏମ୍ କିଟ୍, ୫୬ଟି ଶ୍ରବଣ ଯନ୍ତ୍ର ସମେତ ମୋଟରେ ୨୩୪ଟି ଉପକରଣ ଭିନ୍ନକ୍ଷମ ବ୍ୟକ୍ତି ଓ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଇଥିଲା।

## କାଦୁଆ ନଦୀରେ ବେଆଇନ ଆଡ଼ିବନ୍ଧ ଉଚ୍ଛେଦ

କାକଟପୁର/ଅସ୍ତରଙ୍ଗ,୨୯।୮
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ତହସିଲ ଅଧୀନ କାଦୁଆ ନୂଆଗାଁ ନିକଟରେ ପ୍ରବାହିତ କାଦୁଆ ନଦୀରେ କିଛି ମୁନାଫାଖୋର ବ୍ୟକ୍ତି ବିଶେଷ ନଦୀ ମଧ୍ୟରେ ବାଉଁଶ ଓ ଜରିପାଲ ଦେଇ ନଦୀ ମଧ୍ୟରୁ ମାଛ ସଂଗ୍ରହ କରୁଥିଲେ, ଯାହାକି କାଦୁଆ ନୂଆଗାଁ ଅଞ୍ଚଳରେ ଚାଷ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିଲା। କାକଟପୁର ତହସିଲଦାରଙ୍କ ଉପସ୍ଥିତିରେ କାଦୁଆ ନଦୀ ମଧ୍ୟରେ ସୃଷ୍ଟି କରାଯାଇଥିବା ବାଉଁଶ ଆଡ଼ି ବନ୍ଧକୁ ଉଚ୍ଛେଦ କରାଯାଇଛି।

ସୂଚନା ଅନୁଯାୟୀ, ଗତ କିଛି ମାସ ହେବ ନିଜକୁ ପ୍ରଭାବଶାଳୀ କହି ସ୍ଥାନୀୟ ଅଞ୍ଚଳ ସମସ୍ୟାକୁ ଭ୍ରୁକ୍ଷେପ ନ କରି ନିଜେ ରୋଜଗାର କରିବା ଲକ୍ଷ୍ୟରେ କାଦୁଆ ନୂଆ ଗାଁ ନିକଟରେ ପ୍ରବାହିତ କାଦୁଆ ନଦୀର ଧନିତ୍ରୀ, ସନ୍ତରସ ଓ ବବୁଆ ଅଞ୍ଚଳର ୪ଟି ସ୍ଥାନରେ ନଦୀ ମଧ୍ୟରେ ସୁଦୃଢ଼ ଭାବେ ବାଉଁଶର ଆଡ଼ିବନ୍ଧ ସହ ମାଛକୁ ରୋକିବାକୁ ଜାଲ ଓ ଜରି ପ୍ରସ୍ତୁତ ବନ୍ଧ ନିର୍ମାଣ କରିଥିଲେ। ଯାହାକି ସ୍ଥାନୀୟ ଅଞ୍ଚଳ ଚାଷ ଜମି ନଷ୍ଟ ହେବା ସହ ଚାଷୀ କ୍ଷତିର ସମ୍ମୁଖୀନ ହେଉଥିଲେ। କାଦୁଆ ନୂଆଗାଁ ଅଞ୍ଚଳର ବିଭିନ୍ନ ରାଜସ୍ୱ ଗ୍ରାମର ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ପତ୍ର କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତାଙ୍କୁ ଦେଇଥିଲେ। ଏହା ପରେ କାକଟପୁର ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ସ୍ଥାନ ପରିଦର୍ଶନ କରି ସ୍ଥିତି ସମ୍ବନ୍ଧରେ ଜାଣିବା ପରେ ଗୁରୁବାର ବାଉଁଶ ଆଡ଼ି ବନ୍ଧ ଉଚ୍ଛେଦ ଅଭିଯାନ କରିଥିଲେ। ଏହି ଉଚ୍ଛେଦ କାର୍ଯ୍ୟକ୍ରମଟି ଏକକାଳୀନ ଧନିତ୍ରୀ, ବବୁଆ, ସନ୍ତରସ ଅଞ୍ଚଳରେ ଥିବା ୪ଟି ସ୍ଥାନରେ ଭଙ୍ଗା ହୋଇଥିଲା। ତହସିଲଦାର ଅଙ୍କିତା, କୋଣାର୍କ ଥାନା ଏଏସ୍‌ଆଇ ଜେ.ଆର୍. ସାହୁ, ସୁପରଭାଇଜର ସସ୍ମିତା ମହାରଣା, ରାଜସ୍ୱ ନିରୀକ୍ଷକ ବିଜୟ ମହାନ୍ତିଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଯୋଗଦେଇଥିଲେ। ଆଡ଼ିବନ୍ଧ ଉଚ୍ଛେଦରେ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ।

## 'ଶିକ୍ଷା ସହ କ୍ରୀଡ଼ା ଦକ୍ଷତା ବୃଦ୍ଧି ପାଇଁ ପ୍ରଚେଷ୍ଟା ଜାରି ରଖ'

ପିପିଲି,୨୯।୮
(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଭାରତର କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଓ ଆମ ଦେଶ ପ୍ରତି ତାଙ୍କର ଅବଦାନକୁ ମନେ ପକାଇବାକୁ ଅଗଷ୍ଟ ୨୯ ଗୁରୁବାର ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ପିପିଲି ମିଶନ ସ୍କୁଲଠାରେ ଆଖପାଖର ପ୍ରାୟ ୧୨ଟି ସ୍କୁଲର ଛାତ୍ରୀଛାତ୍ର ଏକତ୍ରିତ ହୋଇ ବିରାଟ ପଦଯାତ୍ରାରେ ବାହାରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସହ ଅନୁଷ୍ଠାନ ଉପଦେଷ୍ଟା ତଥା ଅବସରପ୍ରାପ୍ତ ସେନା ଅଧିକାରୀ ଲେଫ୍ଟେନାଲ ଜେନେରାଲ ନାରାୟଣ ମହାନ୍ତି ଯୋଗଦେଇ ପତାକା ଦେଖାଇ ପଦଯାତ୍ରାର ଶୁଭ ଉଦ୍‌ଘାଟନ କରିଥିଲେ। ପଦଯାତ୍ରାରେ ଆନ୍ତର୍ଜାତିକ କ୍ରୀଡ଼ାବିତ ଦୁତୀ ଚାନ୍ଦ, ପୂର୍ଣ୍ଣିମା ହେମ୍ବ୍ରମ୍,



ଖେଳାଳିମାନଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି ।

ଆଂଶିକା ମହାପାତ୍ର ଓ ସିନେ ଅଭିନେତା ବବି ମିଶ୍ରଙ୍କ ସହ ଅନେକ କ୍ରୀଡ଼ାବିତ୍ ନିଜକୁ ସାମିଲ କରିଥିଲେ। ପଦଯାତ୍ରା ପିପିଲି ଜବାହର ବଦ୍ୟାପୀଠଠାରେ ପହଞ୍ଚିଥିଲା। ଛାତ୍ରୀଛାତ୍ର ଶିକ୍ଷା ସହ କ୍ରୀଡ଼ା ଦକ୍ଷତା ବୃଦ୍ଧି ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ଅତିଥି ମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ୫ କ୍ରୀଡ଼ା ଶିକ୍ଷକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ତଥା ବାୟୁସେନା ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ର, ସହ ସମ୍ପାଦକ ଦୀନବନ୍ଧୁ ବେଉରା, ଉପସଭାପତି ଇଂ ରମେଶ ଚନ୍ଦ୍ର ସତପଥୀ, ପ୍ରକାଶ ମିଶ୍ର, ଶିକ୍ଷାବିତ୍ ହେମନ୍ତ ପ୍ରଧାନ, କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱାଗତିକା ସାମନ୍ତରାୟ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ତ୍ରିନାଥ ସାମନ୍ତରାୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ସୁଜିତ୍ ନାୟକ, ଜଗନ୍ନାଥ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

ସେହିପରି ଗୋବିନ୍ଦପୁର କ୍ଲଷ୍ଟର ର ତଲଉ ପ୍ରକଳ୍ପ ପ୍ରାଥମିକ, ଶିଉଳା କେନ୍ଦ୍ର ପ୍ରାଥମିକ, କୁଞ୍ଜର ପ୍ରାଥମିକ, କଣ୍ଟାପଡ଼ା ପ୍ରାଥମିକ, ଗୋବିନ୍ଦପୁର ନୋଡାଲ ୟୁପି, ଗୋବିନ୍ଦପୁର ହାଇସ୍କୁଲ, ହରିଅନ୍ତା ପିୟୁପି, ଆରୁହା ୟୁଜିୟୁପି, ଅଡଙ୍ଗପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏଥିରେ ସିଆର୍‌ସିସି ଚିନ୍ତାମଣି ଓଝା ତତ୍ତ୍ୱାବଧାନ କରିଥିଲେ। ଛାତ୍ରୀଛାତ୍ର ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ଧୂପ ଦୀପ ପ୍ରଦାନ ପୂର୍ବକ ଶପଥ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଚେସ୍, ଖୋ ଖୋ, ବ୍ୟାଡମିଣ୍ଟନ, ରୁମାଲ ଚୋରି ଆଦି ଖେଳ ଖେଳା ଯାଇଥିଲା। ଧ୍ୟାନଚାନ୍ଦଙ୍କ ସମ୍ବନ୍ଧରେ ଚିତ୍ର, ବକ୍ତୃତା, ପ୍ରବନ୍ଧ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା।

## ଶୁଭେନ୍ଦୁ ସ୍ମାରକୀ ପୁରସ୍କାର ପ୍ରଦାନ

କଟକ,(କାର୍ତ୍ତିକ ସାହୁ): ଶୁଭେନ୍ଦୁ ଫାଉଣ୍ଡେଶନ ପକ୍ଷରୁ ଷଷ୍ଠ ଶୁଭେନ୍ଦୁ ସ୍ମାରକୀ ପୁରସ୍କାର-୨୦୨୪ ବଜ୍ରକବାଟି ରୋଡ଼ସ୍ଥିତ ସେକେଣ୍ଡାରି ବୋର୍ଡ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ, ମୁଖ୍ୟବକ୍ତା ଅଭୀପ୍ସାର ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମ କେଶରୀ ନାୟକ, ସମ୍ମାନିତ ଅତିଥି ସୁଲତା ଚାରିଟେବଲ ଟ୍ରଷ୍ଟର ଚେୟାରପର୍ସନ ସୁଲତା ପଣ୍ଡା, ଶିକ୍ଷକ ମନୋଜ କୁମାର ଦାସ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଦଶମ ଶ୍ରେଣୀ ଛାତ୍ରୀ ଅର୍ପିତା ଦାସଙ୍କୁ ଷଷ୍ଠ ଶୁଭେନ୍ଦୁ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ପୁଷ୍ପିତା ନାୟକ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ମଙ୍କିପକ୍ସ ମୁକାବିଲା ପାଇଁ ଏସ୍‌ସିବିରେ ପ୍ରସ୍ତୁତି

କଟକ,୨୯।୮(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ମଙ୍କିପକ୍ସ ସଂକ୍ରମଣ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଏସ୍‌ସିବି ମେଡିକାଲରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଏନେଇ ଭେଷଜ ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି। ମଙ୍କିପକ୍ସ ଲକ୍ଷଣ ଥିବା ସଂକ୍ରମିତ ମେଡିକାଲକୁ ଆସିଲେ ତୁରନ୍ତ ଚିକିତ୍ସା କରିବା ପାଇଁ କୁହାଯାଇଛି। ଏ ସମ୍ପର୍କରେ ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ମଙ୍କିପକ୍ସ ମୁକାବିଲା ପାଇଁ ପ୍ରସ୍ତୁତ ରହିଛୁ। ସଂକ୍ରମିତଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡରେ ୨୦ଟି ସାଧାରଣ ବେଡ୍ ବ୍ୟବସ୍ଥା କରାଯାଇଛି। ଭେଷଜ ବିଭାଗରେ ୪ଟି ଆଇସିୟୁ ବେଡ୍ ପ୍ରସ୍ତୁତ ରଖାଯାଇଛି। ଅପରପକ୍ଷରେ ଭେଷଜ ବିଭାଗର ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା କହିଛନ୍ତି, ଥଣ୍ଡା, ଜ୍ୱର ଖାସ୍ କରି ବସନ୍ତ ରୋଗରେ ପୀଡ଼ିତ ହେଲେ ଦେହରେ ଯେପରି ନାଲି ନାଲି ଫଳି ଯାଇ ଫୋଟକା ହୋଇଥାଏ ଠିକ୍ ସେପରି ଭାବେ ଫୋଟକା ହୋଇ ସେଥିରେ ପୁଜ ବାହାରିଲେ ତାହା ମଙ୍କିପକ୍ସର ଲକ୍ଷଣ। ଏଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ମେଡ଼ିକାଲ ଆସି ଚିକିତ୍ସିତ ହେବାକୁ ପଣ୍ଡା ପରାମର୍ଶ ଦେଇଛନ୍ତି।

## ଶିକ୍ଷାବିତ୍ ରାଜକିଶୋର ଖଟୁଆଙ୍କ ପରଲୋକ

ଖୁଣ୍ଟୁଣୀ,୨୯।୮(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ନଦୀକୂଳ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ରାଜକିଶୋର ଖଟୁଆ(୮୯)ଙ୍କର ବୁଧବାର ନାରଙ୍ଗବଗ୍ରସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ



ହୃଦ୍‌ଘାତରେ ଆକ୍ରାନ୍ତ ହେବା ପରେ ତାଙ୍କର ଚିକିତ୍ସା କରାଯାଇଥିଲା। କିଛିଦିନ ତଳେ ସେ ଘରକୁ ଫେରିଥିଲେ। ମୃତ୍ୟୁ ଖବର ପାଇ ବହୁ ଶିକ୍ଷାବିତ୍, ମାନ୍ୟଗଣ୍ୟ ବ୍ୟକ୍ତି ଓ ସଂକୀର୍ତ୍ତନ ମହାମଣ୍ଡଳର ସଦସ୍ୟ ତାଙ୍କ ବାସଭବନରେ ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ପୁତ୍ର ସ୍ମୃତି ରଞ୍ଜନ ଖଟୁଆ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ରାଜକିଶୋର ଓସ୍ତାର ଉପସଭାପତି, ଧବଳେଶ୍ୱର ସଂକୀର୍ତ୍ତନ ମହାମଣ୍ଡଳର କାର୍ଯ୍ୟକାରୀ ସଭାପତି, କଖଡ଼ି ହାଇସ୍କୁଲର ପ୍ରତିଷ୍ଠାତା ସଦସ୍ୟ, ନଦୀକୂଳ ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ଭାବେ ଜଣାଶୁଣା ଥିଲେ। ଏଥିସହ ଆଠଗଡ଼ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ।

# 'ଡେଙ୍ଗୁ ରୋକିବା ଉପରେ ଗୁରୁତ୍ୱ ଦିଅ'

କଟକ,୨୯।୮ (କାର୍ତ୍ତିକ ସାହୁ)

**ହାଇକୋର୍ଟରେ କଟକ ସହର ସମସ୍ୟା**



କଟକ ସହରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଚିନ୍ତାଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଚଳିତବର୍ଷ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୬୬୭ ଟପିଲାଣି। ଏପରି ସ୍ଥିତିରେ ସହରବାସୀଙ୍କୁ ସୁରକ୍ଷିତ ରଖିବା ପାଇଁ ଡେଙ୍ଗୁ ରୋକିବା ଉପରେ ଗୁରୁତ୍ୱ ଦେବାକୁ ହାଇକୋର୍ଟ କଟକ ମହାନଗର ନିଗମ (ସିଏମ୍‌ସି)କୁ ଗୁରୁବାର ଆଦେଶ ଦେଇଛନ୍ତି। ଅପରପକ୍ଷରେ ଶଙ୍କରପୁର-ବାଦାମବାଡ଼ି ପୂଜାମଣ୍ଡପ ଉଚ୍ଛେଦ କରାଯାଇଥିବାରୁ ଆସନ୍ତା ପୂଜାରେ ସମସ୍ୟା ସୃଷ୍ଟିହେବ। ତେଣୁ ଚଳିତବର୍ଷ ପୂଜା ପାଇଁ ଉପଯୋଗୀ ସ୍ଥାନ ଯୋଗାଇଦେବାକୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସହର ସମସ୍ୟା ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୫ରେ ହେବ ବୋଲି ଜଣାପଡିଛି।

ହାଇକୋର୍ଟରେ କଟକ ସହର ସମସ୍ୟା ମାମଲାର ଶୁଣାଣି କରୁଥିବା ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଭି. ନରସିଂହଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଡେଙ୍ଗୁ ନିରାକରଣ ପାଇଁ ସିଏମ୍‌ସି କେତେକ ପଦକ୍ଷେପ ନେବାକୁ ଆଦେଶ ଦେଇଛନ୍ତି। ଆସନ୍ତା ୩ମାସ ପର୍ଯ୍ୟନ୍ତ ସିଏମ୍‌ସି କର୍ମଚାରୀମାନେ ଲୋକଙ୍କ ଘରକୁ ଯାଇ ସଚେତନତା ସୃଷ୍ଟି କରିବେ। ନିୟମିତ ଭାବେ ଲୋକଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଇବେ। ଡେଙ୍ଗୁ ଚିହ୍ନଟ ହେଲେ ତୁରନ୍ତ ଚିକିତ୍ସା ଯୋଗାଇଦେବେ। ଏହାବାଦ ବିଭିନ୍ନ ସ୍ଥାନରେ ବର୍ଷାପାଣି ଜମି ନ ରହିବା, ଜଙ୍ଗଲିଆ ସ୍ଥାନ ସଫା ରଖିବା ଓ ସ୍ୱଚ୍ଛତା କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେବାକୁ ହାଇକୋର୍ଟ ସିଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଆସନ୍ତା ଶୁଣାଣି ସୁଦ୍ଧା ଡେଙ୍ଗୁ ରୋକିବା ଦିଗରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ସିଏମ୍‌ସି ହାଇକୋର୍ଟଙ୍କୁ ଜଣାଇବାକୁ ଆଦେଶ ରହିଛି। ଏହାବାଦ୍ ସହରର ବିଭିନ୍ନ ସମସ୍ୟା ଉପରେ ମଧ୍ୟ ହାଇକୋର୍ଟ ଶୁଣାଣିକରି ସମାଧାନ ପାଇଁ ଆଦେଶ ଦେଇଛନ୍ତି। ରାସ୍ତା ଉପରେ ବେଆଇନ ପାର୍କିଂ ହଟାଇବା ପାଇଁ ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ସିଏମ୍‌ସି ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଲିଙ୍କ୍‌ରୋଡ୍‌ରୁ ବାଦାମବାଡ଼ି ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଜବରଦଖଲରେ ଥିବା ବାଦାମବାଡ଼ି- ଶଙ୍କରପୁର ପୂଜାମଣ୍ଡପ, ପାଲାମଣ୍ଡପସ୍ଥିତ ତାରିଣୀ ମନ୍ଦିର, ପୁରୁଣା ଏଲ୍‌ଆଇସି କଲୋନି ନିକଟ ତ୍ରିନାଥ ମନ୍ଦିର ଉଚ୍ଛେଦ ଓ ବାଦାମବାଡ଼ିଠାରୁ ଲିଙ୍କ୍‌ରୋଡ୍ ପର୍ଯ୍ୟନ୍ତ ଅଳିଆ ଗଦା ଉଠାଯାଇଛି। ଏଥିସହ ତାଳଦଣ୍ଡା ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଜୋବ୍ରାଠାରୁ ବିରିବାଟୀ କେନାଲ ପାର୍ଶ୍ୱରେ ଚାରାରୋପଣ କରିବା, ସମସ୍ତ ଅଳିଆ ଗଦା ହଟାଇବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୋବ୍ରାଠାରୁ ବିରିବାଟୀ ପର୍ଯ୍ୟନ୍ତ ୩ କୋଟି ୩୧ ଲକ୍ଷ ୧୫ ହଜାର ୯୦୦ ଟଙ୍କା ବ୍ୟୟରେ ଷ୍ଟ୍ରିଟ୍‌ଲାଇଟ ଲଗାଯିବା ଯୋଜନା ହୋଇଛି। ସେହିପରି କୃଷକ ବଜାରର ସମସ୍ୟା ଦୂର ଉପରେ ପ୍ରାଧାନ୍ୟ ଦିଆଯାଇଛି। ଏପରି ପରିବା ମାର୍କେଟ ଡ୍ରେନ୍‌ଜ ବ୍ୟବସ୍ଥା ଖୁବ୍‌ଶୀଘ୍ର କରାଯିବ, ଯେପରି ଗ୍ରାହକଙ୍କୁ ଆକୃଷ୍ଟ କରିବ ସେଥିପ୍ରତି ପଦକ୍ଷେପ ନିଆଯାଉଥିବା ସିଏମ୍‌ସି ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଛି। ସିଡିଏ ସେକ୍ଟର-୬ ଅଞ୍ଚଳରେ ପୁରୁଣା ପାଇପଲାଇନ ହଟାଇବା ସହ ଜଳବନ୍ଦୀ ସମସ୍ୟା ଦୂରକରିବା ଓ ଟ୍ରାଫିକ ସମସ୍ୟା ଦୂରଉପରେ ମଧ୍ୟ ଆଦେଶ ଦିଆଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବିଜୟ କୁମାର ଦାଶ ସହରର ଅନ୍ୟାନ୍ୟ ସମସ୍ୟା ଯଥା ମହତାବ ରୋଡ୍, ଏସ୍‌ସିବି ମେଡିକାଲରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଥିବା ନେଇ ଅଦାଲତଙ୍କୁ ଅବଗତ କରାଇଛନ୍ତି। ଆଡ୍‌ଭୋକେଟ୍ କମିଟି ଉକ୍ତ ସ୍ଥାନ ପରିଦର୍ଶନକରି ପରବର୍ତ୍ତୀ ଶୁଣାଣିରେ ଏହାର ଫଟୋ ଓ ଭିଡିଓ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# 'ସ୍ୱାମୀ ଲକ୍ଷ୍ମଣାନନ୍ଦ ଥିଲେ ସମାଜ ସଂସ୍କାରକ'




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

କଣ୍ଟାପଡ଼ା,୨୯।୮(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅଧୀନ ବାଇରୋଇସ୍ଥିତ ସୌଦାମିନୀ ପାଠାଗାର ସଭାଗୃହରେ ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଓ ସ୍ୱର୍ଗତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଗୁରୁବାର ପାଳିତ ହୋଇଯାଇଛି। କଣ୍ଟାପଡ଼ା ବ୍ଲକର କାର୍ଯ୍ୟକାରୀ ସଭାପତି ଲିଙ୍ଗରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ଉପସଭାପତି ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇ କହିଛନ୍ତି, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଜଣେ ସମାଜ ସଂସ୍କାରକ ଭାବେ ଜାତିବାଦକୁ ବିରୋଧ କରୁଥିଲେ। ହେଲେ ତାଙ୍କୁ ଯେଉଁଭଳି ଭାବେ ହତ୍ୟା କରାଗଲା ତାହାକୁ ଏ ସମାଜ କେବେ ଭୁଲିବ ନାହିଁ। ଏହି କାର୍ଯ୍ୟକ୍ରମରେ କଟକ ଜିଲା ସଭାପତି ମାନସ କୁମାର ପଣ୍ଡା, କଣ୍ଟାପଡା ବ୍ଲକ ଭିଏଚ୍‌ପିର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ କଣ୍ଟାପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଓ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ଯାଜପୁରର ଅନ୍ୱେଷଣ ଥିଏଟର ଗ୍ରୁପ୍ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ବୁନ୍ଦାଏ ପାଣିରେ ସମୁଦ୍ର'ର ଏକ ଦୃଶ୍ୟ।

## ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ବୃଦ୍ଧ ଗିରଫ

ଖୁଣ୍ଟୁଣୀ, ୨୯।୮(ସଚ୍ଚିଦାନନ୍ଦ ପଣ୍ଡା)

ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରି ଅନ୍ତଃସତ୍ତ୍ୱା କରିବା ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ରାଧାକୃଷ୍ଣପୁର ପଞ୍ଚାୟତର ବଂଶୀଧର ସେନାପତି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଜଣକ ପୀଡ଼ିତା ଯୁବତୀଙ୍କ ଘରକୁ ଯାଇ ତାଙ୍କୁ ବଳାତ୍କାର କରିଥିଲେ। ୬ ମାସ ପରେ ଏହା ଜଣାପଡ଼ିବାରୁ ପୀଡିତାଙ୍କ ମା' ଏନେଇ ବୁଧବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୭୭/୨୪) ରୁଜୁ କରିଥିଲା। ଆଇଆଇସି ରବି ନାରାୟଣ ବେହେରା ଓ ଏସ୍‌ଆଇ ବିକାଶ କୁମାର ସେଠୀ ତଦନ୍ତକରି ଯୁବତୀଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପରୀକ୍ଷା ପାଇଁ ନେଇଥିଲେ। ସେଠାରେ ଏକ ମୃତ ଶିଶୁକନ୍ୟା ଜନ୍ମହୋଇଥିବା ଏସ୍‌ଆଇ ସେଠୀ କହିଛନ୍ତି। ଏଥିସହ ଗୁରୁବାର ପୋଲିସ ବଂଶୀଧରକୁ ଡାକ୍ତରୀ ପରୀକ୍ଷା କରିବା ପରେ କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ୧୭୭/୨୪ରେ ଏକ ମାମଲା ହୋଇଛି।

# ବାହାରୁ ଆଣି ଏସ୍‌ସିବି ପରିସରରେ ରଖିଦେଲେ

କଟକ,୨୯।୮(ଶିଳ୍ପା ପ୍ରିୟଦର୍ଶିନୀ)

**ନବଜାତ ଶିଶୁ ଉଦ୍ଧାର ଘଟଣା**

ଏସ୍‌ସିବି ମେଡିକାଲ ପରିସରରୁ ନବଜାତ ଶିଶୁ ଉଦ୍ଧାର ଘଟଣାରେ ମଙ୍ଗଳାବାଗ ପୋଲିସ ଷ୍ଟେଶନ ଡାଏରୀ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ମେଡିକାଲରେ ପୋଲିସ ଏବଂ ସିଡବ୍ଲୁସି କର୍ମଚାରୀ ପହଞ୍ଚି ଶିଶୁପୁତ୍ର ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ଏନେଇ ଅତିରିକ୍ତ ଡିସିପି ଅନିଲ ମିଶ୍ର କହିଛନ୍ତି, ପ୍ରାଥମିକ ତଦନ୍ତରୁ ଶିଶୁଟି ଏସ୍‌ସିବି ମେଡିକାଲରେ ଜନ୍ମ ହୋଇ ନ ଥିବା ଜଣାପଡିଛି। ଅନ୍ୟକୌଣସି ସ୍ଥାନରେ ଜନ୍ମ ହେବା ପରେ ଶିଶୁଟିକୁ କେହି ଏସ୍‌ସିବି ପରିସରରେ ରଖି ଚାଲିଯାଇଛନ୍ତି। ଶିଶୁପୁତ୍ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଥିବା ଏସ୍‌ଏନ୍‌ସିୟୁରେ ରଖାଯାଇଛି। ଶିଶୁପୁତ୍ରକୁ କିଏ ଏପରି ଭାବେ ରଖି ପଳାଇଛନ୍ତି ସେ ନେଇ ମେଡିକାଲ ଓ ମଙ୍ଗଳାବାଗ ଅଞ୍ଚଳରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବ। ଅପରପକ୍ଷରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ଏସ୍‌ଏନ୍‌ସିୟୁରେ ଶିଶୁପୁତ୍ରର ଚିକିତ୍ସା ଜାରି ରହିଛି। ମେଡିକାଲ ପକ୍ଷରୁ ଶିଶୁପୁତ୍ରର ସମସ୍ତ ଯତ୍ନ ନିଆଯିବ।

ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲ ହେପାଟୋଲୋଜି ବିଭାଗ ନିକଟ ଅନ୍ଧାରୁଆ ସ୍ଥାନରେ ବୁଧବାର ଉକ୍ତ ଶିଶୁପୁତ୍ରକୁ କପଡାରେ ଗୁଡାଇ ପକାଇ ଦିଆଯାଇଥିଲା। ଖବରପାଇ ସ୍ଥାନୀୟ ଫାଣ୍ଡି ଅଧିକାରୀ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରି ଚିକିତ୍ସା ପାଇଁ ଏସ୍‌ସିବିରେ ଭର୍ତ୍ତି କରିଥିଲେ।



ଲଘୁଚାପ ଜନିତ ଲଗାଣ ବର୍ଷାରେ କଟକ କାଫଲା ଫାଣ୍ଡି ଛକ ରାସ୍ତା ଧସିଯାଇ ଗର୍ତ୍ତ ସୃଷ୍ଟି ହୋଇଛି।

# ସରକାର-ଲୋକଙ୍କ ମଧ୍ୟରେ ସେତୁ 'ଗଣମାଧ୍ୟମ'

କଟକ,୨୯।୮ (କାର୍ତ୍ତିକ ସାହୁ)

କଟକ ଶାରଳା ଭବନଠାରେ ଖବରକାଗଜ 'ପୃଷ୍ଠଭୂମି'ର ୨୯ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଯାଜପୁର ଏମ୍‌ପି ଡ. ରବିନାରାୟଣ ବେହେରା ଅତିଥି ଭାବେ ଯୋଗଦେଇ କହିଛନ୍ତି, ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଗଣମାଧ୍ୟମ। ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରତ୍ୟେକ କ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିମାନେ ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରିଥାନ୍ତି। ଗଣତନ୍ତ୍ରକୁ କ୍ରିୟାଶୀଳ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପୃଷ୍ଠଭୂମିର ସମ୍ପାଦକ କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଯୋଗଦେଇ ପୃଷ୍ଠଭୂମି ସାଧାରଣ ଜନତାଙ୍କ କାଗଜ ହେଉ ବୋଲି କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ନଳିନୀ କୁମାର ସାହୁ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ତରରେ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁମ୍ବାଇରୁ ଆସିଥିବା କିଶୋର ଆନନ୍ଦ ଭାନୁଶାଲି(ଜୁନିୟର ଦେବାନନ୍ଦ)ଙ୍କ ମ୍ୟୁଜିକ୍ ଶୋ' ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। କଣ୍ଠଶିଳ୍ପୀ ଟି. ସୌରୀଙ୍କ ସମେତ ବିଭିନ୍ନ କଳାକାର, ନୃତ୍ୟଶିଳ୍ପୀମ କଳା ପ୍ରଦର୍ଶନ କରିଥିଲେ। ଏଥିସହ ମ୍ୟାଜିକ୍ ଶୋ' ହୋଇଥିଲା। ଏହି ଅବସରର ଖବରକାଗଜର ପ୍ରତିଷ୍ଠା ଦିବସ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସୁଶ୍ରୀ ଲିଜା କାର୍ଯ୍ୟକ୍ରମ ସଂଯୋଜନା, କାର୍ଯ୍ୟନିର୍ବାହୀ ସମ୍ପାଦକ ଡ. ଚିତ୍ତରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ଜିତେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

# 'କ୍ରୀଡ଼ାରେ ଦଳଗତ ସହଯୋଗିତା ରଖନ୍ତୁ ଛାତ୍ରୀଛାତ୍ର'

କଟକ,୨୯।୮ (କାର୍ତ୍ତିକ ସାହୁ)

**କଟକ ସଦର ବ୍ଲକ କ୍ରୀଡ଼ା ସଂସଦର ସାଧାରଣ ପରିଷଦ ବୈଠକ**

କଟକ ସଦର ବ୍ଲକ କ୍ରୀଡ଼ା ସଂସଦର ସାଧାରଣ ପରିଷଦ ବୈଠକ ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ଓ କଟକ ମହାନଗର ନିଗମ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ ଏବଂ କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମଥ ନାଥ ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋ ଯୋଗଦେଇ କ୍ରୀଡ଼ାରେ ଦଳଗତ ସହଯୋଗିତା ବଜାୟ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ ଜିଲାର କ୍ରୀଡ଼ା ସଫଳତାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ଏବଂ ନୂତନ କାର୍ଯ୍ୟକାରିଣୀ ସଭ୍ୟାସଭ୍ୟ ମନୋନୟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ସୁକାନ୍ତ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଦାୟୀ ବ୍ଲକ୍ କ୍ରୀଡ଼ା ସମ୍ପାଦକ ବିଶ୍ୱବିହାରୀ ଜେନା ଉପସ୍ଥିତ ଥିଲେ। ଚଳିତବର୍ଷର ନୂତନ କାର୍ଯ୍ୟକାରିଣୀ ପରିଷଦକୁ ପ୍ରଧାନ ଶିକ୍ଷକ ପ୍ରମଥ ନାଥ ଦେ, ପ୍ରକାଶ ଚନ୍ଦ୍ର ମହାରଣା, ସତ୍ୟନାରାୟଣ ଦାଶ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ବେହେରା ମନୋନୀତ ହୋଇଛନ୍ତି। ସେହିପରି କ୍ରୀଡ଼ା ଶିକ୍ଷକ ଜ୍ଞାନ ରଞ୍ଜନ ଧଳ, ସୌଭାଗ୍ୟ ପଟ୍ଟନାୟକ, ଶୁଭ୍ରାଂଶୁ ଶେଖର ବେହେରା, ଅଭିନନ୍ଦନ ପଟ୍ଟନାୟକ, ଶୁଭଶ୍ରୀ ଭୋଇ କାର୍ଯ୍ୟକାରିଣୀ ସଭ୍ୟାସଭ୍ୟ ଓ ନଗେନ୍ଦ୍ର କୁମାର ବିଶ୍ୱାଳ ବ୍ଲକ କ୍ରୀଡ଼ା ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ଅବସରରେ ବିଦାୟୀ ସମ୍ପାଦକ ବିଶ୍ୱବିହାରୀ ଜେନା ଏବଂ ନୂତନ ସମ୍ପାଦକ ନଗେନ୍ଦ୍ର କୁମାର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଜୟଧର୍ମ ସେନାପତି, ଅଜୟ କୁମାର ପ୍ରଧାନ, ମୋଜେଶ ବେହେରା, ସୌଦାମିନୀ ଖାଡ଼େଙ୍ଗା, ଅସୀମା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ କଟକ ସିଡିଏ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

# ଅଲଟ୍ରାସାଉଣ୍ଡ୍ ପାଇଁ କହିବାରୁ ଧକ୍କା ମାରି ବିଦା କଲେ

କଟକ,୨୯।୮(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲରେ କର୍ମଚାରୀ, ସୁରକ୍ଷା କର୍ମୀଙ୍କ ଦାଦାଗିରି**

- ପ୍ରତିବାଦ କରିବାରୁ ଖବରଦାତାଙ୍କୁ ଦୁର୍ବ୍ୟବହାର



ଦୁର୍ବ୍ୟବହାରର ଶିକାର ହୋଇଥିବା ମନୋଜ ପୁଲାର।

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ସରକାର ଉଦ୍ୟମ କରୁଛନ୍ତି। ଏଥିପାଇଁ ଭିତ୍ତିଭୂମି ସୁଦୃଢ଼ ସହ ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିଛି। ହେଲେ ଅଧିକାଂଶ ସମୟରେ ଏଠାରେ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଅବହେଳା କରାଯାଉଛି। ସେହିପରି ରୋଗୀଙ୍କୁ ମେଡିକାଲର କେତେଜଣ କର୍ମଚାରୀ ଦୁର୍ବ୍ୟବହାର କରୁଥିବାବେଳେ ସୁରକ୍ଷା କର୍ମୀ ଧକ୍କା ମାରି ବାହାର କରିଦେଉଥିବା ଅଭିଯୋଗ ହେଉଛି। ଏଭଳି ଏକ ଘଟଣା ଗୁରୁବାର ମେଡିକାଲର ରଞ୍ଜନରଶ୍ମି ବିଭାଗରେ ଘଟିଛି। ଦୁର୍ବ୍ୟବହାରର ଶିକାର ହୋଇଥିବା କଟକ ଜିଲା ନିଆଳି ଥାନା ଅଧୀନ ଖରିହର ଗ୍ରାମର ମନୋଜ ପୁଲାର ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଥିବା ସହାୟତା କେନ୍ଦ୍ରରେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କୌଣସି କାରଣରୁ ମନୋଜଙ୍କ ଗୋଡ ଫୁଲିବାରୁ ଯନ୍ତ୍ରଣା ହୋଇଥିଲା। ଫଳରେ ସେ ଡାକ୍ତରଙ୍କୁ ଦେଖାଇବା ପାଇଁ ୨ ମାସ ପୂର୍ବେ ଏସ୍‌ସିବି ମେଡିକାଲର ରୁମାଟୋଲୋଜି ବିଭାଗକୁ ଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ରକ୍ତ ପରୀକ୍ଷା କରାଇବାକୁ କହିଥିଲେ। ପରୀକ୍ଷା ପରେ ତାଙ୍କ କିଡ୍‌ନୀରେ ସାମାନ୍ୟ ସମସ୍ୟା ଥିବା ଜଣାପଡିଥିଲା। ପରେ ଡାକ୍ତର ତାଙ୍କୁ ପେଟର ଅଲଟ୍ରାସାଉଣ୍ଡ୍ ନିମନ୍ତେ ପରାମର୍ଶ ଦେବାରୁ ସେ ସେଥିପାଇଁ ରଞ୍ଜନରଶ୍ମି ବିଭାଗକୁ ଯାଇଥିଲେ। ସେଠାରେ ତାଙ୍କ ଟିକେଟ୍‌ର ଜେରକ୍ସ ରଖାଯିବା ସହ ୨ ମାସ ମଧ୍ୟରେ ମେଡିକାଲ ପକ୍ଷରୁ ଫୋନ୍ କରାଯାଇ ଅଲଟ୍ରାସାଉଣ୍ଡ୍ ପାଇଁ ଡକାଯିବ ବୋଲି କୁହାଯାଇଥିଲା। ହେଲେ ଇତିମଧ୍ୟରେ ୨ ମାସ ବିତିଯାଇଥିଲେ ମଧ୍ୟ ମେଡିକାଲ ପକ୍ଷରୁ ତାଙ୍କୁ ଫୋନ୍ କରାଯାଇ ନ ଥିଲା। ଫଳରେ ଗୁରୁବାର ମନୋଜ ମେଡିକାଲର ରଞ୍ଜନରଶ୍ମି ବିଭାଗରେ ପହଞ୍ଚି ଏ ସମ୍ପର୍କରେ ପଚାରିଥିଲେ। ସେଠାରେ ଥିବା କର୍ମଚାରୀଙ୍କ ସହ ଦେଖା କରିବାକୁ କହିବାରୁ ତାଙ୍କୁ ସୁରକ୍ଷାକର୍ମୀ ମନା କରିଥିଲେ। ଏ ସମ୍ପର୍କରେ ମନୋଜ ପଚାରିବାରୁ ଉକ୍ତ ବିଭାଗରେ ଥିବା କର୍ମଚାରୀ ତାଙ୍କର ଅଲଟ୍ରାସାଉଣ୍ଡ୍ ହୋଇପାରିବନି ବୋଲି କହି ଧମକ ଦେବା ସହ ସେଠାରୁ ତାଙ୍କୁ ବାହାର କରିଦେବା ପାଇଁ ସୁରକ୍ଷା କର୍ମୀଙ୍କୁ କହିଥିଲେ। ଫଳରେ ସୁରକ୍ଷାକର୍ମୀ ତାଙ୍କୁ ଧକ୍କା ମାରି ସେଠାରୁ ବିଦା କରିଦେଇଥିଲେ। ଏନେଇ ମନୋଜ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଥିବା ସହାୟତା କେନ୍ଦ୍ରରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ଅଲଟ୍ରାସାଉଣ୍ଡ୍ ପାଇଁ ସକାଳୁ ଖାଲି ପେଟରେ ଥିବା ମନୋଜ ଅସୁସ୍ଥ ଅନୁଭବ କରି ସେଠାରେ ପଡି ଯାଇଥିଲେ। ଏହି ଦୃଶ୍ୟ ଦେଖି ସେଠାରେ ଉପସ୍ଥିତ ଥିବା ଖବରଦାତା ମନୋଜଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ହେଲେ ମେଡିକାଲର ଜଣେ କର୍ମଚାରୀ ମନୋଜ ଓ ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ଖବରଦାତା ଓ ମେଡିକାଲ କର୍ମଚାରୀଙ୍କ ମଧ୍ୟରେ ପାଣିତୁଣ୍ଡ ହୋଇଥିଲା। ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ଘଟଣାସ୍ଥଳରେ ପହଞ୍ଚି ଖବରଦାତାଙ୍କୁ ବୁଝାଶୁଝା କରିବା ସହ ମନୋଜଙ୍କ ଅଲଟ୍ରାସାଉଣ୍ଡ୍ ପାଇଁ ବ୍ୟବସ୍ଥା କରାଇଥିଲେ। ଏନେଇ ମନୋଜ କହିଛନ୍ତି, ରୋଗୀମାନେ କିଭଳି ପରିସ୍ଥିତିରେ ମେଡିକାଲ ଆସୁଛନ୍ତି ସେ ସମ୍ପର୍କରେ କର୍ମଚାରୀ ଓ ସୁରକ୍ଷା କର୍ମୀ ବୁଝିବା ଦରକାର। ମେଡିକାଲରେ ରୋଗୀଙ୍କୁ ଦୁର୍ବ୍ୟବହାର କରାଯିବା ନିନ୍ଦନୀୟ ଘଟଣା। ପ୍ରଥମେ ମେଡିକାଲ କର୍ମଚାରୀ ଭଲ ବ୍ୟବହାର ଶିଖନ୍ତୁ। ଏଥିପାଇଁ କର୍ତ୍ତୃପକ୍ଷ ମଧ୍ୟ ଦୃଷ୍ଟି ଦେବା ଆବଶ୍ୟକ। ଅପରପକ୍ଷରେ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ରାଉତ କହିଛନ୍ତି, ମେଡିକାଲରେ କୌଣସି ରୋଗୀଙ୍କୁ କର୍ମଚାରୀ ଓ ସୁରକ୍ଷାକର୍ମୀ ଦୁର୍ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନୋଜଙ୍କୁ ଦୁର୍ବ୍ୟବହାର ସମ୍ପର୍କରେ ମେଡିକାଲ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ଏପରି କି ତାଙ୍କର ଅଲଟ୍ରାସାଉଣ୍ଡ୍ କ'ଣ ପାଇଁ କରାଯାଇ ନ ଥିଲା ସେନେଇ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚରାଉଚରା କରାଯିବ।

# ଏଥର ରାଜଦରବାର ସଦୃଶ ମଣ୍ଡପ

## ରାଜା ବଜାର ବ୍ୟବସାୟୀ ସଂଘ ପୂଜା କମିଟି

■ପୂଜା ପାଇବେ ୧୪ଫୁଟ ଉଚ୍ଚର ଶ୍ରୀଗଣେଶ

■୬୦ଫୁଟ ଉଚ୍ଚର ୨ଟି ଲାଇଟ୍ ଗେଟ୍ ଆକର୍ଷଣ ସାଜିବ

ଜଟଣୀ,୨୯।୮(ରବୀନ୍ଦ୍ରନାଥ ମହାକୁଡ଼)

ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଜଟଣୀ ସହର। ଏଥିପାଇଁ ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀର ରାଜା ବଜାର ବ୍ୟବସାୟୀ ସଂଘ ପୂଜା କମିଟି ମଧ୍ୟ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି।

ଏଥର ଗଣେଶପୂଜାରେ ୧୦ରୁ ୧୫ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହେବା ନେଇ କମିଟି ପକ୍ଷରୁ ଆକଳନ କରାଯାଇଛି। ୧୪ଫୁଟ ଉଚ୍ଚର ଗଜାନନଙ୍କ ସହିତ ଦେବୀ ସରସ୍ୱତୀ, ମା'ଲକ୍ଷ୍ମୀ ପୂଜା ପାଇବେ। ୬୦ଫୁଟ ଉଚ୍ଚର ରାଜଦରବାର ସଦୃଶ କପଡ଼ା ତୋରଣ ସହିତ ୬୦ଫୁଟ ଉଚ୍ଚର


ଗେଟ୍‌ର ନକଲ।

୨ଟି ଏଲ୍‌ଇଡି ଲାଇଟ୍ ଗେଟ୍, ୪୦ ଫୁଟର ୬ଟି ଗେଟ୍ ସହିତ ବିଭିନ୍ନ ଡିଜାଇନର ମେକାନିକାଲ ଲାଇଟ ସ୍ଥାନ ପାଇବ। ଯେଉଁଥିରେ ବିଭିନ୍ନ ଦେବଦେବୀଙ୍କ ସହିତ ପିଲାମାନଙ୍କୁ ଆକୃଷ୍ଟ କଲା ଭଳି ଗେଟ୍ ରହିବ। ଗଣେଶ ଚତୁର୍ଥୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୧୧ଦିନରେ ୧୧ପ୍ରକାର ଭୋଗ ଲାଗି କରାଯିବ। ଏହାକୁ ଶ୍ରଦ୍ଧାଳୁଙ୍କ ସହିତ ସମସ୍ତ ବ୍ୟବସାୟୀଙ୍କୁ ବଣ୍ଟନ କରାଯିବ। ପ୍ରଥମ ଦିବସ ଏବଂ ଭସାଣି ଭୋଗ ପୂଜା କମିଟି ପକ୍ଷରୁ ଦିଆଯାଇଥାଏ। ପ୍ରଥମ ଦିବସରେ ଲଡୁ, ଚୁଡ଼ା ଘସା ଏବଂ ବିଭିନ୍ନ ପ୍ରକାରର ଫଳ ଲାଗି କରାଯାଇଥାଏ। ଅନ୍ୟ ୯ଦିନ ମାନସିକଧାରୀ ଭକ୍ତ ସେମାନଙ୍କ ମାନସିକ ମୁତାବକ ଫେଣି, ରସଗୋଲା, ଲଡୁ, ଡାଲି ଗଜା, ଖିରୀ ଏବଂ ଖେଚୁଡ଼ି ଭଳି ବିଭିନ୍ନ ପ୍ରକାର ଭୋଗ ଠାକୁରଙ୍କ ନିକଟରେ ଲାଗି କରିଥାନ୍ତି। ଏଥିସହିତ ପ୍ରତିଦିନ ମଧ୍ୟାହ୍ନରେ ଅନ୍ନ ପ୍ରସାଦ କରାଯାଇଥାଏ। ପୂଜା ସମୟରେ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ପରିଚାଳନା ପାଇଁ ପୋଲିସ ଏବଂ କମିଟିର ସଦସ୍ୟମାନେ ନିୟୋଜିତ ହେବେ। ପୂଜା ସମୟରେ ୩ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର ଉପଦେଷ୍ଟା ବିଶ୍ୱନାଥ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଏମାନେ ଯାହା କୁହନ୍ତି...



"ଜେଜେ ଦୀନବନ୍ଧୁ ସାହୁ ଏଠାରେ ଗଣେଶପୂଜା ଆରମ୍ଭ କରିଥିଲେ। ସେବେଠାରୁ ପୂଜା ନୀତିକାନ୍ତିରେ ପାଳନ ହୋଇଆସୁଛି। ସେତବେଳେ ଅଳ୍ପ ଟଙ୍କାରେ ପୂଜା ହେଉଥିବା ବେଳେ ବର୍ତ୍ତମାନ ପ୍ରତିଯୋଗିତା ଲକ୍ଷ୍ୟରେ ପୂଜାମଣ୍ଡପର ସାଜସଜ୍ଜା ଖର୍ଚ୍ଚ ଲକ୍ଷାଧିକ ଟଙ୍କାରେ ପହଞ୍ଚିଛି। ପ୍ରତିବର୍ଷ କିଛି ନୂଆ କରିବା ପାଇଁ କମିଟି ପକ୍ଷରୁ ଚେଷ୍ଟା କରାଯାଇଥାଏ। ପୂଜା ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ସମସ୍ତଙ୍କର ସହଯୋଗ ଲୋଡ଼ା।

- **ଶରତ ସାହୁ**, ସଭାପତି, ରାଜାବଜାର ବ୍ୟବସାୟୀ ସଂଘ ପୂଜା କମିଟି



"କଟକ କାରିଗରମାନଙ୍କ ଦ୍ୱାରା ଏଠାରେ ମୂର୍ତ୍ତି ଗଢ଼ାଯାଇଥାଏ। ମଣ୍ଡପରେ ପୌରାଣିକ କଥାବସ୍ତୁ ଅନୁସାରେ ଶୁଭ୍ର କିମ୍ବା ଧଳାରଙ୍ଗର ବିଘ୍ନରାଜ ଦକ୍ଷିଣମୁଖୀ ଭାବେ ପୂଜା ପାଇ ଆସୁଛନ୍ତି। ଏହି ଦକ୍ଷିଣମୁଖୀ ଶୁଭ୍ର ଗଣେଶଙ୍କ ନିକଟରେ ନିଃସନ୍ତାନ ବ୍ୟକ୍ତି ନିଷ୍ଠାର ସହିତ ମାନସିକ ରଖିଲେ ସେମାନଙ୍କ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

- **ଶ୍ରୀକାନ୍ତ ପ୍ରଧାନ**, ସମ୍ପାଦକ, ରାଜାବାଜର ବ୍ୟବସାୟୀ ସଂଘ ପୂଜା କମିଟି

## ସଂକ୍ଷେପରେ

### ରେଲୱେ ଷ୍ଟେଶନରୁ ୨ ମୋବାଇଲ ଲୁଟେରା ଗିରଫ

ବାଲୁଗାଁ,୨୯।୮(ସଂଗ୍ରାମ ପାଇକରାୟ)

ବାଲୁଗାଁ ରେଳ ସୁରକ୍ଷା ବାହିନୀ ବୁଧବାର ବିଳମ୍ବିତ ରାତିରେ ଖଲ୍ଲିକୋଟ ଷ୍ଟେଶନରେ ଚଢ଼ାଉ କରି ୨ଜଣ ମୋବାଇଲ ଲୁଟେରାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୪ଟି ଫୋନ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଅଞ୍ଚଳର ଜଗନ୍ନାଥ ମଲ୍ଲିକ (୩୨) ଏବଂ ଭାଗବତ ଦାସ (୨୨)। ବ୍ରହ୍ମପୁର ଜିଆର୍‌ପିରେ ଏକ ମାମଲା (ନଂ.୯୪/୨୪) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, କିଛିଦିନ ହେବ ବିଭିନ୍ନ ଟ୍ରେନରେ ଯାତ୍ରୀଙ୍କଠାରୁ ମୋବାଇଲ ଲୁଟ୍ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ବାଲଗାଁ ରେଳ ସୁରକ୍ଷା ବଳ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏକାଧିକ ଟିମ୍ ବୁଧବାର ରାତିରେ ବିଭିନ୍ନ ଷ୍ଟେଶନରେ ରହି ଲୁଟେରାଙ୍କ ଉପରେ ନଜର ରଖିଥିଲେ। ଏପରିସ୍ଥଳେ ବିଳମ୍ବିତ ରାତି ପ୍ରାୟ ୩ଟାରେ ଖଲ୍ଲିକୋଟ ଷ୍ଟେଶନରେ ଇଷ୍ଟକୋଷ୍ଟ ଏକ୍ସପ୍ରେସରୁ ଓହ୍ଲାଇଥିବା ଦୁଇଜଣ ସନ୍ଦିଗ୍ଧ ଯୁବକଙ୍କୁ ଅଟକ ରଖି ପଚରା ଉଚରା କରିବାରେ ସେମାନେ ଟ୍ରେନରେ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ ଚୋରି କରୁଥିବା ସ୍ୱୀକାର କରିଥିଲେ। ଏଥିସହ ସେମାନଙ୍କ ନିକଟରୁ ୪ଟି ମୋବାଇଲ ଜବତ କରାଯାଇଥିଲା।

### ପୂର୍ବତନ ବଣିକ ସଂଘ ସଭାପତି ନବଘନଙ୍କ ବିୟୋଗରେ ବଜାର ବନ୍ଦ

ନିରାକାରପୁର,୨୯।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ବଣିକ ସଂଘର ପୂର୍ବତନ ସଭାପତି ନବଘନ ପରିଡାଙ୍କ ବୁଧବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ରଜନୀକାନ୍ତ ପରିଡା ମୁଖାଗ୍ନି ଦେଇଥିଲେ। ପ୍ରଭାକର ପରିଡା, ଦିବାକର ପରିଡାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ନବଘନଙ୍କ ବିୟୋଗରେ ଗୁରୁବାର ସଂଘ କାର୍ଯ୍ୟାଳୟଠାରେ ନୀରବ ପ୍ରାର୍ଥନା ସହ ମଧ୍ୟାହ୍ନରୁ ରାତି ପର୍ଯ୍ୟନ୍ତ ବଜାର ବନ୍ଦ କରାଯାଇଥିଲା।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଜଟଣୀ୨୯।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଞ୍ଚର ସଭାପତି ଇଂ.ଭକ୍ତବନ୍ଧୁ ଚୌଧୁରୀ ଓ ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ପ୍ରାୟ ୫୦ରୁ ଅଧିକ ବରିଷ୍ଠ ନାଗରିକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ରକ୍ତଚାପ, ମଧୁମେହ, ଦାନ୍ତ, ଗଳା, ନାସା, ଚକ୍ଷୁ ଆଦିର ପରୀକ୍ଷା କରାଯିବା ସହିତ ଔଷଧ ବଣ୍ଟନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା.ଜିତେନ୍ଦ୍ର କୁମାର ପଣ୍ଡା, ଡା.ପ୍ରିତୀଶ ନାରାୟଣ ସାହୁ, ଡା.ବସନ୍ତ କୁମାର ପଣ୍ଡା, ସ୍ୱାସ୍ଥ୍ୟକର୍ମୀ, ନର୍ସ ଓ କର୍ମଚାରୀମାନେ ସହଯୋଗ କରିଥଲେ। ପଦ୍ମନାଭ ପାଣିଗ୍ରାହୀ, ଅରୁଣ ମହାନ୍ତି, ପ୍ରହଲ୍ଲାଦ ସ୍ୱାଇଁ, କେ.ରାମା ରାଓ, ମଙ୍ଗୁଳି ବାରିକ, ବିଜୟ ରଥ, ଶରତ ଚନ୍ଦ୍ର ଦାଶ, ଶରତ ଚନ୍ଦ୍ର ସାହୁ, ସୁରେଶ ଷଡ଼ଙ୍ଗୀ, ଡମ୍ବରୁଧର ସାହୁ, କାହ୍ନୁ ଚରଣ ସାହୁ, ପ୍ରସନ୍ନ ରଥ, ପ୍ରହ୍ଲାଦ ସାହୁ, ପ୍ରଭାସ ମଙ୍ଗରାଜ ଆଦି ସଦସ୍ୟମାନେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

# ପାଚେରି ଭାଙ୍ଗିବା ସହ ଫସଲ ନଷ୍ଟ କଲେ ହାତୀପଲ

ବେଗୁନିଆ,୨୯।୮(ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟା ହେଲେ ହାତୀପଲ୍ଲ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ପାଚେରି ଭାଙ୍ଗୁଥିବା ନଜିର ରହିଛି। ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମର ହଟ ପାଇକରାୟଙ୍କ ୨ଏକର ଜମିରେ କଖାରୁ, ଜହ୍ନି, କାକୁଡି ଓ ବାଇଗଣ ଆଦି ପରିବା ହୋଇଥିବା ବେଳେ ହତୀମାନେ ପଶି ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ସେହିପରି ଆଲୋକ ଚମ୍ପତିଙ୍କ ପାଚେରି ଭାଙ୍ଗିବା ସହ ଚକରା ପାଇକରାୟଙ୍କ ବାରିରେ ଥିବା କଦଳୀ ଗଛ ନଷ୍ଟ କରିଦେଇଛନ୍ତି। ବିଭାଗ ପକ୍ଷରୁ କ୍ଷତିପୂରଣ ଯୋଗାଇଦେବା ପାଇଁ ଦାବି ହେଉଛି।

# ଶୃଙ୍ଖଳିତ, ଏକନିଷ୍ଠ ହେବାର ଶିକ୍ଷା ଦିଏ କ୍ରୀଡ଼ା


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କ୍ରୀଡ଼ାବିତ୍ ଏବଂ ଅନ୍ୟମାନେ।

ବାଲୁଗାଁ,୨୯।୮(ସଂଗ୍ରାମ ପାଇକରାୟ)

ହକିର ମହାନାୟକ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅବସରରେ ବାଲୁଗାଁରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ବାଲୁଗାଁ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ଏବଂ ବିହଙ୍ଗ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ.ମାନସ ମୋହନ ବଳିୟାରସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଫୁଟ୍‌ବଲ ଓ ବ୍ୟାଡମିଣ୍ଟନ ଖେଳାଳି ହମିଦ ଖାଁ ଯୋଗଦେଇଥିବା ବେଳେ କ୍ରୀଡ଼ାବିତ୍ ବିଭୂତି ଭୂଷଣ ସାମନ୍ତରାୟ, ବୈରାଗୀ ଚରଣ ବଳ ଏବଂ ରବିନାରାୟଣ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ଜୀବନକୁ ଶୃଙ୍ଖଳିତ, ଧର୍ଯ୍ୟବାନ ଓ ଏକନିଷ୍ଠ କରିଥାଏ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ପୂର୍ବତନ ଲକିଷ୍ଟାର ଫୁଟବଲ ଖେଳାଳି ବିଜୟ କୁମାର ବେହେରା, ଲିଙ୍ଗରାଜ ଜାଲି, ଜାତୀୟ ଫୁଟବଲ କୋଚ ପ୍ରସନ୍ନ ବେହେରା, ଜାତୀୟ କରାଟେ କୋଚ ଦୀପକ ସାମନ୍ତରା ପ୍ରମୁଖ ସେମାନଙ୍କର କ୍ରୀଡ଼ା ଅନୁଭୂତି ଉପସ୍ଥାପନା କରିଥିଲେ। ଏହାପରେ ବିହଙ୍ଗ ଫାଉଣ୍ଡେଶନର ସଭାପତି ଡ.କୈଳାସ ଚନ୍ଦ୍ର ମହାରଣାଙ୍କ ପରିଚାଳନାରେ କ୍ରୀଡ଼ା ସମ୍ବର୍ଦ୍ଧନା ପର୍ବ ହୋଇଥିଲା। ଅନ୍ତର୍ଜାତୀୟ କରାଟେ ଖେଳାଳି ଦୀପକ ସାମନ୍ତରାୟ, ଅନ୍ତର୍ଜାତୀୟ ଭଲିବଲ ଖେଳାଳି ଆଶିଷ ସ୍ୱାଇଁ, ଫୁଟବଲ କୋଚ ପ୍ରସନ୍ନ ବେହେରା, ହେମନ୍ତ ବେହେରା, ଜାତୀୟ ଭଲିବଲ କୋଚ ବିଭୁଧେନ୍ଦୁ ମାନସିଂହ, ଜାତୀୟ ଭଲିବଲ ଖେଳାଳି କଳ୍ପଶ୍ରୀ ପ୍ରଧାନ, ଅର୍ଚ୍ଚନା ବେହେରା, ଲିଙ୍କି ବରାଳ, ଜାତୀୟ ଶକ୍ତି ଉତ୍ତୋଳନକାରୀ ଖେଳାଳି ସୌମେନ ସେନାପତି, ଜାତୀୟ ସ୍ୱର୍ଣ୍ଣ ପଦକ ବିଜୟିନୀ କରାଟେ ଖେଳାଳି ସଲୋନୀ ପାତ୍ର, ଜାତୀୟ କବାଡି ଖେଳାଳି ଆଦର୍ଶ ପ୍ରୀତମ ବେହେରା, କରାଟେ ଜୁନିଅର ଜାତୀୟ ଖେଳାଳି ଦିବ୍ୟାଙ୍ଗନା ସାମନ୍ତରାୟ, ଦୀପଶିଖା ସାମନ୍ତରାୟ, ଜାତୀୟ ବ୍ୟାଡମିଣ୍ଟନ ଖେଳାଳି ରଜତ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଏସସିସି ଓ ବିହଙ୍ଗ ଫାଉଣ୍ଡେଶନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଠିକା ସଂସ୍ଥା ଦେଉନି ସଫେଇ ସାମଗ୍ରୀ


ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚୁକ୍ତିଭିତ୍ତିକ ସଫେଇ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଖୋର୍ଦ୍ଧା,୨୯।୮(ପ୍ରଭାତ ପାଣିଗ୍ରାହୀ)

ବିଭିନ୍ନ ଦାବି ନେଇ ରାଜ୍ୟ ଚୁକ୍ତିଭିତ୍ତିକ ସଫେଇ କର୍ମଚାରୀ ସଂଘ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ସହରର ସ୍ୱଚ୍ଛତା ପାଇଁ ସଫେଇ କର୍ମଚାରୀମାନେ ଦିନରାତି କାମ କରୁଛନ୍ତି। ତେବେ ସେମାନଙ୍କ ସୁରକ୍ଷା,

**ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଜମି ଦାବିକଲା ସଂଘ**

ପ୍ରାଥମିକ ମୌଳିକ ସୁବିଧା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଶ୍ରମ ଆଇନ୍ ଅନୁଯାୟୀ ଜାତୀୟ ଛୁଟିଦିନରେ ମଜୁରି ପ୍ରଦାନ ନିୟମ ଥିଲେ ବି କାର୍ଯ୍ୟକାରୀ କରାଯାଉ ନାହିଁ। ଖୋର୍ଦ୍ଧା ପୌରାଞ୍ଚଳରେ କାର୍ଯ୍ୟରତ କର୍ମଚାରୀଙ୍କୁ ଠିକା ସଂସ୍ଥା ପକ୍ଷରୁ କୌଣସି ସଫେଇ ସାମଗ୍ରୀ ଦିଆଯାଉନାହିଁ। ଚୁକ୍ତିଭିତ୍ତିକ ସଫେଇ କର୍ମଚାରୀ ସଂଘ କେବଳ ଖୋର୍ଦ୍ଧା ନୁହଁ ବରଂ ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟ କରୁଛି। ସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଜାଗା ଯୋଗାଇଦେବାକୁ ସଂଘ ଦାବି କରିଛି। ରାଜ୍ୟ ସଂଘ ସଭାପତି ମୋହନ ନାୟକ, ସମ୍ପାଦକ ମନୋଜ ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଯୋଗଦେଇଥିଲେ।

## ଜନପ୍ରତିନିଧିଙ୍କ ଦାରିଙ୍ଗବାଡ଼ି ପରିଦର୍ଶନ

ଦାରିଙ୍ଗବାଡି, ୨୯।୮ (ଅରୁଣ ସାହୁ)

ଖୋର୍ଦ୍ଧା ଜିଲାର ୪୦ଜଣିଆ ଜନପ୍ରତିନିଧି ଓ କର୍ମକର୍ତ୍ତାମାନେ ୨ ଦିନିଆ କନ୍ଧମାଳ ଜିଲା ଗସ୍ତରେ ଆସିଛନ୍ତି। ସେମାନେ ଗୁରୁବାର ଦାରିଙ୍ଗବାଡ଼ି ଗସ୍ତ କରି ପ୍ରଥମେ ଜାଗୃତି ପରିସରରେ ଚାଲିଥିବା ପାରମ୍ପରିକ ବିହନ ପ୍ରଦର୍ଶନ ବୁଲି ଦେଖିବା ସହ ବିହନ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଜନପ୍ରତିନିଧି ଦଳରେ ଖୋର୍ଦ୍ଧା ଜିଲା ପରିଷଦର ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ସଦସ୍ୟ ପ୍ରଦୀପ୍ତ କୁମାର ଛୋଟରାୟ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣ ସିଂ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଟାଙ୍ଗିର ରିସନା ମାଧନ୍ତା, ବାଲିଅନ୍ତା ସରପଞ୍ଚ ବିଶ୍ୱଜିତ ଭୋଇ, ବାଲିପାଟଣା ସରପଞ୍ଚ ନର୍ଗିସ ବେଗମ, ବାଣପୁର ବ୍ଲକ ନନ୍ଦପୁର ସରପଞ୍ଚ ପୁଷ୍ପମିତ୍ରା ଖୁଣ୍ଟିଆ ପ୍ରମୁଖ ପରିଭ୍ରମଣ କରି ଦାରିଙ୍ଗବାଡି କଫିକୁ ପ୍ରଶଂସା କରିଥିଲେ।

# ଗୋଟିଏ ନାଁରେ ୨ ମତ୍ସ୍ୟଜୀବୀ ମହାସଂଘକୁ ନେଇ ବିବାଦ

ବାଲୁଗାଁ,୨୯।୮(ସଂଗ୍ରାମ ପାଇକରାୟ)

ଚିଲିକା ମତ୍ସ୍ୟଜୀବୀ ମହାସଂଘ ନାମରେ ଆଉ ଏକ ମହାସଂଘ ଗତ କିଛିଦିନ ତଳେ ମୁଣ୍ଡ ଟେକିଥିବା ବେଳେ ଏହାକୁ ନେଇ ମତ୍ସ୍ୟଜୀବୀଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଉପୁଜିଛି। ତେବେ ମତ୍ସ୍ୟଜୀବୀଙ୍କ ସମସ୍ୟା ଦୂରୀକରଣ ତଥା ସାମୂହିକ ଉନ୍ନତି ନିମନ୍ତେ ବହୁ ବର୍ଷ ଧରି ପ୍ରତିଷ୍ଠାଲାଭ କରିଥିବା ଚିଲିକା ମତ୍ସ୍ୟଜୀବୀ ମହାସଂଘର ପଞ୍ଜୀକୃତ ରେଜିଷ୍ଟ୍ରେଶନ ନମ୍ବରକୁ ନକଲ କରି ନିଜକୁ ଅସଲି ମହାସଂଘ କହି ଫାଇଦା ଉଠାଉଥିବା ଆଉ ଏକ ଗୋଷ୍ଠୀକୁ ଉଚିତ ଜବାବ ଦିଆଯିବ ବୋଲି ଗତ ବୁଧବାର ବାଲୁଗାଁ ଚିଲିକା କୂଳସ୍ଥିତ ବୋଟ୍ ଆସୋସିଏଶନ ସଭାଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାସଂଘର ସଭାପତି ରବୀନ୍ଦ୍ର ବେହେରା କହିଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲା ଅଧୀନ ୧୪୫ ଗ୍ରାମର ମତ୍ସ୍ୟଜୀବୀଙ୍କୁ ନେଇ ୧୯୮୮ ମସିହାରୁ ଚିଲିକା ମତ୍ସ୍ୟଜୀବୀ ମହାସଂଘ ଗଠନ କରାଯାଇଛି। ଏହି ସଂଘ ବିଭିନ୍ନ ସମୟରେ ମତ୍ସ୍ୟଜୀବୀଙ୍କ ସାମୂହିକ ସ୍ୱାର୍ଥଦୃଷ୍ଟିରୁ ସ୍ୱତନ୍ତ୍ର ଚିଲିକା ବିଲ୍ ପ୍ରଣୟନ ପାଇଁ ବିଧାନସଭା ଘେରାଉ କରିବା ସହ ଆନ୍ଦୋଳନ ଜାରି ରଖିଛି। ଏଥିସହ ଚିଲିକାରୁ ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ ସହ ଘୋଷିତ ସରୁ ଆଲିମ୍ ଜାଲକୁ ନିଷିଦ୍ଧ ନିମନ୍ତେ ମହାସଂଘ ପ୍ରତିବାଦ ଜାରି ରଖିଛି। କେତେକାଂଶରେ ଦାବି ପୂରଣ ଦିଗରେ ଫଳପ୍ରଦ ମଧ୍ୟ ହୋଇଛି। ୨୦୧୬ ମସିହାରୁ ରବୀନ୍ଦ୍ର ବେହେରାଙ୍କୁ ସଭାପତିଭାବେ ଚୟନ କରାଯାଇ ସଂଘ କାର୍ଯ୍ୟନିର୍ବାହ କରିଆସୁଥିଲା। ଏପରିସ୍ଥଳେ କିଛିବର୍ଷ ହେବ ୩ ଜିଲାର ମତ୍ସ୍ୟଜୀବୀଙ୍କ ମଧ୍ୟରେ କୌଣସି କାରଣରୁ ମତାନ୍ତର ସୃଷ୍ଟିହୋଇ ଗୋଟିଏ ପଞ୍ଜୀକୃତ ନମ୍ବରରେ ଏକାଧିକ ମହାସଂଘ ମୁଣ୍ଡ ଟେକିଥିଲା। ଫଳରେ ମତ୍ସ୍ୟଜୀବୀଙ୍କ ସାମୂହିକ ସ୍ୱାର୍ଥ ହାସଲ କ୍ଷେତ୍ରରେ ବାଧା ଉପୁଜିଥିଲା। ପରେ ଏହାର ଆପୋସ ସମାଧାନ କରାଯାଇ ମିଳିମିଶି ଗୋଟିଏ ସଂଘରେ ରହିବା ପାଇଁ ସ୍ଥିର ହୋଇଥିଲା। ଏହି ପରିପ୍ରେକ୍ଷୀରେ ଚଳିତ ମାସ ୧୮ତାରିଖରେ ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମଠାରେ ୩ ଜିଲାରୁ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଏକ୍ରତିତ ହୋଇ ଆଗାମୀ କିଛିଦିନ ମଧ୍ୟରେ ମହାସଂଘର ନୂତନ କର୍ମକର୍ତ୍ତା ଚୟନ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ତେବେ ବୈଠକରେ ହୋଇଥିବା ନିଷ୍ପତ୍ତିକୁ ନ ମାନି ଏହାର ୫ ଦିନ ପରେ ଅର୍ଥାତ୍ ଗତ ୨୩ ତାରିଖରେ ସମାନ ରେଜିଷ୍ଟ୍ରେଶନ ନମ୍ବର ଥାଇ କର୍ମକର୍ତ୍ତା ଚୟନ କରାଯାଇ ଚିଲିକା ମତ୍ସ୍ୟଜୀବୀ ମହାସଂଘ ନାମରେ ଆଉ ଏକ ସଂଘ ମୁଣ୍ଡ ଟେକିଛି। ଫଳରେ ପୁଣି ମହାସଂଘ ଗଠନକୁ ନେଇ ବିବାଦ ଦେଖାଦେଇଛି। ମତ୍ସ୍ୟଜୀବୀ ମହାସଂଘ ସଭାପତି ରବୀନ୍ଦ୍ର ବେହେରା ଏହାକୁ ବେଆଇନ ଘୋଷଣା କରିବା ସହ ତୁରନ୍ତ ମହାସଂଘ ନୂତନ କର୍ମକର୍ତ୍ତା ଚୟନ କରିବ ଏବଂ ନକଲି ମହାସଂଘର କର୍ମକର୍ତ୍ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ଦୀପକଙ୍କୁ ୭ମ ଡାନ୍ ବ୍ଲାକ୍‌ବେଲ୍ଟ

ବାଲୁଗାଁ,୨୯।୮(ସଂଗ୍ରାମ ପାଇକରାୟ)



ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିରରେ ବାଲୁଗାଁର କରାଟେ ସେନ୍‌ସେଇ ଦୀପକ କୁମାର ସାମନ୍ତରାୟ ୭ମ ଡାନ୍ ବ୍ଲାକ୍‌ବେଲ୍ଟ ହାସଲ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ମୋଟ ୬୦ଜଣ ପ୍ରଶିକ୍ଷକ ଅଂଶଗ୍ରହଣ କରିଥିବା ବେଳେ ଖୋର୍ଦ୍ଧା ଜିଲାର ବାଲୁଗାଁରୁ ଏକମାତ୍ର ପ୍ରଶିକ୍ଷକ ଭାବେ ସେନ୍‌ସେଇ ଦୀପକ କୁମାର ସାମନ୍ତରାୟ ଭାଗ ନେଇଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି ଶିବିରରେ ନୂତନ କୌଶଳ ପ୍ରଶିକ୍ଷଣ ନେବା ପରେ ଅନ୍ତିମ ଦିବସରେ ଦୀପକଙ୍କୁ ଏହି ବେଲ୍ଟର ମାନ୍ୟତା ମିଳିଥିଲା। ରାଜ୍ୟ କରାଟେ ସଂଘର ସଭାପତି ହାନ୍‌ସୀ ଡ. ହରିପ୍ରସାଦ ପଟ୍ଟନାୟକ ଦୀପକଙ୍କୁ ଏହି ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ରାଜ୍ୟ କରାଟେ ସଂଘର ସମ୍ପାଦକ ଡ. ଗୌରୀ ମହାନ୍ତିଙ୍କ ସମେତ ଅଞ୍ଚଳର କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି। ଦୀପକ ରାଜ୍ୟ କରାଟେ ସଂଘର କାର୍ଯ୍ୟକାରିଣୀ ସଦସ୍ୟ, ଖୋର୍ଦ୍ଧା ଜିଲା କରାଟେ ସଂଘର ସମ୍ପାଦକ ଏବଂ ଜାତୀୟ କୋଚ୍ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି।

# ଜିଲାସ୍ତରୀୟ ପଶୁପକ୍ଷୀ ଗଣନା ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା,୨୯।୮(ପ୍ରଭାତ ପାଣିଗ୍ରାହୀ)

ଭାରତ ସରକାରଙ୍କ ୨୧ତମ ଜାତୀୟ ପଶୁପକ୍ଷୀ ଗଣନା କାର୍ଯ୍ୟକ୍ରମ-୨୦୨୪ ଅଧୀନରେ ଜିଲାସ୍ତରୀୟ ତଦାରଖକାରୀ ତଥା ଗଣନାକାରୀଙ୍କ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଉଦ୍ୟାନ କୃଷି ପ୍ରଶିକ୍ଷଣ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରକୁ ଜିଲାପାଳ ଚଞ୍ଚଳ ରାଣା ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ(ସିଡିଭିଓ) ଡା.ଦେବୀଦତ୍ତ ମାଝି ଅଧ୍ୟକ୍ଷତା କରିଥିବା ବେଳେ ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି ସ୍ମିତା ମହାନ୍ତି ସଂଯୋଜନା କରିଥିଲେ। ପଶୁଗଣନା ଆସନ୍ତା ସେପ୍ଟେମ୍ବର ମାସରୁ ଆରମ୍ଭ ହୋଇ ୩୦ ନଭେମ୍ବର ସୁଦ୍ଧା ଶେଷ ହେବାକୁ ସମୟ ଧାର୍ଯ୍ୟ କରାଯାଇଛି। ଏଥିରେ ୧୬ଟି ବିଭିନ୍ନ ପଶୁପକ୍ଷୀଙ୍କ ବିଷୟରେ ତଥ୍ୟ ସଂଗ୍ରହ କରାଯିବ। ଏହି ପଶୁପକ୍ଷୀ ଗଣନାର ଲକ୍ଷ୍ୟ ହେଲା ବିଭିନ୍ନ ଜାତି ଓ ପ୍ରଜାତିର ପ୍ରାଣୀମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ, ପ୍ରାଣୀ ସମ୍ପଦ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଓ ନୀତି ପ୍ରଣୟନ, ପ୍ରାଣୀସମ୍ପଦ ଅଭିବୃଦ୍ଧିର ପ୍ରବୃତି ଚିହ୍ନଟ କରାଯିବ ବୋଲି ସିଡିଭିଓ ମାଝି କହିଛନ୍ତି। ଏହି ୨୧ତମ ପଶୁପକ୍ଷୀ ଗଣନା କାର୍ଯ୍ୟକ୍ରମରେ ଜିଲାରେ ୧୨୫ଜଣ ଗଣନାକାରୀ ଓ ୨୪ଜଣ ସୁପରଭାଇଜର ନିୟୋଜିତ ହେବେ। ଶିବିରରେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ସ୍ମରଣିକା ସାମଲ ପ୍ରଶିକ୍ଷଣ ଦେଇଥିଲେ। ଡା.ସମାପିକା ମହାପାତ୍ର, ଡା.ରାଜେଶ ସେଠୀ, ମାୟାଧର ପଣ୍ଡା, ପ୍ରଭାତ ସାହୁଙ୍କ ସମେତ ସମସ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ, ପ୍ରାଣୀମିତ୍ରମାନେ ଉପସ୍ଥିତ ଥିଲେ। ଶେଷରେ ଭୁବନେଶ୍ୱର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରବିନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅତିଥି।

# ଖୋଲା ଖଣି ପାଲଟିଛି ମରଣଯନ୍ତା

ବେଗୁନିଆ,୨୯।୮(ହରପ୍ରସନ୍ନ ପଣ୍ଡା)



ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବଢ଼ିଚାଲିଛି। ମାଫିଆମାନେ ବେଆଇନଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରୁଛନ୍ତି। ପ୍ରଶାସନର ଚଢ଼ାଉ ପୂର୍ବରୁ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଉଥିବା ବେଳେ କେବଳ ପଥର ବୋଝେଇ ଗାଡ଼ି ଜବତ ହେଉଛି। ଅନ୍ୟପଟେ ଖୋଲାହୋଇଥିବା ଖଣିରେ ବାଲି ପୋତା ନ ଯିବାରୁ ତାହା ମରଣଯନ୍ତା ପାଲଟିଛି। ଫଳରେ ବିଭିନ୍ନ ସମୟରେ ଅଘଟଣ ଘଟୁଥିବା ନଜିର ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

ସୂଚନାଥାଉ କି, ବେଗୁନିଆ ତହସିଲ ଅନ୍ତର୍ଗତ ଡିଙ୍ଗର, ରାଉତପଡ଼ା, ଦକ୍ଷିଣେଶ୍ୱର, ବିଞ୍ଝଣି, ଡାଳତୋଳା, ବରପଦା, କୋତଲାଙ୍ଗ, ଗୌଡିଆପଡ଼ା, ନିଆମୁହାଁ ଆଦି ଅଞ୍ଚଳରେ ୮ଶହରୁ ଉର୍ଦ୍ଧ୍ୱ ଏକର ବେଆଇନ ପଥର ଖଣି ରହିଛି। ଏଥିସହ ଶ୍ରୀମନ୍ଦିର ପ୍ରଶାସନର ପ୍ରାୟ ୨ଶହ ଏକର ମାଙ୍କଡ଼ା ଓ କଳାପଥର ଖଣି ରହିଛି। ସେଥିମଧ୍ୟରୁ ପ୍ରଶାସନ ପକ୍ଷରୁ ଅର୍ଦ୍ଧାଧିକ ଖଣିକୁ ସରକାରୀ ଭାବେ ବନ୍ଦ କରାଯାଇଛି। ମାତ୍ର ବନ୍ଦ ଖଣିରୁ ଏବେ ବେଆଇନ ଭାବେ ପଥର କଟାଚାଲିଛି। କୃଷି ଯନ୍ତ୍ରପାତି, କଟର ବ୍ୟବହାର କରି ପଥର କାଟିଚାଲିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ରାଜସ୍ୱ ବୃଦ୍ଧି ଆଳରେ ବେଆଇନଭାବେ ଚାଲାଣ ହେଉଥିବା ମାଙ୍କଡ଼ା ପଥର, ବାଲି ଓ ମୋରମ ବୋଝେଇ ଗାଡ଼ିକୁ ଧରପଗଡ଼ କରାଯାଉଛି। ଜରିମାନା ଦେବା ପରେ ମାଫିଆମାନେ ପୁଣି ବେଆଇନ କାରବାର ଚଳାଉଛନ୍ତି। ଅନ୍ୟପକ୍ଷରେ ଗୋଟିଏ ଖଣି ୨୦ ଫୁଟ ଗଭୀର ପର୍ଯ୍ୟନ୍ତ ଖୋଳାଯାଇପାରିବ। ଉକ୍ତ ଖଣି ଖନନ ଶେଷହେବା ପରେ ବାଲି ଭର୍ତ୍ତି କରିବା ପାଇଁ ନିୟମ ରହିଛି। ହେଲେ କୋତଲାଙ୍ଗ, ଡାଳତୋଳା, ବରପଦା, ରାଉତପଡ଼ା, ବିଞ୍ଝଣି ଆଦି ସ୍ଥାନରେ ବାଲି ପୋତା ନ ହୋଇ ୪୦ରୁ ୫୦ ଫୁଟ ଗଭୀରର ବହୁ ଖଣି ଖୋଲାରହିଛି। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ବର୍ଷାରେ ଉକ୍ତ ଖଣିରେ ପାଣି ଜମିରହୁଛି। ଗତ ୫ ବର୍ଷ ମଧ୍ୟରେ ପାଣି ଭର୍ତ୍ତି ଖଣିରେ ପଡ଼ି ପ୍ରାୟ ୨୫ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେସରକାରୀ ଭାବେ ଜଣାପଡ଼ିଛି। ସେହିପରି ଗତ ୫ ବର୍ଷ ମଧ୍ୟରେ ଡାଳତୋଳା, ନିଆମୁହାଁ, କୋତଲାଙ୍ଗ ଆଦି ଖୋଲାଖଣିରେ ୬ଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ଖୋର୍ଦ୍ଧା ସଦର, ଜଙ୍କିଆ ଓ ବେଗୁନିଆ ଥାନାରେ ଏହି ଅଘଟଣକୁ ନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ଏ ସମ୍ପର୍କରେ ତହସିଲଦାର ତାପସ ବିସି କହିଛନ୍ତି, ଚଢ଼ାଉ ଜାରି ରହିଛି, ଜରିମାନା ଆଦାୟ ପରେ ଛାଡ଼ି ଦିଆଯାଉଛି।

### ସାପ କାମୁଡ଼ାରେ ମା’, ଝିଅଙ୍କ ମୃତ୍ୟୁ

ଭଞ୍ଜନଗର,(ବାବୁଲା ପ୍ରଧାନ): ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା ରାଇକିଆ ବ୍ଲକ ଇନ୍ଦ୍ରଗଡ଼ ପଞ୍ଚାୟତ ରିଷାଭୂଇଁ ଗ୍ରାମରେ ଗୁରୁବାର ଭୋର୍‌ରେ ସାପ କାମୁଡ଼ାରେ ମା’, ଝିଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୁରୁବାରୀ ନାୟକ(୩୫) ଏବଂ ତାଙ୍କ ଝିଅ ସୁବି ନାୟକ(୬)। ଭଞ୍ଜନଗର ପୋଲିସ ୨ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଦେଶୀ ମଦଭାଟିରେ ପୁଣି ଚାଲିଲା ବୁଲ୍‌ଡୋଜର

## ସାଲିଆ ସାହିରେ ଅବକାରୀ ଟିମ୍‌ର ଚଢ଼ାଉ

ଭୁବନେଶ୍ୱର,୨୯।୮ (ସୂର୍ଯ୍ୟକାନ୍ତ ବେହେରା)




ସାଲିଆସାହିସ୍ଥିତ ଇଡ୍‌କୋ ଓ ନୀଳଚକ୍ରନଗର ବସ୍ତିରେ ଅବକାରୀ କର୍ମଚାରୀମାନେ ଦେଶୀ ମଦ ଓ ପୋଚ ନଷ୍ଟ କରିବା ସହ ଭାଟି ଚାଲିଥିବା ଅଭିଯୁକ୍ତଙ୍କ ଘରକୁ ବୁଲ୍ ଡୋଜରରେ ଭଙ୍ଗାଯାଉଛି।

ଗଞ୍ଜାମ ଜିଲା ଚିକିଟି ମଦ ମୃତ୍ୟୁ ଘଟଣା ପରେ ପୋଲିସ ଓ ଅବକାରୀ ବିଭାଗ ଆକ୍ସନ ମୁଡ୍‌ରେ ରହିଛି। ଦେଶୀ ମଦ ଭାଟି ଉପରେ ଘନ ଘନ ଚଢ଼ାଉ କରି ଜବତ ଓ ନଷ୍ଟ ପ୍ରକ୍ରିୟା ଜାରି ରଖିଛନ୍ତି। ଭୁବନେଶ୍ୱର ସାଲିଆ ସାହିରେ ଯେତେ ଚଢ଼ାଉ କଲେ ବି ଏହି ବେଆଇନ ମଦ କାରବାର ବନ୍ଦ ହେଉନି। ଏଠାରେ ମଦ ବ୍ୟବସାୟୀମାନେ ସରକାରୀ ଜାଗାକୁ କବ୍‌ଜା କରି ରହିବା ସହ ସେଠାରେ ଦେଶୀ ମଦ ତିଆରି କରୁଛନ୍ତି। କମିଶନରେଟ ପୋଲିସ ପରେ ଅବକାରୀ ବିଭାଗ ସାଲିଆ ସାହିରେ ସ୍ୱତନ୍ତ୍ର ଅପରେଶନ ଚଳାଇଛି। ଗୁରୁବାର ଇଡ୍‌କୋ ଓ ନୀଳଚକ୍ରନଗର ବସ୍ତିରେ ପୁଣି ବୁଲ୍‌ଡୋଜର ଚାଲିଛି। ଅବକାରୀ ଟିମ୍ ମଦ ବେପାରୀଙ୍କ ଘର ଓ ଏଠାରେ ବେଆଇନ ଭାବେ ଚାଲିଥିବା ମଦ ଭାଟିକୁ ଭାଙ୍ଗି ଦେଇଛନ୍ତି। ଏହାସହ ଚଢ଼ାଉ ବେଳେ ୮ ଜଣଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ୧ ହଜାରରୁ ଅଧିକ ଦେଶୀ ମଦ ଓ ୬ ହଜାର ୯୬୦ ଲିଟର ପୋଚ ଜବତ କରି ନଷ୍ଟ କରାଯାଇଥିବା ଅବକାରୀ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ମଧ୍ୟ ସାଲିଆ ସାହିରୁ କମିଶନରେଟ ପୋଲିସ ହଜାର ହଜାର ଲିଟର ମଦ ଓ ପୋଚ ଜବତ କରିଥିଲା। ଏହାସହ ବୁଲ୍‌ଡୋଜର ଲଗାଇ ଘର ମଧ୍ୟ ଭାଙ୍ଗିଥିଲା। ଏହି ସମୟରେ ଘର ଭିତରୁ ଗୁପ୍ତ ଚାମ୍ବର ମିଳିଥିଲା। ତା’ଭିତରେ ଦେଶୀ ମଦ ତିଆରି ହେଉଥିଲା।

# ନାବାଳିକାଙ୍କୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା

ରେମୁଣା,୨୯।୮ (ରବୀନ୍ଦ୍ର ମହାକୁଡ଼)

### ୩ ଦିନ ହେବ ନିଖୋଜ ଥିଲେ

ବାଲେଶ୍ୱର ଆଲଏଜ୍ ନିକଟରେ ନିଖୋଜ ନାବାଳିକାଙ୍କ ମୃତଦେହ ଗୁରୁବାର ବିଳମ୍ବିତ ରାତିରେ ଠାବ ହୋଇଛି। ସମ୍ପୃକ୍ତା ୯ବର୍ଷୀୟା ନାବାଳିକା ୩ଦିନ ହେବ ନିଖୋଜ ଥିଲେ। ତାଙ୍କୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ରେମୁଣା ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଆଲଏଜ୍ ନିକଟସ୍ଥ ଏକ ବନ୍ଦ କୋଠରି ମଧ୍ୟରୁ ଦୁର୍ଗନ୍ଧ ବାହାରୁଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏହା ନିକଟକୁ କାହାରିକୁ ଯିବାକୁ ବାରଣ କରିଛି। ଶୁକ୍ରବାର ସକାଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ବ୍ୟବଚ୍ଛେଦ ନିମନ୍ତେ ପଠାଯିବ ବୋଲି ପୋଲିସ କହିଛି। ଅଟକ ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ହୋଇଥିବାବେଳେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

# ଜେଲ ଗଲେ ଅଭିଯୁକ୍ତ ପଡ଼ୋଶୀ ଯୁବକ

ଭୁବନେଶ୍ୱର,୨୯।୮ (ସତ୍ୟଜିତ୍ ରାଉତ)

### ଏନ୍‌ଏଚ୍‌ଆର୍‌ସିରେ ଶିଶୁକନ୍ୟା ବଳାତ୍କାର ଘଟଣା

ଭୁବନେଶ୍ୱର ଏୟାରପୋର୍ଟ ଥାନା ଅନ୍ତର୍ଗତ ଏକ ବସ୍ତିରେ ଜଣେ ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲାରେ ପୋଲିସ ଅଭିଯୁକ୍ତ ପଡ଼ୋଶୀ ଯୁବକ ବିଜୁଙ୍କୁ ଗୁରୁବାର ଗିରଫ କରିଛି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବୁଧବାର ସନ୍ଧ୍ୟାରେ ଶିଶୁକନ୍ୟାଙ୍କ ପରିବାର ଲୋକେ ଘରେ ଅନ୍ୟ କାମରେ ବ୍ୟସ୍ତ ଥିଲେ। ଏହି ସମୟରେ ଘର ନିକଟରେ ଖେଳୁଥିବା ଶିଶୁକନ୍ୟାଙ୍କୁ ଅଭିଯୁକ୍ତ ବିଜୁ ଚକୋଲେଟ୍ ଦେବା ଆଳରେ ନିଜ ଘରକୁ ନେଇ ବଳାତ୍କାର କରିଥିଲେ। ଶିଶୁକନ୍ୟା ଜଣକ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରିବାରୁ ପଡ଼େଶୀ ଓ ପରିବାର ଲୋକେ ସେଠାରେ ପହଞ୍ଚି ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବିଜୁଙ୍କୁ କାବୁ କରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଧରି ଥାନାକୁ ନେଇ ପଚରାଉଚରା କରିଥିଲା। ଏନେଇ ପୀଡ଼ିତାଙ୍କ ମା’ଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଜୁଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ଘଟଣା ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତାଙ୍କୁ କ୍ଷତିପୂରଣ ରାଶି ଦେବାକୁ ମାନବାଧିକାର କର୍ମୀ ଜୟନ୍ତ ଦାସ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନ୍‌ଏଚ୍‌ଆର୍‌ସିଙ୍କ ପକ୍ଷରୁ ଅଭିଯୋଗକୁ ଗ୍ରହଣ କରାଯାଇ ଏକ ଡାଏରୀ (ନଂ. ୧୩୯୩୮/ ୟୁଏନ୍/ ୨୦୨୪) ରୁଜୁ କରାଯାଇଛି।

# ସିଏଚ୍‌ଏସ୍‌ଇ ରେକର୍ଡ ସପ୍ଲାୟର ଗିରଫ

ଭୁବନେଶ୍ୱର,୨୯।୮ (ସତ୍ୟଜିତ୍ ରାଉତ)

### ପ୍ରକୃତ ଆୟଠାରୁ ୧୬୧% ଅଧିକ ସମ୍ପତ୍ତି

ଭିଜିଲାନ୍ସ ଯାଞ୍ଚ ପରେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ)ର ରେକର୍ଡ ସପ୍ଲାୟର ପୁରେନ୍ଦ୍ର କୁମାର ସେଠୀ ବହୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସ୍ପଷ୍ଟ ହୋଇଛି। ଠାବ ହୋଇଥିବା ଏହି ସମ୍ପତ୍ତି ପୁରେନ୍ଦ୍ରଙ୍କ ପ୍ରକୃତ ଆୟଠାରୁ ୧୬୧ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ପୁରେନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭିଜିଲାନ୍ସ ସେଲ୍ ଥାନାରେ ପୁରେନ୍ଦ୍ରଙ୍କ ନାମରେ ଏକ ମାମଲା (ନଂ.୧୦/୨୦୨୪) ରୁଜୁ କରାଯାଇଛି। ଅଭିଯୁକ୍ତ ପୁରେନ୍ଦ୍ରଙ୍କୁ ଗିରଫ କରାଯାଇ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ପୁରେନ୍ଦ୍ରଙ୍କ ଘର ସମେତ ଭୁବନେଶ୍ୱର ଓ ଜଗତ୍‌ସିଂହପୁର ୩ ସ୍ଥାନରେ ବୁଧବାର ଚଢ଼ାଉ କରିଥିଲା। ପୁରେନ୍ଦ୍ରଙ୍କ ଭୁବନେଶ୍ୱର କାନନ ବିହାରରେ ଏକ ୪ ମହଲା କୋଠା, ୧୬ଟି ବେନାମି ପ୍ଲଟ୍, ବ୍ୟାଙ୍କ, ଜୀବନ ବୀମା ଓ ଶେୟାର ମାର୍କେଟର ମ୍ୟୁଚୁଆଲ ଫଣ୍ଡରେ ୧୬.୭୭ ଲକ୍ଷ ଟଙ୍କା ଜମା ଭିଜିଲାନ୍ସ ଠାବ କରିଥିଲା। ଏହାବ୍ୟତୀତ ଘରୁ ୧ ଲକ୍ଷ ୭୦ହଜାର ନଗଦ ଟଙ୍କା, ୨ଟି ଚାରିଚକିଆ ଯାନ ଓ ଦୁଇଟି ଦୁଇଚକିଆ ଯାନ ଏବଂ ୫ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ ହୋଇଛି। ଏନେଇ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ସୂଚନା ଦେଇଛି।

# ଭୁବନେଶ୍ୱରରେ ବନ୍ଦ ଘରେ ତନ୍ତ୍ର ସାଧନା

ଭୁବନେଶ୍ୱର,୨୯।୮ (ସତ୍ୟଜିତ୍ ରାଉତ)

### ଥାନାରେ ଅଭିଯୋଗ ପରେ ତାନ୍ତ୍ରିକ ଫେରାର



ଭୁବନେଶ୍ୱରର ଏକ ବନ୍ଦ ଘରେ ଚାଲିଥିଲା ତନ୍ତ୍ର ସାଧନା। ହିନ୍ଦୁ ଦେବଦେବୀଙ୍କ ଫଟୋକୁ ପୂଜାର୍ଚ୍ଚନା କରିବା ସହ ଘରେ ଥିଲା ତ୍ରୀଶୂଳ, କଳସ, ନଡ଼ିଆ ଓ ଆମ୍ବଡାଳୁଆ। ଟଙ୍କପାଣିରୋଡସ୍ଥିତ ବ୍ରହ୍ମେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନା ବଡ଼ଗଡ଼ ବ୍ରିଟ୍ କଲୋନୀରେ ଏହି ଘଟଣା ଦେଖିବାକୁ ମିଳିଛି। ଘର ମାଲିକ ପ୍ରବୀଣ କୁମାର ପାତ୍ର ଏନେଇ ବାରଣ କରିବା ସହ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ଚର୍ଚ୍ଚିନ କାନୁନ୍‌ଗୋ ନାମକ ତାନ୍ତ୍ରିକ ଫେରାର ହୋଇଯାଇଛନ୍ତି। ପୋଲିସ ଏହି ଘଟଣାରେ ପ୍ରାଥମିକ ତଦନ୍ତ ଜାରି ରଖିଛି।

ପ୍ରାୟ ୫ବର୍ଷ ତଳେ ପ୍ରବୀଣଙ୍କ ଜଣେ ଆଇନଜୀବୀ ବନ୍ଧୁ ପ୍ଲଟ୍ ନଂ.୨ସ୍ଥିତ ଉକ୍ତ ଘରର ଏକ ରୁମ୍‌ରେ ରହୁଥିଲେ। ସେ କିଛିଦିନ ବ୍ୟବଧାନରେ ରହି ଚାଲି ଯାଉଥିଲେ। କିଛିବର୍ଷ ହେବ ଆଇନଜୀବୀ ବନ୍ଧୁଙ୍କ ସହ ଚର୍ଚ୍ଚିନ ସେଠାକୁ ଆସିଥିଲେ। ଚର୍ଚ୍ଚିନ ନିଜକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପରିଚୟ ଦେଇ ସେ ଘରେ ରହିଥିଲେ। ପ୍ରାୟ ସମୟରେ ଘର ବନ୍ଦ ରହୁଥିବାବେଳେ ମଝିରେ ମଝିରେ ଚର୍ଚ୍ଚିନ ସେଠାକୁ ଯିବା ଆସିବା କରୁଥିଲେ। ତେବେ ଚର୍ଚ୍ଚିନଙ୍କୁ ଉକ୍ତ ଘର ଛାଡ଼ିଦେବାକୁ ପ୍ରବୀଣ କହିବାରୁ ସେ ଯାଉ ନ ଥିଲେ। ଗତ ୩ ମାସ ହେବ ସେ ଘର ବନ୍ଦ କରି ପୂଜାର୍ଚ୍ଚନା କରୁଥିଲେ। ପ୍ରାୟ ସମୟରେ ଭିନ୍ନ ଭିନ୍ନ ଯୁବତୀଙ୍କୁ ଡାକି ପୂଜାର୍ଚ୍ଚନା କରିବା ସହ ହୋମଯଜ୍ଞ କରୁଥିଲେ। ଉକ୍ତ ରୁମ୍‌କୁ ମନ୍ଦିର ଭଳି ସଜେଇ ଚାରି କୋଣରେ ଚାରୋଟି ଗାତ ଖୋଳି ହାଣ୍ଡିଗୁଡ଼ିକୁ ପୋତିଥିଲେ। ଏଥିସହ ଉକ୍ତ ରୁମ୍ ମଝିରେ ଏକ ବିରାଟ ଗାତ ଖୋଳି ଏକ ନାଲି କପଡ଼ା ଘୋଡ଼ାଇ ରଖୁଥିଲେ। ୩ଦିନତଳେ ଘର ମାଲିକ ପ୍ରବୀଣ ଏହି ଘଟଣା ଜାଣିବାରୁ ସେ ଚର୍ଚ୍ଚିନଙ୍କୁ ଏହି ତନ୍ତ୍ର ସାଧନା ନ କରିବାକୁ କହିଥିଲେ। ଏହାପରେ ଚର୍ଚ୍ଚିନ ଧମକ ଦେଇଥିଲେ। ମନ୍ତ୍ର ଦ୍ୱାରା ତାଙ୍କର ଅନିଷ୍ଟ କରିବେ ବୋଲି ଚେତାବନୀ ଦେଇଥିଲେ। ଗୁରୁବାର ଘର ଛାଡ଼ିବାକୁ ନେଇ ଝଗଡ଼ା ହେବା ପରେ ଚର୍ଚ୍ଚିନ ସେଠାରୁ ନିଜର କିଛି ଆବଶ୍ୟକୀୟ ସାମଗ୍ରୀ ନେଇ ପଳାଇ ଯାଇଥିଲେ। ତେବେ ଏନେଇ ଜୋନ୍ ଏସିପି ମାନସ କୁମାର ଦେଓ କହିଛନ୍ତି, ଏହି ଘଟଣାକୁ ଅନୁଧ୍ୟାନ କରାଯାଉଛି। ଯଦି ତନ୍ତ୍ର ସାଧନା ଦ୍ୱାରା ସେ ବ୍ୟକ୍ତି କୌଣସି ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିବେ, ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସିପି ଦେଓ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ରୁମ୍‌ରେ ତାନ୍ତ୍ରିକ ଏକ ବିରାଟ ଗାତ ଖୋଳିଥିବାରୁ ଏହାକୁ ନେଇ ସନ୍ଦେହ ଉପୁଜିଛି। ସେ ଉକ୍ତ ସ୍ଥାନରେ ବଳି ଦେବାକୁ ଯୋଜନା କରିଥାଇପାରନ୍ତି ବୋଲି ମାଲିକ ଅଭିଯୋଗ କରିଛନ୍ତି।

# ଶାବଳରେ ଭୁସି ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ବ୍ରହ୍ମପୁର,୨୯।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ରୋହିଗାଁରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଶାବଳରେ ଭୁସି ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ଝୁନୁ ଜେନା(୪୫)। ଗୁରୁବାର ଅଭିଯୁକ୍ତ ସ୍ୱାମୀ ରାଜେନ୍ଦ୍ର ଜେନା(୫୮)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଝୁନୁଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୨୭୬/୨୪ରେ ମାମଲା ରୁଜୁ କରି ରାଜେନ୍ଦ୍ରଙ୍କୁ କୋର୍ଟଚାଲାଣ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲକୁ ପଠାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳ ଓ ରକ୍ତଭିଜା କପଡ଼ା ଜବତ କରାଯାଇଛି। ପ୍ରକାଶ ଯେ, ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଝୁନୁଙ୍କର କୌଣସି ସନ୍ତାନ ନାହାନ୍ତି। ରାଜେନ୍ଦ୍ର ଅଧିକାଂଶ ସମୟରେ ବିଭିନ୍ନ କାରଣକୁ ନେଇ ସ୍ତ୍ରୀଙ୍କ ସହ ଝଗଡ଼ା କରୁଥିଲେ।

# ଯୁବତୀଙ୍କୁ ବଳାତ୍କାର କରି ଭିଡିଓ ଭାଇରାଲ

ଭୁବନେଶ୍ୱର,୨୯।୮ (ସତ୍ୟଜିତ୍ ରାଉତ)

ଫେସ୍‌ବୁକ୍ ପରିଚୟରୁ ଯୁବତୀଙ୍କୁ ପ୍ରେମର ବାହାନା କରିଥିଲେ ଯୁବକ। ନିଶା ଦେଇ ବଳାତ୍କାର କରିବା ସହ ଏହି ସମୟର ଭିଡିଓ ଏବଂ ଫଟୋ ଶୁଟ୍ କରି ବ୍ଲାକମେଲ୍ କରିଥିଲେ। ଏପରିକି ତାହାକୁ ଭାଇରାଲ କରିଦେଇଥିଲେ। ନିର୍ଯାତନା ଅସହ୍ୟ ହେବାରୁ ପୀଡ଼ିତା ଜଣକ ଗୁରୁବାର ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ଏବେ ଘଟଣା ପଦାକୁ ଆସିଛି। ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କିଛିମାସ ପୂର୍ବରୁ ଭୁବନେଶ୍ୱର ୟୁନିଟ-୯ ଅଞ୍ଚଳରେ ରହୁଥିବା ଜଣେ ଯୁବକଙ୍କ ସହ ପୀଡିତା ଯୁବତୀଙ୍କର ଫେସ୍‌ବୁକ୍‌ରେ ଚିହ୍ନାଜଣା ହୋଇଥିଲା। ମେସେଞ୍ଜରରେ ଚାଟ୍ ପରେ ନମ୍ବର ଦିଆନିଆ ହୋଇଥିଲା। ଏହାପରେ ଯୁବକ ଜଣକ ପ୍ରେମ ନିବେଦନ କରିବାରୁ ଏହି ସମ୍ପର୍କ ଆଗକୁ ବଢ଼ିଥିଲା। ତେବେ ଯୁବକ ଜଣକ ପରିବାର ଲୋକଙ୍କ ସହ ଭେଟ କରାଇବାକୁ କହି ଘରକୁ ପ୍ରେମିକାଙ୍କୁ ଡାକି ଫସାଇଥିଲେ। ଦିନେ ପୀଡ଼ିତା ତାଙ୍କ ଘରକୁ ଯାଇଥିବାବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଯୁବକ ତାଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ବଳାତ୍କାର କରିଥିଲେ। ଏଥିସହ ଏହାର ଫଟୋ ଓ ଭିଡିଓ ଶୁଟ୍ କରିଦେଇଥିଲେ। ଏହା ଜାଣିବା ପରେ ପୀଡ଼ିତା ତାଙ୍କଠାରୁ ଦୂରେଇବା ଆରମ୍ଭ କରିଥିଲେ। ହେଲ ଯୁବକ ଜଣକ ତାଙ୍କୁ ଭିଡିଓ, ଫଟୋ ପଠାଇ ଧମକ ଦେଇଥିଲେ। ଯେତେବେଳେ ଯେଉଁଠିକୁ ଡାକିବି ସେଠାକୁ ନ ଆସିଲେ ଉକ୍ତ ଫଟୋ ଓ ଭିଡିଓ ଭାଇରାଲ କରିଦେବେ ବୋଲି ଯୁବକ ଜଣକ ଧମକ ଦେଇଥିଲେ। ଯୁବତୀ ଜଣକ ତାଙ୍କ କଥାରେ ରାଜି ନ ହେବାରୁ ଅଭିଯୁକ୍ତ ତାଙ୍କ ଭିଡିଓ ଓ ଫଟୋକୁ ଭାଇରାଲ କରିଦେଇଥିଲେ। ଏପରିକି ଯୁବତୀଙ୍କ ସାଙ୍ଗ ଓ ପରିବାର ଲୋକଙ୍କୁ ପଠାଇ ଦେଇଥିଲେ। ବିଭିନ୍ନ ସମୟରେ ତାଙ୍କୁ ଡାକି ମାଡ ମାରିବା ସହ ଏସିଡ୍ ପକାଇବାକୁ ଧମକ ଦେଇଥିଲେ ବୋଲି ପୀଡିତା ଯୁବତୀ ଜଣକ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

# ଫ୍ୟାନ୍ସି ନମ୍ବର ଆଳରେ ସାଇବର ଠକେଇ

- ୩ ଅଭିଯୁକ୍ତ ଗିରଫ
- ଲାପଟପ୍, ମୋବାଇଲ, ଏଟିଏମ୍, ସିମ୍ କାର୍ଡ ସହ କାର୍ ଜବତ

ବାଲେଶ୍ୱର, ୨୯।୮ (ବାଞ୍ଛାନିଧି ଦେ)

ଫ୍ୟାନ୍ସି ନମ୍ବର, ପ୍ରି-ଆକ୍ଟିଭେଟେଡ ସିମ୍ ମାଧ୍ୟମରେ ଲୋକଙ୍କୁ ଠକୁଥିବା ଦୁଇ ଅଣଓଡ଼ିଆଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି ବାଲେଶ୍ୱର ସାଇବର ଥାନା ପୋଲିସ। ଗିରଫ ୨ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମମେଦିନୀପୁର ଜିଲା ମୋହନପୁର ଥାନା ଅଞ୍ଚଳର ଓ ଅନ୍ୟଜଣେ ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ବାମପଦା ଅଞ୍ଚଳର। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସହଦେବଖୁଣ୍ଟା ଆଦର୍ଶ ଥାନା ଅଧୀନ କରଞ୍ଜିଆଠାରେ ଥିବା ୪ ମହଲା ବିଶିଷ୍ଟ କୋଠାଘରର ତୃତୀୟ ମହଲାକୁ ଭଡ଼ା ସୂତ୍ରରେ ନେଇ ସାଇବର ଠକମାନେ ଏକ କାର୍ଯ୍ୟାଳୟ ଖୋଲିଥିଲେ। ଚାକିରି ପ୍ରଲୋଭନ ଦେଖାଇ କେତେଜଣ ଯୁବତୀଙ୍କୁ ଏହି ଠକେଇ କାର୍ଯ୍ୟରେ ଲଗାଇଥିଲେ। ନିଜର ମୋବାଇଲ ଫୋନରେ ଫ୍ୟାନ୍ସି ନମ୍ବର ଥିବା ସିମ୍ କାର୍ଡ ରଖିବା ପାଇଁ ଲୋକେ ଆଗ୍ରହ ପ୍ରକାଶ କରନ୍ତି। ଏହାର ସୁଯୋଗ ନେଇ ଉକ୍ତ ୩ଜଣ ପ୍ରି ଆକ୍ଟିଭେଟେଡ ସିମ୍ କାର୍ଡ ଲୋକଙ୍କୁ ଅନଲାଇନ ମାଧ୍ୟମରେ ବିକ୍ରି କରି ଠକୁଥିବା ଅଭିଯୋଗ ହୋଇଥିଲା। ଏନେଇ ସାଇବର ଥାନାରେ ବୁଧବାର ଏକ ମାମଲା (ନଂ. ୩୨/୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ସାଇବର ଥାନା ଆଇଆଇସି ମିନା ବିନ୍ଧାଣୀଙ୍କ ନେତୃତ୍ୱରେ ଏକ ଟିମ୍ କରଞ୍ଜିଆର ଉକ୍ତ ଘର ଉପରେ ଚଢାଉ କରିଥିଲା। ଚଢ଼ାଉ ବେଳେ ଠକେଇରେ ବ୍ୟବହୃତ ଦୁଇଟି ଲାପଟପ୍, ୧୬ଟି ମୋବାଇଲ ଫୋନ୍, ୯ଟି ଏଟିଏମ କାର୍ଡ, ୮ଟି ସିମ କାର୍ଡ, ଗୋଟିଏ ଡ୍ରାଇଭିଂ ଲାଇସେନ୍ସ, ଗୋଟିଏ ଆଧାରକାର୍ଡ, ଗୋଟିଏ କାର୍(ନଂ.ଡବ୍ଲ୍ୟୁବି୩୬ଏମ୍-୫୬୪୮)କୁ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

ଅଭିଯୁକ୍ତମାନେ ମାତ୍ର ୧୦ଦିନ ହେଲା ଏଭଳି ବେପାର ଆରମ୍ଭ କରି ଦିଲ୍ଲୀ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶର କିଛି ଲୋକଙ୍କୁ ଫ୍ୟାନ୍ସି ନମ୍ବର ଦେବା ଆଳରେ ଫୋନ କରୁଥିଲେ। ଆଗୁଆ ବିପୁଳ ଅର୍ଥ ନେଇ ମଧ୍ୟ ଫ୍ୟାନ୍ସି ନମ୍ବର ପରିବର୍ତ୍ତେ ଅନ୍ୟ ନମ୍ବର ଦେଇ ଠକି ଆସୁଥିବା ଏସ୍‌ପି ନାଥ ସୂଚନା ଦେଇଛନ୍ତି।

# ଶାଶୁ ଶ୍ୱଶୁରଙ୍କ ଉପରକୁ ଗରମ ପାଣି ଫିଙ୍ଗିଲେ ବୋହୂ

ଭୁବନ,୨୯।୮ (ବିପିନ ବିହାରୀ ସେଠୀ)

ବାରଣ ସତ୍ତ୍ୱେ କୋଠା ଘରକୁ ପ୍ରବେଶ କରିବାରୁ ଶାଶୁ ଓ ଶ୍ୱଶୁରଙ୍କ ଉପରକୁ ଗରମ ପାଣି ଫିଙ୍ଗିଛନ୍ତି ବୋହୂ। ଏଥିରେ ଶାଶୁ ଗୁରୁତର ହୋଇଥିବା ବେଳେ ଶ୍ୱଶୁର ଆହତ ହୋଇଛନ୍ତି। ଅଭିଯୋଗ ପାଇ ପୋଲିସ ଅଭିଯୁକ୍ତା ବୋହୂଙ୍କ ସହ ବଡ଼ପୁଅ ଓ ନାତିଙ୍କୁ ଗିରଫ କରିଛି। ଏପରି ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ନୂଆଭୁବନ ଅଞ୍ଚଳରେ।

ଭୁବନ ପୋଲିସ କହିଛି, ସାହୁଘର ପାଟଣାର ବୁଧିମନ୍ତ ସାହୁ (୭୦) ଓ ବାଜ ସାହୁ (୬୫)ଙ୍କ ୪ ପୁଅ। ବୁଧିମନ୍ତ ୧୦ ବର୍ଷ ତଳେ ନୂଆଭୁବନ ଭଦଳିଆପଶିରେ ଏକ କୋଠାଘର ନିର୍ମାଣ କରିଥିଲେ। ସେହି ଘରକୁ ବଡ଼ପୁଅ ରବୀନ୍ଦ୍ର ସାହୁ ନିଜ କବ୍‌ଜାରେ ରଖିଛନ୍ତି। ବାପା, ମା ଓ ଅନ୍ୟ ଭାଇମାନଙ୍କୁ ସେହି ଘରକୁ ପୂରାଇ ଦେଉନାହାନ୍ତି। ଏହାର ପ୍ରତିବାଦ କରି ବୁଧିମନ୍ତ ଓ ବାଜ ଉକ୍ତ କୋଠାଘରକୁ ପ୍ରବେଶ କରୁଥିବା ବେଳେ ବଡ଼ପୁଅ ରବୀନ୍ଦ୍ର, ବୋହୂ ନନ୍ଦିନୀ ଓ ନାତି ବିରୋଧ କରିଥିଲେ। ଏପରି କି ବଡ଼ବୋହୂ ନନ୍ଦିନୀ ଏବଂ ନାତି ଘର କବାଟ ବନ୍ଦ କରି ଛାତ ଉପରୁ ଶାଶୁ ଓ ଶ୍ୱଶୁରଙ୍କ ଉପରକୁ ଗରମ ପାଣି ଫୋପାଡିଥିଲେ। ଗୁରୁତର ଶାଶୁ ଓ ଆହତ ଶ୍ୱଶୁରଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ସଂକ୍ରାନ୍ତରେ ଭୁବନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ. ୪୦୭/୨୪ରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ପୋଲିସ ସହ ଗୁଳି ବିନିମୟ: ୩ ମହିଳା ମାଓବାଦୀ ମୃତ

ମାଲକାନଗିରି,୨୯।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଏବଂ କାଙ୍କେର ଜିଲା ସୀମାବର୍ତ୍ତୀ ଅଞ୍ଚଳରେ ଗୁରୁବାର ପୋଲିସ ସହ ଗୁଳି ବିନିମୟ ହୋଇଛି। ଯେଉଁଥିରେ ୩ ଜଣ ମହିଳା ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ନାରାୟଣପୁର ଏବଂ କାଙ୍କର ଜିଲା ସୀମାବର୍ତ୍ତୀ ଜଙ୍ଗଲରେ ମାଓବାଦୀଙ୍କ ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ, ଡିଆର୍‌ଜି, ଏସ୍‌ଟିଏଫ୍ ଏବଂ ବିଏସ୍‌ଏଫ୍ ପକ୍ଷରୁ ମିଳିତ ତଲାସି ଅଭିଯାନ କରାଯାଇଥିଲା। ଖୋଜାଖୋଜି ସମୟରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ହେବାପରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୩ ମହିଳା ମାଓବାଦୀଙ୍କ ମୃତ୍ୟୁ ହେବା ସହ କେତେକ ସାମଗ୍ରୀ ଜବତ କରାଯାଇଛି। ଏନେଇ ନାରାୟଣପୁର ଏସ୍‌ପି ପ୍ରଭାତ କୁମାର କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ୩ ସଶସ୍ତ୍ର ମହିଳା ମାଓବାଦୀଙ୍କ ମୃତଦେହ ଜବତ କରାଯାଇଛି।

## ନାବାଳିକାଙ୍କ ଦାଦାଙ୍କୁ ଖଣ୍ଡାରେ ହାଣିଲେ

# ପ୍ରତିଶୋଧ ପରାୟଣରୁ ହତ୍ୟା

*ଭୁବନେଶ୍ୱର,୨୯।୮ (ସୂର୍ଯ୍ୟକାନ୍ତ ବେହେରା): ପ୍ରେମର ଭାଷା ଠିକ୍ ଭାବେ ବୁଝିବା ପୂର୍ବରୁ ଏକତରଫା ପ୍ରେମ କରୁଛନ୍ତି। ଆଉ ଏହାକୁ ବିରୋଧ କରିବାରୁ ହତ୍ୟା ଭଳି ସଙ୍ଗିନ ଅପରାଧ ଘଟାଇବାକୁ ପଛାଉ ନାହାନ୍ତି। ପ୍ରତିଶୋଧ ପରାୟଣ ହୋଇ ସୁନ୍ଦର ଭବିଷ୍ୟତକୁ ନଷ୍ଟ କରି ବସୁଛନ୍ତି। ଯୁବପିଢ଼ିଙ୍କ ମଧ୍ୟରେ ଏଭଳି ମାନସିକତା ଯୋଗୁ ଅନେକ ଘର ସଂସାର ମଧ୍ୟ ଉଜୁଡ଼ି ଯାଉଛି। ବୁଧବାର ମଧ୍ୟରାତ୍ରିରେ ଖଣ୍ଡଗିରି ଥାନା ଅନ୍ତର୍ଗତ ଶୁକ ବିହାରରେ ଅଟୋଚାଳକଙ୍କୁ ହତ୍ୟା କରିବା ପଛରେ ରହିଛି ଏକତରଫା ପ୍ରେମ ବ୍ୟାପାର। ଜଣେ ନାବାଳକ ପ୍ରେମ କରୁଥିବା ଜଣେ ନାବାଳିକାଙ୍କ ଦାଦା ଜଗତ ମଲ୍ଲିକ ଓରଫ ଜଗା (୩୩)ଙ୍କୁ ଅତି ଅମାନୁଷିକ ଭାବେ ବେକକୁ କାଟିଦେବାରୁ ତାଙ୍କର ପ୍ରାଣ ଚାଲିଯାଇଛି। ତେବେ ସାନ ପୁଅର ମୃତ୍ୟୁ ପରେ ପରିବାର ଲୋକ ଏକ ପ୍ରକାର ସ୍ତବ୍ଧ ହୋଇଯାଇଛନ୍ତି। କୋହଭରା କଣ୍ଠରେ କହିଛନ୍ତି, ବଡ଼କୁ କିଛି ଦୁର୍ବୃତ୍ତ ଗୁଳି କରି ମାରିଥିଲେ, ଆଉ ଏବେ ସାନ ପୁଅକୁ ଖଣ୍ଡାରେ ହାଣି ମାରିଦେଲେ।*

**୧୦ ବର୍ଷତଳେ ବଡ଼ ପୁଅକୁ ଗୁଳି କରି ହତ୍ୟା**

ଗତ ପ୍ରାୟ ୧୦ ବର୍ଷ ପୂର୍ବରୁ ଜଗତଙ୍କ ବଡ଼ଭାଇ ଟୁଲୁ ମଲ୍ଲିକଙ୍କୁ ମଧ୍ୟ ଗୁଳି କରି ଦୁର୍ବୃତ୍ତ ହତ୍ୟା କରିଥିଲେ। ଡୁମୁଡୁମା ଶୁକ ବିହାରରେ ଦୁଇ ଜଣ ଦୁର୍ବୃତ୍ତ ଜଣେ ଫେରି ବେପାରୀଙ୍କୁ ଧମକଚମକ ଦେଉଥିବାବେଳେ ଟୁଲୁ ସେମାନଙ୍କୁ ବିରୋଧ କରିଥିଲେ। ଟୁଲୁଙ୍କ ବିରୋଧକୁ ଦୁର୍ବୃତ୍ତମାନେ ଗ୍ରହଣ କରି ନ ପାରି ପାଟିତୁଣ୍ଡ କରି ଚାଲି ଯାଇଥିଲେ। ପରବର୍ତ୍ତୀ ସମୟରେ ଘରେ ଶୋଇଥିବା ସମୟରେ ଦୁଇ ଜଣ ଦୁର୍ବୃତ୍ତ ଝରକା ପଟେ ଟୁଲୁଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣା ସେତେବେଳେ ଡୁମୁଡୁମା ରଘୁନାଥ ନଗରରେ ଆତଙ୍କ ଖେଳାଇ ଦେଇଥିଲା। ବଡ଼ପୁଅର ମୃତ୍ୟୁ ବାପା ମନରୁ ନ ଲିଭୁଣୁ ପୁଣି ସାନ ପୁଅର ହତ୍ୟା ତାଙ୍କୁ ଦୋହଲାଇ ଦେଇଥିବା ବୃଦ୍ଧ ବାପା ଦୁଃଶାଷନ ମଲ୍ଲିକ କହିଛନ୍ତି।

**ହତ୍ୟା କରିବା ପୂର୍ବରୁ ଜନ୍ମଦିନ ପାଳିଥିଲେ ନାବାଳକ**

ଏକତରଫା ପ୍ରେମକୁ ନେଇ ନାବାଳକ ଜଣଙ୍କ ହତ୍ୟା ଭଳି ସଙ୍ଗିନ ଅପରାଧ କରିବାକୁ ପଛାଇଲେ ନାହିଁ। ତେବେ ଅଭିଯୁକ୍ତଙ୍କୁ ପୋଲିସ ନାବାଳକ କହିବା ପରେ ଅଞ୍ଚଳରେ ନାନା ଚର୍ଚ୍ଚା ଆରମ୍ଭ ହୋଇଛି। ହତ୍ୟା କରିଥିବା ଅଭିଯୁକ୍ତ ବୁଧବାର ଜନ୍ମଦିନ ପାଳନ କରିଥିଲେ। ତାଙ୍କୁ ୧୮ ବର୍ଷ ଛୁଇଁଲା ବୋଲି ସେ କେକ୍ କାଟି ଜନ୍ମଦିନ ପାଳିଥିଲେ। ହେଲେ ଅଭିଯୁକ୍ତଙ୍କୁ ପୋଲିସ ନାବାଳକ କହିବା ଏକ ଦୁର୍ଭାଗ୍ୟଜନକ ବୋଲି ମୃତ ଜଗାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ।



ସିସିଟିଭି ଫୁଟେଜରେ କଏଦ ଦୃଶ୍ୟ।

**ହତ୍ୟା ପାଇଁ ୨ ମାସ ତଳେ ଧମକ ଦେଇଥିଲେ**

ହତ୍ୟା କରିଥିବା ନାବାଳକ ଜଣଙ୍କ ଜଗତଙ୍କ ଝିଆରୀଙ୍କୁ ଏକ ତରଫା ପ୍ରେମ କରି ହଇରାଣ କରୁଥିଲେ। ଏହାକୁ ନେଇ ଗତ ୨ମାସ ତଳେ ଜଗାଙ୍କ ସ୍ତ୍ରୀ, ତାଙ୍କ ଭାଉଜ ଓ କିଛି ମହିଳା ସମ୍ପୃକ୍ତ ନାବାଳକଙ୍କୁ ଏକ ଖୁଣ୍ଟରେ ବାନ୍ଧି ଗାଳି କରିବା ସହ ମାଡ଼ ମାରିଥିଲେ। ଏହାକୁ ନେଇ ନାବାଳକଙ୍କ ବାପା ଜଗତଙ୍କ ପରିବାରଙ୍କ ବିରୋଧରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପିସିଆର୍ ପହଞ୍ଚି ସମସ୍ତଙ୍କୁ ଥାନାକୁ ଡାକିଥିଲେ। ପୋଲିସ ଉଭୟ ପରିବାର ଓ କିଛି ମହିଳାଙ୍କୁ ଡାକି ଥାନାରେ ପଚରାଉଚରା କରିବା ସହ ସମାଧାନ କରିଥିଲେ। ହେଲେ ନାବାଳକଙ୍କ ମନରୁ ରାଗ କମି ନ ଥିଲା। ସେତେବେଳେ ଜଗତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ।

**ଜୀବନ ବଞ୍ଚାଇବାକୁ ସଂଘର୍ଷ କରିଥିଲେ, ବଞ୍ଚି ପାରିଲେନି**

ରାତି ଅଧରେ ଘରଠାରୁ କିଛି ଦୂରରେ ଜଗତଙ୍କ ବେକକୁ ଖଣ୍ଡାରେ ନାବାଳକ ହାଣିଥିଲେ। ଖଣ୍ଡା ଚୋଟ ଖାଇଥିଲେ ମଧ୍ୟ ଜୀବନ ବଞ୍ଚାଇବାକୁ ଜଗତ୍ ବହୁ ସଂଘର୍ଷ କରିଥିଲେ। ଘର ପର୍ଯ୍ୟନ୍ତ ନିଜ ସ୍କୁଟି ଯୋଗେ ରକ୍ତାକ୍ତ ଅବସ୍ଥାରେ ଆସି ସ୍ତ୍ରୀଙ୍କ ନିକଟରେ ପହଞ୍ଚି ତଳେ ପଡ଼ିଯାଇଥିଲେ। ଏହାପରେ ତାଙ୍କୁ ପଡୋଶୀଙ୍କ ସହାୟତାରେ ହସ୍ପିଟାଲ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



**ଏକତରଫା ପ୍ରେମକୁ ନେଇ ମାର୍ଚ୍ଚରେ ଯାଇଥିଲା ଜଣଙ୍କ ଜୀବନ**

ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଗତ ମାର୍ଚ୍ଚ ମାସରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଯୁବକଙ୍କ ଖଣ୍ଡା ଚୋଟରେ ଅଞ୍ଜନ କୁମାର ବେହେରା(୨୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ତେବେ ତ୍ରିକୋଣୀୟ ପ୍ରେମକୁ ନେଇ ଉକ୍ତ ହତ୍ୟାକାଣ୍ଡ ହୋଇଥିଲା। ନିଜ ସାଙ୍ଗ ଗୌତମଙ୍କୁ ବଞ୍ଚାଇବାକୁ ଯାଇ ଅଞ୍ଜନ ହତ୍ୟାର ଶିକାର ହୋଇଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା।

**ସଂକ୍ଷେପରେ**

## ବଜ୍ରପାତରେ ଚାଷୀ ମୃତ, ୨ ଆହତ

ଟାଙ୍ଗୀ/ନିରାକାରପୁର,୨୯।୮ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳରେ ଗୁରୁବାର ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଜଟଣୀ ଥାନା ଅନ୍ତର୍ଗତ ବଡ଼ତୋଟା ପଦନପୁର ଗ୍ରାମର ପ୍ରତାପ ଦିହୁଡ଼ି(୩୯)। ସେ କିଛିବର୍ଷ ହେବ ଜଙ୍କିଆ ଥାନା ମୁଣ୍ଡାଆମ୍ବସ୍ଥିତ ଆଦିବାସୀ ସାହିରେ ଶ୍ୱଶୁର ଘରେ ରହିଆସୁଥିଲେ। ସେହିପରି ଉକ୍ତ ଆଦିବାସୀସାହିର କାଳୁ ନାୟକ ଓ ପଙ୍କଜ ନାୟକ ଆହତ ହୋଇ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସୁସ୍ଥ ଥିବା ଜଣାପଡ଼ିଛି। ଅନ୍ୟପଟେ ପ୍ରତାପଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୪)ରୁଜୁ ହୋଇଛି ବୋଲି ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞା ରତୁମ୍ବରା କର ସୂଚନା ଦେଇଛନ୍ତି। ମୃତ ଓ ଆହତଙ୍କ ପରିବାର ଗରିବଶ୍ରେଣୀର ହୋଇଥିବାରୁ ସେମାନଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ପୂର୍ବତନ ସମିତିସଭ୍ୟ ସୁନୀଲ କୁମାର ନରେନ୍ଦ୍ରଙ୍କ ସମେତ ସ୍ଥାନୀୟବାସିନ୍ଦା ନିବେଦନ କରିଛନ୍ତି।

## ମୁକୁନ୍ଦପ୍ରସାଦରେ ହିଂସା ଘଟଣା, ୬ ଗିରଫ

ଖୋର୍ଦ୍ଧା,୨୯।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ମୁକୁନ୍ଦପ୍ରସାଦ ଅଞ୍ଚଳରେ ଗତ ରବିବାର ହୋଇଥିବା ହିଂସା ଘଟଣାରେ ଗୁରୁବାର ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମୁକୁନ୍ଦପ୍ରସାଦ ଅଞ୍ଚଳର ଏସ୍.କେ ମାଜିଦ(୨୪), ରଜିତ୍ ଖାନ(୨୦), ଏସ୍.କେ ସାମସୁଦ୍ଦିନ, ଜାହିର ଖାନ(୨୦), ଆୟୁସୁଦ୍ଦିନ ମଲ୍ଲିକ(୨୧) ଏବଂ ଏସ୍.କେ ନିୟାମାତ୍(୨୨)। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ,ଏହି ଥାନା ଅଧୀନ ମୁକୁନ୍ଦପ୍ରସାଦ ମାଳିସାହିର ମହମ୍ମଦ ସାଜିଦଙ୍କୁ ଗତ ରବିବାର ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାକୁ ନେଇ ହିଂସା ଘଟିଥିଲା। ମୁକୁନ୍ଦପ୍ରସାଦର ପୋଡ଼ାସାହି ଏବଂ ଦଧିବାମନ ସାହି ବାସିନ୍ଦାଙ୍କ ଅଭିଯୋଗକ୍ରମେ ପୃଥକଭାବେ ଦୁଇଟି ମାମଲା ରୁଜ ହୋଇଛି। ଏହି ଘଟଣାରେ ୮୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାଁରେ ସାହିରେ ପଶି ଭଙ୍ଗାରୁଜା, ପୋଡାଜଳା, ମନ୍ଦିର ସିଂହ ମୁଖ ଏବଂ ବାଇକ୍ ଭାଙ୍ଗିଦେବା ଅଭିଯୋଗ ରହିଛି। ଏନେଇ ଏସ୍‌ପି ଅବିନାଶ କୁମାର କହିଛନ୍ତି, ସାଜିଦଙ୍କ ହତ୍ୟା ଘଟଣାରେ ପୂର୍ବରୁ ୩ଜଣଙ୍କୁ ଗିରଫ କରାଯାଇଛି। ହିଂସା ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

# ଶ୍ରୀମନ୍ଦିର ପାଇଁ ୩୮୬ କୋଟିର ବଜେଟ

**ଅର୍ଥ ସବ୍‌କମିଟି ବୈଠକ**

- ଗୋଲ୍ଡ ବଣ୍ଡ, ନୂଆ ସୁନା ଅଳଙ୍କାର ସେଟ୍ ତିଆରି ନେଇ ଆଲୋଚନା
- ସିଂହଦ୍ୱାର ଭିତର ଗୁମୁଟ, ରତ୍ନଭଣ୍ଡାର ମୁଖ୍ୟଦ୍ୱାର ରୁପା ଛାଉଣି ଯୋଜନା
- ଆଜି ପରିଚାଳନା କମିଟି ବୈଠକରେ ଅନୁମୋଦନ ପାଇବ ବଜେଟ



ଅର୍ଥ ସବ୍‌କମିଟି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏବଂ ଅନ୍ୟମାନେ।

ପୁରୀ,୨୯।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗୁରୁବାର ଅର୍ଥ ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ଚଳିତବର୍ଷର ବଜେଟ ସମ୍ପର୍କରେ ଆଲୋଚନା କରାଯାଇଛି। ଚଳିତ ବର୍ଷ ୩୮୬ କୋଟି ଟଙ୍କାର ବଜେଟ ରହିଛି। ଏହାକୁ ଶୁକ୍ରବାର ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟିରେ ଅନୁମୋଦନ ଦିଆଯିବ ବୋଲି ସୂଚନା ମିଳିଛି।

ଅର୍ଥ ସବ୍‌କମିଟି ବୈଠକରେ ହୋଇଥିବା ଆଲୋଚନା ସମ୍ପର୍କରେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଶରତ ଚନ୍ଦ୍ର ଭଦ୍ର ସୂଚନା ଦେଇ କହିଛନ୍ତି, ପ୍ରଥମେ ୨୦୨୧-୨୨ର ଅଡିଟ୍ ରିପୋର୍ଟ ଅନୁମୋଦନ କରାଯାଇଥିଲା। ସେହିପରି ବୈଠକରେ ପୂର୍ବରୁ ହୋଇଥିବା ବଜେଟ୍‌ରେ କିଛି ପରିବର୍ତ୍ତନ କରାଯାଇଛି। ଏହି ବଜେଟକୁ ଶୁକ୍ରବାର ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟିରେ ଉପସ୍ଥାପନ କରାଯିବ। ସେଥିରେ କିଛି ପରିବର୍ତ୍ତନ କରାଯିବ। ଏହାପରେ ଚୂଡ଼ାନ୍ତ ବଜେଟ ପ୍ରକାଶ ପାଇବ। ସେହିପରି ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ଅନେକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଶ୍ରୀମନ୍ଦିରକୁ ରାଜ୍ୟ ସରକାର ୫୦୦ କୋଟି ଟଙ୍କା ଦେଇଥିବାରୁ ଧନ୍ୟବାଦ ଜଣାଉଛି। ଗୁରୁକୁଳ ଓ ସେବାୟତ ହାଉସିଂ ପ୍ରକଳ୍ପ ନେଇ ମଧ୍ୟ ଆଲୋଚନା ହୋଇଛି। ଜଣେ ଉତ୍ତମ ସେବକ ହେବା ନିମନ୍ତେ ଶିକ୍ଷା ଏକାନ୍ତ କାମ୍ୟ। ତେଣୁ ଶିକ୍ଷା ସହାୟତା ରାଶି ବୃଦ୍ଧି ନିମନ୍ତେ ଆଲୋଚନା କରାଯାଇଛି। ସ୍ପୋର୍ଟସ ଆକ୍ଟିଭିଟି ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। କାରଣ ସେବାୟତଙ୍କ ଅନେକ କାର୍ଯ୍ୟ ଶାରୀରିକ ବଳ ଉପରେ ନିର୍ଭର କରିଥାଏ। ସେହିପରି ଗୋଲ୍ଡ ବଣ୍ଡ ସମ୍ପର୍କରେ ଆଲୋଚନା ହୋଇଛି। ମହାପ୍ରଭୁଙ୍କ ସୁନା ଅଳଙ୍କାର ପୁରୁଣା ହୋଇଥିବାରୁ ଆଉ ଗୋଟିଏ ଲେଖାଏ ନୂତନ ସେଟ୍ ନିର୍ମାଣ କରାଯିବା ନେଇ ଆଲୋଚନା କରାଯାଇଛି। ଅପରପକ୍ଷରେ ମହାପ୍ରଭୁଙ୍କ ବେଶ ସମୟରେ ଅନେକ ଅଳଙ୍କାରର କିଛି ଅଂଶ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ତେଣୁ ସେଗୁଡ଼ିକୁ ମରାମତି କରାଯିବା ନେଇ ଆଲୋଚନା ସହ ଟଙ୍କା ବୃଦ୍ଧି କରିବାକୁ କୁହାଯାଇଛି। ସେହିପରି ରୁପା କାର୍ଯ୍ୟ କିଛି ହେବ। ପ୍ରତ୍ୟେକ ଜିଲାର ସଦର ମହକୁମାରେ କାର୍ଯ୍ୟାଳୟ ଖୋଲି ଶ୍ରୀମନ୍ଦିର ସମ୍ପର୍କିତ ତଥ୍ୟ ଭକ୍ତଙ୍କୁ ଦେବା, ହୁଣ୍ଡି ଓ ସୂଚନା କେନ୍ଦ୍ର ସ୍ଥାପନ, ବିଭିନ୍ନ ଜିଲାରେ ଥିବା ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା କରାଯିବା ନେଇ ଶୁକ୍ରବାର ପରିଚାଳନା ବୈଠକରେ ଆଲୋଚନା କରାଯିବ। ପତିତପାବନଙ୍କ ମନ୍ଦିର, ସିଂହଦ୍ୱାର ଭିତର ଗୁମୁଟ, ରତ୍ନଭଣ୍ଡାର ମୁଖ୍ୟଦ୍ୱାରଗୁଡ଼ିକ ରୁପା ଛାଉଣି କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏନେଇ ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ପରିଚାଳନା କମିଟି ବୈଠକରେ ମୁଖ୍ୟତଃ ବଜେଟ, ରଥଯାତ୍ରା ସମୟରେ ପହଣ୍ଡି ଅଘଟଣକୁ ନେଇ ତିନିଜଣିଆ କମିଟି ଦେଇଥିବା ରିପୋର୍ଟ ଉପସ୍ଥାପନ ସହ ବିଭିନ୍ନ ବିଷୟରେ ଆଲୋଚନା କରାଯିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି। ପରିଚାଳନା କମିଟି ବୈଠକ ଶୁକ୍ରବାର ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିବେ। ବୈଠକରେ ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବା ସହ ଶ୍ରୀମନ୍ଦିରର ବଜେଟ ଆଗତ କରାଯିବ।



**୭ ତାରିଖରେ ଗଣେଶପୂଜା:** କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ଜଣେ ଶିଳ୍ପୀ ଗଣେଶଙ୍କ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି।

## ଶକ୍ତି ସଚିବଙ୍କ ହସ୍ତକ୍ଷେପ ପରେ ବିଦ୍ୟୁତ୍ କର୍ମଚାରୀଙ୍କ ଗଣଧାରଣା ସ୍ଥଗିତ

ଭୁବନେଶ୍ୱର,୨୯।୮ (ଅନୁରାଧା ମହାରଣା)

ଓପିଟିସିଏଲ୍ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଗତ ୨୨ ତାରିଖରୁ ଚାଲିଥିବା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଏକତା ମଞ୍ଚର ଅହୋରାତ୍ର ଗଣଧାରଣାକୁ ସ୍ଥଗିତ ରଖାଯାଇଛି। ଶକ୍ତି ସଚିବ ଏବଂ ଓପିଟିସିଏଲ୍‌ର ମାନବ ସମ୍ବଳ ଅଧିକାରୀ ମଞ୍ଚ ସଦସ୍ୟଙ୍କ ସହ ୨ଦିନ ଧରି ଆଲୋଚନା କରିଥିଲେ। ଚୁକ୍ତି ମୁତାବକ ପେ' ମାଟ୍ରିକ୍ସ ଘୋଷଣା କରିବା ସହ ଅନ୍ୟ ଦାବିଗୁଡିକର ସମାଧାନ ଆଲୋଚନା ମାଧ୍ୟମରେ ଶୀଘ୍ର କରିବାକୁ ପ୍ରତିଶ୍ରୁତି ମିଳିବା ପରେ ମଞ୍ଚ ପକ୍ଷରୁ ଧାରଣା ସ୍ଥଗିତ ରଖାଯାଇଛି। ଏକତା ମଞ୍ଚର ପ୍ରଶାନ୍ତ କୁମାର ମହାପାତ୍ର, ସତ୍ୟବାଦୀ ବାଘ, ଲଳିତ କୁମାର ପଟ୍ଟନାୟକ, ଜଗନ୍ନାଥ ମହାରଣା, ପ୍ରଣୟ କୁମାର ନାୟକ, ବିରେନ୍ଦ୍ରପ୍ରତାପ ରାୟ, ଶ୍ରୀକୃଷ୍ଣ ପଟ୍ଟନାୟକ, ସଞ୍ଜୀବ ବେହେରା, ପବିତ୍ର ଖୁଣ୍ଟିଆ, ଅନିଲ କୁମାର ଦାସ ପ୍ରମୁଖ ଶକ୍ତି ସଚିବ ଏବଂ ଓପିଟିସିଏଲ ମାନବସମ୍ବଳ ଅଧିକାରୀଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଆନ୍ଦୋଳକୁ ସ୍ଥଗିତ ରଖାଗଲା ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଯଦି ଏକ ମାସ ମଧ୍ୟରେ କର୍ତ୍ତୃପକ୍ଷ ବିଦ୍ୟୁତ୍ କର୍ମଚାରୀଙ୍କ ଦାବିକୁ ସମାଧାନ ନ କରନ୍ତି, ତେବେ ପୁଣି ଥରେ ଆନ୍ଦୋଳନ ତେଜିବ ବୋଲି ସଂଘ ଚେତାବନୀ ଦେଇଛି।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୁଡୁ



@ ଜ୍ଞାନେନ୍ଦ୍ର



@ ନରେଶ



@ ସୁଧୀର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜବାବ ଦାଖଲ ପାଇଁ ସମୟ ନେଲେ ରାଜ୍ୟ ସରକାର

**ଶିଶୁଭବନ ନୂତନ କୋଠା କାର୍ଯ୍ୟକ୍ଷମ ମାମଲା**

କଟକ,୨୯।୮ (କାର୍ତ୍ତିକ ସାହୁ)

କଟକସ୍ଥିତ ଶିଶୁଭବନର ନୂତନ କୋଠା କାର୍ଯ୍ୟକ୍ଷମ ହେବା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଗୁରୁବାର ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହିପ୍ରସଙ୍ଗରେ ଜବାବ ଦାଖଲ କରିବାକୁ ଗୁରୁବାର ଥିବାବେଳେ ରାଜ୍ୟ ସରକାର ସମୟ ନେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୨ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ଶିଶୁଭବନର ସମସ୍ୟାକୁ ନେଇ ମୈତ୍ରୀ ସଂସଦ ଓ ଅନ୍ୟମାନଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ପୂର୍ବ ଶୁଣାଣିରେ ଶିଶୁଭବନର ନୂତନ କୋଠା କେବେ କାର୍ଯ୍ୟକ୍ଷମ ହେବ ସେ ନେଇ ଜବାବ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଗ୍ନି ନିରାପତ୍ତା ବ୍ୟବସ୍ଥା କେବେ କରାଯିବ ଓ ଆଡ୍‌ଭୋକେଟ କମିଟି ୨୦୨୨ ଅଗଷ୍ଟ ୧୯ରେ ଦେଇଥିବା ରିପୋର୍ଟ ଉପରେ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଲେ ସେ ସଂକ୍ରାନ୍ତରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ। ରାଜ୍ୟର ଏକ ପ୍ରମୁଖ ଶିଶୁ ରୋଗୀ ସ୍ୱାସ୍ଥ୍ୟାନୁଷ୍ଠାନ ଶିଶୁଭବନରେ ବିଭିନ୍ନ ସମସ୍ୟା ରହିଥିବାବେଳେ ନୂତନ କୋଠା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଶିଶୁରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ହାଇକୋର୍ଟ ଆଦେଶ ଦେଇ ସମସ୍ୟାଗୁଡ଼ିକ ଦୂର କରିବା ନିମନ୍ତେ ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ଆବେଦନକାରୀ ମୈତ୍ରୀ ସଂସଦ ପକ୍ଷରୁ ଆଇନଜୀବୀ ଅଜୟ କୁମାର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ସେପ୍ଟେମ୍ବର ୨ ଯାଏ ବଢ଼ିଲା ଯୁକ୍ତ ୩ ନାମଲେଖା ଆବେଦନ

ଭୁବନେଶ୍ୱର,୨୯।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟର ବିଭିନ୍ନ ଡିଗ୍ରୀ କଲେଜରେ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଶେଷ ହେବା ପରେ ସିଟ୍ ବଳକା ପଡିଥିଲା। ସେହି ବଳକା ସିଟ୍‌ରେ ନାମଲେଖା ଲାଗି ୨ୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଏହି ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଅବଧିକୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଛାତ୍ରୀଛାତ୍ର ଆସନ୍ତା ୨ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଆବେଦନ କରିପାରିବେ। କୌଣସି ତ୍ରୁଟି ରହିଲେ ୩ ତାରିଖରେ ସଂଶୋଧନ କରିପାରିବେ। ସେପ୍ଟେମ୍ବର ୧୦ ଅପରାହ୍ନ ୪ଟାରେ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ର ସେପ୍ଟେମ୍ବର ୧୧ରୁ ୧୩ ତାରିଖ ମଧ୍ୟରେ ନାମଲେଖାଇବେ। ସେହିପରି ୱେଟିଂ ଲିଷ୍ଟରେ ଥିବା ଛାତ୍ରୀଛାତ୍ରୀଙ୍କ ତାଲିକା ୧୭ ତାରିଖ ଅପରାହ୍ନ ୪ଟାରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ନୋଟିସ ବୋର୍ଡ ଏବଂ ୱେବ୍‌ସାଇଟରେ ପ୍ରକାଶ ପାଇବ। ୧୮ ଓ ୧୯ ତାରିଖରେ ସେମାନେ ନାମ ଲେଖାଇବେ। ସିଟ୍ ବଳକା ରହିଲେ ୱେଟିଂ ତାଲିକାରେ ଥିବା ଛାତ୍ରୀଛାତ୍ରଙ୍କୁ ସମ୍ପୃକ୍ତ ଶିକ୍ଷାନୁଷ୍ଠନ ପକ୍ଷରୁ କଲ୍ ଓ ହ୍ୱାଟ୍ସଆପ୍ ଜରିଆରେ ନାମଲେଖା ପାଇଁ ଅବଗତ କରାଯିବ ଏବଂ ୨୦ ଓ ୨୧ତାରିଖରେ ସେମାନଙ୍କ ନାମଲେଖା ହେବ।



ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଅବସରରେ ଗୁରୁବାର କୁଣ୍ଡେଇବେଣ୍ଟ ଆଖଡ଼ା ପକ୍ଷରୁ ଧେନୁକାସୁର ବଧ ନୀତି ସମ୍ପନ୍ନ କରାଯାଉଛି।

# କାଳୀୟଦଳନ ବେଶରେ ଦର୍ଶନଦେଲେ ମହାପ୍ରଭୁ

**ନୀତି ସହ ଧେନୁକାସୁର ବଧ ନୀତି ସମ୍ପନ୍ନ**

ପୁରୀ,୨୯।୮ (ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥି ଗୁରୁବାର ଶ୍ରୀମନ୍ଦିରରେ ରତ୍ନସିଂହାସନ ଉପରେ ଶ୍ରୀବିଗ୍ରହଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହେବା ସହ ଶ୍ରୀମନ୍ଦିର ନିକଟସ୍ଥ ମାର୍କଣ୍ଡେୟ ପୁଷ୍କରିଣୀ କୂଳରେ କାଳୀୟଦଳନ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଯମୁନା ନଦୀରେ କୃଷ୍ଣ ରୂପରେ କାଳୀୟନାଗର ଗର୍ବ ଖଣ୍ଡନ କରି ଗୋପପୁରକୁ ରକ୍ଷା କରିଥିବାରୁ ତା'ର ସ୍ମାରକ ରୂପେ ଏହି ବେଶ ଓ ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ପରେ ଚଳନ୍ତି ପ୍ରତିମା ମଦନମୋହନ ଓ ରାମକୃଷ୍ଣ ଭିତରକୁ ବିଜେ କରିଥିଲେ। ସେଠାରୁ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ମଦନମୋହନ ଓ ରାମକୃଷ୍ଣଙ୍କୁ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିକୁ ବିଜେ କରିଥିଲେ। ପରେ ଠାକୁରଦ୍ୱୟ ସେବକଙ୍କ ଗହଣରେ ଦକ୍ଷିଣଦ୍ୱାର ଦେଇ ନଗର ପରିକ୍ରମା କରି ଲୋକନାଥ ରୋଡ୍ ନିକଟ ଭିତର ସେବାୟତ ନିଯୋଗ ନିକଟରେ ପହଞ୍ଚିଥିଲେ। ସେଠାରେ ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ଲବଣିଖିଆ ମଣ୍ଡପରେ ବିଜେ କରାଯାଇଥିଲା। ସେଠାରେ ଭିତରଚ୍ଛ ସେବକ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାନ୍ତ ପଞ୍ଚୋପଚାରରେ ଶୀତଳ ଭୋଗ ମଣୋହି କରିଥିଲେ। ପରେ ବନ୍ଦାପନା ଅନୁଷ୍ଠିତ ହୋଇ କାଳୀୟଦଳନ ନୀତି ନିମନ୍ତେ ମଦନମୋହନ ଓ ରାମକୃଷ୍ଣ ମାର୍କଣ୍ଡେୟ ପୋଖରୀ ପାଖକୁ ବିଜେ କରିଥିଲେ। ସେଠାରେ କାଳୀୟଦଳନ ନୀତି ସମ୍ପନ୍ନ ହୋଇଥିଲା। ସରୋବରସ୍ଥିତ ଦୀପଦାଣ୍ଡି ମଣ୍ଡପରେ ରୂପକାରଙ୍କ ଦ୍ୱାରା କାଷ୍ଠ ନିର୍ମିତ ଏକ କାଳୀୟନାଗକୁ ସଜ୍ଜିତ କରି ରଖାଯାଇଥିଲା। ସେଇ କାଳୀୟକୁ ଦଳନ କରିବା ପାଇଁ ଜଣେ ସେବାୟତ କୃଷ୍ଣବେଶରେ ଓ ଅନ୍ୟଜଣେ ଗରୁଡ଼ ବେଶରେ ପ୍ରସ୍ତୁତ ହୋଇଥିବାବେଳେ ନୀତି ଆରମ୍ଭ ହୋଇଥିଲା। ଭାଗବତ ବର୍ଣ୍ଣିତ ଅନୁଯାୟୀ, କାଳୀୟଦଳନର ମଧ୍ୟକାଳେ କାଳୀୟ ସର୍ପ ଦ୍ୱାରା କବଳିତ ହୋଇ ଶ୍ରୀକୃଷ୍ଣ ଗରୁଡ଼ଙ୍କୁ ସ୍ମରଣ କରିଥିଲେ। ଗରୁଡ଼ ଆବିର୍ଭାବ ହୋଇ ଶ୍ରୀକୃଷ୍ଣଙ୍କୁ କାଳୀୟସର୍ପ ବନ୍ଧନରୁ ମୁକ୍ତ କରିବା ସହ ବିଷମୁକ୍ତ ହେବା ନିମନ୍ତେ ତାଙ୍କ ପାଟିରେ ଅମୃତ ଲଡ୍ଡୁ ଦେଇଥିଲେ। ସେହି ଅନୁଯାୟୀ ବେଶଧାରୀଙ୍କ ଦ୍ୱାରା ନୀତି ସମ୍ପନ୍ନ କରାଯାଇଥିଲା।

ଠାକୁର ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହୀ ହେବା ପରେ ବନ୍ଦାପନା ସମ୍ପନ୍ନ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସେହିପରି ଶ୍ରୀମନ୍ଦିରରେ ମହାପ୍ରଭୁ କାଳୀୟଦଳନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ସମ୍ପନ୍ନ ହେବା ପରେ ସର୍ବାଙ୍ଗ ନୀତି ଅନୁଷ୍ଠିତ ହୋଇ ବେଶ ଆରମ୍ଭ ହୋଇଥିଲା। ରତ୍ନସିଂହାସନରେ ଶ୍ରୀଜଗନ୍ନାଥ ୭ଟି ଫଣାଥିବା ଗୋଟିଏ କଳାନାଗ ଉପରେ ନୃତ୍ୟ କରୁଥିବା ପରି ପ୍ରଦର୍ଶିତ ହୋଇଥିଲା। କାଳୀୟନାଗକୁ ରୂପକାରମାନେ ବେତ, କଳାକନା ଓ ସୂତାରେ ଦରଜି ସେବମାନଙ୍କ ସହାୟତାରେ ନିର୍ମାଣ କରିଥିଲେ। ଏହି ବେଶ ପାଇଁ ଜଗନ୍ନାଥ ଓ ବଳଭଦ୍ରଙ୍କ ବିଗ୍ରହରେ କାଷ୍ଠ ନିର୍ମିତ ହସ୍ତ ପଦଯୁକ୍ତ କରାଯାଉଥିବା ବେଳେ ସୁଭଦ୍ରାଙ୍କ ବିଗ୍ରହରେ ବିଶେଷ କିଛି ପରିବର୍ତ୍ତନ କରାଯାଇନଥିଲା। ବଳଭଦ୍ର ହସ୍ତଦ୍ୱୟରେ ହଳ ଓ ମୂଷଳ ଧାରଣ କରିଥିବାବେଳେ ତାଙ୍କ ସମ୍ମୁଖରେ କାଷ୍ଠ ନିର୍ମିତ ଗାଈ ଓ ବାଛୁରୀ ରହିଥିଲେ। ସେହିପରି ଶ୍ରୀଜଗନ୍ନାଥଙ୍କ ପାଦ କାଳୀୟ ମସ୍ତକ ଉପରେ ଥିବା ବେଳେ ବାମହାତରେ କାଳୀୟ ଲାଞ୍ଜ ଓ ଶୋଲ ନିର୍ମିତ ଶିଙ୍ଗା ଧରିଥିଲେ। ଅନ୍ୟ ହାତରେ ସୋଲ ନିର୍ମିତ ପ୍ରସ୍ଫୁଟିତ ପଦ୍ମଫୁଲଟିଏ ଧରିଥିଲେ। କାଳୀୟ ମର୍ଦ୍ଦନ କରୁଥିବା ଜଗନ୍ନାଥଙ୍କ ଦୁଇପାର୍ଶ୍ୱରେ କାଷ୍ଠ ନିର୍ମିତ ଦୁଇଟି ନାଗୁଣୀ ମୂର୍ତ୍ତି ପ୍ରାର୍ଥନା କରୁଥିବା ଭଙ୍ଗୀରେ ରହିଥିଲେ। ସେହିପରି କୃଷ୍ଣଲୀଳା କ୍ରମରେ ପୁରୀ ସୁଆରସାହି ପକ୍ଷରୁ ଧେନୁକାସୁର ବଧ ନୀତି ଆଗତ ହୋଇଥିଲା। ଜଣେ ବ୍ୟକ୍ତି ଧେନୁକାସୁର ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରି ଶ୍ରୀମନ୍ଦିରକୁ ଯାଇଥିଲେ। ପରେ ଧେନୁକାସୁର ବଧ ନୀତିସମ୍ପନ୍ନ ହୋଇଥିଲା।

# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

## ଶତ୍ରୁଘ୍ନ ଜେନା-କାମାକ୍ଷାନଗର(ଢେଙ୍କାନାଳ)



ଢେଙ୍କାନାଳ ଜିଲା କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ଶତ୍ରୁଘ୍ନ ଜେନା। ୨୦୨୪ ନିର୍ବାଚନରେ ସେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ୪,୬୬୨ ଭୋଟରେ ହରାଇ ପ୍ରଥମଥର ବିଧାୟକ ହୋଇଛନ୍ତି। ମୋଟ ୧ ଲକ୍ଷ ୭୨ ହଜାର ୬୩୨ଖଣ୍ଡ ଭୋଟରୁ ଶତ୍ରୁଘ୍ନ ୮୪, ୫୮୯ ପାଇଥିବା ବେଳେ ପ୍ରଫୁଲ୍ଲଙ୍କୁ ମିଳିଥିଲା ୭୯, ୯୨୭ ଭୋଟ।

କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀର ଭୁବନ ବ୍ଲକ ବାଲିଝାଟି ଗ୍ରାମରେ ୨୨ ଜୁଲାଇ ୧୯୬୪ରେ ଶତ୍ରୁଘ୍ନଙ୍କ ଜନ୍ମ। ସ୍ୱର୍ଗତ ଗଣେଶ୍ୱର ଜେନା ଓ ରକ୍ମିଣୀ ଜେନାଙ୍କ ୩ ପୁଅ ଓ ୩ ଝିଅଙ୍କ ମଧ୍ୟରେ ଶତ୍ରୁଘ୍ନ ସର୍ବକନିଷ୍ଠ। ବ୍ୟବସାୟିକ ପରିବାରରୁ ଆସି ସେ ଜନପ୍ରତିନିଧି ହୋଇପାରିଛନ୍ତି। ତାଙ୍କ ପରିବାରର ସ' ମିଲ୍ ଓ ଚାଉଳ ହଲର ଥିଲା। ବର୍ତ୍ତମାନ ଫ୍ଲାଏ ଆଶ୍ ଇଟା ସହ ପରିବହନ କ୍ଷେତ୍ରରେ ନିୟୋଜିତ ଟ୍ରକ୍ ବ୍ୟବସାୟ ରହିଛି। ଶତ୍ରୁଘ୍ନ ଇତିହାସରେ ସ୍ନାତକୋତ୍ତର କରିଛନ୍ତି। ରାଜନୀତିରେ ତାଙ୍କ ଉତ୍ଥାନ ଦେଖିଲେ ଯାଜପୁର ଜିଲା ବ୍ୟାସନଗର କଲେଜରେ ପଢୁଥିବା ବେଳେ ସେ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ୍ସ ଫେଡେରେଶନ (ଏଆଇଏସ୍ଏଫ୍) ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ପରିଚାଳନା କରିବାରେ ସକ୍ରିୟ ଦାୟିତ୍ୱ ନେଇଥିଲେ। ୧୯୯୦ରେ କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ କୈଳାସ ମହାପାତ୍ରଙ୍କ ଡାକରାରେ ସେ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରି କଂଗ୍ରେସରେ ଯୋଗ ଦେଇଥିଲେ। ୧୯୯୦ରୁ ୧୯୯୫ ମଧ୍ୟରେ ହୋଇଥିବା ପଞ୍ଚାୟତ ସମିତି ନିର୍ବାଚନରେ ସେ ନିଜକୁ ସାମିଲ କରିଥିଲେ। ଏପରିକି ୧୯୯୭ରେ କୈଳାସ ମହାପାତ୍ରଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ପ୍ରେମଲତା ମହାପାତ୍ର ଉପ ନିର୍ବାଚନରେ ଲଢୁଥିବା ବେଳେ ଏହାର ଦାୟିତ୍ୱ ମଧ୍ୟ ଶତ୍ରୁଘ୍ନ ନେଇଥିଲେ। ୧୯୯୭ରେ ସେ ପ୍ରଥମେ ଭୁବନ ବ୍ଲକର କୁନିଦା ପଞ୍ଚାୟତରୁ ନିର୍ଦ୍ୱନ୍ଦ୍ୱରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ୨୦୧୨ ମସିହା ପର୍ଯ୍ୟନ୍ତ ସେ ଲଗାତର ୩ଥର ବ୍ଲକ ଅଧ୍ୟକ୍ଷ ରହିଥିଲେ। ତେବେ ୨୦୦୪ ସାଧାରଣ ନିର୍ବାଚନରେ ସେ କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ୨୦୦୯ରେ ଏହି ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ଥିଲେ। ଏହାପରେ ସେ ଭାଜପାରେ ଯୋଗ ଦେଇଥିଲେ। ୨୦୧୯ରେ ସେ ଏହି ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ହୋଇ ସେହି ଦ୍ୱିତୀୟ ସ୍ଥାନରେ ମଧ୍ୟ ରହିଥିଲେ। ୨୦୨୪ ନିର୍ବାଚନରେ ସେ କାମାକ୍ଷାନଗରରୁ ଭାଜପା ପ୍ରାର୍ଥୀ ହୋଇ ବିଜୟୀ ହୋଇ ପ୍ରଥମ ଥର ପାଇଁ ବିଧାୟକ ହୋଇଛନ୍ତି।

**ବିଧାୟକ କୁହନ୍ତି:** ସାଂଗଠନିକ ଅଭିଜ୍ଞତା ତାଙ୍କ ପାଇଁ ସଫଳତା ଆଣିଦେଇଛି। ରାଜନୀତିରେ ସାଧାରଣ ଭାବେ ପୂର୍ବରୁ ଯେମିତି ରହିଥିଲି, ବିଧାୟକ ହେବା ପରେ ମଧ୍ୟ ସେମିତି ରହିଛି। କ୍ଷମତା ସବୁବେଳେ ରହିବନି। ଲୋକଙ୍କ ସାଥିରେ ସବୁବେଳେ ରହିଛି। ଭୋଟ ଆଶାରେ ବିଜେଡି ସରକାର କାମାକ୍ଷାନଗରରେ ଯେଉଁ ଉନ୍ନୟନମୂଳକ କାମ ପାଇଁ ଅର୍ଥ ଦେଇଥିଲେ, ତାହା ଅଧାପନ୍ତରିଆ ରହିଛି। ଏଠାରୁ ଏକାଧିକ ଥର ବିଧାୟକ ନିର୍ବାଚିତ ହୋଇଥିବା ପ୍ରଫୁଲ୍ଲ ମଲ୍ଲିକ ତତ୍କାଳୀନ ସରକାରରେ ଦୀର୍ଘବର୍ଷ ଧରି ବରିଷ୍ଠ ମନ୍ତ୍ରୀ ଥିଲେ ମଧ୍ୟ ଏହି ନିର୍ବାଚନମଣ୍ଡଳୀରେ ଶିଳ୍ପ ନାହିଁ। ଯୁବକମାନଙ୍କ ପାଇଁ ଜୀବିକା ନାହିଁ। ସେହିପରି ବାଜି ରାଉତ ଓ ତାଙ୍କ ଜନ୍ମମାଟି ସମ୍ପର୍କରେ ସମସ୍ତେ କହୁଥିବା ବେଳେ ଏଠି ସ୍ୱାସ୍ଥ୍ୟ ଓ ଶିକ୍ଷା ବିପର୍ଯ୍ୟସ୍ତ। ଏବେ କାମାକ୍ଷାନଗର ନିର୍ବାଚନମଣ୍ଡଳୀରେ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦେବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ଶତ୍ରୁଘ୍ନ କହିଛନ୍ତି।

**ରିପୋର୍ଟ: ରତନ ନାୟାର**

# ସୁରକ୍ଷା ମାଗିଲେ ଧର୍ମଶାଳା ବିଧାୟକ

ଯାଜପୁର,୨୯।୮ (ହର୍ଷବର୍ଦ୍ଧନ ବେହେରା)

## ଜିଲାପାଳ, ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କଲେ



ବିଧାୟକ ହିମାଂଶୁ ଶେଖର ସାହୁ

ଯାଜପୁର ଜିଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ କୁମାରୀସ୍ଥିତ କାର୍ଯ୍ୟାଳୟ ଆଗରେ ଗୁଳି ଫୁଟିଛି। କେହି ଦୁର୍ବୃତ୍ତ ଫାଙ୍କା ଗୁଳିଚାଳନା କରି ଫେରାର ହୋଇଯାଇଛନ୍ତି। ଧର୍ମଶାଳା ପୋଲିସ ୨ଟି ଖୋକା ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି। ଏନେଇ ବିଧାୟକ ସାହୁ ଯାଜପୁର ଜିଲାପାଳ ଏବଂ ଏସ୍‌ପିଙ୍କୁ ତାଙ୍କ ସୁରକ୍ଷାକୁ କଡାକଡି କରିବାକୁ ନିବେଦନ କରିଛନ୍ତି। ନିର୍ବାଚନ ଫଳାଫଳ ଘୋଷଣାର ୩ ମାସ ପରେ ବି ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଅଶାନ୍ତି ତେଜିବାରେ ଲାଗିଛି। ଜମି ଜବରଦଖଲ, ବେଆଇନ କଳାପଥର କାରବାର ଉପରେ ବିଧାୟକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ସାଧାରଣରେ ଆଲୋଚନା ହେଉଛି।

ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟ(ଜିତୁ) ଆଣିଥିବା ଅଭିଯୋଗ ଅନୁଯାୟୀ, ଜମି ଜବରଦଖଲ ଓ ଖଣି ଖାଦାନରୁ ଚାନ୍ଦା ଆଦାୟ କରୁଥିବା ଘଟଣାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଅନ୍ୟପକ୍ଷେ ବିଧାୟକ ହିମାଂଶୁଙ୍କୁ ଧମକ ଦେବା ଓ ଘର ନିକଟରେ ଗୁଳି ଫୁଟାଇବା ଭଳି ଅଭିଯୋଗକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ମଙ୍ଗଳବାର ପୂର୍ବତନ ବିଧାୟକ ଜିତୁ ଓ ବିଧାୟକ ହିମାଂଶୁ ଖବରଦାତା ସମ୍ମିଳନୀ କରି ସରକାରୀ ଜମି ଜବରଦଖଲ ଓ କଳାପଥର ଖାଦାନ ଉପରେ ମତ ରଖିଥିଲେ। ଏହି ଘଟଣା ଦିନ ପୂର୍ବତନ ବିଧାୟକଙ୍କ କେତେଜଣ ସମର୍ଥକ ବିଧାୟକ ହିମାଂଶୁଙ୍କ କୁମାରୀସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ଚାନ୍ଦା ଦେବାକୁ ଧମକ ଦେଇଥିଲେ। ଏହାପରେ ସେମାନେ ବନ୍ଧୁକରୁ ଗୁଳିଚାଳନା କରିବା ପରେ ସେଠାରେ ଉପସ୍ଥିତ ଥିବା ଶରତ କୁମାର ଓଝା ଭୟଭୀତ ହୋଇ କାର୍ଯ୍ୟାଳୟ ଭିତରକୁ ଦୌଡ଼ି ଚାଲି ଯାଇଥିଲେ। ପରେ ଏ ଘଟଣାକୁ ନେଇ ବିଧାୟକଙ୍କ ସମର୍ଥକ ଶରତ କୁମାର ଓଝା ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୪୬/୨୦୨୪) ରୁଜୁ କରି ତଦନ୍ତ ଚଳାଇଛି।

# ବିଡିଓଙ୍କ କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଲେ ପ୍ରଣବ

ଧର୍ମଶାଳା,୨୯।୮ (ବଟକୃଷ୍ଣ ପରିଡ଼ା)



ଖବରଦାତା ସମ୍ମିଳନୀରେ ପ୍ରଣବ ବଳବନ୍ତରାୟ ଓ ଅନ୍ୟମାନେ।

ଯାଜପୁର ଜିଲାର ଧର୍ମଶାଳାରେ ରାଜନୈତିକ ବିବାଦ ଉଗ୍ର ହେବାରେ ଲାଗିଛି। ଆରୋପ ପ୍ରତ୍ୟାରୋପ ସହ ନେତା, କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ସ୍ଥିତି ଏପରି ହୋଇଛି ଯେ, ପଞ୍ଚାୟତ ସମିତି ପରିସରରେ ପଞ୍ଚାୟତ ଜନ ପ୍ରତିନିଧିମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏନେଇ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଦାୟୀ କରି ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି ଜନପ୍ରତିନିଧି। ପରେ ଏହି ପ୍ରସଙ୍ଗକୁ ନେଇ ମୁହଁ ଖୋଲିଛନ୍ତି ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ।

ଜାରକା ନୂଆଗାଁଠାରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ କରି ପ୍ରଣବ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟରେ ଅସୁରକ୍ଷିତ ବୋଲି କହିବା ସହ ବିଡିଓଙ୍କ ଏତାଦୃଶ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ବୁଧବାର ସରକାରଙ୍କର କୌଣସି ଭିଡିଓ କନ୍‌ଫରେନ୍ସ କାର୍ଯ୍ୟକ୍ରମ ନ ଥିଲା। ମାତ୍ର ବିଡିଓଙ୍କୁ ଭେଟିବାକୁ ଯାଇଥିବା ଜନପ୍ରତିନିଧିମାନଙ୍କୁ ସେ ଅପେକ୍ଷା କରାଇ ଏକ ଘଣ୍ଟାରୁ ଅଧିକ ସମୟ ପରେ ଆସିଥିଲେ। ଏଥିସହ ଉନ୍ନୟନମୂଳକ କାର୍ଯ୍ୟ ଠପ ହେବା, ନିର୍ମାଣ କାର୍ଯ୍ୟର ବିଲ ପୈଠ ନ ହେବା, ମିଛ ମାମଲା ରୁଜୁ ହେବା ଏବଂ ଧର୍ମଶାଳା ଷ୍ଟାଡିୟମର ଦାୟିତ୍ୱ କାହା ହାତରେ ରହିଛି ବିଡିଓ ସ୍ପଷ୍ଟ କରନ୍ତୁ ବୋଲି ପ୍ରଣବ କହିଛନ୍ତି। ୩ ଦିନ ମଧ୍ୟରେ ପ୍ରଶାସନ ଏଦିଗରେ ତଦନ୍ତ କରି ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପ୍ରଣବ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଅଭିଯୋଗକୁ ବିଡିଓ ଖଣ୍ଡନ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସ୍ମୃତିରେଖା ବେହେରା, ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, କ୍ଷିରାବ୍ଦୀ ତନୟା ମଲିକ, ନର୍ମଦା ସ୍ୱାଇଁ ଓ ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଚାର ପାଇଁ ବିଜେଡି ସରକାର ଖର୍ଚ୍ଚ କରିଛି ୪୫୨ କୋଟି

ଭୁବନେଶ୍ୱର, ୨୯।୮(ଅନିଲ ଦାସ)

## ପାଣ୍ଡିଆନଙ୍କ ଫଟୋ ପାଇଁ ୧୫.୨୬ କୋଟି: ମୁଖ୍ୟମନ୍ତ୍ରୀ

ଗତ ୫ ବର୍ଷରେ ପ୍ରଚାର ପାଇଁ ପୂର୍ବର ବିଜେଡି ସରକାର ୪୫୨ କୋଟି ୯୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ବିଧାନସଭାରେ ଭାଜପା ସଭ୍ୟ ପ୍ରଶାନ୍ତ ଜଗଦେବଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଏହି ସୂଚନା ଦେଇଛନ୍ତି। ସେହିପରି ବିଜ୍ଞାପନରେ ପାଣ୍ଡିଆନଙ୍କ ଫଟୋ ଲାଗିବା ପାଇଁ ରାଜ୍ୟ ରାଜକୋଷରୁ ୧୫ କୋଟି ୨୬ ଲକ୍ଷ ୯୧ ହଜାର ୯୩୩ ଟଙ୍କା ଖର୍ଚ୍ଚ ହୋଇଥିଲା। ଭାଜପା ସଭ୍ୟ ଲକ୍ଷ୍ମଣ ବାଗଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଚାର ପାଇଁ ପୂର୍ବ ବିଜେଡି ସରକାର ରାଜକୋଷରୁ ବିପୁଳ ଖର୍ଚ୍ଚ କରିଛନ୍ତି। ଏପରି କରି ସରକାରୀ ଅର୍ଥକୁ ଶ୍ରାଦ୍ଧ କରାଯାଇଥିଲା।

# ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାରୁ କ୍ଷାନ୍ତ ରୁହନ୍ତୁ ସରକାର: ବିଜେଡି

ଭୁବନେଶ୍ୱର, ୨୯।୮(ଅନିଲ ଦାସ)

ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରକୁ ନେଇ କେତେକ ଗଣମାଧ୍ୟମ ବିଭ୍ରାନ୍ତିକର ଖବର ପରିବେଷଣ କରୁଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେତେ ଟଙ୍କା ବିଜ୍ଞାପନ ଏବଂ ଆଡଭର୍ଟରିଆଲରେ ଖର୍ଚ୍ଚ କରିଛନ୍ତି ପ୍ରଶ୍ନର ଉତ୍ତରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କ ଫଟୋ ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କେତେକ ବିଶେଷ କାର୍ଯ୍ୟକ୍ରମ ଯଥା- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ମା' ସମଲେଇ ପ୍ରକଳ୍ପ, ନୂଆ-ଓ ସ୍ମାର୍ଟ କାର୍ଡ ସ୍କିମ୍ ପାଇଁ ୨ ଥର ବିଶେଷ ଆଲେଖ୍ୟ ପ୍ରକାଶ ପାଇଥିଲା। କିନ୍ତୁ ଏହି ଉତ୍ତରକୁ ଭିତ୍ତିକରି କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଭି.କେ. ପାଣ୍ଡିଆନଙ୍କ ଫଟୋ ଛାପିବା ପାଇଁ ୧୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସଂକ୍ରାନ୍ତ ଖବର ପରିବେଷଣ କରୁଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ କୌଣସି ଆଡଭର୍ଟରିଆଲରେ ଭି.କେ. ପାଣ୍ଡିଆନଙ୍କ ଫଟୋ ପ୍ରକାଶ ପାଇନାହିଁ। ଏହି ଧାରାରେ ଏକ ନ୍ୟୁଜ୍ ଚ୍ୟାନେଲର ଡିଜିଟାଲ ପ୍ଲାଟଫର୍ମରେ ପାଣ୍ଡିଆନଙ୍କ ହେଲିକପ୍ଟର ଖର୍ଚ୍ଚ ୧୫ କୋଟି ଟଙ୍କା ହୋଇଛି ବୋଲି ଲେଖି ଲୋକଙ୍କଠାରୁ ମତାମତ ଆହ୍ୱାନ କରାଯାଇଛି। ଏହା ଅତ୍ୟନ୍ତ ନିମ୍ନମାନର ଓ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ୍ ମହାନ୍ତି, ସାଂସଦ ସୁଲତା ଦେଓ ଓ ମୁଖପାତ୍ର ତୁମ୍ଭନାଥ ପଣ୍ଡା କହିଛନ୍ତି, ରାଜ୍ୟ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଲୋକଙ୍କୁ ଦେଇଥିବା କୌଣସି ପ୍ରତିଶ୍ରୁତି ପୂରଣ କରିପାରୁ ନାହାନ୍ତି। ବୁଧବାର କେନ୍ଦ୍ର କ୍ୟାବିନେଟ୍‌ରେ ୧୨ଟି ସ୍ମାର୍ଟ ଶିଳ୍ପ ସହର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଓଡ଼ିଶା ଏଥିରେ ସ୍ଥାନ ପାଇନାହିଁ। ନିର୍ବାଚନ ସମୟରେ ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ଯୋଜନା ସହାୟତାର ପ୍ରତିଶ୍ରୁତି ଦେଇଥିବା ଭାଜପା ବର୍ତ୍ତମାନ ଅଧିକରୁ ଅଧିକ ମହିଳାଙ୍କୁ ଏହି ଯୋଜନାରୁ ବାଦ୍ ଦେବା ପାଇଁ ନିୟମାବଳୀ କରିଛନ୍ତି। ଓଡ଼ିଆ ଯୁବକଙ୍କୁ ଅଣଓଡ଼ିଆ ଯୁବକ ମାଡ଼ ମାରିବା ଘଟଣାରେ ରାଜ୍ୟ ଭାଜପା ସରକାରର ନୀରବତା କ'ଣ ଓଡ଼ିଆ ଅସ୍ମିତାର ପରିଚୟ କି ବୋଲି ବିଜେଡି ପ୍ରଶ୍ନ କରିଛି। କେନ୍ଦ୍ର ସରକାର ଗତ ୭ ବର୍ଷରେ ବିଜ୍ଞାପନ ବାବଦରେ ୬,୪୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ମଧ୍ୟପ୍ରଦେଶରେ ଥିବା ଭାଜପା ସରକାର ଗତ ୧ ବର୍ଷ ମଧ୍ୟରେ ୭୫୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଭତ୍ତା ପ୍ରଦାନରେ ବରିଷ୍ଠ ନାଗରିକଙ୍କୁ ପ୍ରତାରଣା ଭଳି ଅନେକ ପ୍ରଶ୍ନକୁ ସାମ୍ନା କରି ନ ପାରି ରାଜ୍ୟ ଭାଜପା ସରକାର ବିଧାନସଭାରେ ଦେଇଥିବା ତଥ୍ୟକୁ ଭିନ୍ନ ଢଙ୍ଗରେ ଉପସ୍ଥାପନା କରି ଜନସାଧାରଣଙ୍କୁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ସେମାନେ କହିଛନ୍ତି।



ଶିକ୍ଷାରେ ଏସ୍‌ସି ଓ ଏସ୍‌ଟିଙ୍କୁ ୩୦ ପ୍ରତିଶତ ସଂରକ୍ଷଣ ଦାବିରେ ରାଜ୍ୟପାଳ ରଘୁବର ଦାସଙ୍କୁ ଦାବିପତ୍ର ଦେଇ କଂଗ୍ରେସ ବିଧାୟକମାନେ ଗୁରୁବାର ରାଜଭବନରୁ ଫେରୁଛନ୍ତି।

# ବିଧାୟକ ଅଶୋକ ଦାସଙ୍କୁ ହାଇକୋର୍ଟ ନୋଟିସ

## ବାସୁଦେବପୁର ବିଧାନସଭା ନିର୍ବାଚନ ଅନିୟମିତତା ମାମଲା

କଟକ,୨୯।୮ (କାର୍ତ୍ତିକ ସାହୁ)

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ବିଧାୟକ ଅଶୋକ ଦାସଙ୍କ ବିରୋଧରେ ଉକ୍ତ ନିର୍ବାଚନମଣ୍ଡଳୀର ଭୋଟର ଗିରିଜା ଶଙ୍କର ନାୟକଙ୍କ ପକ୍ଷରୁ ଆଗତ ପିଟିଶନ୍‌କୁ ବିଚାର ପାଇଁ ହାଇକୋର୍ଟ ଗ୍ରହଣ କରିଛନ୍ତି। ଏଥିସହ ବିଧାୟକଙ୍କ ସମେତ ମୋଟ ୭ ଜଣଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି।

ଆବେଦନକାରୀ ନାୟକ ପିଟିଶନ୍‌ରେ ଦର୍ଶାଇଛନ୍ତି, ବିଧାୟକ ଦାସଙ୍କ ନାମରେ ପୂର୍ବରୁ ଆପରାଧିକ ମାମଲା ରହିଥିବାବେଳେ ସେ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି। ସତ୍ୟପାଠରେ ଅନ୍ୟାନ୍ୟ ତ୍ରୁଟି ରହିଛି। ସେ ନିଜ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଠିକ୍ ଦେଇନାହାନ୍ତି। ତେଣୁ ତାଙ୍କ ବିଧାୟକ ପଦ ରଦ୍ଦ କରିବା ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ସୂର୍ଯ୍ୟକାନ୍ତ ଦାସ ମହାପାତ୍ର ଓ ସୁବାସ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ମୁଁ ତଳେ ଥିବାବେଳେ ସେ ଆକାଶରେ ଉଡୁଥିଲେ: ମନ୍ତ୍ରୀ ସୁରେଶ

ଭୁବନେଶ୍ୱର, ୨୯।୮(ଅନିଲ ଦାସ)

ବିଜେଡି ସଭ୍ୟ ଦିବ୍ୟଶଙ୍କର ମିଶ୍ର ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତରକୁ ନେଇ ଗୁରୁବାର ବିଧାନସଭା ପ୍ରଶ୍ନକାଳରେ ଏକ ରୋଚକ ପରିବେଶ ସୃଷ୍ଟି ହୋଇଥିଲା। ରାଜସ୍ୱ ବିଭାଗ ସମ୍ପର୍କିତ ପ୍ରଶ୍ନରେ ଦିବ୍ୟଶଙ୍କର କହିଥିଲେ, ରାଜସ୍ୱ ମନ୍ତ୍ରୀ ମୋର ଦାଦା ସମାନ ଲାଗିବେ। ରାଜ୍ୟରେ ବହୁ ଆର୍‌ଆଇ, ଅମିନ ପଦବୀ ଖାଲି ପଡ଼ିଛି। ଅବସର ନେଇଥିବା ପୁରୁଣା ଆରଆଇ ଓ ଅମିନଙ୍କୁ ଚୁକ୍ତିଭିତ୍ତିରେ ନିଯୁକ୍ତି ଦେବେ କି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ଦିବ୍ୟଶଙ୍କର ମୋର ସାନ ଭାଇ। ମୁଁ ତଳେ ଥିବାବେଳେ ସେ ଆକାଶରେ ଉଡୁଥିଲେ। ଛତିଶଗଡ଼ର ରମଣ ସିଂଙ୍କ ସରକାର ଥିବା ବେଳେ ମୁଁ ଥରେ ତାଙ୍କ ଫ୍ଲାଇଟରେ ଯାଇଥିଲି। ସେ ତଳକୁ କି ଆଗକୁ ଦେଖି ଉଡୁଛନ୍ତି ତାହା ମୁଁ ଦେଖୁଥିଲି। ଏହାକୁ ନେଇ ଗୃହରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ମନ୍ତ୍ରୀ କହିଥିଲେ, ବିଜେଡି ସରକାର ଅମଳରେ ଗରିବଙ୍କୁ ଜମି ଦେଇପାରି ନାହାନ୍ତି। ସେହି ସମୟରେ ଯଦି ସେ ଏହି କଥା କହିଥାଆନ୍ତେ ଆଜି ମୋ ପାଖକୁ ଏହି ସମସ୍ୟା ଆସି ନ ଥାଆନ୍ତା। ରାଜସ୍ୱ ବିଭାଗର ସବୁ ବିଭାଗ ସହ ସମ୍ପର୍କ ଅଛି। ଆମ ସରକାର ଗରିବଙ୍କୁ ଜମି ପଟ୍ଟା ଦେବ ଓ ଜମି ଚିହ୍ନଟ ମଧ୍ୟ କରିବ।

# ରେଳ ପ୍ରକଳ୍ପ ମଞ୍ଜୁରୀ ପରେ ମୁଖ୍ୟମନ୍ତ୍ରୀଙ୍କ ସହ ପୁରୋହିତଙ୍କ ଆଲୋଚନା



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଓ ଅନ୍ୟମାନେ ଭେଟୁଛନ୍ତି।

ପାଇକମାଳ,୨୯।୮ ( ବଢ଼ ଶତପଥୀ)

ବରଗଡ଼ରୁ ନୂଆପଡ଼ା ରେଳଲାଇନ୍ ମଞ୍ଜୁରୀ ପରେ ବରଗଡ଼ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏନେଇ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ସମେତ ଅଞ୍ଚଳବାସୀଙ୍କ ମଧ୍ୟରୁ କେତେ ଜଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗୁରୁବାର ଭୁବନେଶ୍ୱର ଲୋକସେବା ଭବନରେ ଭେଟି ଶୁଭେଚ୍ଛା ଜ୍ଞାପନ କରିବା ସହ ଶୀଘ୍ର ଉକ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଅନୁରୋଧ କରିଛନ୍ତି। ଏମ୍‌ପିଙ୍କ ଅନୁରୋଧକୁ ରକ୍ଷା କରି ଶୀଘ୍ର ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ପରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅଞ୍ଚଳବାସୀଙ୍କ ସହ ପଶ୍ଚିମ ଓଡ଼ିଶାବାସୀଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ସମୟରେ ଏମ୍‌ପିଙ୍କ ସମେତ ପ୍ରୀତେଶ ବହିଦାର, ରମେଶ ଗର୍ଗ, ସୁଶାନ୍ତ ନାଗ, ଆଶୁତୋଷ ସାହୁ, ସତ୍ୟ ବେହେରା, ନୀଳାଞ୍ଚଳ ଦରୁଆନ, କୋକିଳ ସାହୁ, ସୁରେଶ ପଣ୍ଡା, ରାଜୀନ୍ଦ୍ର ସେଠ, ଅରୁଣ ନାଏକ, ସୁନୀଲ ଅଗ୍ରୱାଲ, ଚିନ୍ମୟ ପଣ୍ଡା, ପ୍ରମୋଦ ମେହେର, ଯୁଗଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ଗୋଷ୍ଠୀର ୭ ଜଣଙ୍କ ନାମରେ ମାମଲା

ରାଜନଗର, ୨୯।୮ (ଭାସ୍କର ରାଉତରାୟ)

## ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳାରେ ମାରପିଟ: ୪ ଆହତ ଘଟଣା

କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀ ଭାଜପାର ଗୋଷ୍ଠୀ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଦଳର ସଦସ୍ୟତା ଅଭିଯାନ କର୍ମଶାଳାରେ ପୁରୁଣା କର୍ମକର୍ତ୍ତାଙ୍କୁ ନୂଆମାନେ ମାଡ଼ ମାରିବା ଘଟଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଉଭୟଗୋଷ୍ଠୀର ଅଭିଯୋଗ ଆଧାରରେ ରାଜନଗର ଥାନାରେ ୨ଟି ପୃଥକ୍ ଭାବେ ମାମଲା ରୁଜୁ ହୋଇଛି। ରାଜନଗର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ଲଳିତ କୁମାର ବେହେରା, ଜୋନ୍ ସଭାପତି ଦିଲୀପ କୁମାର ରାଉତ ଓ ଦିଲୀପ ପାଳଙ୍କ ସମେତ ୭ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

ଗତ ୨୭ ତାରିଖ ଅପରାହ୍ନରେ ଭାଜପା ପକ୍ଷରୁ ରାଜନଗର ନିର୍ବାଚନମଣ୍ଡଳୀର ୩୧ନଂ. ଜୋନ୍ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହେଉଥିଲା। ବୈଠକକୁ ପୁରୁଣା କର୍ମକର୍ତ୍ତାମାନଙ୍କୁ କାହିଁକି ଡକାଯାଇନି ପ୍ରଶ୍ନ ହେବା ପରେ ଆରମ୍ଭ ହୋଇଥିଲା ପାଟିତୁଣ୍ଡ ଓ ମାରପିଟ। ଏଥିରେ କେତେଜଣଙ୍କର ମୁଣ୍ଡ ଫାଟିଥିଲା ବେଳେ ଆଉ କେତେକଙ୍କର ହାତ ଭାଙ୍ଗିଥିଲା। ଘଟଣା ଦିନ କୌଣସି ପକ୍ଷ ଥାନାରେ ଅଭିଯୋଗ କରି ନ ଥିଲେ। ବୁଧବାର ରାଜନଗର ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ଗଗନ ବିହାରୀ ଦାସଙ୍କ ଅଭିଯୋଗ ମୁତାବକ, ସେ ସଦସ୍ୟତା ଅଭିଯାନ କର୍ମଶାଳାରେ ଯୋଗଦେବାକୁ ଆସିଥିଲେ। ତାଙ୍କୁ ଦିଲୀପ ରଞ୍ଜନ ପାଳ, କ୍ରିଷ୍ଣା ବେହେରା ଓ ଅନ୍ୟ ୫ ଜଣ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏମିତି କି ଜୀବନରୁ ମାରିଦେବାକୁ ଲୁହାରଡ଼୍‌ରେ ବାଡ଼େଇ ଥିଲେ। ତାଙ୍କର ମୁଣ୍ଡ ଫାଟି ଯାଇଥିବା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ବିଏନ୍‌ଏସ୍ ଦଫା ନଂ. ୨୯୬, ୧୧୫ (୨), ୧୧୮ (୧), ୩୦୩ (୨), ୩ (୫)ରେ ମାମଲା (ନଂ. ୩୧୭/୨୪) ରୁଜୁ ହୋଇଛି।

ଅନ୍ୟପକ୍ଷେ କ୍ରିଷ୍ଣା ବେହେରାଙ୍କ ଅଭିଯୋଗ ମୁତାବକ ୪୦ରୁ ୫୦ ଲୋକଙ୍କ ପାଟିତୁଣ୍ଡ ଶୁଣି ସେଠାରେ କାହିଁକି ପାଟି ହେଉଛି ବୋଲି ପଚାରିବାରୁ ଲଳିତ, ବିକ୍ରମ ବାରିକ, ନିମାଇଁ ରାଉତ, ରାଜୀବ ଲୋଚନ ନାୟକ, ଦିଲୀପ ରାଉତ ତାଙ୍କୁ ଆକ୍ରମଣ କରିବାରୁ ତାଙ୍କ ହାତ ଭାଙ୍ଗି ଯାଇଛି। ଏହି ଅଭିଯୋଗ ଉପରେ ବିଏନ୍‌ଏସ୍ ଦଫା ନଂ. ୧୧୫ (୨), ୧୧୭ (୨), ୨୯୬, ୩ (୫), ୩୦୩ (୨)ରେ ମାମଲା (ନଂ. ୩୧୮/୨୪) ରୁଜୁ ହୋଇଛି।

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: କ୍ରମାଗତ ୮ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୪୯ (୩୪୯.୦୫) ପଏଣ୍ଟ ବଢ଼ି ୮୨,୧୩୫ (୮୨,୧୩୪.୬୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୦୦ (୯୯.୬୦) ପଏଣ୍ଟ ବୃଦ୍ଧି ଘଟି ୨୫,୧୫୨ (୨୫,୧୫୧.୯୫) ଅଙ୍କରେ କାରବାର ଶେଷ କରିଥିଲା।

# ଭାରତ ବିଶ୍ୱର ସର୍ବବୃହତ୍ ଡେଟା ବଜାରରେ ପରିଣତ

■ଜିଓ ବିଶ୍ୱର ସର୍ବବୃହତ୍ ମୋବାଇଲ ଡେଟା କମ୍ପାନୀ

■ବିଶ୍ୱର ମୋଟ ମୋବାଇଲ ଡେଟା ଟ୍ରାଫିକ୍‌ର ୮% ଜିଓ ନେଟ୍‌ୱର୍କ




ମୁମ୍ବାଇ,୨୯।୮ (ଅଭୟ ଦାଶ)

ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ୍ ମୋବାଇଲ ଡେଟା କମ୍ପାନୀ ହୋଇଥିଲାବେଳେ ବିଶ୍ୱର ମୋଟ ମୋବାଇଲ ଡେଟା ଟ୍ରାଫିକ୍‌ର ୮% କେବଳ ଜିଓ ନେଟ୍‌ୱର୍କରେ ଚାଲିଥାଏ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍(ଆର୍ଆଇଏଲ୍)ର ୪୭ତମ ବାର୍ଷିକ ସାଧାରଣ ସଭା(ଏଜିଏମ୍)ରେ ଶେୟାରଧାରକମାନଙ୍କୁ ସମ୍ବୋଧିତ କରି ଆର୍ଆଇଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଏଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସେ କହିଛନ୍ତି, କମ୍ପାନୀର ଗ୍ରାହକ ଆଧାର ଏବଂ ଡେଟା ବ୍ୟବହାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଜିଓ ନେଟ୍‌ୱର୍କରେ ମୋବାଇଲ ଉପଭୋକ୍ତାଙ୍କ ସଂଖ୍ୟା ପ୍ରାୟ ୪୯କୋଟି ରହିଥିବା ବେଳେ ହାରାହାରି ଭାବେ ପ୍ରତ୍ୟେକ ଜିଓ ଗ୍ରାହକ ମାସିକ ୩୦ଜିବିରୁ ଅଧିକ ଡେଟା ବ୍ୟବହାର କରୁଥିବା ଅମ୍ବାନୀ ଏଜିଏମ୍‌ରେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଜିଓର ଏହି ସଫଳତା ସହିତ ଭାରତ ବିଶ୍ୱର ସର୍ବବୃହତ୍ ଡେଟା ବଜାରରେ ପରିଣତ ହୋଇଥିବା ମୁକେଶ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଜିଓ ଶୁଭାରମ୍ଭ ହେବାର ମାତ୍ର ୮ ବର୍ଷ ହୋଇଛି ଏବଂ ଏହି ୮ବର୍ଷ ମଧ୍ୟରେ ଜିଓ ବିଶ୍ୱର ସର୍ବବୃହତ୍ ମୋବାଇଲ୍ ଡେଟା କମ୍ପାନୀ ହେବାର ସଫଳତା ହାସଲ କରିଛି ବୋଲି ମୁକେଶ କହିଛନ୍ତି। ଡିଜିଟାଲ୍ ହୋମ୍ ସେବା ଦୃଷ୍ଟିରୁ ଜିଓ ମଧ୍ୟ ବିଶ୍ୱର ସବୁଠାରୁ ବଡ କମ୍ପାନୀ ହୋଇଛି। ଜିଓ ୩ କୋଟିରୁ ଅଧିକ ଘରକୁ ଡିଜିଟାଲ ସେବା ପ୍ରଦାନ କରୁଛି। ଜିଓ ଏୟାରଫାଇବର ପ୍ରତି ମାସରେ ୧୦ ଲକ୍ଷ ଘରକୁ ସଂଯୋଗ କରି ରେକର୍ଡ ୧୦ କୋଟି ଘରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ସେହିଭଳି କମ୍ପାନୀର ୨ଜି ଗ୍ରାହକଙ୍କୁ ୪ଜି ସେବାକୁ ଉନ୍ନୀତ କରିବା ପାଇଁ ପ୍ରସ୍ତୁତ ଯୋଜନା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ୫ଜି ଫୋନ୍ ଅଧିକ ସୁଲଭ ହେବା ସହ ଜିଓ ନେଟ୍‌ୱର୍କରେ ୫ଜି ଗ୍ରହଣ ତ୍ୱରାନ୍ୱିତ ହେବ, ଯାହାଦ୍ୱାରା ଡେଟା ବ୍ୟବହାରରେ ଅଧିକ ଅଭିବୃଦ୍ଧି ଘଟିବ। ଏପରିକି ଅଧିକ ଉପଭୋକ୍ତା ୫ଜି ନେଟ୍‌ୱର୍କ ବ୍ୟବହାର କରିବା ଆରମ୍ଭ କରିବା ସହିତ ଆମର ୪ଜି ନେଟ୍‌ୱର୍କର କ୍ଷମତା ମଧ୍ୟ ବୃଦ୍ଧି ପାଇବ। ବିଶେଷକରି ଭାରତରେ ଏହା ୨୦କୋଟିରୁ ଅଧିକ ୨ଜି ବ୍ୟବହାରକାରୀଙ୍କୁ ଜିଓ ୪ଜି ପରିବାରରେ ଅନ୍ତର୍ଭୁକ୍ତ କରିବ ବୋଲି ଅମ୍ବାନୀ କହିଛନ୍ତି। ଜିଓ ପକ୍ଷରୁ ଗବେଷଣା ଓ ପ୍ରଯୁକ୍ତି ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ସହ କମ୍ପାନୀ ୫ଜି ଓ ୬ଜି ପ୍ରଯୁକ୍ତି କ୍ଷେତ୍ରରେ ୩୫୦ପେଟେଣ୍ଟ ଆବେଦନ ଦାଖଲ ଥିବା ସେ ବିସ୍ତୃତ ଭାବେ ପ୍ରକାଶ କରିଛନ୍ତି।

## ୧୦୦ଜିବି ମାଗଣା କ୍ଲାଉଡ୍ ଷ୍ଟୋରେଜ ପ୍ରଦାନ କରିବ ଜିଓ

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଖୁବ୍‌ଶୀଘ୍ର ଗ୍ରାହକମାନଙ୍କୁ ୧୦୦ ଜିବିର ମାଗଣା କ୍ଲାଉଡ୍ ଷ୍ଟୋରେଜ ପ୍ରଦାନ କରିବ। ଏହା ଫଳରେ ଫଟୋ, ଭିଡିଓ କିମ୍ବା ଡକ୍ୟୁମେଣ୍ଟ ଭଳି ଯେକୌଣସି ଜିନିଷ ଏହି ଷ୍ଟୋରେଜରେ ରଖାଯାଇପାରିବ। ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍(ଆର୍ଆଇଏଲ୍)ର ୪୭ତମ ବାର୍ଷିକ ସାଧାରଣ ବୈଠକରେ ଶେୟାରଧାରକମାନଙ୍କୁ ସମ୍ବୋଧିତ କରି ଆର୍ଆଇଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଏଭଳି କିଛି ସୂଚନା ଦେଇଛନ୍ତି। ଅପରପକ୍ଷରେ କମ୍ପାନୀ ଜିଓ ପ୍ଲାଟ୍‌ଫର୍ମରେ ଜିଓ ବ୍ରେନ୍ ଖୁବ୍‌ଶୀଘ୍ର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ଶୁଭାରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଏପରିକି କନେକଟେଡ୍ ଇଣ୍ଟେଲିଜେନ୍ସ ବିଶ୍ୱସ୍ତରୀୟ ଭିତ୍ତିଭୂମି ସହିତ ଆସିବ। କମ୍ପାନୀ ଏହାକୁ ସବୁଠାରେ ଏବଂ ସମସ୍ତଙ୍କ ପାଇଁ ଥିମ୍ ଭିତ୍ତିରେ ଆରମ୍ଭ କରିବ। ବାସ୍ତବରେ ଜିଓ ସାମଗ୍ରିକ ଭାବେ ଏଆଇକୁ ପରିବେଷ୍ଟିତ କରୁଥିବା ଉପକରଣ ଏବଂ ପ୍ଲାଟ୍‌ଫର୍ମର ଏକ ବ୍ୟାପକ ସୁଟ୍ ବିକଶିତ କରୁଛି, ଯାହାକୁ 'ଜିଓ ବ୍ରେନ୍' କୁହାଯାଉଛି। ଏ ନେଇ ମୁକେଶ ଅମ୍ବାନୀ କହିଛନ୍ତି, ମୁଁ ଆଶା କରୁଛି ଯେ ରିଲାଏନ୍ସ ମଧ୍ୟରେ ଜିଓ ବ୍ରେନ୍‌କୁ ଉନ୍ନତ କରାଇ ଆମେ ଏକ ଶକ୍ତିଶାଳୀ ଏଆଇ ସେବା ପ୍ଲାଟ୍‌ଫର୍ମ ସୃଷ୍ଟି କରିବୁ। ଏପରିକି ଜାମନଗରଠାରେ ଆମେ ଗିଗାୱାଟ ଆକାରର ଏଆଇ ପ୍ରସ୍ତୁତ ଡାଟା ସେଣ୍ଟର ସ୍ଥାପନ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛୁ, ଯାହା ସମ୍ପୂର୍ଣ୍ଣ ଭାବେ ରିଲାଏନ୍ସର ସବୁଜ ଶକ୍ତି ଦ୍ୱାରା ପରିଚାଳିତ ହେବ। ସେହିଭଳି ଆମର ଲକ୍ଷ୍ୟ ହେଉଛି, ଭାରତରେ ବିଶ୍ୱର ସବୁଠାରୁ ସୁଲଭ ଏଆଇ ଇନ୍‌ଫରେନ୍ସ ସୃଷ୍ଟି କରିବା। ଏହାଦ୍ୱାରା ଭାରତରେ ଏଆଇ ଆପ୍ଲିକେଶନଗୁଡିକ ଅଧିକ ସୁଲଭ ଓ ସମସ୍ତଙ୍କ ପାଇଁ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀ ଅନେକ ନୂତନ ଏଆଇ ସେବା ସମ୍ପର୍କରେ ଘୋଷଣା କରିଛନ୍ତି। ଏଥିମଧ୍ୟରେ ଜିଓ ଟିଭି ଓଏସ, ହେଲୋ ଜିଓ, ଜିଓ ହୋମ ଆଇଓଟି ସମାଧାନ, ଜିଓ ହୋମ ଆପ୍ସ ଏବଂ ଜିଓ ଫୋନ କଲ୍ ଏଆଇ ଆଦି ଅନ୍ତର୍ଭୁକ୍ତ ରହିଛି।

## ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବୀନ



ଭୁବନେଶ୍ୱର,୨୯।୮ (ଅଭୟ ଦାଶ)

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ର ସାଂସଦ ନବୀନ ଜିନ୍ଦଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଗୁରୁବାର ଲୋକସେବା ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ନବୀନ ଜେଏସ୍‌ପିର ଓଡ଼ିଶା ୟୁନିଟ୍ ପକ୍ଷରୁ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପ ଉପରେ ଉଭୟ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ଅନୁଗୋଳ ଇସ୍ପାତ କାରଖାନାକୁ ପର୍ଯ୍ୟାୟକ୍ରମେ ବାର୍ଷିକ ୨୫.୨ ନିୟୁତ ଟନ୍‌କୁ ସମ୍ପ୍ରସାରଣ କରାଯିବା ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ଅବଗତ କରାଇଥିଲେ। ଏପରିକି କମ୍ପାନୀର ଏହି ସମ୍ପ୍ରସାରଣ ସମ୍ପୂର୍ଣ୍ଣ ହେବା ପରେ ଜେଏସ୍‌ପି କୌଣସି ଗୋଟିଏ ସ୍ଥାନରେ ବିଶ୍ୱର ସର୍ବବୃହତ୍ ଇସ୍ପାତ କାରଖାନା ହେବ। ସେହିଭଳି ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ଜେଏସ୍‌ପିର ପ୍ରୟାସକୁ ମୁଖ୍ୟମନ୍ତ୍ରୀ ଭୂୟସୀ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ନବୀନ ଜିନ୍ଦଲ କହିଥିଲେ, ରାଜ୍ୟର ଶିଳ୍ପ ଭିତ୍ତିକ ସାମଗ୍ରିକ ବିକାଶ ପାଇଁ ଜେଏସ୍‌ପି ଓଡ଼ିଶା ସରକାର ଏବଂ ଓଡ଼ିଶାବାସୀଙ୍କ ସହ ସହଭାଗିତା ଜାରି ରଖିବ।

## ଇଣ୍ଡିଆନ୍ ରେଲଓ୍ୱେ ସହ ଆମାଜନ୍‌ର ବୁଝାମଣା

ନୂଆଦିଲ୍ଲୀ,୨୯।୮ (ଅଭୟ ଦାଶ)

ଇଣ୍ଡିଆନ ରେଲଓ୍ୱେ ଏବଂ ଆମାଜନ୍ ଇଣ୍ଡିଆ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଭାରତୀୟ ରେଳପଥର ସୁଦୃଢ଼ ଆଞ୍ଚଳିକ ନେଟ୍‌ୱର୍କ ମାଧ୍ୟମରେ ଆମାଜନ୍ ଇଣ୍ଡିଆର ପ୍ୟାକେଜଗୁଡିକ ବିଶ୍ୱସନୀୟ ଏବଂ ଦ୍ରୁତ ପରିବହନ ହୋଇପାରିବ। ସେହିଭଳି ଉଭୟଙ୍କ ମଧ୍ୟରେ ବିଦ୍ୟମାନ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ଲାଗି ଆମାଜନ ଟ୍ରାନ୍ସପୋର୍ଟେଶନ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ରେଳ ମନ୍ତ୍ରଣାଳୟ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍ଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାର ଅଂଶ ଭାବେ ଆମାଜନ ଇଣ୍ଡିଆ ଏବଂ ଭାରତୀୟ ରେଳପଥ ମିଳିତ ଭାବେ ଉତ୍ପତ୍ତି-ଗନ୍ତବ୍ୟସ୍ଥଳୀ ପାଇଁ ଏକ ହବ୍ ଏବଂ ସ୍ପୋକ ମଡେଲ ପ୍ରତିଷ୍ଠା କରିବା ଦିଗରେ କାର୍ଯ୍ୟ କରିବେ ଏବଂ ଏହାକୁ ନେଟ୍‌ୱର୍କରେ ବିସ୍ତାର କରିବା ପାଇଁ ଆବଶ୍ୟକ ଆବଶ୍ୟକତାକୁ ନିର୍ଦ୍ଧାରଣ କରିବା ପାଇଁ ସେଥିରୁ ଶିକ୍ଷାର ଲାଭ ଉଠାଇବେ। ଏ ସମ୍ପର୍କରେ ଆମାଜନ୍ ଇଣ୍ଡିଆର ଅପରେଶନ୍ସ ବିଭାଗ ଉପାଧ୍ୟକ୍ଷ ଅଭିନବ ସିଂହ କହିଛନ୍ତି, ଭାରତୀୟ ରେଳପଥ ସହ ଆମର ସହଭାଗିତା ଭାରତର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ନୂଆ ବାଟ ଦେଖାଇବ। ସେହିପରି ରେଲ୍‌ୱେ ବୋର୍ଡ (ଅପରେଶନ୍ସ ଆଣ୍ଡ ବିଜ୍‌ନେସ୍ ଡେଭ୍‌ଲପମେଣ୍ଟ) ର ସଦସ୍ୟ ରବିନ୍ଦର ଗୋୟଲ କହିଛନ୍ତି, ଏହି ସହଭାଗିତା ଉଭୟ ସଂସ୍ଥା ପାଇଁ ବେଶ ଲାଭଦାୟକ ହେବ।

## ନାଲ୍‌କୋକୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର,୨୯।୮ (ଅଭୟ ଦାଶ)

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ)କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ପୁରସ୍କାର ମିଳିଛି। କ୍ରୀଡ଼ା ଏବଂ କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ସର୍ବଶ୍ରେଷ୍ଠ ଯୋଗଦାନ ପାଇଁ ୨୦୨୩ ବର୍ଷ ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ ନାଲ୍‌କୋକୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଜାତୀୟ କ୍ରୀଡ଼ା ଦିବସ ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ ଲୋକସେବା ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ନାଲ୍‌କୋକୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଦିଆଯାଇଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ନାଲକୋ ସିଏମ୍‌ଡି ଶ୍ରୀଧର ପାତ୍ର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଏ ସମ୍ପର୍କରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର କହିଛନ୍ତି, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ରାଜ୍ୟ ତଥା ଜାତୀୟ ସ୍ତରରେ କ୍ରୀଡ଼ା ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପକୁ ସମର୍ଥନ ଏବଂ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ଆମେ ସର୍ବଦା ଚେଷ୍ଟିତ ଏବଂ ଗର୍ବିତ ମନେକରିଥାଉ। ଏହି କ୍ରୀଡ଼ା ସମୁଦାୟକୁ ସମର୍ଥନ କରିବା ନିମନ୍ତେ ନାଲ୍‌କୋକୁ ଅଧିକରୁ ଅଧିକ ପ୍ରେରଣା ଯୋଗାଇବ।

## ହୁରୁନ୍ ଇଣ୍ଡିଆ ରିଚ୍ ତାଲିକାରେ ଫାଲ୍‌କନ୍

**୫୪୦ ର୍‍ୟାଙ୍କ୍‌ରେ ତାରାରଞ୍ଜନ ପଟ୍ଟନାୟକ**

ଭୁବନେଶ୍ୱର,୨୯।୮ (ଅନୁରାଧା ମହାରଣା)

ଫାଲ୍‌କନ୍ ମେରାଇନ୍ ଏକ୍ସପୋର୍ଟସ୍‌ର ତାରାରଞ୍ଜନ ପଟ୍ଟନାୟକ ହୁରୁନ୍ ଇଣ୍ଡିଆ ରିଚ୍ ତାଲିକା ୨୦୨୪ରେ ୫୪୦ତମ ସ୍ଥାନରେ ରହିଛନ୍ତି। ୪୯୦୦ କୋଟି ଟଙ୍କା ମୂଲ୍ୟ ସହ ର୍‍ୟାଙ୍କ୍ ହାସଲ କରିବାରେ ଫାଲ୍‌କନ୍ ସଫଳ ହୋଇଛି। ଫାଲ୍‌କନ୍ ଗ୍ରୁପ୍ ୪୦ ବର୍ଷ ପୁରୁଣା ସଂସ୍ଥା ହୋଇଥିବାବେଳେ ଦେଶର ସର୍ବବୃହତ୍ ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀ ଭାବେ ସମଗ୍ର ବିଶ୍ୱରେ ପରିଚୟ ଲାଭ କରିଛି। ସାମୁଦ୍ରିକ ଖାଦ୍ୟ, ପଶୁ ଖାଦ୍ୟ, ଫ୍ରେଞ୍ଚ ଫ୍ରାଇଜ୍, ଟ୍ରେଡିଂ ଏବଂ ରିଏଲ ଇଷ୍ଟେଟ କ୍ଷେତ୍ରରେ ବିଭିନ୍ନ ଉଦ୍ୟୋଗ ସହ ଏହି ଗୋଷ୍ଠୀ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ ଦୁବାଇରେ ଏକ ପ୍ରମୁଖ କମ୍ପାନୀ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି । ହୁରୁନ୍ ରିପୋର୍ଟ ହେଉଛି ଏକ ବିସ୍ତୃତ ପରିସଂଖ୍ୟାନ ରିପୋର୍ଟ ଯାହା ମୁଖ୍ୟ ଅନୁସନ୍ଧାନକାରୀ ତଥା ଲକ୍ସେମବର୍ଗ ଭିତ୍ତିକ ସଂସ୍ଥାର ପ୍ରୋତ୍ସାହକ ରୁପର୍ଟ ହୁଗେୱର୍ଫଙ୍କ ଦ୍ୱାରା ପ୍ରକାଶିତ ହୋଇଛି।



ତାରାରଞ୍ଜନ ପଟ୍ଟନାୟକ

## ଏୟୁଏମ୍ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୨୯।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସ କୋ ଲିମିଟେଡ୍(ଆଇସିଆଇସିଆଇ ପ୍ରୁଡେନ୍ସିଆଲ)ର ଆସେଟ୍ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ୍) ନିକଟରେ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି କ୍ରମାଗତ ଭାବେ କମ୍ପାନୀର କାରବାର ବୃଦ୍ଧି ସହ ଏୟୁଏମ୍ କ୍ଷେତ୍ରରେ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ପାଇଛି। ୨୦୨୪ ଜୁଲାଇ ୩୧ସୁଦ୍ଧା କମ୍ପାନୀର ମୋଟ ଏୟୁଏମ୍ ୩.୧୪ଲକ୍ଷ କୋଟି ଟଙ୍କା ରହିଛି।

ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ବାଗ୍‌ଚୀ କହିଛନ୍ତି, ଏୟୁଏମ୍ କ୍ଷେତ୍ରରେ ୩ଲକ୍ଷ କୋଟି ଟଙ୍କାର ମାଇଲଖୁଣ୍ଟକୁ ଅତିକ୍ରମକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଆମର ଉତ୍ପାଦଗୁଡିକ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସହ ଗ୍ରାହକଙ୍କ ପସନ୍ଦ ଏବଂ ସେମାନଙ୍କୁ ନିଜର ଦୀର୍ଘାବଧି ଆର୍ଥିକ ଲକ୍ଷ୍ୟ ହାସଲ ବା ସକ୍ଷମ କରିବା ଲାଗି ଆମ ଉପରେ ସେମାନଙ୍କର ବିଶ୍ୱାସକୁ ଏହା ସୂଚିତ କରୁଛି। ସେହିଭଳି ଉତ୍ପାଦ ଓ ପ୍ରକ୍ରିୟାଗୁଡ଼ିକୁ ସରଳ କରିବା ଉପରେ ଆମର ଆଭିମୁଖ୍ୟ ଆମର ଆସେଟ୍‌ସ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ୍) କ୍ଷେତ୍ରରେ ଅଭିବୃଦ୍ଧିକୁ ପରିଚାଳନା କରୁଥିବା ଅନ୍ୟତମ ପ୍ରମୁଖ କାରକ । ଏପରିକି ଗ୍ରାହକମାନେ ନିଜକୁ ଓ ନିଜ ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ଆମ ଉପରେ ନିର୍ଭର କରୁଛନ୍ତି।

## ତନିସ୍କର ନୂତନ ଶୋ'ରୁମ୍ ଉଦ୍‌ଘାଟିତ



ଭବାନୀପାଟଣା,୨୯।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବାହାଦୁର ବଗିଚାପଡ଼ା ହନୁମାନ ମନ୍ଦିର ସମ୍ମୁଖରେ ଗୁରୁବାର ଭାରତର ସର୍ବବୃହତ୍ ଅଳଙ୍କାର ରିଟେଲ ବ୍ରାଣ୍ଡ ତନିସ୍କର ନୂତନ ଶୋ'ରୁମ ଉଦ୍‌ଘାଟିତ ହୋଇଯାଇଛି। ତନିସ୍କର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସୋମପ୍ରଭ ସିଂହ, ଟାଇଟାନ କମ୍ପାନୀ ଲିମିଟେଡ ଓ ସର୍କଲ ବ୍ୟବସାୟ ମ୍ୟାନେଜର ଅରିନ୍ଦମ ପ୍ରମାଣିକ, ବିଜ୍‌ନେସ ଆସୋସିଏଟ ପ୍ରତୀକ ଜେନା ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ତନିସ୍କ ବ୍ରାଣ୍ଡ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ପ୍ରଦାନ କରିଛି। ଗ୍ରାହକମାନେ ପ୍ରତ୍ୟେକ କ୍ରୟ ଉପରେ ଏକ ମାଗଣା ସ୍ୱର୍ଣ୍ଣମୁଦ୍ରା ପାଇପାରିବେ। ଏହି ଅଫର ୩୦ ଅଗଷ୍ଟରୁ ୧ ସେପ୍ଟେମ୍ବର ପର୍ଯ୍ୟନ୍ତ ଉପଲବ୍ଧ ରହିବ। ୪୦୦୦ ବର୍ଗଫୁଟ ପରିବ୍ୟାପ୍ତ ଏହି ଶୋ'ରୁମ ତନିସ୍କର ପ୍ରତିଷ୍ଠିତ ଡିଜାଇନଗୁଡ଼ିକର ବିଶେଷ ସଂଗ୍ରହ ରଖାଯାଇଛି। ସୁନା, ହୀରା, କୁନ୍ଦନ ଓ ପୋଲ୍କୀ ସହିତ ଓଡ଼ିଶାର ଧନ୍ୟ ସଂସ୍କୃତି ଏବଂ ପରମ୍ପରାରୁ ପ୍ରେରିତ ତନିସ୍କର ପର୍ବ ପାଳନ ସମ୍ବନ୍ଧୀୟ କଲେକ୍ସନ 'ଦିବ୍ୟାନୀ'କୁ ଓଡ଼ିଶାର ମହିଳାଙ୍କ ଲାଗି ଉପସ୍ଥାପନ କରିଛି। ଷ୍ଟୋରରେ ଏକ ଆଧୁନିକ, ସମସାମୟିକ ଏବଂ ହାଲୁକା ଓଜନର ଅଳଙ୍କାର ସଂଗ୍ରହ 'ଷ୍ଟ୍ରିଙ୍ଗ ଇଟ' ସହିତ ୧୮କ୍ୟାରେଟ ରୁ ୨୨କ୍ୟାରେଟ ସୁନାରେ ନିର୍ମିତ ଚୁଡ଼ି ସଂଗ୍ରହ 'କଲାଇ' ମଧ୍ୟ ଉପସ୍ଥାପିତ ହୋଇଛି।

## ଏନ୍‌ଟିପିସିକୁ ଉତ୍କର୍ଷ ସମ୍ମାନ

ଭୁବନେଶ୍ୱର,୨୯।୮ (ଅନୁରାଧା ମହାରଣା)

ଆମେରିକାସ୍ଥିତ ବ୍ରାଣ୍ଡନ୍ ହଲ୍ ଗ୍ରୁପ୍ ହ୍ୟୁମାନ କ୍ୟାପିଟାଲ ମ୍ୟାନେଜମେଣ୍ଟ(ଏଚ୍‌ସିଏମ୍) ଉତ୍କର୍ଷ ପୁରସ୍କାର ଉତ୍ସବରେ ଚଳିତବର୍ଷ ଏନ୍‌ଟିପିସି ୬ଟି ସମ୍ମାନର ଅଧିକାରୀ ହୋଇପାରିଛି। ବ୍ରାଣ୍ଡନ୍ ହଲ୍ ଗ୍ରୁପ୍ ୩୨ ତମ ବର୍ଷରେ ପାଦ ଥାପିଥିବାବେଳେ ଅନୁଷ୍ଠାନ ପକ୍ଷରୁ ଅଗଷ୍ଟ ୨୨ରେ ଏଚ୍‌ସିଏମ୍ ଉତ୍କର୍ଷ ସମ୍ମାନ ବିଜେତା ଘୋଷଣା କରାଯାଇଥିଲା। ଏଥିରେ ଏନ୍‌ଟିପିସି ପାଇଥିବା ୬ ପୁରସ୍କାର ମଧ୍ୟରେ ୪ଟି ସ୍ୱର୍ଣ୍ଣ , ଗୋଟିଏ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ରହିଛି। ମାନବ ସମ୍ବଳ, ସର୍ବୋତ୍ତମ ଲାଭ, ନେତୃତ୍ୱ ବିକାଶ, ଶିକ୍ଷା ଏବଂ ବିକାଶ ତଥା ଶିକ୍ଷା ପାଇଁ ଖେଳର ସର୍ବୋତ୍ତମ ବ୍ୟବହାର ଆଦି କ୍ଷେତ୍ରରେ ସ୍ୱର୍ଣ୍ଣ ପାଇଥିବାବେଳେ ପ୍ରତିଭା ପରିଚାଳନା କ୍ଷେତ୍ରରେ ରୌପ୍ୟ ଏବଂ ସର୍ବୋତ୍ତମ ଦକ୍ଷତା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ କାଂସ୍ୟ ସମ୍ମାନ ହାସଲ କରିଛି। ଏକ କଠୋର ବିଚାର ପ୍ରକ୍ରିୟା ଉପରେ ଆଧାରକରି ଏନ୍‌ଟିପିସିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ଶିଳ୍ପ ବିଶେଷଜ୍ଞ ତଥା ବରିଷ୍ଠ ବିଶ୍ଳେଷକ ଏବଂ ବ୍ରାଣ୍ଡନ୍ ହଲ୍ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ଦଳ ଦ୍ୱାରା ଆବେଦନଗୁଡିକର ମୂଲ୍ୟାଙ୍କନ କରାଯାଇଥିଲା। ବ୍ୟବସାୟ ଆବଶ୍ୟକତା ଏବଂ ପରିବେଶ, ପ୍ରୋଗ୍ରାମ ଡିଜାଇନ, କାର୍ଯ୍ୟକାରିତା ଏବଂ ବିତରଣ, ଏକୀକରଣ, ଉପଭୋକ୍ତା ଅଭିଜ୍ଞତା, ଅଭିନବତା ଏବଂ ସୃଜନଶୀଳତା, ସାମଗ୍ରିକ ପ୍ରଭାବ ସହ ଅନ୍ୟାନ୍ୟ ମାନଦଣ୍ଡକୁ ବିଚାରରେ ରଖି ଏହି ସମ୍ମାନ ଘୋଷଣା କରାଯାଇଛି। ଏନ୍‌ଟିପିସି ପକ୍ଷରୁ ମିଳିଥିବା ସୂଚନାନୁସାରେ ପ୍ରଗତିଶୀଳ ତଥା ସର୍ବୋତ୍ତମ ମାନବ ସମ୍ବଳ ଅଭ୍ୟାସକୁ ଏକ ସକ୍ରିୟ ଢଙ୍ଗରେ ଗ୍ରହଣ ଏବଂ ସଂସ୍ଥାପନ କରିବାରେ ଏନ୍‌ଟିପିସି ଆଗରେ ରହିଆସିଛି।

## ୩୧ରୁ ୨ଦିନିଆ ଜାତୀୟ ସିଏ ସମ୍ମିଳନୀ




ଭୁବନେଶ୍ୱର,୨୯।୮ (ଅଭୟ ଦାଶ)

ଦେଶର ପ୍ରମୁଖ ପ୍ରତିଷ୍ଠାନ ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ଭୁବନେଶ୍ୱର ଶାଖା ପକ୍ଷରୁ ଏକ ୨ଦିନିଆ ଜାତୀୟ ଚାର୍ଟାର୍ଡ ଆକଉଣ୍ଟାଣ୍ଟ(ସିଏ) ସମ୍ମିଳନୀ–୨୦୨୪ର ଆୟୋଜନ କରାଯାଉଛି। ଏହି ସମ୍ମିଳନୀ ୨୦୨୪ ଅଗଷ୍ଟ ୩୧ ଏବଂ ସେପ୍ଟେମ୍ବର ୧ ଭୁବନେଶ୍ୱରର ହୋଟେଲ ମେ ଫେୟାରଠାରେ ହେବ ବୋଲି ଶାଖା ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି 'ସମୃଦ୍ଧି' ଶୀର୍ଷକ ବିଷୟବସ୍ତୁ ବା ଥିମ୍ ଉପରେ ଏହି ସମ୍ମିଳନୀର ଆୟୋଜନ କରାଯାଉଛି। ଏକବିଂଶତମ ଜାତୀୟ ସିଏ ସମ୍ମିଳନୀ ଭୁବନେଶ୍ୱର ଶାଖା ଦ୍ୱାରା ଆୟୋଜନ ହେବ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଖବରଦାତା ସମ୍ମିଳନୀର ସିଏ ଜାହ୍ନବୀ ଦେଓ, ଅଧ୍ୟକ୍ଷା ଭୁବନେଶ୍ୱର ଶାଖା, ସିଏ ମହେନ୍ଦ୍ର ସାହୁ ଉପାଧ୍ୟକ୍ଷ, ସିଏ ଡ. ଗୌତମ ଲେଙ୍କା ସଚିବ, ସିଏ ଶାଶ୍ୱତ ତ୍ରିପାଠୀ କୋଷାଧ୍ୟକ୍ଷ, ସିଏ ପ୍ରଦୀପ କୁମାର ସାହୁ ପୂର୍ବତନ ଅଧ୍ୟକ୍ଷ ଏବଂ ଏମ୍‌ସି ସଦସ୍ୟ ସିଏ ରଞ୍ଜନ କୁମାର ପୃଷ୍ଟି, ପୂର୍ବତନ ଅଧ୍ୟକ୍ଷ ଏବଂ ଏମ୍‌ସି ସଦସ୍ୟ ସିଏ ଗଗନ ବିହାରୀ ଦାସ ଏମ୍‌ସି ସଦସ୍ୟ ଉପସ୍ଥିତ ଥିଲେ।

୨ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ସାମଗ୍ରୀ ଓ ସେବା ଟିକସ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ୭ଟି ବୈଷୟିକ ଅଧିବେଶନ ହେବ। ଅଡିଟ୍, ସୂଚନା ପ୍ରଯୁକ୍ତି, ଇଣ୍ଡ ଏଏସ୍ ଆଣ୍ଡ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡସ୍, ପ୍ରତ୍ୟକ୍ଷ ଟିକସରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ, ଭାରତୀୟ ଅର୍ଥନୀତି ଏବଂ ରାଜ୍ୟଗୁଡ଼ିକର ଯୋଗଦାନ ଏବଂ ପ୍ରେରଣାଦାୟୀ ଅଧିବେଶନରେ ଜାତୀୟସ୍ତରର ପ୍ରତିଷ୍ଠିତ ବିଶିଷ୍ଟ ବକ୍ତାମାନେ ଆଲୋଚନା କରିବେ। ବିଶ୍ୱାୟନ, ସଂକ୍ରମଣକାଳୀନ ବ୍ୟବସାୟ ପଦ୍ଧତି, ନିୟମାବଳୀରେ ନିରନ୍ତର ସଂଶୋଧନ ସହିତ ଏହି ବୃତ୍ତି ପ୍ରତିଦିନ ନୂଆ ଏବଂ କଠିନ ଆହ୍ୱାନର ସମ୍ମୁଖୀନ ହେଉଛି।

## ନରାକାସ୍ ଭୁବନେଶ୍ୱରର ୫୬ତମ ଅର୍ଦ୍ଧବାର୍ଷିକ ବୈଠକ

ଭୁବନେଶ୍ୱର,୨୯।୮ (ଅଭୟ ଦାଶ)

ଦେଶର ପ୍ରମୁଖ ପ୍ରତିଷ୍ଠାନ ତଥା ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ନରାକାସ୍/ବ୍ୟାଙ୍କ) ଭୁବନେଶ୍ୱରର ୫୬ତମ ଅର୍ଦ୍ଧବାର୍ଷିକ ବୈଠକ ଗୁରୁବାର ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଦିନେଶ ପୃଥ୍ୱୀ ଅଧ୍ୟକ୍ଷ ନରାକାସ (ବ୍ୟାଙ୍କ) ଏବଂ ମୁଖ୍ୟ ମହାପ୍ରବନ୍ଧକ ଏସ୍‌ବିଆଇ ଭୁବନେଶ୍ୱରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ତଥା ରାଜଭାଷା ବିଭାଗର ପ୍ରତିନିଧି ନିର୍ମଳ କୁମାର ଦୁବେ, ସହକାରୀ ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ)ଙ୍କ ଉପସ୍ଥିତିରେ ଏହି ବୈଠକ ସମ୍ପାଦିତ ହୋଇଯାଇଛି। ଏହି ବୈଠକରେ ଡ. ସାରଦା ପ୍ରସନ୍ନ ମହାନ୍ତି, କ୍ଷେତ୍ରୀୟ ନିର୍ଦ୍ଦେଶକ,ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ), ଡା. ସୁଧାଂଶୁ କେକେ ମିଶ୍ର, ମୁଖ୍ୟ ମହାପ୍ରବନ୍ଧକ,ନାବାର୍ଡ,ମନୋଜ କୁମାର ସିଂହ ଉପାଧ୍ୟକ୍ଷ ଏବଂ ମଣ୍ଡଳ ବିକାଶ ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ତଥା ଭୁବନେଶ୍ୱର ସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀର ଉପ ମହାପ୍ରବନ୍ଧକ, ବରିଷ୍ଠ କାର୍ଯ୍ୟପାଳକ ଏବଂ ରାଜଭାଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ନରାକାସ୍ (ବ୍ୟାଙ୍କ) ଭୁବନେଶ୍ୱରର ଉପସଭାପତି ମନୋଜ କୁମାର ସିଂହ ସ୍ୱାଗତ ଭାଷଣ ପ୍ରଦାନ ସହ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ପାଇଁ ପ୍ରଶଂସା କରିଥିଲେ। ବୈଠକରେ ସଦସ୍ୟ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡ଼ିକ ଦ୍ୱାରା ରାଜଭାଷାର ପ୍ରଚାରପ୍ରସାର ପାଇଁ ଗତ ୬ମାସ ମଧ୍ୟରେ ଆୟୋଜନ କରାଯାଇଥିବା ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମ ସମ୍ପର୍କିତ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଗୃହ ମନ୍ତ୍ରଣାଳୟର ସହକାରୀ ନିର୍ଦ୍ଦେଶକ ନିର୍ମଳ କୁମାର ଦୁବେ ତାଙ୍କ ସମୀକ୍ଷାରେ ନରାକାସ୍(ବ୍ୟାଙ୍କ)ଭୁବନେଶ୍ୱରର ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଏହି କମିଟି ଦେଶର ଶ୍ରେଷ୍ଠ କମିଟି ମଧ୍ୟରୁ ଅନ୍ୟତମ ବୋଲି କହିଥିଲେ। ଏପରିକି କ୍ରମାଗତ ଭାବେ ଜାତୀୟସ୍ତରରେ ରାଜଭାଷା କୀର୍ତ୍ତି ପୁରସ୍କାର ପାଇବା ଗର୍ବ ଓ ଗୌରବର ବିଷୟ ହୋଇଥିଲାବେଳେ ଏହି ଉତ୍ସାହକୁ ବଜାୟ ରଖି ସମସ୍ତ ସଦସ୍ୟଙ୍କୁ ଆଗକୁ ମଧ୍ୟ ସକ୍ରିୟ ଭାବେ କାର୍ଯ୍ୟ ଜାରି ରଖିବା ପାଇଁ ସେ କହିଥିଲେ। ଏହି ଅବସରରେ ସଦସ୍ୟ କାର୍ଯ୍ୟାଳୟଙ୍କ ପକ୍ଷରୁ ଆୟୋଜିତ ହିନ୍ଦୀ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ସଦସ୍ୟ ସଚିବ ତଥା ଏସ୍‌ବିଆଇର ସହାୟକ ମହାପ୍ରବନ୍ଧକ (ରାଜଭାଷା) ବି.ବି . ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ ଆର୍‌ବିଆଇର ସହାୟକ ମହାପ୍ରବନ୍ଧକ (ରାଜଭାଷା) ବିବେକ ଯାଦବ ଧନ୍ୟବାଦ ଅଭିଭାଷଣ ଦେଇଥିଲେ।



**ହତ୍ୟା ମାମଲାରେ ବାଂଲାଦେଶର ପୂର୍ବତନ ବାଚସ୍ପତି, ବାଣିଜ୍ୟ ମନ୍ତ୍ରୀ ଗିରଫ**

ଢାକା: ବାଂଲାଦେଶର ପୂର୍ବତନ ବାଚସ୍ପତି ଶିରୀନ ଶର୍ମିନ ଚୌଧୁରୀ ଓ ପୂର୍ବତନ ବାଣିଜ୍ୟ ମନ୍ତ୍ରୀ ଟିପୁ ମୁନସୀଙ୍କୁ ଗୁରୁବାର ଗିରଫ କରାଯାଇଛି। ଗତ ଜୁଲାଇ ୧୯ରେ ବାଂଲାଦେଶରେ ହୋଇଥିବା ସଂରକ୍ଷଣ ବିରୋଧୀ ହିଂସାରେ ଉଦ୍ଦିନ ମିଲନ ନାମକ ଜଣେ ସୁନା ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ହତ୍ୟା ମାମଲାରେ ମୁନ୍‌ସୀ ଏବଂ ଶିରୀନଙ୍କୁ ମିଶାଇ ମୋଟ ୧୭ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ସିବିଆଇ ଆବେଦନ ଖାରଜ: ଶିବକୁମାର ଆଶ୍ୱସ୍ତ

**ବେଙ୍ଗାଲୁରୁ, ୨୯।୮ (ପି.ଟି.)**

କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ବିରୋଧରେ ଆଗତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତ ପାଇଁ ଅନୁମତି ପ୍ରଦାନ ସକାଶେ ସିବିଆଇ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। କର୍ଣ୍ଣାଟକର କଂଗ୍ରେସ ସରକାର ସିବିଆଇଠାରୁ ଜେନେରାଲ କନ୍‌ସେଣ୍ଟ ପ୍ରତ୍ୟାହାର କରିନେଇଥିବାରୁ ଉକ୍ତ ପିଟିଶନ ଶୁଣାଣିଯୋଗ୍ୟ ନୁହେଁ ବୋଲି ହାଇକୋର୍ଟ ଗୁରୁବାର ସ୍ପଷ୍ଟ କରିଛନ୍ତି। ଫଳରେ ଶିବକୁମାରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ୨୦୨୩ ଡିସେମ୍ବର ୨୬ରେ ରାଜ୍ୟ ସରକାର ଶିବକୁମାରଙ୍କ ବିରୋଧରେ ୭୪.୯୩ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତ ଲୋକାୟୁକ୍ତଙ୍କୁ ଦେଇଥିଲେ। ଉକ୍ତ ଆଦେଶକୁ ଚ୍ୟାଲେଞ୍ଜ କରି ଦାଖଲ ଅନ୍ୟ ଏକ ପିଟିଶନକୁ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି।

# ଗୁଜରାଟ ବନ୍ୟା: ଘର ଛାଡ଼ିଲେଣି ୧୮ ହଜାର

**ନୂଆଦିଲ୍ଲୀ, ୨୯।୮**




ଆରବ ସାଗରର ଭାରତ ଓ ପାକିସ୍ତାନ ଉପକୂଳବର୍ତ୍ତୀ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିବାରୁ ବନ୍ୟା ସ୍ଥିତି ଉପୁଜିଛି। ଗୁଜରାଟର ଅନେକ ସହର ଜଳମଗ୍ନ ହୋଇଯାଇଥିବାରୁ ଲୋକେ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ଶୁକ୍ରବାର ସୁଦ୍ଧା ଆରବ ସାଗରରେ ଏକ ସାମୁଦ୍ରିକ ଝଡ଼ ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି।

ଗୁଜରାଟରେ ବର୍ଷା ବିପ୍ରାତ ଯୋଗୁ ଚଳିତ ସପ୍ତାହରେ ପ୍ରାୟ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ଜଣେ ଅଧିକାରୀ କହିଛନ୍ତି। ଗୁଜରାଟ ଉପକୂଳବର୍ତ୍ତୀ ଜାମନଗର ଅଞ୍ଚଳରେ ୨ ଦିନ ହେଲା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ଲୋକେ ଅନ୍ଧାରରେ ରହିଛନ୍ତି। ରବିବାରଠାରୁ ଅଦ୍ୟାବଧି ୧୮,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବିପର୍ଯ୍ୟୟ ପରିଚାଳନା ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସେନା ଯବାନମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଆକାଶମାର୍ଗରୁ କଚ୍ଛ, ଜାମନଗର ଓ ଦ୍ୱାରକା ଅଞ୍ଚଳ ପରିଦର୍ଶନ କରି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି।

# ୪ ଗଧିଆ ଧରିଲା ଡ୍ରୋନ୍

**ଆକ୍ରମଣରେ ଗଲାଣି ୮ ଜୀବନ**

**ଲକ୍ଷ୍ନୌ, ୨୯।୮**



ଉତ୍ତରପ୍ରଦେଶ ବହରାଇଚ୍‌ ଜିଲା ହର୍‌ଦି ଥାନାର ୩୦ଟି ଗ୍ରାମରେ ମାସାଧିକ କାଳ ଧରି କେତେକ ଗଧିଆଙ୍କ ଆତଙ୍କ ଲାଗିରହିଛି। ଗଧିଆ ଆକ୍ରମଣରେ ୭ ଶିଶୁଙ୍କୁ ମିଶାଇ ୮ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୫ ଆହତ ହୋଇଥିଲେ। ଆକ୍ରମଣକାରୀ ଗଧିଆଗୁଡ଼ିକୁ ଧରିବା ପାଇଁ ବହରାଇଚ୍ ଜିଲା ବନ ବିଭାଗ ଚଳାଇଥିବା 'ଅପରେଶନ ଭେଡିୟା'କୁ ଗୁରୁବାର ସଫଳତା ମିଳିଛି। ଡ୍ରୋନ୍ ସହାୟତାରେ ଲୋକେଶନ ଠାବକରି ୪ ଗଧିଆଙ୍କୁ ଧରାଯାଇଛି। ତେବେ ଏହି ପଲର ଆଉ କେତେକ ଗଧିଆ ସମ୍ପୃକ୍ତ ଅଞ୍ଚଳରେ ବିଚରଣ କରୁଥିବାରୁ ଗ୍ରାମବାସୀଙ୍କ ଭୟ ଦୂର ହୋଇନାହିଁ। ଉତ୍ତରପ୍ରଦେଶ କେନ୍ଦ୍ରୀୟ ଜୋନ୍‌ର ମୁଖ୍ୟ ବନ ସଂରକ୍ଷଣକାରୀ ରେଣୁ ସିଂ କହିଛନ୍ତି, ଗଧିଆଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଛି। ଧରାପଡ଼ିଥିବା ୪ ଗଧିଆଙ୍କୁ ପ୍ରାଣୀ ଉଦ୍ୟାନକୁ ସ୍ଥାନାନ୍ତର କରାଯିବ। 'ଅପରେଶନ ଭେଡିୟା' ଅନୁଯାୟୀ ଡ୍ରୋନ୍ କ୍ୟାମେରା ଏବଂ ଥର୍ମାଲ ମ୍ୟାପିଂ ଟେକ୍ନୋଲୋଜିକୁ ବ୍ୟବହାର କରି ବହରାଇଚ୍ ବନ ବିଭାଗ ଉକ୍ତ ୪ ଗଧିଆଙ୍କୁ ଟ୍ରାକ୍ କରି ଧରିବାରେ ସଫଳ ହୋଇଛି। ଗଧିଆ ଆକ୍ରମଣରେ ମୃତକଙ୍କ ପରିବାରକୁ ୟୁପି ସରକାର ୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

## ଅନୁପ୍ରବେଶ ଉଦ୍ୟମ ପଣ୍ଡ: ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୯।୮**

ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ଜିଲା ସଂଲଗ୍ନ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଗୁରୁବାର ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ସେନା ଯବାନମାନେ ପଣ୍ଡ କରିଛନ୍ତି। ଟଙ୍ଗଧର ଅଞ୍ଚଳରେ ଅପରେଶନ ବେଳେ ଜଣେ ଆତଙ୍କବାଦୀ ନିହତ ହୋଇଥିବାବେଳେ କୁପ୍‌ୱାଡ଼ାର ମାଛିଲ ସେକ୍ଟରରେ ଅନ୍ୟ ୨ ଅନୁପ୍ରବେଶକାରୀ ଗୁଳିମାଡ଼ରେ ପ୍ରାଣ ହରାଇଛନ୍ତି। ଆତଙ୍କବାଦୀଙ୍କ ମୃତଦେହ ନିକଟରୁ ୨ଟି ରାଇଫଲ୍ସ, ଗୋଟିଏ ପିସ୍ତଲ, ୪ଟି ହ୍ୟାଣ୍ଡଗ୍ରେନେଡ୍ ଜବତ ହୋଇଥିବା ଶ୍ରୀନଗରସ୍ଥିତ ଚିନାର କର୍ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି।

# ବାଂଲାଦେଶ ହିଂସା: ମୃତ୍ୟୁସଂଖ୍ୟା ୧,୦୦୦

**ଢାକା, ୨୯।୮**

ଜୁଲାଇ ମଧ୍ୟଭାଗରୁ ବାଂଲାଦେଶରେ ଆରମ୍ଭ ହୋଇଥିବା ସଂରକ୍ଷଣ ବିରୋଧୀ ଆନ୍ଦୋଳନ ବେଳେ ହିଂସା ଯୋଗୁ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ସେହିପରି ପୋଲିସର ବୁଲେଟ ମାଡ଼ରେ ୪୦୦ରୁ ଅଧିକ ଲୋକ ଦୃଷ୍ଟିଶକ୍ତି ହରାଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଗୋଟିଏ ଆଖି ନଷ୍ଟ ହୋଇଥିବାବେଳେ ଆଉ କେତେକେ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଛନ୍ତି। ବାଂଲାଦେଶର ଅନ୍ତରୀଣ ସରକାରଙ୍କ ଜଣେ ବରିଷ୍ଠ ପରାମର୍ଶଦାତା ଗୁରୁବାର ଏହି ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଉପଦେଷ୍ଟା ନୁର୍‌ଜାହାନ ବେଗମ୍ ସେଣ୍ଟ୍ରାଲ ପୋଲିସ ହସ୍ପିଟାଲକୁ ପରିଦର୍ଶନରେ ଯାଇଥିବାବେଳେ ଚିକିତ୍ସାଧୀନ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

ଗତ ମାସରେ ବାଂଲାଦେଶରେ ବିବାଦୀୟ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରି ଢାକା ୟୁନିଭର୍ସିଟି ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇବା ପରେ ଦେଶବ୍ୟାପୀ ଏହା ଉଗ୍ର ରୂପ ଧାରଣ କରିଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଇସ୍ତଫା ଦାବି ସହ ମୁକ୍ତିଯୋଦ୍ଧାଙ୍କ ପରିବାର ସଦସ୍ୟଙ୍କୁ ସରକାରୀ ନିଯୁକ୍ତିରେ ମିଳୁଥିବା ସଂରକ୍ଷଣ ଉଚ୍ଛେଦ କରାଯାଉ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଅନ୍ୟପକ୍ଷେ ଶାସକ ଆୱାମୀ ଲିଗ୍‌ ସମର୍ଥକମାନେ ସଂରକ୍ଷଣ ସମର୍ଥନରେ ବାହାରି ବିକ୍ଷୋଭକାରୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ସୁରକ୍ଷା ବଳର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପରେ ଅଧିକ ହିଂସାତ୍ମକ ହୋଇଥିଲା ଆନ୍ଦୋଳନ। ଅଗଷ୍ଟ ୫ରେ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତକୁ ପଳାୟନ କରିଥିଲେ। ନୋବେଲ ପୁରସ୍କାର ବିଜେତା ୮୪ ବର୍ଷୀୟ ମହମ୍ମଦ ୟୁନୁସ୍‌ଙ୍କୁ ପ୍ରଧାନମନ୍ତ୍ରୀ ପଦ ସମକକ୍ଷ ମୁଖ୍ୟ ପରାମର୍ଶଦାତା ନିଯୁକ୍ତ କରାଯାଇଛି।

## ଆଇଏନ୍‌ଏସ୍ ଅରିଘାତ୍‌ର ଜଳାବତରଣ

**ନୂଆଦିଲ୍ଲୀ, ୨୯।୮ (ପି.ଟି.)**

ଭାରତର ଦ୍ୱିତୀୟ ଆଣବିକ କ୍ଷମତାସମ୍ପନ୍ନ ବାଲିଷ୍ଟିକ୍ ମିଶାଇଲ ବୁଡ଼ାଜାହାଜ ଆଇଏନ୍‌ଏସ୍ ଅରିଘାତ୍‌କୁ ଗୁରୁବାର ଜଳାବତରଣ କରାଯାଇଛି। ବିଶାଖାପାଟଣାରେ ଅନୁଷ୍ଠିତ ଏହି ଜଳାବତରଣ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ ଥିଲେ। ଅରିହନ୍ତ ଶ୍ରେଣୀର ଏହି ଦ୍ୱିତୀୟ ବୁଡ଼ାଜାହାଜ ଭାରତର ଆଣବିକ ପ୍ରତିରୋଧ କ୍ଷମତା ବଢ଼ାଇବା ସହ ଦେଶର ସୁରକ୍ଷାରେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ରାଜନାଥ କହିଛନ୍ତି।

## ଆଈ-ନାତିଙ୍କୁ ମାଡ଼ ମାରିବା ଘଟଣାରେ ୬ ଜିଆରପି କର୍ମଚାରୀ ନିଲମ୍ବିତ

**ଭୋପାଳ, ୨୯।୮**

ମଧ୍ୟପ୍ରଦେଶର କଟନି ଜିଲାସ୍ଥିତ ଏକ ଥାନାରେ ଜଣେ ମହିଳା ଓ ତାଙ୍କ ନାତିଙ୍କୁ ଗଭର୍ନମେଣ୍ଟ ରେଲୱେ ପୋଲିସ (ଜିଆରପି) କର୍ମଚାରୀମାନେ ଗତବର୍ଷ ଅକ୍ଟୋବରରେ ମାଡ଼ ମାରିଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ମଧ୍ୟପ୍ରଦେଶ ସରକାର ଗୁରୁବାର ଜଣେ ଷ୍ଟେଶନ ଇନ୍‌ଚାର୍ଜଙ୍କ ସମେତ ୬ ଜିଆରପି କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା କୁସୁମ ଭନ୍‌ସ୍କାର ଜଣେ ଦଳିତ ବୋଲି କଂଗ୍ରେସ କହିଛି। କଂଗ୍ରେସ ନେତାମାନେ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଟାର୍ଗେଟ କରି ଥାନାରେ ପ୍ରାୟ ୫ ଘଣ୍ଟା ଧରି ଧାରଣା ଦେଇଥିଲେ। ଏହି ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ ଏଏସ୍‌ପି ସନ୍ତୋଷ ଦେହାରିଆ କହିଛନ୍ତି, ମହିଳା ଜଣକ ଏତଲା ଦେଇଛନ୍ତି। ତଦନ୍ତ ପରେ ଏତଲା କପି ବିକ୍ଷୋଭକାରୀମାନଙ୍କୁ ଦିଆଯାଇଛି। ଅଭିଯୁକ୍ତ ରେଲୱେ ପୋଲିସ କର୍ମଚାରୀମାନେ ଡିଆଇଜିଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଇବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷେ ରାଜ୍ୟ କଂଗ୍ରେସ ସଭାପତି ଜିତୁ ପଟୱାରି କହିଛନ୍ତି, ଏହି ଘଟଣା ଭାଜପା ସରକାରର ଦଳିତ ବିରୋଧୀ ତଥା ଏକଚ୍ଛତ୍ରବାଦୀ ମାନସିକତାକୁ ପ୍ରଦର୍ଶିତ କରୁଛି।

## ନାବାଳିକାଙ୍କୁ ବଳାତ୍କାର: ଉତ୍ତ୍ୟକ୍ତ ଲୋକେ ଇ-ରିକ୍ସା ଜାଳିଦେଲେ

**ଗାଜିଆବାଦ, ୨୯।୮**

ଉତ୍ତରପ୍ରଦେଶ ଗାଜିଆବାଦ ଜିଲା ବୃଜ୍‌ବିହାରସ୍ଥିତ ଲିଙ୍କ୍ ରୋଡ୍ ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଜଣେ ନାବାଳିକା(୧୪)ଙ୍କୁ ବଳାତ୍କାର କରାଯାଇଛି। ଏନେଇ ପୀଡ଼ିତାଙ୍କ ମା' ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ପଡ଼ିଶା ଘରେ ରହୁଥିବା ବ୍ୟବସାୟୀ ଫୌଜନ ଏହି ବଳାତ୍କାର କରିଥିବା ନେଇ ପୀଡ଼ିତାଙ୍କ ମା' ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଫୌଜନ୍‌ଙ୍କୁ ଗିରଫ କରିଛି। ତେବେ ଘଟଣା ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଫୌଜନଙ୍କ ଦୋକାନରେ ଭଙ୍ଗାରୁଜା କରି ଗୋଟିଏ ଇ-ରିକ୍ସାରେ ନିଆଁ ଲଗାଇ ଦେଇଥିଲେ।

# ରାଜ୍ୟ ଖବର

## ଜାତୀୟ ଶିକ୍ଷକ ସମ୍ମାନ ପାଇଁ ମନୋନୀତ ଓଡ଼ିଶାର ୨ କୃତୀ ଶିକ୍ଷକଙ୍କ ସହ କଥା ହେଲେ ନବୀନ

**ଭୁବନେଶ୍ୱର, ୨୯।୮ (ଅନିଲ ଦାସ)**

ଜାତୀୟ ଶିକ୍ଷକ ସମ୍ମାନ ପାଇଁ ମନୋନୀତ ଓଡ଼ିଶାର ୨ କୃତୀ ଶିକ୍ଷକ ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁ ଓ ସନ୍ତୋଷ କୁମାର କରଙ୍କୁ ନବୀନ ପଟ୍ଟନାୟକ ଗୁରୁବାର ବ୍ୟକ୍ତିଗତ ଭାବେ ଫୋନ୍ କରି କଥା ହେବା ସହ ଅଭିନନ୍ଦନ ଜଣାଇଛନ୍ତି। ସେମାନଙ୍କ ନିଷ୍ଠା ଓ ସାଧନାର ଉଚ୍ଚ ପ୍ରଶଂସା କରିଛନ୍ତି। ଶିକ୍ଷା ଜରିଆରେ ହିଁ ଏକ ସଚେତନ ଓ ସଶକ୍ତ ସମାଜ ଗଠନ ହୋଇପାରିବ ବୋଲି ମତ ଦେଇ ଶିକ୍ଷାଦାନ କ୍ଷେତ୍ରରେ ସେମାନଙ୍କ ଅବଦାନ ପାଇଁ ସେ ଗର୍ବିତ ବୋଲି କହି ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜାତୀୟ ଶିକ୍ଷକ ସମ୍ମାନ ପାଇଁ ମନୋନୀତ ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁ ରାୟଗଡ଼ା ଜିଲା ବିଲେଶୁ ଆଦିବାସୀ ମଙ୍ଗଳ ବିଭାଗର ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିବା ବେଳେ ସନ୍ତୋଷ କୁମାର କର କଳାହାଣ୍ଡି ଜିଲା ଜୟଦୁର୍ଗା ହାଇସ୍କୁଲରେ ଶିକ୍ଷକ ଭାବରେ ଅବସ୍ଥାପିତ ଅଛନ୍ତି।

# ମୁଖ୍ୟ ଶାସନ ସଚିବ, ୨ ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

**କେନ୍ଦୁଝର, ୨୯।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

**ସାପ କାମୁଡ଼ାଜନିତ ମୃତ୍ୟୁ, ସୁରକ୍ଷା ପଦକ୍ଷେପ ରିପୋର୍ଟ ମାଗିଲେ**

ରାଜ୍ୟରେ ସାପ କାମୁଡ଼ାରେ ଲୋକଙ୍କ ମୃତ୍ୟୁ ଓ ମୃତ୍ୟୁ ହାର ହ୍ରାସ କରିବା ପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ କରିଛନ୍ତି। ଏଥିସହ କେନ୍ଦୁଝର ଓ ସୋନପୁର ଜିଲାପାଳଙ୍କଠାରୁ ଆକ୍ସନ ଟେକେନ ରିପୋର୍ଟ (ଏଟିଆର) ମଧ୍ୟ ମାଗିଛନ୍ତି। ବରିଷ୍ଠ ଆଇନଜୀବୀ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ପକ୍ଷରୁ ଦାଖଲ ଆବେଦନକୁ ବିଚାରକୁ ନେଇ ଏନ୍‌ଏଚ୍‌ଆର୍‌ସି ଅଗଷ୍ଟ ୨୮ରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ୮ ସପ୍ତାହରେ ରିପୋର୍ଟ ଦେବାକୁ ଆଦେଶ କରିଛନ୍ତି। ଡାକ୍ତରଖାନା, ପୋଲିସ ଷ୍ଟେଶନ, ସ୍କୁଲ, ଅଙ୍ଗନୱାଡି, ଓଡ଼ିଶାର ଆବାସିକ ଘର ତଥା ସରକାରୀ କାର୍ଯ୍ୟାଳୟ ସମେତ ସର୍ବସାଧାରଣ ସ୍ଥାନରେ ସର୍ପ ଦଂଶନରୁ ସୁରକ୍ଷା ତଥା ନିରାପତ୍ତା ସୁନିଶ୍ଚିତ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ବିଷୟରେ ଅଭିଯୋଗରେ ଦର୍ଶାଯାଇଛି।

କେନ୍ଦୁଝର ଜିଲାର ଆନନ୍ଦପୁରର ସବ୍ ଡିଭିଜନାଲ ହସ୍ପିଟାଲ ବାରଣ୍ଡାରେ ଶୋଇଥିବା ବେଳେ ବାଜୁ ଚମ୍ପିଆ (୨୩) ସାପ କାମୁଡ଼ାରେ ପ୍ରାଣ ହରାଇଥିଲେ। ତାଙ୍କ ମାଆ ଡାଇରିଆ ପାଇଁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ସେ ପାଖରେ ଥିଲେ। ଅନ୍ୟ ଏକ ଘଟଣାରେ ଆନନ୍ଦପୁର ଥାନା ଅନ୍ତର୍ଗତ ଘଟୁଆଁ ଗ୍ରାମରେ ୪ ମାସର ଝିଅ ମା' ସହ ଶୋଇଥିବା ବେଳେ ସାପ କାମୁଡ଼ାରେ ପ୍ରାଣ ହରାଇଥିଲେ। ସେହିପରି ୨୪ ଜୁନ୍ ୨୦୨୪ରେ ସୋନପୁର ଜିଲାର ବୀରମହାରାଜପୁର ପୋଲିସ ଷ୍ଟେଶନରେ ଗୁରା କୁମ୍ଭାର ନାମକ ବ୍ୟକ୍ତି ସାପ ଧରୁଥିବା ବେଳେ ସାପ କାମୁଡ଼ାରେ ପ୍ରାଣ ହରାଇଥିଲେ। ଘଟଣା ପୋଲିସ ଷ୍ଟେଶନର ଅଧିକାରୀମାନେ ଦେଖୁଥିଲେ। ଏଭଳି ଅନେକ ସାପ କାମୁଡ଼ା ଘଟଣା ଦର୍ଶାଇ ଆବେଦନକାରୀ ଲୋକଙ୍କ ଜୀବନ ରକ୍ଷା କରିବାରେ ସରକାର ବିଫଳ ହେଉଥିବା କହିଥିଲେ। ଅବହେଳା ଯୋଗୁ ଗତ ୮ ବର୍ଷରେ ୭ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ଦର୍ଶାଇଥିଲେ। ପ୍ରସଙ୍ଗର ଗମ୍ଭୀରତାକୁ ବିଚାରକୁ ନେଇ ଏନ୍‌ଏଚ୍‌ଆର୍‌ସି ସାପ କାମୁଡ଼ା ଘଟଣାକୁ କମ୍ କରିବା ପାଇଁ ବିଶେଷଜ୍ଞଙ୍କ ମତାମତ, ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ପରିମାଣର ଆଣ୍ଟି-ଭେନମ ସେରମ ଉପଲବ୍ଧତା ସୁନିଶ୍ଚିତ କରିବାକୁ ଆଦେଶ କରିଛନ୍ତି। ସାପକାମୁଡ଼ାର ଶିକାର ହୋଇଥିବା ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତା ବିଷୟରେ ଜାଣିବାକୁ ଚାହିଁଛନ୍ତି। ସେହିପରି ବିଷାକ୍ତ ସାପକୁ ଧରିବା ଏବଂ ସେମାନଙ୍କୁ ମାନବ ବାସସ୍ଥାନଠାରୁ ଦୂରରେ ରଖିବା ପାଇଁ ନିୟୋଜିତ ତାଲିମପ୍ରାପ୍ତ ସାପ ଧରାଳିଙ୍କ ବିବରଣୀ, ଯୋଗାଯୋଗ ନମ୍ବର ଇତ୍ୟାଦି ବିଷୟରେ ଜଣାଇବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

## ବଣ୍ଡା ଜନଜାତି ଛାତ୍ର ମଙ୍ଗଳା ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୯।୮ (ଅନିଲ ଦାସ)**

- **ମଙ୍ଗଳାଙ୍କୁ ଲାପ୍‌ଟପ୍ ଉପହାର ଦେଲେ**
- **ମଙ୍ଗଳାଙ୍କ ମେଡିକାଲ ପାଠ୍ୟକ୍ରମ ଜାରି ରଖିବା ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ: ମୁଖ୍ୟମନ୍ତ୍ରୀ**

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିବା ପାଇଁ ନିଟ୍-୨୦୨୪ ଦ୍ୱାରା ଯୋଗ୍ୟ ବିବେଚିତ ହୋଇଥିବା ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ବଡବେଲ ଗ୍ରାମର ବଣ୍ଡା ଜନଜାତି ଛାତ୍ର ମଙ୍ଗଳା ମୁଦୁଲିଙ୍କୁ ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି। ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଏକ ଲାପଟପ୍ ତାଙ୍କୁ ଉପହାର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବଣ୍ଡା ସମାଜର ପ୍ରଥମ ଡାକ୍ତର ଭାବେ ଭଲ ପାଠ ପଢ଼ି, ଭଲ ଡାକ୍ତର ହୋଇ ଅଞ୍ଚଳବାସୀଙ୍କର ସେବା କରିବାକୁ ପରାମର୍ଶ ଦେଇଛନ୍ତି।

ଦୃଢ଼ ଇଚ୍ଛାଶକ୍ତି ଆଗରେ ଆର୍ଥିକ ଅନଟନ ଓ ଅଭାବ ଅସୁବିଧା ହାର୍ ମାନିଥାଏ। ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ମଙ୍ଗଳା ମୁଦୁଲି। ମଙ୍ଗଳାଙ୍କ ମେଡିକାଲ ପାଠ୍ୟକ୍ରମ ଜାରି ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ମଙ୍ଗଳାଙ୍କ ପରି ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଗରିବ କୃତୀ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ପାଠପଢ଼ା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସହଯୋଗ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମଙ୍ଗଳାଙ୍କର ମା'ବାପା ଦିନମଜୁରିଆ ଏବଂ ଚାଷବାସ କରି ଚଳନ୍ତି। ମଙ୍ଗଳା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନ ମୁଦୁଲିପଡ଼ା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିଥିବା ସହିତ ବୋଲଦିଆଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ୨ ବିଜ୍ଞାନରେ କୃତିତ୍ୱର ସହ ପାସ୍ କରିଛନ୍ତି। ସ୍କୁଲ ପଢ଼ିବା ସମୟରୁ ନିଜ ଅଞ୍ଚଳର ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଅନୁଧ୍ୟାନ କରି ଜଣେ ଡାକ୍ତର ହେବା ପାଇଁ ସ୍ୱପ୍ନ ଦେଖିଥିଲେ। ମଙ୍ଗଳା ମୁଦୁଲି ବଣ୍ଡା ଜନଜାତି ବର୍ଗର ପ୍ରଥମ ଛାତ୍ର ଭାବେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଆଁସୀ କନ୍ୟାକୁ ଅନ୍ଧେଇସିଆ ବର।**

ସାଧାରଣତଃ ଉଆଁସ ତିଥିରେ ଜନ୍ମ ଲାଭକରିଥିବା କନ୍ୟାକୁ ବିବାହ କରିବା ପାଇଁ କେହି ରାଜିହୋଇ ନ ଥାନ୍ତି। କାରଣ ଅମାବାସ୍ୟା ଦିନ ଜାତ ହୋଇଥିବା କନ୍ୟା ଅକାଳରେ ବିଧବା ହୁଏ ବୋଲି ରହିଥିବା ଅନ୍ଧବିଶ୍ୱାସ ସମାଜରେ ଏବେବି ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଋଷି ଘରକୁ ମହାଋଷି ଗଲେ ଜିରା ଭିତରୁ ଶିରା କାଢ଼ିଲେ।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ହିଁ ଦେଖିଥାନ୍ତି। ଏହିପରି ଅନ୍ୟର ଦୋଷ ଯିଏ ଦେଖାଉଥାଏ ତା'ର ଦୋଷ ଦୁର୍ବଳତା ଦେଖାଇବାକୁ ମଧ୍ୟ କେହି ଜଣେ ରହିଥାନ୍ତି ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସ୍ମାର୍ଟ ମିଟରକୁ ବିରୋଧ | ଅତାବିରାରେ ବିକ୍ଷୋଭ ଶୋଭାଯାତ୍ରା

**ବରଗଡ଼/ସରଣ୍ଡା, ୨୯।୮ (ପ୍ରେମାନନ୍ଦ ଖମାରୀ/ ଯୁଧିଷ୍ଠିର ମହାପାତ୍ର)**



ଚାଷୀମାନେ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ଉପଭୋକ୍ତାଙ୍କ ଘରେ ଲାଗିଥିବା ପୁରୁଣା ମିଟରକୁ କାଢ଼ି ନୂତନ ସ୍ମାର୍ଟ ମିଟର ସ୍ଥାପନ କରୁଛି। ତେବେ ପୂର୍ବର ମିଟର ଅପେକ୍ଷା ସ୍ମାର୍ଟ ମିଟରରେ ମାତ୍ରାଧିକ ବିଲ୍ ଆସୁଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବରଗଡ଼ ଜିଲାରେ ଆନ୍ଦୋଳନ ତେଜି ଉଠିଛି। ଚାଷୀ ତଥା ଗ୍ରାମବାସୀ ଘରୁ ସ୍ମାର୍ଟ ମିଟରକୁ କାଢ଼ି ଫେରାଇ ଦେଉଛନ୍ତି। ବିଭିନ୍ନ ସ୍ଥାନରେ ସଭା ଏବଂ ଶୋଭାଯାତ୍ରା କରାଯାଇ ସ୍ମାର୍ଟ ମିଟରକୁ ବିରୋଧ କରାଯାଉଛି। ଗୁରୁବାର ଅତାବିରାରେ ଏଭଳି ଆନ୍ଦୋଳନ ଦେଖିବାକୁ ମିଳିଛି। ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ଆହ୍ୱାନକ୍ରମେ ଶତାଧିକ ଚାଷୀ ଏବଂ ବିଦ୍ୟୁତ ଉପଭୋକ୍ତା ଲାଦେରପାଲି ରାମଚଣ୍ଡୀ ମନ୍ଦିରରୁ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ଟାଟା ପାୱାର ଏସ୍‌ଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ସଙ୍ଗଠନ ସଭାପତି ବୀରେନ୍ଦ୍ର କର, ତୃତୀୟା ପ୍ରଧାନ, କ୍ଷୀରସିନ୍ଧୁ ବାଗ, ସୁବାଷ ବିଶ୍ୱାଳ, ପ୍ରଦୀପ ପ୍ରଧାନ, ସୁବ୍ରତ ସାହୁ, ଦଶରଥ ଭୋଇ, ବୁଦ୍ଧଦେବ ନନ୍ଦ ପ୍ରମୁଖ ସ୍ମାର୍ଟ ମିଟର ବିରୋଧରେ ଉଦ୍‌ବୋଧନ ଦେଇଛନ୍ତି। ପରେ ସେମାନେ ଟାଟା ପାୱାରର ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍‌ଡିଓ ରବିନାରାୟଣ ମହାନ୍ତିଙ୍କୁ ଦାବିପତ୍ର ଦେଇଛନ୍ତି। ଏଥିରେ ଉପଭୋକ୍ତାଙ୍କ ଘରେ ଲାଗିଥିବା ସ୍ମାର୍ଟ ମିଟରକୁ ତୁରନ୍ତ ହଟାଇବା, ନୂତନ ସ୍ମାର୍ଟ ମିଟର ସଂଯୋଗୀକରଣ ବନ୍ଦ, ବକେୟା ବିଦ୍ୟୁତ୍ ଦେୟ ଅସୁଲ ବନ୍ଦ, ଚାଷକାର୍ଯ୍ୟ ପାଇଁ ବିଦ୍ୟୁତ୍ ବିଲ୍ ସମ୍ପୂର୍ଣ୍ଣ ଛାଡ଼, ଟାଟା ପାୱାର କମ୍ପାନୀକୁ ରାଜ୍ୟରୁ ହଟାଇବା ଆଦି ଦାବି ରହିଛି। ସେପ୍ଟେମ୍ବର ୩୦ ସୁଦ୍ଧା ଦାବି ପୂରଣ କରା ନ ହେଲେ ସମସ୍ତ ସ୍ମାର୍ଟ ମିଟର ଖୋଲି ଟାଟା ପାୱାର କାର୍ଯ୍ୟାଳୟରେ ଜମା ଦେବାକୁ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଗୁରୁବାର ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ କର୍ପୋରେଟ୍ କାର୍ଯ୍ୟାଳୟର କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ ମନୋଜ ପଟ୍ଟନାୟକ ପ୍ରେସ ବିବୃତିରେ ସ୍ପଷ୍ଟୀକରଣ ଦେଇଛନ୍ତି ଯେ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସ୍ମାର୍ଟ ମିଟର କାର୍ଯ୍ୟକାରୀ କରାଯାଇଛି। ଏହି ମିଟର ଠିକ୍‌ଭାବେ ଗ୍ରାହକଙ୍କ ବ୍ୟବହାର ଅନୁଯାୟୀ ରିଡିଂ ଦର୍ଶାଇଥାଏ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି।

## ୱାୟନାଡ୍‌ରୁ ଘରକୁ ଫେରିଲେ ଆହତ ଡାକ୍ତରୀ ଛାତ୍ରୀ ସ୍ୱୀକୃତି

**ଭୂସ୍ଖଳନ ଘଟଣା**

**ଝାରସୁଗୁଡ଼ା, ୨୯।୮ (ସଞ୍ଜୟ ମାଲି)**

କେରଳ ୱାୟନାଡ୍‌ରେ ଗତ ଜୁଲାଇ ୩୧ରେ ଲଗାଣ ବର୍ଷାଜନିତ ଭୂସ୍ଖଳନରେ ଆହତ ହୋଇ ସେଠାରେ ଚିକିତ୍ସିତ ହେଉଥିବା ଝାରସୁଗୁଡା ବେହେରାମାଲର ଡାକ୍ତରୀ ଛାତ୍ରୀ ସ୍ୱୀକୃତି ମହାପାତ୍ର ଗୁରୁବାର ଘରକୁ ଫେରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଏବେ ଉନ୍ନତି ହୋଇଛି। ସ୍ୱୀକୃତିଙ୍କ ୨ବଡ଼ ଭଉଣୀ ସୃତି ମହାପାତ୍ର, ଶିଖା ମହାପାତ୍ର ଏବଂ ଜଣେ ସମ୍ପର୍କୀୟ ୱାୟନାଡ୍‌ରୁ ବାହାରି ବେଙ୍ଗାଲୁରୁ ଦେଇ ଝାରସୁଗୁଡାରେ ପହଞ୍ଚିଛନ୍ତି। ସ୍ୱୀକୃତି ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜରେ ପିଜି ଶେଷ ବର୍ଷର ଛାତ୍ରୀ। ସେ ଗତ ୨୬ ତାରିଖରେ କନଫରେନ୍ସ ପାଇଁ ବେଙ୍ଗାଲୁରୁ ଯାଇଥିଲେ। ଜୁଲାଇ ୨୯ରେ ସେଠାରୁ ୩ଜଣ ସାଙ୍ଗଙ୍କ ସହ ୱାୟନାଡ୍ ଯାଇଥିଲେ। ସେଠାରେ ଭୂସ୍ଖଳନରେ ଆହତ ହୋଇ ସ୍ୱୀକୃତି ଫସି ରହିଥିଲେ। ସ୍ୱୀକୃତିଙ୍କ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ସହଯୋଗ କରାଯାଇଥିଲା ବୋଲି ଝାରସୁଗୁଡା ଜିଲାପାଳ ଅବୋଲି ସୁନୀଲ ନରାୱଣେ କହିଛନ୍ତି।

## ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ ଖର୍ଚ୍ଚଦାବି ଗୃହୀତ

**ଭୁବନେଶ୍ୱର, ୨୯।୮ (ଅନିଲ ଦାସ)**

ସ୍କୁଲ ଓ ଗଣଶିକ୍ଷା ବିଭାଗର ୨୬,୩୯୧ କୋଟି ୮ ଲକ୍ଷ ୭୮ହଜାର ଟଙ୍କା ଏବଂ ଉଚ୍ଚଶିକ୍ଷା ବିଭାଗର ୩,୪୭୭ କୋଟି ୮୨ ଲକ୍ଷ ୫୮ହଜାର ଟଙ୍କାର ଖର୍ଚ୍ଚଦାବି ଗୁରୁବାର ବିଧାନସଭାରେ ଗୃହୀତ ହୋଇଛି। ବିଧାନସଭାରେ ଗଣଶିକ୍ଷା ବିଭାଗରେ ଖର୍ଚ୍ଚଦାବିକୁ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚଦାବିକୁ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଗତକରି ଗୃହର ଅନୁମୋଦନ ଲୋଡ଼ିଥିଲେ। ଏହି ୨ ବିଭାଗ ଉପରେ ବିଜେଡି ଓ ଶାସକ ଦଳର ସଭ୍ୟମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ବାଚନିକ ମତଦାନରେ ଉଭୟ ବିଭାଗର ଖର୍ଚ୍ଚଦାବି ଗୃହୀତ ହୋଇଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ତୃତୀୟ ରାଉଣ୍ଡରେ ଜୋକୋଭିଚ୍, ସାବାଲେଙ୍କା

**ନ୍ୟୁୟର୍କ,୨୯।୮(ପି.ଟି.)**

ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍, ଆରିନା ସାବାଲେଙ୍କା ଓ କୋକୋ ଗଫ୍। ପୁରୁଷ ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ନୋଭାକ୍ ଜୋକୋଭିଚ୍ ନିଜ ଦେଶର ଲାସଲୋ ଜେରଙ୍କୁ ପରାସ୍ତ କରିଥିଲେ। ଆର୍ଥର ଆଶେ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଜୋକୋଭିଚ୍ ୬-୪, ୬-୪ ଓ ୨-୦ରେ

## ୟୁଏସ୍ ଓପନ

ଆଗୁଆ ରହିଥିବା ବେଳେ ଲାସଲୋ ଆହତ କାରଣରୁ ଓହରି ଯାଇଥିଲେ। ଅନ୍ୟ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ଗୁଡିକ ମଧ୍ୟରେ ଆମେରିକାର ଟେଲର ଫ୍ରିଜ୍ ୬-୪, ୭-୬(୭/୧) ଓ ୬-୧ ସେଟରେ ଇଟାଲୀର ମାଟେଓ ବେରେଟିନିଙ୍କୁ, କାସ୍ପର ରୁଡ୍ ୬-୪, ୬-୨, ୨-୬ ଓ ୭-୬(୭/୩)ରେ ଗେଲ୍ ମନଫିଲ୍ସଙ୍କୁ, ଲରେଞ୍ଜୋ ମୁସେଟି ୩-୬, ୬-୪, ୬-୪, ୨-୬ ଓ ୭-୫ ସେଟରେ ମିଓମିର କେକମାନୋଭିକଙ୍କୁ, ବେନ୍ ଶେଲଟନ୍ ୬-୩, ୬-୪ ଓ ୬-୪ ସେଟରେ ରବର୍ଟୋ ବାଟିଷ୍ଟା ଆଗୁଟଙ୍କୁ, ଆଲେକ୍ସି ପପେରିନ୍ ୬-୨, ୬-୪ ଓ ୬-୦ରେ ପେଡ୍ରୋ ମାର୍ଟିନେଜଙ୍କୁ, ସାଙ୍ଗ ଜୁନଚେଙ୍ଗ ୬-୨, ୬-୩ ଓ ୭-୬(୭/୨) ସେଟରେ ରବର୍ଟୋ କାର୍ବାଲେସ ବାଏନାଙ୍କୁ, ଫ୍ରାନ୍ସିସ୍କୋ କମସାନା ୫-୭, ୬-୪, ୬-୪ ଓ ୬-୪ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ସେହିପରି ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ବେଲାରୁଷର ଆରିନା ସାବାଲେଙ୍କା ସହଜ ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୬-୩, ୬-୧ ସେଟରେ ଇଟାଲୀର ଲୁସିଆ ବ୍ରୋଞ୍ଜେଟିଙ୍କୁ ପରାସ୍ତ କରିଥିଲେ ସାବାଲେଙ୍କା। ୧୬ ବର୍ଷ ବୟସରେ ବିଜୟୀ ହୋଇ ସର୍ବକନିଷ୍ଠ ଖେଳାଳି ଭାବରେ ରେକର୍ଡ କରିଥିବା ଇଭା ଜୋଭିକଙ୍କ ଅଭିଯାନ ଶେଷ ହୋଇଛି। ଏକାଟେରିନା ଆଲେକଜାଣ୍ଡ୍ରୋଭାଙ୍କ ନିକଟରୁ ଇଭା ୪-୬, ୬-୪ ଓ ୭-୫ ସେଟରେ ପରାଜିତ ହୋଇଥିଲେ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ମାର୍ଟା କୋଷ୍ଟ୍ୟୁକ ୭-୬(୧୨-୧୦) ଓ ୬-୧ସେଟରେ ବ୍ରିଟେନର ହାରିୟର ଡାର୍ଟଙ୍କୁ, ୧୩ ନମ୍ବର ସିଡ୍ ଏମ୍ମା ନାଭାରୋ ୬-୧, ୬-୧ ସେଟରେ ଆରନକ୍ୱାଟା ରସଙ୍କୁ, ଡୋନ୍ନା ଭେକିକ ୭-୫ ଓ ୬-୧ ସେଟରେ ଗ୍ରିଟ ମିନ୍ନେନଙ୍କୁ, ଭିକ୍ଟୋରିଆ ଆଜାରେଙ୍କା ୬-୧, ୬-୪ ସେଟରେ କ୍ଲାରା ବୁରେଲଙ୍କୁ, କୋକୋ ଗଫ୍ ୬-୪, ୬-୦ ସେଟରେ ଟାଟଜାନା ମାରିଆଙ୍କୁ, ଏଲିନା ସ୍ୱେତଲିନା ୬-୧ ଓ ୬-୨ ସେଟରେ ଆନ୍ହେଲିନା କାଲିନିନାଙ୍କୁ ପରାସ୍ତ କରିଛନ୍ତି। ଆମେରିକାର ଅଣସିଡେଡ ମହିଳା ଖେଳାଳି ପେଟନ୍ ଷ୍ଟର୍ନସ ୬-୧, ୭-୬(୭/୩) ସେଟରେ ୧୨ ନମ୍ବର ସିଡ୍ ଦାରିଆ କାସାଟକିନାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ଶଟ୍ ଖେଳୁଛନ୍ତି ନୋଭାକ ଜୋକୋଭିଚ୍ ଓ ପେଟନ୍ ଷ୍ଟର୍ନସ।

### ବାଲାଜୀ, ଭାମ୍ବ୍ରି ଦ୍ୱିତୀୟ ରାଉଣ୍ଡରେ

ୟୁଏସ୍ ଓପନ ଟେନିସ୍ ଗ୍ରାଣ୍ଡସ୍ଲାମର ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଭାରତର ୟୁକି ଭାମ୍ବ୍ରି ଓ ଏନ୍. ଶ୍ରୀରାମ ବାଲାଜୀ। ଉଭୟ ଖେଳାଳି ନିଜ ନିଜ ପାର୍ଟନରଙ୍କ ସହ ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିଛନ୍ତି। ଆର୍ଜେଣ୍ଟିନାର ଗୁଇଡୋ ଆଣ୍ଡେରୋଜିଙ୍କୁ ସାଥୀ କରି ଖେଳୁଥିବା ବାଲାଜୀ ୫-୭, ୬-୧ ଓ ୭-୬(୧୨-୬) ସେଟରେ ନ୍ୟୁଜିଲାଣ୍ଡର ମାର୍କସ୍ ଡାନିଏଲ ଓ ମେକ୍ସିକୋର ମିଗୁଏଲ ରେଇସ୍ ଭାରେଲାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ଟି ୨ ଘଣ୍ଟା ୩୬ ମିନିଟ ଧରି ଚାଲିଥିଲା। ଅପରପକ୍ଷରେ ଫ୍ରାନ୍ସର ଆଲବାନୋ ଅଲିଭେଟିଙ୍କୁ ସାଥୀ କରି ଖେଳୁଥିବା ୟୁକି ଭାମ୍ବ୍ରି ସ୍ଥାନୀୟ ଖେଳାଳି ର୍‌ୟାନ ସେଗରମନ ଓ ପ୍ୟାଟ୍ରିକ୍ ଥ୍ରାକ୍‌ଙ୍କୁ ୬-୩ ଓ ୬-୪ର ସିଧାସଳଖ ସେଟରେ ପରାସ୍ତ କରିଥିଲେ।

## କ୍ରୀଡ଼ା ଦିବସରେ ଫିଫା ମହିଳା ଫୁଟ୍‌ବଲ ଅଭିଯାନ


ବାରବାଟୀ ଷ୍ଟାଡିୟମରେ ଫାଓ ପକ୍ଷରୁ ଅନୁଷ୍ଠିତ ଫିଫା ମହିଳା ଫୁଟ୍‌ବଲ ଅଭିଯାନ କାର୍ଯ୍ୟକ୍ରମ।

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଫାଓ ପକ୍ଷରୁ କଟକର ବାରବାଟୀ ଷ୍ଟାଡିୟମରେ ଫିଫା ମହିଳା ଫୁଟବଲ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଶିଶୁମାନଙ୍କ ପାଇଁ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ପକ୍ଷରୁ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ। ତୃଣମୂଳ ସ୍ତରରେ ଫୁଟବଲ ଏବଂ ଯୁବ ଖେଳାଳିଙ୍କୁ ପ୍ରମୋଟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କଟକର ୧୨୦ ଜଣ ୧୧ ବର୍ଷରୁ କମ୍ ବାଳିକା ଏଥିରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫୁଟବଲର ମୌଳିକତା ଶିକ୍ଷା ଦିଆଯିବା ସହ କେତେକ ମଜାଳିଆ ଖେଳ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲର ତଥା ଓଡ଼ିଶାର ଫୁଟବଲ ଆମ୍ବାସାଡର ରାଜେନ୍ଦ୍ର ପ୍ରସାଦ ସିଂ, ପୂର୍ବତନ ଅନ୍ତର୍ଜାତୀୟ ମହିଳା ଫୁଟବଲର ଗୀତାଞ୍ଜଳି ଖୁଣ୍ଟିଆ, ଜୁଲି କିଶାନ, ଫାଓର ବୈଷୟିକ ନିର୍ଦ୍ଦେଶକ ଅକ୍ଷୟ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## କିଟ୍-କିସ୍ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ



ପର୍ବତାରୋହୀ ବିଭାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

କିଟ୍ ଓ କିସ୍ ପରିସରରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। "ଜାତୀୟ କ୍ରୀଡ଼ା ଦିବସ ଅବସରରେ ପ୍ରତ୍ୟେକ ଖେଳ ଓ ଖେଳାଳିଙ୍କୁ ସମ୍ମାନ ଦିଆଯାଇଥାଏ। କିଟ୍ ଓ କିସ୍ ଦୀର୍ଘ ୩ ଦଶନ୍ଧି ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ଦିଗରେ କାର୍ଯ୍ୟ କରିଆସୁଛି। ୨୦୨୮ ଅଲିମ୍ପିକ୍ସରେ କିଟ୍ ଓ କିସ୍‌ରୁ ଅଧିକ ଖେଳାଳି ଯେଭଳି ବାହାରି ପାରିବେ ସେ ନେଇ ଅଚ୍ୟୁତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଭଲ ପ୍ରଦର୍ଶନ କରୁଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ ଅନ୍ତର୍ଜାତୀୟ ମାନର ସୁବିଧା ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ଓ କିସ୍ କ୍ରୀଡ଼ା ଉପଦେଷ୍ଟା ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପର୍ବତାରୋହୀ ବିଭାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧନା ସହ ୫୦ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଶେଷରେ କିଟ୍ କ୍ରୀଡ଼ା ମୁଖପତ୍ର ଉନ୍ମୋଚିତ ହୋଇଥିଲା। ସେହିପରି କିସ୍‌ରେ ମଧ୍ୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାଟାଲିଟିକ୍ ଇନୋଭେଟର୍ସ ଗ୍ରୁପ୍‌ର ମୁଖ୍ୟ ତଥା ପ୍ରତିଷ୍ଠାତା ଅଖତାର ବାଦଶାହ କ୍ରୀଡ଼ା କ୍ଷେତ୍ରରେ କିସ୍‌ର ଯୋଗଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଅଖତାରଙ୍କ ସହ ଅଲକା ଗୁପ୍ତା ବାଦଶାହ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଜେଏମ ସ୍ପୋର୍ଟ୍ସ ଏକାଡେମୀରେ ଜାତୀୟ କ୍ରୀଡ଼ା ଦିବସ

**ଭୁବନେଶ୍ୱର, ୨୯।୮ (ତପନସ୍ୱାଇଁ):** ଜେଏମ ସ୍ପୋର୍ଟ୍ସ ଏକାଡେମୀରେ ଏକ ନିଆରା ଢଙ୍ଗରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଛି। ଛୋଟ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ଉତ୍ସାହିତ କରାଯାଇଥିଲା। ପିଲାମାନେ ମେଜର ଧ୍ୟାନଚାନ୍ଦଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଧ୍ୟାନଚାନ୍ଦଙ୍କ ଜୀବନ କାହାଣୀ ଓ ଖେଳପ୍ରତି ତାଙ୍କର ଅବଦାନ ବିଷୟରେ ଆଲୋକପାତ କରାଯାଇଥିଲା। ଏକାଡେମୀର ଅଧ୍ୟକ୍ଷା ମିରାରାଣୀ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଯଶୋବନ୍ତ ଦାସ ଓ ଆଇନ ପରାମର୍ଶ ଦାତା ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅନେକ ଅଭିଭାବକ ଓ ଏକାଡେମୀ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଦିବସର ସ୍ଲୋଗାନ ଥିଲା "ଖେଲେଗା ଇଣ୍ଡିଆ ତୋ ଖିଲେଗା ଇଣ୍ଡିଆ"।

## ୫ ସିନିୟର ଜର୍ନାଲିଷ୍ଟ ସମ୍ମାନିତ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ସମ୍ମାନିତ ଜର୍ନାଲିଷ୍ଟ ଓ ସମ୍ବର୍ଦ୍ଧିତ କ୍ରୀଡ଼ାବିତ୍। (ଫଟୋ: ମନୋରଞ୍ଜନ ମିଶ୍ର)

**ଭୁବନେଶ୍ୱର, ୨୯।୮ (ବିଜୟ ରଣା)**

### ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ୪୪ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିବର୍ଷ ଭଳି ୫ ସିନିୟର ଜର୍ନାଲିଷ୍ଟଙ୍କୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ଗ୍ରୁପ ଏଡିଟର ଗୋପାଳ କୃଷ୍ଣ ମହାପାତ୍ର, ଏଡିଟର ସୁଧୀର କୁମାର ପଣ୍ଡା, ଖବରଦାତା କମଳାକାନ୍ତ ନାୟକ ଓ ଶକ୍ତିପ୍ରସାଦ ନନ୍ଦ ଏବଂ ଫଟୋ ଜର୍ନାଲିଷ୍ଟ ମନୋଜ କୁମାର ସ୍ୱାଇଁ। ଏହି ଅବସରରେ ଚଳିତବର୍ଷ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ସ୍କୁଲର ଛାତ୍ରୀଛାତ୍ର ଯଥା ଭାଲେନା ଭାଲେଣ୍ଟିନା, ଅନୁପମା ସ୍ୱାଇଁ, ଲୋମା ସ୍ୱାଇଁ, ସୁମନ ଶେଖର ଦାସ, ଅଂଶୁମାନ ଆଚାର୍ଯ୍ୟ, ଶୁଭମ ମହାନ୍ତି ଓ ଶୁଭକାନ୍ତ ବିଶ୍ୱାଳଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅତିଥିଭାବେ ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ଆକାଶ ଦାସ, ବିଧାୟକ ବାବୁ ସିଂ ଏବଂ ରାଜନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୀୟୂଷ ମହାନ୍ତି, ଜୟଦେବ ପଟ୍ଟନାୟକ, ଖାରବେଳ ମଲିକ. ଇ. ଚିତ୍ତରଞ୍ଜନ ସ୍ୱାଇଁ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ଗୌରୀ ମହାନ୍ତି, ଅବିନାଶ ପୁହିର, ସନ୍ଦୀପ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସୁରତରଙ୍ଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


# Classified Everyday
0674-2580101, 2549949


REAL ESTATE

SALE

(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/-sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452. D-75774

Gharabari boundary plot Nakhara East Engineering College backside, close to SNH- 8018471169. D-75985

1 BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048. D-1173

Ready to move 4BHK duplex Bunglow Botanda Sundarapada, Bhubaneswar, Sai Villa, Ranging- 1.10Cr. Contact- 9861125539, 9040521173. D-76021

Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838. D-75988

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ Sum Hospital-2 ନିକଟସ୍ଥ GrandBazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି SC/Gen plot କିଣନ୍ତୁ। 9658562429. D-75989

Plot for sale at Puri Konark Marine Drive (850/- per Sqft). Contact: 6371703010. D-1167

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9853035888, 9437054765. D-1174




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

Newly open health benefits SPA by expert therapist. Contact- 9090400507. D-76148

AFFIDAVIT

ମୁଁ କାଳନ୍ଦି ନାୟକ ଓରଫ ପ୍ରଶାନ୍ତ ନାୟକ, ପିତା- ଧଡ୍ଡୁ ନାୟକ ଓରଫ ପ୍ରଭାକର ନାୟକ ଘୋଷଣା କରୁଅଛି ଯେ Affidavit No.- 1025, ତାରିଖ 29.08.2024 ପ୍ରକାରେ ଏଲ୍ଆଇସି ସମେତ ସମସ୍ତ ସରକାରୀ ଓ ବେସରକାରୀ ଦସ୍ତାବିଜରେ ମୋର ନାମ କାଳନ୍ଦି ନାୟକ, ପିତା- ଧଡ୍ଡୁ ନାୟକ, ସା- ମାନଗୋବିନ୍ଦପୁର, ଗୁଡୁମ, ଖୋରଧା ରୂପେ ବିବେଚିତ ହେବି। ଧ-୭୩୫୫୭

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧୋତ୍ସବ



୰ଦିବାକର ପ୍ରଧାନ
ଉଇଲକିଶନ ନଗର (ସାହେବ ନୂଆଗାଁ), ଖୋର୍ଦ୍ଧା
ଆବିର୍ଭାବ- ୦୫।୦୫।୧୯୪୯
ତିରୋଧାନ- ୧୧।୦୯।୨୦୨୩

ଚାହୁଁ ଚାହୁଁ ବର୍ଷେ ବିତିଗଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏମିତି ଆମ ଉପରେ ରହିଥାଉ।

ଶୋକସନ୍ତପ୍ତ- ସ୍ତ୍ରୀ: ଇନ୍ଦୁମତି, ପୁଅ: ଚିତ୍ତରଞ୍ଜନ, ରଶ୍ମିରଞ୍ଜନ, ଝିଅ: ନମିତା, ସଞ୍ଜୁକ୍ତା, ଜ୍ୱାଇଁ: ଜିତେନ୍ଦ୍ର, ରବୀନ୍ଦ୍ର, ପୁତ୍ରବଧୂ: ସନ୍ଧ୍ୟା, ରଶ୍ମିତା, ନାତି ଓ ନାତୁଣୀ: ଗୁଡୁ, ଶୁଭମ, ଡୁଡୁଲ, ସାଇ, ଗୁଡ଼ି, ଖୁସି, ନିଶି, ଆଦ୍ୟାଶା।
ଧ-୭୩୫୫୬

ତୋର ସ୍ମୃତିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସନ୍ଦିପ ମହାନ୍ତି (ଟୁନଟୁନ)
(ଭୁବନେଶ୍ୱର)
ଆବିର୍ଭାବ : ୨୭/୧୧/୧୯୮୫ | ତିରୋଧାନ : ୩୦/୦୮/୨୦୦୭

୧୭ବର୍ଷ ବିତିଗଲାଣି କିନ୍ତୁ ଆମର ବିଶ୍ୱାସ ହେଉନାହିଁ ଯେ ତୁ କଲେଜ ଯାଇ ଆଉ ଘରକୁ ଫେରିଲୁ ନାହିଁ। ଆମ ସମସ୍ତଙ୍କୁ ଛାଡ଼ି ସବୁଦିନ ପାଇଁ ଆର ଦୁନିଆଁକୁ ଚାଲିଗଲୁ। ପ୍ରତି ମୂହୁର୍ତ୍ତରେ ତୋର ଅନୁପସ୍ଥିତି ଆମେ ଅନୁଭବ କରୁଛୁ। ତୋର ଶୂନ୍ୟସ୍ଥାନ କେବେ ବି ପୂରଣ ହେବନାହିଁ। ତୁ ଆମ ସମସ୍ତଙ୍କ ଅଭୁଲା ସ୍ମୃତି ହୋଇ ହୃଦୟରେ ରହିଛୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ତୋର ଶୋକସନ୍ତପ୍ତ : ବାବା, ମା, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡି, ଦେଈ, ଭାଇ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୫୫୬୨


## ପାକିସ୍ତାନର ୩ ହକି ଖେଳାଳି ଆଜୀବନ ବାସନ୍ଦ

**ଲାହୋର, ୨୯।୮ (ପି.ଟି.):** ପାକିସ୍ତାନ ହକି ମହାସଂଘ (ପିଏଚ୍ଏଫ୍)ର ଅଗୋଚରରେ ପାକିସ୍ତାନର ୩ ହକି ଖେଳାଳି ଏବଂ ଜଣେ ଫିଜିଓ ଥେରାପିଷ୍ଟ ଏକ ୟୁରୋପୀୟ ରାଷ୍ଟ୍ରରେ ରାଜନୈତିକ ଶରଣ ନେବା ଲାଗି ଉଦ୍ୟମ କରୁଥିବା ଜଣାପଡ଼ିବା ପରେ ସେମାନଙ୍କୁ ଆଜୀବନ ବାସନ୍ଦ କରାଯାଇଛି। ପିଏଚ୍ଏଫ୍ ସେକ୍ରେଟାରୀ ଜେନେରାଲ ରାଣା ମୁଜାହିଦ କହିଛନ୍ତି, ଏହି ୩ ଖେଳାଳି ହେଲେ ହେଲେ ମୁର୍ତ୍ତାଜା ୟାକୁବ ଇହେତଶାମ୍ ଅସଲାମ ଏବଂ ଅବଦୁର ରହମାନ ଏବଂ ଫିଜିଓଥେରାପିଷ୍ଟ ୱାକାସ ନେଶନ୍ସ କପ୍ ଖେଳିବା ଲାଗି ସେମାନେ ଗତ ମାସରେ ନେଦରଲାଣ୍ଡ ଓ ପୋଲାଣ୍ଡ ଗସ୍ତ କରିଥିଲେ। ଦଳ ସହିତ ସେମାନେ ସ୍ୱଦେଶ ଫେରିବା ପରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଲାଗି ସେମାନଙ୍କୁ ଯେତେବେଳେ ଟ୍ରେନିଂ କ୍ୟାମ୍ପକୁ ଡକାଗଲା ଘରୋଇ କାରଣ ଦର୍ଶାଇ ସେମାନେ କ୍ୟାମ୍ପରେ ଯୋଗ ଦେଇ ନ ଥିଲେ। ପରେ ଆମେ ଜାଣିବାକୁ ପାଇଥିଲୁ ଯେ, ସେମାନେ ଦଳ ପାଇଁ ଇସୁ କରାଯାଇଥିବା ସମାନ ଶେନ୍‌ଜେନ୍ ଭିଜା ସହାୟତାରେ ପୁନର୍ବାର ନେଦରଲାଣ୍ଡ ପଳାଇଛନ୍ତି ଏବଂ ସେଠାରେ ରାଜନୈତିକ ଶରଣ ଭିକ୍ଷା କରିଛନ୍ତି। ଏହା ପାକିସ୍ତାନ ହକି ପାଇଁ ଅତ୍ୟନ୍ତ ଖରାପ ଅଧ୍ୟାୟ। ଭବିଷ୍ୟତରେ ୟୁରୋପୀୟ ଦେଶଗୁଡ଼ିକରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଭିଜା ପାଇଁ ଆବେଦନ ବେଳେ ଆମ ଲାଗି ସମସ୍ୟା ସୃଷ୍ଟି ହୋଇପାରେ। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଏ ବିଷୟରେ ଆମେ ଇତିମଧ୍ୟରେ ଆଭ୍ୟନ୍ତରୀଣ ଏବଂ ବୈଦେଶିକ ମନ୍ତ୍ରଣାଳୟକୁ କହିଛୁ।

# ଓଡ଼ିଶାର ଆଶା

ଅଲିମ୍ପିକ୍ସ ପରି ବିଶ୍ୱର କ୍ରୀଡ଼ା ମହାମଞ୍ଚରେ ଓଡ଼ିଶାର ପ୍ରତିନିଧିତ୍ୱ କ୍ରମେ କମିବାରେ ଲାଗିଛି। ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ଓଡ଼ିଶାରୁ ମାତ୍ର ୨ ଆଥ୍‌ଲେଟ୍ କିଶୋର କୁମାର ଜେନା ଓ ଅମିତ ରୋହିଦାସ ପ୍ରତିନିଧିତ୍ୱ କରିଥିବାବେଳେ ପାରାଲିମ୍ପିକ୍ସରେ ତାହା ଶୂନ ହୋଇଯାଇଛି। ଏପରିସ୍ଥଳେ କେତେକ ପ୍ରତିଭାସମ୍ପନ୍ନ ଆଥ୍‌ଲେଟ୍ ନିକଟ ଅତୀତରେ ଚମକପ୍ରଦ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଆଶା ସୃଷ୍ଟି କରିଛନ୍ତି... –ପ୍ରସ୍ତୁତି ତପନ ସ୍ୱାଇଁ


ମନତା
ତନଭି
ଦେବାଶିଷ
ସାତ୍ତ୍ୱିକ
ଆଲିସା

ଅଲିମ୍ପିକ୍ସ ପରି ବିଶ୍ୱର କ୍ରୀଡ଼ା ମହାମଞ୍ଚରେ ଓଡ଼ିଶାର ପ୍ରତିନିଧିତ୍ୱ କ୍ରମେ କମିବାରେ ଲାଗିଛି। ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ଓଡ଼ିଶାରୁ ମାତ୍ର ୨ ଆଥ୍‌ଲେଟ କିଶୋର କୁମାର ଜେନା ଓ ଅମିତ ରୋହିଦାସ ପ୍ରତିନିଧିତ୍ୱ କରିବାର ଯୋଗ୍ୟତା ପାଇଥିଲେ। ପାରାଲିମ୍ପିକ୍ସରେ କିନ୍ତୁ ଓଡ଼ିଶାର ପ୍ରତିନିଧିତ୍ୱ ଶୂନ ହୋଇଯାଇଛି। ଅର୍ଥାତ୍ କେହି ଜଣେ ହେଲେ ପାରା ଆଥ୍‌ଲେଟ୍ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟ ବିବେଚିତ ହୋଇନାହାନ୍ତି। ଗତ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରମୋଦ ଭଗତ ଏଥର ଡୋପିଂର ହ୍ୱେୟାର ଏବାଉଟ୍ କ୍ଲଜ୍ ଉଲ୍ଲଂଘନ କରିଥିବାରୁ ୧୮ମାସ ନିଲମ୍ବନ ହୋଇଛନ୍ତି। ଫଳରେ ସେ ଟାଇଟଲ ଡିଫେଣ୍ଡ କରିବାରୁ ବଞ୍ଚିତ ହୋଇଛନ୍ତି। ବୈଷୟିକ ତ୍ରୁଟି ଯୋଗୁ ଏପରି ହୋଇଥିବା ପ୍ରମୋଦ ପରେ ସ୍ପଷ୍ଟ କରିଛନ୍ତି। ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମି ବଢ଼ୁଛି, ହାଇପରଫର୍ମାନ୍ସ ସେଣ୍ଟରରେ ପିଲାମାନେ ଉଚ୍ଚସ୍ତରର ଟ୍ରେନିଂ ମଧ୍ୟ ପାଉଛନ୍ତି। ଜୁନିୟର ସ୍ତରରେ ଓଡ଼ିଶା ଆଥ୍‌ଲେଟ୍‌ମାନେ ଯଦିଓ ପ୍ରଦର୍ଶନର ଛାପ ଛାଡୁଛନ୍ତି ତେବେ ସିନିୟର ସ୍ତରରେ କ୍ରୀଡ଼ାର ବଡ଼ ମଞ୍ଚ ଗୁଡ଼ିକ ପାଇଁ ଯୋଗ୍ୟ ବିବେଚିତ ହୋଇ ନ ପାରିବା ଚିନ୍ତାର କାରଣ ହୋଇଛି। ଏପରିସ୍ଥଳେ କେତେକ ପ୍ରତିଭାସମ୍ପନ୍ନ ଆଥଲେଟ୍ ନିକଟ ଅତୀତରେ ଚମକପ୍ରଦ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଆଶା ସୃଷ୍ଟି କରିଛନ୍ତି। ସେମାନଙ୍କ ମଧ୍ୟରେ ସୁଇମିଂରେ ମନ୍ନତା ମିଶ୍ର, ଚେସ୍‌ରେ ସାତ୍ତ୍ୱିକ ସ୍ୱାଇଁ, ବ୍ୟାଡ୍‌ମିଣ୍ଟନରେ ତନଭି ପତ୍ରି, କରାଟେରେ ଅଲିସା ସୁବୁଦ୍ଧି, ଟେନିସ ପ୍ରତିଭା ଦେବାଶିଷ ସାହୁ ପ୍ରମୁଖ ଅନ୍ୟତମ...

### ମନ୍ନତା ମିଶ୍ର

ଓଡ଼ିଶାର ସନ୍ତରଣ ପ୍ରତିଭା ମନ୍ନତା ମିଶ୍ର କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟରରେ ଅନୁଷ୍ଠିତ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ସେ ଗ୍ରୁପ୍-୧ ବାଳିକା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ଏହି ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ଏହାଥିଲା ମନ୍ନତାଙ୍କର ଦ୍ୱିତୀୟ ପଦକ। ପୂର୍ବରୁ ସେ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଅଲିମ୍ପିଆନ ସନ୍ଦୀପ ସେଜୱାଲଙ୍କ ତତ୍ତ୍ୱାବଧାନରେ ଓଡ଼ିଶା-ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟରରେ ମନ୍ନତା ସମ୍ପ୍ରତି ଟ୍ରେନିଂ ନେଉଛନ୍ତି। ଜାତୀୟ ସ୍ତରରେ ଓଡ଼ିଶାର ସର୍ବପ୍ରଥମ ପଦକ ହାସଲକାରୀର ମାନ୍ୟତା ପାଉଛନ୍ତି ସମ୍ବଲପୁରର ରଙ୍କନିଧି ସେଠ୍। ୧୯୯୦ରେ ସେ ସବ୍‌ଜୁନିୟର ଗ୍ରୁପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ପ୍ରତ୍ୟାଶା ରାୟ ଓଡ଼ିଶାର ପ୍ରଥମ ସୁଇମରଭାବେ ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ରେକର୍ଡ ରଖିଛନ୍ତି। ୨୦୧୬ରେ ବାଙ୍ଗାଲୋରରେ ଅନୁଷ୍ଠିତ ଜାତୀୟ ଜୁନିୟର ଚାମ୍ପିୟନଶିପ୍‌ର ବାଳିକା ଗ୍ରୁପ୍-୨ ବର୍ଗରେ ସେ ୩ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ।

### ସାତ୍ତ୍ୱିକ ସ୍ୱାଇଁ

ଗତ ଜୁଲାଇରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ବିଶ୍ୱକପରେ ବ୍ରୋଞ୍ଜ ପଦକ ଜିତି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି ରାଜ୍ୟର ଉଦୀୟମାନ ଚେସ୍ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁ। ୮ ବର୍ଷରୁ କମ୍ ଓପନ ବର୍ଗରେ ସେ ଏହି ସଫଳତା ପାଇଛନ୍ତି। ପ୍ରତିଯୋଗିତାର ଅନ୍ତିମ ମ୍ୟାଚରେ ସାତ୍ତ୍ୱିକ ଆଜରବୈଜାନର ଖୁଦୁଜାଦେ ଆଜାଦଙ୍କୁ ପରାସ୍ତ କରିଥିଲେ। ଭୁବନେଶ୍ୱରର ସାତ୍ତ୍ୱିକ ପ୍ରଥମ ଗେମ୍‌ରେ ଆଜାଦଙ୍କୁ ପରାସ୍ତ କରିଥିବାବେଳେ ଦୁହିଁଙ୍କ ମଧ୍ୟରେ ଦ୍ୱିତୀୟ ଗେମ୍ ଡ୍ର ରହିଥିଲା। ଗ୍ରୁପ୍-ଏ'ରେ ଦ୍ୱିତୀୟ ସ୍ଥାନରେ ରହି ଓଡ଼ିଶାର ଏହି ଚେସ୍ ପ୍ରତିଭା ଫାଇନାଲ ଷ୍ଟେଜ୍‌କୁ ଉନ୍ନୀତ ହୋଇଥିଲେ। ସେ ୬ଟି ଗେମ୍ ଜିତିବା ସହ ଗୋଟିଏ ଡ୍ର ରଖି ୬.୫ ପଏଣ୍ଟ ପାଇଥିଲେ। ସାତ୍ତ୍ୱିକଙ୍କର ଏହାଥିଲା ପ୍ରଥମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ଆଉ ପ୍ରଥମ ଉଦ୍ୟମରେ ହିଁ ସଫଳତା ହାସଲ କରି ବହୁ ଆଗକୁ ବଢ଼ିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ଡିଏଭି ଚନ୍ଦ୍ରଶେଖରପୁରରେ ଅଧ୍ୟୟନ କରୁଥିବା ସାତ୍ତ୍ୱିକ କିଙ୍ଗ୍ସ ଚେସ ସେଣ୍ଟରରେ ବିଶ୍ୱଜିତ ରାୟ ଓ ସୋନମ ସରିତା ମହାନ୍ତିଙ୍କଠାରୁ କୋଚିଂ ନେଇ ଆଗକୁ ବଢ଼ିଛନ୍ତି।

### ତନଭି ପତ୍ରି

ଚାଇନାରେ ଖେଳ ଜୀବନ ଆରମ୍ଭ କରିଥିବା ଓଡ଼ିଶାର ବ୍ୟାଡ୍‌ମିଣ୍ଟନ ପ୍ରତିଭା ତନଭି ପତ୍ରୀ ନିକଟରେ ଏକ ବିରଳ ସଫଳତା ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଚାଇନାର ଚେଙ୍ଗ୍‌ଡୁଠାରେ ଅନୁଷ୍ଠିତ ୧୫ ବର୍ଷରୁ କମ୍ ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନର ଭବିଷ୍ୟତ ଭାବେ ବିବେଚିତ ହେଉଥିବା ୧୩ ବର୍ଷୀୟା ତନଭି ଫାଇନାଲରେ ଭିଏତ୍‌ନାମର ଥି ଥୁ ହୁୟେନ ଏନ୍‌ଗୁୟେନଙ୍କୁ ୨୨-୨୦, ୨୧-୧୧ରେ ପରାସ୍ତ କରିଛନ୍ତି। ଓଡ଼ିଶାର ପ୍ରଥମ ଏବଂ ଭାରତୀୟ ତୃତୀୟ ଖେଳାଳିଭାବେ ସେ ୧୫ ବର୍ଷରୁ କମ୍ ବର୍ଗରେ ଜୁନିୟର ଏସିଆ ମହିଳା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ହୋଇଛନ୍ତି। ୨୦୧୭ରେ ସାମିୟା ଇମାନ ଫାରୁକି ଓ ୨୦୧୯ରେ ତସନିମ ମୀର ପୂର୍ବରୁ ଏହି ସଫଳତା ପାଇଛନ୍ତି। ତନଭିଙ୍କ ଘର ହେଉଛି ବାଲେଶ୍ୱର ଜିଲା ମାର୍କୋଣାର ନୟାପଲ୍ଲୀରେ। ମା' ଶୈଳବାଳା ପଣ୍ଡା ଓ ବାପା ରବିନାରାୟଣ ପତ୍ରି ସଫ୍ଟୱେର ପ୍ରଫେଶନାଲ ଭାବେ ଚାଇନାରେ କାର୍ଯ୍ୟରତ ଥିବାରୁ ତାଙ୍କ ପିଲାଦିନ ସେଠାରେ କଟିଥିଲା। କୋଭିଡ୍-୧୯ ମହାମାରୀ ଯୋଗୁ ୨୦୨୦ରେ ସେମାନେ ଭାରତ ଆସିଥିଲେ। ଦେଶକୁ ଫେରିବାପରେ ତନଭି ବେଙ୍ଗାଲୁରୁସ୍ଥିତ ପ୍ରକାଶ ପାଦୁକୋନ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଚାଇନାରେ ସେ ଜିଆଙ୍ଗ ୟଙ୍ଗ୍ ୟି'ଙ୍କଠାରୁ ଟ୍ରେନିଂ ନେଉଥିଲେ। ଓଡ଼ିଶା ଆସିବାପରେ କୋଭିଡ୍ ପାଇଁ କିଛି ବର୍ଷର ବ୍ରେକ୍ ପରେ ୨୦୨୧ରୁ ସେ ରାଜ୍ୟ ଏବଂ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରି ସଫଳତାର ଶିଢ଼ି ଚଢ଼ିବାରେ ଲାଗିଛନ୍ତି।

### ଆଲିସା ସୁବୁଦ୍ଧି

ଓଡ଼ିଶାର କରାଟେ ପ୍ରତିଭା ଆଲିସା ସୁବୁଦ୍ଧି ନିକଟରେ ଏକ ବିରଳ ସଫଳତା ହାସଲ କରିଛନ୍ତି। ଫିଲିପାଇନ୍ସର ମାନିଲାରେ ଅନୁଷ୍ଠିତ ଏସିଆନ କ୍ୟାଡେଟ, ଜୁନିୟର ଓ ୨୧ ବର୍ଷରୁ କମ୍ କରାଟେ ଚାମ୍ପିୟନଶିପ୍‌ରେ ସେ ଭାରତ ପକ୍ଷରୁ ସର୍ବପ୍ରଥମ ପଦକ ଜିତି ଇତିହାସ ରଚିଛନ୍ତି। ୧୪ ବର୍ଷିୟ ଭୁବନେଶ୍ୱରର ଆଲିସା ଉକ୍ତ ପ୍ରତିଯୋଗିତାରେ ୧୭ଟି ଦେଶର ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ଏହା ମଧ୍ୟରେ ମାଲେସିଆ, ସୌଦୀ ଆରବ ଓ ଇରାନ ପରି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ସାମିଲ। ଚଳିତବର୍ଷ ଏହାଥିଲା ତାଙ୍କ ପାଇଁ ଦ୍ୱିତୀୟ ଅନ୍ତର୍ଜାତୀୟ ପଦକ। ଏହା ପୂର୍ବରୁ ସେ ଗତମାସରେ ଭୁଟାନର ଥିମ୍ପୁଠାରେ ଅନୁଷ୍ଠିତ ସାଉଥ୍ ଏସିଆନ କରାଟେ ଚାମ୍ପିୟନଶିପ୍‌ର କ୍ୟାଡେଟ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆଲିସାଙ୍କ କୋଚ୍ ହେଉଛନ୍ତି ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ କରାଟେକା ଭାଲେନା ଭାଲେଣ୍ଟିନା। ଶିଶୁପାଳଗଡ଼ର ପ୍ରସନ୍ନ କୁମାର ସୁବୁଦ୍ଧିଙ୍କ ଝିଅ ଆଲିସା ସମ୍ପ୍ରତି ବିଜେଇଏମ୍ ସ୍କୁଲ-୨ରେ ୯ମ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ। ଜାତୀୟ ସ୍ତରରେ ମଧ୍ୟ ସେ ଅନେକ ସଫଳତା ପାଇଛନ୍ତି।

### ଦେବାଶିଷ ସାହୁ

ଜୁନିୟର ଡେଭିସ କପ୍‌ରେ ଖେଳି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଥିବା ଦେବାଶିଷ ସାହୁ ସଫଳତା ପଥରେ ଅଗ୍ରସର ହେଉଛନ୍ତି। ଚେନ୍ନାଇରେ ଅଗଷ୍ଟ ୧୬ରେ ଉଦ୍‌ଯାପିତ ଟିଭିଏସ୍ ଏମ୍‌ସିସି ଜାତୀୟ ଟେନିସ ଚାମ୍ପିୟନଶିପ୍‌ର ଡବଲ୍ସ ବର୍ଗରେ ସେ ଚାମ୍ପିୟନ ହୋଇଛନ୍ତି। ମହାରାଷ୍ଟ୍ରର ଅର୍ନବ ପାପାରକରଙ୍କୁ ସାଥୀକରି ଖେଳିଥିବା ଦେବାଶିଷ ଫାଇନାଲରେ ମହାରାଷ୍ଟ୍ରର ପାର୍ଥ ଦେଉରୋ ଖାକର ଓ ଦିଲ୍ଲୀର ରିଆନ ଶର୍ମାଙ୍କୁ ୩-୬, ୬-୧, ୧୦-୨ (ଟାଇବ୍ରେକ୍) ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସିଙ୍ଗଲ୍ସରେ ମଧ୍ୟ ସେ ଭଲ ପ୍ରଦର୍ଶନ କରି ସେମିଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ। ଜୁନିୟର ଡେଭିସ୍ କପ୍ ଏସିଆ/ଓସେନିଆ ଫାଇନାଲ କ୍ୱାଲିଫାଇଂରେ ସେ ସ୍ୱର୍ଣ୍ଣ ପଦକ ହାସଲ କରି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଛନ୍ତି। ୨୦୨୫ ମଧ୍ୟଭାଗ ସୁଦ୍ଧା ସେ ଆଇଟିଏଫ୍ ପୁରୁଷ ବର୍ଗରେ ସାମିଲ ହେବାର ଯୋଜନା ରଖିଛନ୍ତି। ଓଡ଼ିଶାର ପ୍ରଥମ ଖେଳାଳିଭାବେ ଦେବାଶିଷ ଜୁନିୟର ଡେଭିସ୍ କପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପୂର୍ବରୁ ସେ ପ୍ରଥମ ଖେଳାଳିଭାବେ ୨୦୧୯ରେ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଜୁନିୟର ଟେନିସ ଟ୍ରାଏଲ୍ ପାଇଁ ମନୋନୀତ ହୋଇଥିଲେ। ଦେବାଶିଷଙ୍କ ମା' ହେଉଛନ୍ତି ଅନୁକମ୍ପା ସାହୁ ଓ ବାପା ଲକ୍ଷ୍ମୀକାନ୍ତ ସାହୁ। ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲହଡା ଗ୍ରାମରେ ତାଙ୍କର ଜନ୍ମ।

---

# ଅଲିମ୍ପିକ୍ସ ଓ ଭାରତ


ଅଶୋକ ମହାନ୍ତି

**ଦ୍ୱିତୀୟ ଭାଗ (୧୯୫୨-୨୦୨୪)**

ଏକ ରିପୋର୍ଟ ଅନୁସାରେ ୨୦୨୪ ଅଲିମ୍ପିକ୍ସ ପାଇଁ କ୍ରୀଡ଼ାବିତ୍‌ଙ୍କୁ ପ୍ରସ୍ତୁତ କରିବା ବାବଦରେ ଭାରତ ସରକାର ୪୭୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବିଦେଶରେ ପ୍ରତିଷ୍ଠିତ ପ୍ରଶିକ୍ଷକଙ୍କ ଅଧୀନରେ ତାଲିମ ନେବା ସହ ଦେଶରେ ଉପଲବ୍ଧ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇଦେବା ସତ୍ତ୍ୱେ ଆମ କ୍ରୀଡ଼ାବିତ୍‌ମାନେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହେବା ନିଶ୍ଚିତରୂପେ ଚିନ୍ତାର କାରଣ...

'ଭାରତୀୟ କ୍ରୀଡ଼ାର ଅଲିମ୍ପିକ୍ସ ଯାତ୍ରା' ଆଲେଖ୍ୟର ପ୍ରଥମ ଭାଗ ଗୋଟିଏ ଦିନ ପୂର୍ବରୁ ପ୍ରକାଶ ପାଇସାରିଛି। ସେଥିରେ ୧୯୦୦ରୁ ୧୯୪୮ ଲଣ୍ଡନ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଭାରତର ପ୍ରଦର୍ଶନ ସ୍ଥାନ ପାଇଥିଲା। ଦ୍ୱିତୀୟ ଭାଗରେ ୧୯୫୨ରୁ ୨୦୨୪ ପର୍ଯ୍ୟନ୍ତ ଭାରତୀୟ ଆଥ୍‌ଲେଟ୍‌ଙ୍କ ପ୍ରଦର୍ଶନକୁ ସ୍ଥାନୀତ କରାଯାଇଛି।

୧୯୫୨ ହେଲସିଙ୍କି ଅଲିମ୍ପିକ୍ସରେ ୪ଜଣ ମହିଳାଙ୍କ ସହ ଭାରତର ୬୪ ପ୍ରତିଯୋଗୀ ୧୧ଟି କ୍ରୀଡ଼ା ଶୃଙ୍ଖଳାର ୪୨ଟି ଇଭେଣ୍ଟରେ ଭାଗନେଇଥିଲେ। ପ୍ରଥମଥର ପାଇଁ ଭାରତର କୁସ୍ତି ପ୍ରତିଯୋଗୀ କେ.ଡି. ଯାଦବ ୫୭ କେଜି ବାଣ୍ଟମୱେଟ୍ ବିଭାଗରେ ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ଜିତି ଭାରତ କ୍ରୀଡ଼ା ଇତିହାସରେ ନୂତନ କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ପୁରୁଷ ହକିରେ କେ.ଡି. ସିଂ ବାବୁଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ଫାଇନାଲରେ ନେଦରଲାଣ୍ଡ୍‌ସକୁ ୬-୧ ଗୋଲରେ ପରାସ୍ତକରି ୫ମ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହି ମ୍ୟାଚରେ ବଲବୀର ସିଂ ଏକାକୀ ୫ଟି ଗୋଲ ସ୍କୋର କରିଥିଲେ, ଯାହାକି ଆଜି ପର୍ଯ୍ୟନ୍ତ ଏକ ରେକର୍ଡ ଭାବେ ଅକ୍ଷୁଣ୍ଣ ରହିଛି। ପଦକ ତାଲିକାରେ ଭାରତ ୨୬ତମ ସ୍ଥାନରେ ରହିଥିଲା। ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ଭାରତୀୟ ଦଳର ୫୯ ପ୍ରତିଯୋଗୀ ୮ଟି କ୍ରୀଡ଼ାର ୩୨ଟି ଇଭେଣ୍ଟରେ ଭାଗ ନେଇଥିଲେ। ବଲବୀର ସିଂ (ସିନିୟର)ଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ଫାଇନାଲରେ ପାକିସ୍ତାନକୁ ୧-୦ ଗୋଲରେ ପରାସ୍ତକରି ଲଗାତର ଭାବେ ୬ଷ୍ଠ ଥର ପାଇଁ ସ୍ୱର୍ଣ୍ଣପଦକ ଜିତିଥିଲା। ଏହି ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ଭାରତୀୟ ଫୁଟ୍‌ବଲ ଦଳ ପି.କେ. ବାନାର୍ଜୀଙ୍କ ନେତୃତ୍ୱରେ ଖେଳି ସେମିଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲା। କ୍ୱାର୍ଟର ଫାଇନାଲରେ ନାଭାଲ ଡି'ସୋଜାଙ୍କ ହ୍ୟାଟ୍ରିକ୍ ଗୋଲ ସହାୟତାରେ ଭାରତ ଘରୋଇ ଦଳ ଅଷ୍ଟ୍ରେଲିଆକୁ ୪-୧ ଗୋଲରେ ପରାସ୍ତ କରି ଇତିହାସ ରଚନା କରିଥିଲା। ଦୁର୍ଭାଗ୍ୟବଶତଃ ଏହା ଥିଲା ଭାରତୀୟ ଫୁଟ୍‌ବଲର ଅଲିମ୍ପିକ୍ସରେ ଆଜି ପର୍ଯ୍ୟନ୍ତ ଏକମାତ୍ର ଯୋଗଦାନ। ପରବର୍ତ୍ତୀ ୧୯୬୦ ରୋମ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ପ୍ରଥମଥର ପାଇଁ ପରାଜୟର ସ୍ୱାଦ ଚାଖିଥିଲା। ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଦ୍ୱାରା ପରାସ୍ତ ହୋଇ ସ୍ୱର୍ଣ୍ଣପଦକ ହାତଛଡ଼ା କରିଥିଲା। ଏହି ଅଲିମ୍ପିକ୍ସରେ ଭାରତୀୟ ଆଥ୍‌ଲେଟିକ୍ସ ପାଇଁ ଏକ ଉଲ୍ଲେଖନୀୟ ଘଟଣା ଘଟିଥିଲା। ଭାରତୀୟ ଧାବକ ମିଲ୍‌ଖା ସିଂ ୪୦୦ମି. ଦୌଡ଼ରେ ଅଲିମ୍ପିକ ରେକର୍ଡ ସମୟକୁ ଅତିକ୍ରମ କରିଥିଲେ ମଧ୍ୟ ଗୋଟିଏ ଛୋଟିଆ ତ୍ରୁଟି ପାଇଁ କେବଳ ୪ର୍ଥ ସ୍ଥାନରେ ରହି ଏକ ପଦକ ହାତଛଡ଼ା କରିଥିଲେ। ଅଲିମ୍ପିକ ଇତିହାସର ଟ୍ରାକ୍ ଇଭେଣ୍ଟରେ ଅନ୍ୟ ଜଣେ ଭାରତୀୟ ଆଥ୍‌ଲେଟ୍ ପି.ଟି. ଉଷା ୧୯୮୪ ଲସ୍ ଏଞ୍ଜେଲେସ୍‌ରେ ୪୦୦ମି. ହର୍ଡଲ୍ସରେ ୧ ସେକେଣ୍ଡର ୧୦୦ ଭାଗରୁ ୧ ଭାଗ ସମୟ ବ୍ୟବଧାନରେ ପଛରେ ରହି ବ୍ରୋଞ୍ଜ ପଦକ ଜିତିବାରୁ ବଞ୍ଚିତ ହୋଇଥିଲେ।

୧୯୮୮ ଓ ୧୯୯୨ରେ ଭାରତ ପଦକଶୂନ୍ୟ ରହିଥିବାବେଳେ ୧୯୯୬, ୨୦୦୦ ଓ ୨୦୦୪ରେ ଗୋଟିଏ ଲେଖାଏ, ୨୦୦୮ରେ ୩ଟି, ୨୦୧୨ରେ ୬ଟି, ୨୦୧୬ରେ ୨ଟି, ୨୦୨୦ରେ ୭ଟି ଏବଂ ୨୦୨୪ରେ ୬ଟି ପଦକ ହାସଲ କରିଛି। କୌଣସି ବହୁଶୃଙ୍ଖଳା ବିଶିଷ୍ଟ କ୍ରୀଡ଼ା ପ୍ରତିଯୋଗିତାରେ ଆଥ୍‌ଲେଟିକ୍ସ ବା ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟର ବିଶେଷ ଆକର୍ଷଣ ରହିଥାଏ। ଅଲିମ୍ପିକ୍ସ ଫିଲ୍ଡ ଇଭେଣ୍ଟରେ ଭାରତର ପ୍ରଚଣ୍ଡ ପ୍ରତିଭାବାନ୍ ଆଥ୍‌ଲେଟ୍ ନୀରଜ ଚୋପ୍ରା ୨୦୨୦ ଟୋକିଓ ଏବଂ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସର ଜାଭେଲିନ୍ ଥ୍ରୋରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜେତା ହୋଇ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଆଥ୍‌ଲେଟ୍‌ର ମାନ୍ୟତା ପାଇବା ଭାରତୀୟ କ୍ରୀଡ଼ା ପାଇଁ ଏକ ବିରଳ ଉପଲବ୍ଧି।

ଏକ ରିପୋର୍ଟ ଅନୁସାରେ ୨୦୨୪ ଅଲିମ୍ପିକ୍ସ ପାଇଁ କ୍ରୀଡ଼ାବିତ୍‌ଙ୍କୁ ପ୍ରସ୍ତୁତ କରିବା ବାବଦରେ ଭାରତ ସରକାର ୪୭୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବିଦେଶରେ ପ୍ରତିଷ୍ଠିତ ପ୍ରଶିକ୍ଷକଙ୍କ ଅଧୀନରେ ତାଲିମ ନେବା ସହ ଦେଶରେ ଉପଲବ୍ଧ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇଦେବା ସତ୍ତ୍ୱେ ଆମ କ୍ରୀଡ଼ାବିତ୍‌ମାନେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହେବା ନିଶ୍ଚିତରୂପେ ଚିନ୍ତାର କାରଣ। ଆଗାମୀ ଦିନରେ ଭାରତୀୟ କ୍ରୀଡ଼ାକୁ ଅନ୍ୟ କ୍ରୀଡ଼ା ମହାଶକ୍ତି ଦେଶଗୁଡ଼ିକ ସହ ସମକକ୍ଷ କରିବା ପାଇଁ ସମୟୋପଯୋଗୀ ପଦକ୍ଷେପ ନିଆଯିବା ଆବଶ୍ୟକ।


ପିଟି ଉଷା
ନୀରଜ ଚୋପ୍ରା

### ୧୯୬୦ ରୋମ୍‌ରୁ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଭାରତର ପ୍ରଦର୍ଶନ

| ବର୍ଷ | ଭେନ୍ୟୁ | ଖେଳାଳି | ପଦକ | ପୋଜିଶନ | ପଦକ ବିଜେତା |
|---|---|---|---|---|---|
| ୧୯୬୦ | ରୋମ୍ | ୫୫ | ୧ | ୩୨ | ପୁରୁଷ ହକି |
| ୧୯୬୪ | ଟୋକିଓ | ୫୩ | ୧ | ୨୪ | ପୁରୁଷ ହକି |
| ୧୯୬୮ | ମେକ୍ସିକୋ | ୨୫ | ୧ | ୪୨ | ପୁରୁଷ ହକି |
| ୧୯୭୨ | ମ୍ୟୁନିକ୍ | ୪୨ | ୧ | ୪୩ | ପୁରୁଷ ହକି |
| ୧୯୭୬ | ମଣ୍ଟ୍ରିଲ | ୨୬ | – | – | – |
| ୧୯୮୦ | ମସ୍କୋ | ୭୪ | ୧ | ୨୩ | ପୁରୁଷ ହକି |
| ୧୯୮୪ | ଲସ୍‌ଏଞ୍ଜେଲ୍ସ | ୪୮ | – | – | – |
| ୧୯୮୮ | ସିଓଲ | ୪୮ | – | – | – |
| ୧୯୯୨ | ବାର୍ସିଲୋନା | ୫୨ | – | – | – |
| ୧୯୯୬ | ଆଟ୍‌ଲାଣ୍ଟା | ୪୯ | ୧ | ୨୧ | ଲିଆଣ୍ଡର ପେସ୍ (ଟେନିସ୍) |
| ୨୦୦୦ | ସିଡ୍‌ନୀ | ୬୫ | ୧ | ୬୫ | କର୍ନମ ମାଲେଶ୍ୱରୀ (ଭାରୋତ୍ତୋଳନ) |
| ୨୦୦୪ | ଏଥେନ୍ସ | ୭୩ | ୧ | ୬୫ | ରାଜ୍ୟବର୍ଦ୍ଧନ ସିଂ ରାଠୋର (ଶୁଟିଂ) |
| ୨୦୦୮ | ବେଜିଂ | ୫୬ | ୩ | ୫୦ | ଅଭିନବ ବିନ୍ଦ୍ରା (ସ୍ୱର୍ଣ୍ଣ-ଶୁଟିଂ) |
| | | | | | ସୁଶୀଲ କୁମାର (ବ୍ରୋଞ୍ଜ-କୁସ୍ତି) |
| | | | | | ବିଜେନ୍ଦର ସିଂ (ବ୍ରୋଞ୍ଜ-ବକ୍ସିଂ) |
| ୨୦୧୨ | ଲଣ୍ଡନ | ୮୩ | ୬ | ୫୫ | ବିଜୟ କୁମାର (ରୌପ୍ୟ-ଶୁଟିଂ) |
| | | | | | ସୁଶୀଲ କୁମାର (ରୌପ୍ୟ-କୁସ୍ତି) |
| | | | | | ଗଗନ ନାରଙ୍ଗ (ବ୍ରୋଞ୍ଜ-ଶୁଟିଂ) |
| | | | | | ସାଇନା ନେହ୍ୱାଲ (ବ୍ରୋଞ୍ଜ-ବ୍ୟାଡ୍‌ମିଣ୍ଟନ) |
| | | | | | ଏମ୍.ସି. ମେରୀ କମ୍ (ବ୍ରୋଞ୍ଜ-ବକ୍ସିଂ) |
| | | | | | ଯୋଗେଶ୍ୱର ଦତ୍ତ (ବ୍ରୋଞ୍ଜ-କୁସ୍ତି) |
| ୨୦୧୬ | ରିଓ | ୧୧୭ | ୨ | ୬୭ | ପି.ଭି. ସିନ୍ଧୁ (ରୌପ୍ୟ-ବ୍ୟାଡ୍‌ମିଣ୍ଟନ) |
| | | | | | ସାକ୍ଷୀ ମଲିକ (ବ୍ରୋଞ୍ଜ-କୁସ୍ତି) |
| ୨୦୨୦ | ଟୋକିଓ | ୧୧୯ | ୭ | ୪୮ | ନୀରଜ ଚୋପ୍ରା (ସ୍ୱର୍ଣ୍ଣ-ଜାଭେଲିନ୍) |
| | | | | | ମୀରାବାଈ ଚାନୁ (ରୌପ୍ୟ-ଭାରୋତ୍ତୋଳନ) |
| | | | | | ରବି ଦହିୟା (ରୌପ୍ୟ-କୁସ୍ତି) |
| | | | | | ବଜରଙ୍ଗ ପୁନିଆ (ବ୍ରୋଞ୍ଜ-କୁସ୍ତି) |
| | | | | | ପି.ଭି. ସିନ୍ଧୁ (ବ୍ରୋଞ୍ଜ-ବ୍ୟାଡ୍‌ମିଣ୍ଟନ) |
| | | | | | ଲଭ୍‌ଲିନା ବୋର୍ଗୋହେନ (ବ୍ରୋଞ୍ଜ-ବକ୍ସିଂ) |
| | | | | | ପୁରୁଷ ହକି ଦଳ (ବ୍ରୋଞ୍ଜ) |
| ୨୦୨୪ | ପ୍ୟାରିସ୍ | ୧୧୭ | ୬ | ୭୧ | ମନୁ ଭାକର (ବ୍ରୋଞ୍ଜ-ଶୁଟିଂ) |
| | | | | | ମନୁ-ସରବଜିତ ସିଂ (ବ୍ରୋଞ୍ଜ-ଶୁଟିଂ) |
| | | | | | ସ୍ୱପ୍ନିଲ କୁସାଲେ (ବ୍ରୋଞ୍ଜ-ଶୁଟିଂ) |
| | | | | | ଅମନ ସେରାୱତ (ବ୍ରୋଞ୍ଜ-କୁସ୍ତି) |
| | | | | | ନୀରଜ ଚୋପ୍ରା (ରୌପ୍ୟ-ଜାଭେଲିନ୍ ଥ୍ରୋ) |
| | | | | | ପୁରୁଷ ହକି ଦଳ (ବ୍ରୋଞ୍ଜ) |

### ୱେଷ୍ଟେଜ

ସ୍ୱିଡେନର ଆର୍ମଣ୍ଡ
ମୋଣ୍ଡୋ ଡୁପ୍ଲାଣ୍ଟିସ
ଜେଣ୍ଟ୍ସ ପୋଲଭଲ୍ଟରେ ପୁଣି
ନିଉ ୱାର୍ଲ୍ଡ ରେକର୍ଡ ରଚିଅଛି ଟୋକା
ବଡି ତା'ର ହୋଇ କଣି
ସିଲେସିଆ ନେଲା ଝୁଣି
ସିକ୍ସ ପଏଣ୍ଟ ଟୁ ସିକ୍ସ ମିଟର ଉଚ୍ଚତା
ମଙ୍କିଭଳି ଡେଇଁ ମଣି।



ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମରେ ବିଜୟୀ
ଆମେରିକା ଝିଅ ଇଭା
ନିଜ ନାମରେ ସର୍ବକନିଷ୍ଠ ଖେଳାଳି
ରେକର୍ଡ କରିଛି ଶିବା
ପ୍ୟାରିସ ଆଡ଼େ ଚାଲ ଯିବା
ପାରା ଆଥଲେଟ୍ ବେଷ୍ଟ ଅଫ୍ ଲକ୍
ମେଡାଲ ଜିତ ମନଲୋଭା।

ଓଟିଟି ପ୍ଲାଟ୍‌ଫର୍ମରେ ବନ୍ଧା ଯୁବଶକ୍ତି
କ୍ୟାରିୟର ଏଠି ଶେଷ
ନବେ ପ୍ରତିଶତ ପର୍ନ ଭିଡିଓ ଦେଖି
ଆମ ୟୁଥ୍ ଯା'ନ୍ତି ନାଶ
ବେକେ ମୋବାଇଲ ଫାଶ
ସମୟ ୱେଷ୍ଟେଜ କରି ହାରେ ବ୍ୟକ୍ତି
ହାରିଯାଏ ତା'ର ଦେଶ।
–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୩୦/୨୦୨୪ Bhubaneswar, Friday, August 30/ 2024



ଲୋକସେବା ଭବନର କନ୍‌ଭେନଶନ ହଲ୍‌ରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ଅବସରରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଓ ସାହସିକ ପୁରସ୍କାରରେ ପୁରସ୍କୃତ ବ୍ୟକ୍ତିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଫ୍ରେଞ୍ଚ୍ ଗ୍ରାଣ୍ଡମାଷ୍ଟର ଅଲିରେଜା ଚାମ୍ପିୟନ



ଟ୍ରଫି ସହ ଅଲିରେଜା ଫିରୋଜା।

**ସେଣ୍ଟ ଲୋଇସ, ୨୯।୮ (ପି.ଟି.)**

## ଗ୍ରାଣ୍ଡ ଚେସ୍ ଟୁର୍ ୨୦୨୪

■ ପ୍ରଜ୍ଞାନନ୍ଦ ଓ ଗୁକେଶ ମିଳିତ ୫ମ

ଭାରତୀୟ ଚେସ୍ ପ୍ରତିଭା ଆର୍. ପ୍ରଜ୍ଞାନନ୍ଦଙ୍କ ସହ ତାଙ୍କ ଫାଇନାଲ ଗେମ୍ ଡ୍ର ରଖି ଫ୍ରେଞ୍ଚ ଗ୍ରାଣ୍ଡମାଷ୍ଟର ଅଲିରେଜା ଫିରୋଜା ସିଙ୍କ୍‌ଫିଲ୍ଡ କପ୍ ଚାମ୍ପିୟନ ହୋଇଛନ୍ତି। ସେ ଆହୁରି ମଧ୍ୟ ଗ୍ରାଣ୍ଡ ଚେସ୍ ଟୁର୍ ୨୦୨୪ ଜିତିପାରିଛନ୍ତି। ୩ଟି ବିଜୟ ଏବଂ ଅବଶିଷ୍ଟ ୬ଟି ଯାକ ଗେମ୍ ଡ୍ର ରଖି ଫିରୋଜା ସମ୍ପୂର୍ଣ୍ଣ ଇଭେଣ୍ଟରେ ଅପରାଜେୟ ରହିଥିଲେ। ଗତଥରର ଗ୍ରାଣ୍ଡ ଚେସ୍ ଟୁର୍ ଚାମ୍ପିୟନ ଫାବିଆନୋ କାରୁଆନା ନିଜ ଦେଶରେ ଟାଇଟଲ ବଜାୟ ରଖିବେ ବୋଲି ସ୍ୱପ୍ନ ଦେଖିଥିଲେ। ଫାଇନାଲ ରାଉଣ୍ଡ ଗେମ୍‌ରେ ହଲାଣ୍ଡର ଆନିଶ ଗିରିଙ୍କୁ ହରାଇ ଦେଇଥିଲେ ମଧ୍ୟ ସେ ଦ୍ୱିତୀୟ ସ୍ଥାନ ସହ ତାଙ୍କ ଅଭିଯାନ ଶେଷ କରିଥିଲେ। ଫ୍ରାନ୍ସର ମାକ୍ସିମି ଭାଚିର-ଲାଗାଭର ଓ ନୋଡିରବେକ୍ ଅବ୍‌ଦୁସାତ୍ତୋରୋଭ ଉଭୟ ଫାଇନାଲ ରାଉଣ୍ଡରେ ଯଥାକ୍ରମେ ଚାଇନାର ଡିଙ୍ଗ ଲିରେନ ଓ ରୁଷିଆର ଇଆନ ନେପୋମନିଆଚ୍‌ଚିଙ୍କୁ ପରାସ୍ତ କରିଥିଲେ ହେଁ ଉଭୟେ ମିଳିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଭୟେ ପ୍ରତ୍ୟେକ ୫ ପଏଣ୍ଟ ଲେଖାଏଁ ଅର୍ଜନ କରି କାରୁଆନା (୫.୫ ପଏଣ୍ଟ)ଙ୍କ ପଛରେ ରହିଥିଲେ। ଭାରତର ଦୁଇ ଖେଳାଳି ପ୍ରଜ୍ଞାନନ୍ଦ ଏବଂ ଡି. ଗୁକେଶ ସେମାନଙ୍କର ୯ଟି ଗେମ୍ ଡ୍ର ରଖିବାରୁ ୫୦ ପ୍ରତିଶତ ସ୍କୋର ସହ ମିଳିତ ୫ମ ସ୍ଥାନରେ ରହିଥିଲେ।



ଜାତୀୟ କ୍ରୀଡ଼ା ଦିବସ ଅବସରରେ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟ।

# ର୍‍ୟାଙ୍କିଙ୍ଗ୍ ରାଉଣ୍ଡରେ ଶୀତଲ ଦ୍ୱିତୀୟ

**ପ୍ୟାରିସ୍, ୨୯।୮ (ପି.ଟି.)**

ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪ ଆରମ୍ଭ ହୋଇଥିବା ବେଳେ ଭାରତୀୟ ମାନେ ପ୍ରଥମ ଦିନର ଇଭେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଭାରତୀୟ ପାରା ଆର୍ଚର ଶୀତଲ ଦେବୀ ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟର ର୍‍ୟାଙ୍କିଙ୍ଗ ରାଉଣ୍ଡରେ ଚମତ୍କାର ପ୍ରଦର୍ଶନ କରିବା ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗୁରୁବାର ଶୀତଲ ଦେବୀ ୭୦୩ ପଏଣ୍ଟ ସ୍କୋର କରିଥିବା ବେଳେ ତୁର୍କୀର ଓଜନୁର କ୍ୟୁଅର ଗିର୍ଡି ବିଶ୍ୱରେକର୍ଡ ୭୦୪ ପଏଣ୍ଟ ସ୍କୋର କରିଥିଲେ। ଶୀତଲ ପ୍ରଥମେ ବିଶ୍ୱରେକର୍ଡ ନିଜ ନାମରେ କରିଥିଲେ। ତେବେ ଓଜନୁର ୧ ପଏଣ୍ଟ ଅଧିକ ସ୍କୋର କରିବା ସହ ପ୍ରଥମ ସ୍ଥାନରେ ପହଞ୍ଚିଥିଲେ। ଅନ୍ୟତମ ଭାରତୀୟ ସରିତା ଦେବୀ ୬୮୨ ପଏଣ୍ଟ ସ୍କୋର କରି ନବମ ସ୍ଥାନରେ ରହିଥିଲେ। ଓଜନୁର ୫୬ ଥର ୧୦ ପଏଣ୍ଟ ଶୁଟ କରିଥିବା ବେଳେ ଶୀତଲ ୫୯ ଥର ୧୦ ପଏଣ୍ଟ ହାସଲ କରିଥିଲେ। ତେବେ ଓଜନୁର ୨୯ ଥର ବୁଲ୍ସ ଆଇ ହିଟ୍ କରିଥିବା ବେଳେ ଶୀତଲ ୨୪ ଥର ବୁଲ୍ସ ଆଇ ହିଟ୍ କରିଥିଲେ। ସେହିପରି ପୁରୁଷ ବ୍ୟକ୍ତିଗତ ରିକର୍ଭ ର୍‍ୟାଙ୍କିଙ୍ଗ ରାଉଣ୍ଡରେ ଭାରତର ହରବିନ୍ଦର ସିଂ ୬୩୭ ପଏଣ୍ଟ ସହ ନବମ ସ୍ଥାନରେ ରହିଛନ୍ତି। ହରବିନ୍ଦର ୧୯ ଥର ୧୦ ପଏଣ୍ଟ ଓ ୫ ଥର ବୁଲ୍ସ ଆଇ ହିଟ୍ କରିଥିଲେ।





ପାରାଲିମ୍ପିକ୍ସର ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟରେ ଭାରତୀୟ ଆର୍ଚର ଶୀତଲ ଦେବୀ। ସି-୧ ମହିଳା ୩୦୦୦ ମି. ବ୍ୟକ୍ତିଗତ ପରସୁଟ୍ କ୍ୱାଲିଫାଇଙ୍ଗ ଇଭେଣ୍ଟରେ ଜ୍ୟୋତି ଗଡେରିଆ।

## ପାରା ଶଟଲର ପ୍ରଭାବୀ

ପାରାଲିମ୍ପିକ୍ସର ପ୍ରଥମ ଦିନରେ ଭାରତୀୟ ଶଟଲର ମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏସ୍ ଏଲ୍ ୩ର ମିକ୍ସଡ ଡବଲ୍ସ ଇଭେଣ୍ଟରେ ଭାରତୀୟ ଯୋଡି ନୀତେଶ କୁମାର ଓ ତୁଳସୀମତି ମୁରୁଗାସେନ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟତମ ଭାରତୀୟ ୟଥିରାଜ ସୁହାସ ଲାଲିନାକେରେ ଓ ପଲକ କୋହଲିଙ୍କ ଯୋଡିକୁ ୨୧-୧୪ ଓ ୨୧-୧୭ରେ ପରାସ୍ତ କରିଥିଲେ ନୀତେଶ-ତୁଳସୀମତି। ଏସ୍ ଏଚ୍ ୬ ବର୍ଗରେ ଭାରତୀୟ ମିକ୍ସଡ ଡବଲ୍ସ ଯୋଡି ସୋଲାଇମାଲାଇ ଶିବରାଜନ ଓ ସୁମଥି ଶିବାନୀ ନିତ୍ୟାଙ୍କ ଯୋଡି ୨୩-୨୧ ଓ ୨୧-୧୧ ସେଟରେ ଆମେରିକାର କ୍ରାଜେସ୍କି ମାଇଲ୍ସ ଓ ଜେସି ସିମନଙ୍କ ଠାରୁ ପରାଜିତ ହୋଇଥିଲେ। ଏସ୍ ଏଲ୍ ୩ର ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ଭାରତର ମାନସୀ ଯୋଶୀ ପରାଜିତ ହୋଇଛନ୍ତି। ଇଣ୍ଡୋନେସିଆର କୋନିଆତ୍ ଇଖତିଆରଙ୍କ ବିପକ୍ଷ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ମାନସୀ ୧୬-୨୧, ୨୧-୧୩ ଓ ୨୧-୧୮ରେ ପରାଜିତ ହୋଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ମନଦୀପ କୌର ନାଇଜେରିଆର ମରିୟମ ଏନିଓଲାଙ୍କ ଠାରୁ ୨୧-୮ ଓ ୨୧-୧୪ ସେଟରେ ହାରି ଯାଇଥିଲେ।

ଏସ୍ ଏଲ୍ ୪ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଭାରତର ସୁକାନ୍ତ କଦମ ୧୭-୨୧, ୨୧-୧୫ ଓ ୨୨-୨୦ ସେଟରେ ମାଲେସିଆର ମହମ୍ମଦ ଅମିନ ବୁରହାନୁଦ୍ଦିନଙ୍କୁ ପରାସ୍ତ କରିଥିଲେ। ସମାନ ବର୍ଗରେ ଅନ୍ୟତମ ଭାରତୀୟ ତରୁଣ ବ୍ରାଜିଲର ଜାଭିଅର ଡି ଅଲିଭିଏରାଙ୍କୁ ୨୧-୧୭ଳ, ୨୧-୧୯ରେ ପରାସ୍ତ କରିଥିଲେ। ସୁହାସ ୨୧-୭, ୨୧-୫ରେ ଇଣ୍ଡୋନେସିଆର ହିକମତ ରାମଦାନୀଙ୍କୁ ପରାସ୍ତ କରିଥିଲେ।

ଏସ୍ ଏଲ୍ ୩ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଭାରତର ନୀତେଶ କୁମାର ଓ ମନୋଜ ସରକାରଙ୍କ ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ମ୍ୟାଚ୍‌ଟି କଡା ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ନୀତେଶ ୨୧-୧୩, ୧୮-୨୧ ଓ ୨୧-୧୮ରେ ବିଜୟୀ ହୋଇଥିଲେ। ଏସ୍ ଏଲ୍ ୪ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଭାରତର ପଲକ କୋହଲି ୨୧-୧୨, ୨୧-୧୪ ସେଟରେ ଫ୍ରାନ୍ସର ମିଲେନା ସୁରେଉଙ୍କୁ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ତୁଳସୀମତି ମୁରୁଗାସେନ୨୧-୯, ୨୧-୧୧ ସେଟରେ ଇଟାଲୀ ରୋଜା ଏଫୋମୋ ଡି ମାର୍କୋଙ୍କୁ ହରାଇଥିଲେ।

## ପାରାଲିମ୍ପିକ୍ସ ୨୦୨୪

### ରାଉଣ୍ଡ ଅଫ୍ ୧୬ ହାରିଲେ ଅରୁଣା

ଭାରତୀୟ ମହିଳା ପାରା ଟାଏକୋଣ୍ଡୋ ଅରୁଣା ରାଉଣ୍ଡ ଅଫ୍ ୧୬ ମ୍ୟାଚରେ ପରାଜିତ ହୋଇଛନ୍ତି। ୪୪-୪୭ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅରୁଣା ତୁର୍କୀର ନୁରିଚାନ ଏକନିସିଙ୍କ ନିକଟରୁ ୧୯-୦ରେ ପରାଜିତ ହୋଇଥିଲେ।

### ଅନ୍ତିମ ସ୍ଥାନରେ ଜ୍ୟୋତି

ଭାରତୀୟ ମହିଳା ସାଇକ୍ଲିଷ୍ଟ ଜ୍ୟୋତି ଗଡେରିଆ ସି-୧ ମହିଳା ୩୦୦୦ ମିଟର ବ୍ୟକ୍ତିଗତ ପରସୁଟ୍ କ୍ୱାଲିଫାଇଙ୍ଗ ଇଭେଣ୍ଟରେ ଅନ୍ତିମ ସ୍ଥାନରେ ରହିଛନ୍ତି। ଜ୍ୟୋତି ୪:୫୩. ୯୨୯ ସେକେଣ୍ଡର ସମୟ ନେଇ ଅନ୍ତିମ ସ୍ଥାନରେ ରହିଥିଲେ।

# ଓଡ଼ିଶାର ୩୫ ପ୍ରତିଯୋଗୀ

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

## ଜାତୀୟ ଥାଇ ବକ୍ସିଂ

ଚଳିତ ମାସ ୩୦ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଲାଟୁରଠାରେ ୧୫ତମ ଜାତୀୟ ଥାଇ ବକ୍ସିଂ ଚାମ୍ପିୟନଶିପ ହେବାକୁ ଯାଉଛି। ଏଥିରେ ଓଡିଶାରୁ ୩୫ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡିଶା ଥାଇ ବକ୍ସିଂ ସଙ୍ଘ ମହାସଚିବ ଶୁଭେନ୍ଦୁ ସାମନ୍ତରାୟ, ଅଫିସିଆଲ ଭାବେ ସୁଧାଂଶୁ ପଣ୍ଡା,କୋଚ ଉମାକାନ୍ତ ବେହେରା, ବାଲାଜୀ ଘଡ଼ାଇ ଓ ମ୍ୟାନେଜର ଭାବେ ପ୍ରଭାତ କୁମାର ପଟ୍ଟନାୟକ ଦଳ ସହିତ ଗୁରୁବାର ଲାଟୁର ଯାତ୍ରା କରିଛନ୍ତି ବୋଲି ଓଡିଶା ଥାଇ ବକ୍ସିଂ ସଙ୍ଘ ସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ ପ୍ରକାଶ କରିଛନ୍ତି।




କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଥାଇ ବକ୍ସିଂ ଦଳ।

# ଜାତୀୟ ରେକର୍ଡ ଭାଙ୍ଗିଲେ ଶାରୁକ

**ଲିମା, ୨୯।୮ (ପି.ଟି.)**

ଭାରତର ଶାରୁକ ଖାନ୍ ୩,୦୦୦ ମିଟର ଷ୍ଟିପଲଚେଜ୍‌ରେ ଜାତୀୟ ରେକର୍ଡ ଭଙ୍ଗ କରିବା ସହ ଏଠାରେ ଚାଲିଥିବା ୨୦ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ରାତିରେ ୧୮ବର୍ଷୀୟ ଖାନ୍ ୮ମିନିଟ ୪୫.୧୨ ସେକେଣ୍ଡ ଟାଇମିଂରେ ହିଟ୍ ନମ୍ବର-୧ରେ ୬ଷ୍ଠ ସ୍ଥାନ ଅଧିକାର କରି ଅଗଷ୍ଟ ୩୧ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦୁଇଟି ହିଟ୍‌ର ପ୍ରତ୍ୟେକ ରେସ୍‌ର ପ୍ରଥମ ୮ଫିନିଶର ଫାଇନାଲକୁ କ୍ୱାଲିଫାଏ କରିବେ। ପୂର୍ବରୁ ଏହି ଇଭେଣ୍ଟରେ ୨୦ ବର୍ଷରୁ କମ୍ ଜାତୀୟ ରେକର୍ଡ ରାଜସ୍ଥାନର ୧୯ ବର୍ଷୀୟ ରାଜେଶ (୮:୫୦.୧୨ ସେକେଣ୍ଡ)ଙ୍କ ନାମରେ ରହିଥିଲା। ପୂର୍ବରୁ ସେ ଏହି ସଫଳତା ଗତ ମେ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଫେଡେରେଶନ କପ୍ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ହାସଲ କରିଥିଲେ। ଖାନ୍‌ଙ୍କର ପୂର୍ବରୁ ଶ୍ରେଷ୍ଠ ପ୍ରଦର୍ଶନ ୮:୫୧.୭୫ ସେକେଣ୍ଡ ରହିଥିଲା। ଏହି ଟାଇମିଂରେ ସେ ଗତବର୍ଷ ଜୁନ୍‌ରେ କୋରିଆରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଥିଲେ। ରାଜେଶଙ୍କ ଦ୍ୱାରା ଭଙ୍ଗ ହେବା ପୂର୍ବରୁ ଏହି ଟାଇମିଂ ଏକ ଜାତୀୟ ରେକର୍ଡ ଥିଲା। ଅନ୍ୟଜଣେ ଭାରତୀୟ ଜୟ କୁମାର ପୁରୁଷ ୪୦୦ମିଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମିଫାଇନାଲ ହିଟ୍‌ରେ ସେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୪୬.୯୬ ସେକେଣ୍ଡ ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ।



ଟ୍ରେନରଙ୍କୁ ମୁଥ ମାରୁଛନ୍ତି ଜାସନ-ମାନୁଏଲ ଜେରାଫା।

# ପ୍ରତିପକ୍ଷ ଟ୍ରେନରଙ୍କୁ ମୁଥ ମାରିଲେ ବକ୍ସରଙ୍କ ଭାଇ

**ସିଡନୀ, ୨୯।୮ (ପି.ଟି.)**

ଅଷ୍ଟ୍ରେଲିଆରେ ଏକ ବକ୍ସିଂ ମ୍ୟାଚ ସମୟରେ ପ୍ରତିପକ୍ଷ ଖେଳାଳିଙ୍କ ଟ୍ରେନରଙ୍କ ମୁହଁକୁ ମୁଥ ମାରିଛନ୍ତି ଅଷ୍ଟ୍ରେଲୀୟ ବକ୍ସରଙ୍କ ଭାଇ। ସିଡନୀ ଆରେନାରେ ମାଇକେଲ ଜେରାଫା ଓ ଟମି ବ୍ରାଉନ୍‌ଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯାଉଥିଲା। ପ୍ରଥମ ରାଉଣ୍ଡ ପରେ ଟମି ବ୍ରାଉନ୍ ବାଇସେପ୍‌ରେ ଆଘାତ କାରଣରୁ ଓହରି ଯାଇଥିଲେ। ବ୍ରାଉନ୍ ଓହରିଯିବାକୁ ନେଇ ଜେରାଫା ଖୁସି ନ ଥିବା ବେଳେ ଏହାକୁ ନେଇ ପ୍ରତିବାଦ କରିଥିଲେ। ଏହି ସମୟରେ ବ୍ରାଉନଙ୍କ ଟ୍ରେନର ଏହାକୁ ନେଇ ଜେରାଫାଙ୍କ ସହ ଯୁକ୍ତି କରୁଥିଲେ। ଏହି ଘଟଣାରେ ଉତ୍‌କ୍ଷିପ୍ତ ଜେରାଫାଙ୍କ ଭାଇ ଜାସନ-ମାନୁଏଲ ଜେରାଫା ରିଙ୍ଗ ମଧ୍ୟକୁ ପଶି ଆସିବା ସହ ବ୍ରାଉନଙ୍କ ଟ୍ରେନର ମୁହଁକୁ ମୁଥ ମାରିଥିଲେ। ଲାଇଭ୍ ଟିଭିରେ ଚାଲିଥିବା ଏହି ଭିଡିଓଟି ବେଶ ଭାଇରାଲ ହୋଇଥିଲା। ପରେ ଜାସନ-ମାନୁଏଲ ଜେରାଫାଙ୍କୁ ଆୟୋଜକ ମାନେ ଆରେନାରୁ ବାହାର କରିଥିବା ବେଳେ ଆଜୀବନ ବାସନ୍ଦ କରିଥିଲେ। ଭବିଷ୍ୟତରେ ସେ ଦର୍ଶକ ଭାବରେ କୌଣସି ବକ୍ସିଂ ମ୍ୟାଚ୍ ଦେଖି ପାରିବେ ନାହିଁ ବୋଲି କୁହାଯାଇଛି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ